# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମେ ୧୫/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 15/2025 | Page 14 | ₹ 7.00

୫୧ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 169 | ମୂଲ୍ୟ ₹୭/-



## KRISHNA VIKASH GROUP

AISSE 2025 Result X | AISSCE 2025 Result XII | JEE Mains 2025 Final Result

No.1 Residential Institution

A School of Excellence For Board / IIT-JEE / NEET / CUET / CA / UPSC Programme

### AISSCE XII 2025 RESULTS

SHUBHIKSHA Humanities Topper 97.8% 489 MARKS
JAANVI Humanities Topper 97.8% 489 MARKS
GAGAN Commerce Topper 97.6% 488 MARKS
SUBHAM Science Topper 97.2% 486 MARKS

ADRISH Commerce 97.2% | TRILOK Commerce 97.2% | SUBHADRA Humanities 96.6% | ANIKET Humanities 96.4% | SRIYAM Humanities 96.4% | HEMAKSHI Science 96.4% | RIDDHI Science 96.4% | SARANYA Science 96.4% | PRIYANSHU Commerce 96.2% | AUROSMITA Humanities 96.2% | PRATYUSH Science 96.2%

BHUPENDRA Commerce 96.0% | MUSKAN Humanities 96.0% | PIYUSH Science 95.8% | DIVITA Science 95.8% | PIYUSH Science 95.8% | RONAK Science 95.8% | ABANI KANT Humanities 95.6% | PRAGYA SHAILY Science 95.6% | ARTI Science 95.6% | PRAGATI Science 95.4% | CHINMAYEE Science 95.4%

AISSCE XII 2025 Result Analysis (Vikash Residential School, Bargarh) > 95% 26 | > 90% 84 | > 80% 281 | > 60% 539

### JEE Mains 2025 RESULTS

PRATYUSH KU. SAHU 99.39 Percentile TOTAL

All India Top Rankers in JEE Mains 2025

HEMANEEL AIR (ST) 365 | SAMBHAVNA AIR (ST) 898 | PRATYUSH AIR (OBC) 2097

Students Eligible to get Admissions in NITs (as per 2024 Cut-off) 53

### AISSE X 2025 RESULTS

HARIPRIYA 97.8% 489 MARKS Vikash Residential School, Bargarh Topper
SHREYASH 97.8% 489 MARKS Krishna Vikash First Step, Bargarh Topper

DAKSHYESH 97.2% | ANWESHA 97.0% | SUCHISMITA 97.0% | VAGISHA 96.6% | SPANDAN 96.4%

| RESULT ANALYSIS | >95% | >90% | >80% | >60% | Success Rate |
|---|---|---|---|---|---|
| Vikash Residential School, Bargarh | 10 | 66 | 156 | 286 | 100% |
| Krishna Vikash First Step, Bargarh | 03 | 22 | 47 | 74 | 100% |
| Cement Nagar English Medium School, Bargarh | 01 | 04 | 08 | 22 | 100% |
| Vikash IND Global School, Rourkela | 00 | 06 | 27 | 60 | 100% |
| Krishna Vikash Vijayam School, Visakhapatnam | 00 | 20 | 55 | 154 | 100% |
| Our Total Achievers | 14 | 118 | 293 | 596 | 100% |

DEEPAK 96.2% | OMM SWARUP 96.2% | PIYUSH 95.4% | LOKESH 95.4% | AMLAN 95.4% | BIDUSMITA 95.2% | REETIKA 95.0% | AYUSHI 94.8% | GOURAV 94.8% | MILAN 94.8% | AYUSH 94.8% | VIRAT 94.8% | SANSKRUTI 94.8%

SHOURYA 94.8% | VANSHIKA 94.8% | LINEYSHA 94.6% | SONAM 94.6% | SAMARTH 94.4% | ANSHIK 94.4% | AARIT 94.4% | ARCHITA 94.4% | SOMYA 94.4% | K.V. LAKSHMI 94.2% | PRAVIN 94.0% | ABHINAV 94.0% | OMM PRAKASH 94.0%

MAIN CAMPUS,BARGARH | FIRST STEP, BARGARH | BRAHMAPUR | ANGUL | ROURKELA | RAIPUR | JAGDALPUR | BHILAI | VISAKHAPATNAM

KVAST 2025 Krishna Vikash Aptitude & Scholarship Test

Admission Tests for 1 Year Extended NEET/JEE/CUET 2025-26 Regular Classroom Programme SUPER 40

Test on Class XI + XII Syllabus PCB/PCM/Humanities

Scan the QR Code or use the Registration link: https://vrsbgh.krishnavikash.com/super40

PHASE - II 25th May 2025 (Sunday) 9 AM-1 PM

Test Centre : Krishna Vikash Campus, Barahaguda, Bargarh (Odisha)

ADMISSIONS OPEN (Co-Ed. Day/Residential) Class Nursery to IX & XI CBSE / CHSE +2 1st Year

CBSE XI (Sc./Comm./Arts) & CHSE +2 (Sc./Comm.) Regular Classes from 16th June 2025

• BARGARH CBSE: 99376 18855, 63707 04779, 91245 99099, 93373 10441. CHSE: 94393 53433, 94380 69105.
• ANGUL: 91246 09681 / 82 • ROURKELA: 70778 53111 • FIRST STEP, BARGARH: 70644 13477
• CEMENT NAGAR: 94396 65394 • BRAHMAPUR: 91246 09687 / 88

Our Campuses @ Chhattisgarh & Andhra Pradesh - RAIPUR: 77519 93222 | BHILAI: 91245 71067 / 68 / 69 | JAGDALPUR: 91240 87305 / 06 / 07 | VISAKHAPATNAM: 99662 12217 / 63014 64656.

krishnavikash.com

Enrollments Open for Admissions in New Batch of Super-40 (1 Year Extended NEET/JEE Regular Classroom Programme) @ Bargarh Campus - Contact: 99376 18855, 63707 04779, 91245 99099.

Krishna Vikash Group of CBSE Schools

Krishna Vikash Edu. Network

Odisha | Chhattisgarh | Andhra Pradesh




# ପୁଅ, ଝିଅଙ୍କୁ ବିଷଦେଇ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ

## ପାରଳାଖେମୁଣ୍ଡିରେ ପୁଅ, ବ୍ରହ୍ମପୁର ମେଡିକାଲରେ ଝିଅ ମୃତ

**ପାରଳାଖେମୁଣ୍ଡି, ୧୪।୫(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ପାରଳାଖେମୁଣ୍ଡି ଓଡ଼ିଆ ପାରଳା ସାହିରେ ବୁଧବାର ପୁଅଝିଅଙ୍କୁ ବିଷ ଦେଇ ବାପା ଶୁଭାଶିଷ ପାଣିଗ୍ରାହୀ (୩୮) ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ୮ ବର୍ଷୀୟ ପୁଅ ବିଜୟାନନ୍ଦଙ୍କ ପାରଳାଖେମୁଣ୍ଡି ମେଡିକାଲରେ ଓ ୧୨ ବର୍ଷୀୟା ଝିଅ ପ୍ରିୟଦର୍ଶିନୀଙ୍କ ବ୍ରହ୍ମପୁର ମେଡିକାଲରେ ମୃତ୍ୟୁ ଘଟିଛି। ଶୁଭାଶିଷ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗତ ମାର୍ଚ୍ଚ ୨୧ରେ ଶୁଭାଶିଷଙ୍କ ସ୍ତ୍ରୀ ଶ୍ୱେତାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ପାରିବାରିକ କଳହରୁ ସେ ବିଷପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ଏଯାଏ କାରଣ ଅସ୍ପଷ୍ଟ ରହିଛି। ଏଭଳି ସ୍ଥିତିରେ ଶୁଭାଶିଷ ପିଲାଙ୍କୁ ବିଷ ଖୁଆଇ ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ନିଜ ବାପାଙ୍କୁ ଫୋନ କରି ଜଣାଇବା ପରେ ଘଟଣା ପଦାକୁ ଆସିଥିଲା।

ଶୁଭାଶିଷ ସକାଳେ ଜଳଖିଆରେ ପୁଅଝିଅଙ୍କୁ ବିଷ ଦେଇଥିଲେ। ନିଜେ ବିଷ ଖାଇବା ପୂର୍ବରୁ ଶୁଭାଶିଷ ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡରେ ରହୁଥିବା ତାଙ୍କ ବାପାଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ବାପା ବୁଟିବାବୁ ପାଣିଗ୍ରାହୀ ଓଡ଼ିଆ ପାରଳା ସାହିରେ ପହଞ୍ଚି ଗୁରୁତର ଅବସ୍ଥାରେ ପଡ଼ିଥିବା ୩ ଜଣଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଜୟାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ବାପଝିଅଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ରାତିରେ ଝିଅ ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ହୋଇଛି। ବୁଟିବାବୁ କହିଛନ୍ତି ଯେ, ବୋହୂର ମୃତ୍ୟୁ ପରେ ଶୁଭାଶିଷ ଦୁଶ୍ଚିନ୍ତାରେ ରହୁଥିଲେ। ତେଣୁ ସେ ଏଭଳି କାଣ୍ଡ କରିଛନ୍ତି।

# ଅସିତ୍ ମହାପାତ୍ର ଓରେରା ନୂଆ ଅଧ୍ୟକ୍ଷ ନିଯୁକ୍ତ

## ରାଜେନ୍ଦ୍ର, ସୁନ୍ଦର ସଦସ୍ୟ

**ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର):** ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ଓରେରା)ର ନୂଆ ଅଧ୍ୟକ୍ଷ ଭାବେ ଅସିତ କୁମାର ମହାପାତ୍ରଙ୍କୁ ଦାୟିତ୍ୱ ମିଳିଛି। ସେ ଦାୟିତ୍ୱ ସମ୍ଭାଳିବା ଦିନଠାରୁ ତାଙ୍କୁ ଏହି ପଦରେ ଅବସ୍ଥାପିତ କରାଯିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ରାଜେନ୍ଦ୍ର ମିଶ୍ର ଏବଂ ସୁନ୍ଦର ଦାସଙ୍କୁ ଓରେରାର ସଦସ୍ୟଭାବେ ନିଯୁକ୍ତି ମିଳିଛି। ଏହି ୨ ନୂତନ ସଦସ୍ୟ ଦାୟିତ୍ୱ ସମ୍ଭାଳିବା ଦିନଠାରୁ ଏହି ପଦରେ ଅବସ୍ଥାପିତ ହେବେ ବୋଲି ଉଲ୍ଲେଖ କରାଯାଇଛି।

# କେନାଲରେ ବୁଡ଼ି ୨ ଭାଇ ମୃତ

**ଢେଙ୍କାନାଳ, ୧୪।୫(ରତନ ନାୟାର):** ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଉଖମା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମ ନିକଟସ୍ଥ ରାଇଡିହି କେନାଲରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ ଘଟିଛି। ଅଉଖମା ଗ୍ରାମର ଲାଲା ସାହୁଙ୍କ ବଡ଼ପୁଅ ଓମ୍ ସାହୁ(୧୭) ଓ ସାନପୁଅ ସୋମ ସାହୁ (୧୫) କେନାଲ ହୁଡ଼ାରେ ବସିଥିଲେ। ଅସାବଧାନତା ବଶତଃ ସାନଭାଇ ସୋମ୍‌ଙ୍କ ଗୋଡ଼ ଖସିଯିବାରୁ ସେ କେନାଲ ଭିତରକୁ ଖସି ପଡ଼ିଥିଲେ। ଏହାଦେଖି ବଡ଼ଭାଇ ଓମ୍ ସାନଭାଇଙ୍କୁ ବଞ୍ଚାଇବା ପାଇଁ କେନାଲ ଭିତରକୁ ଡେଇଁ ପଡ଼ିଥିଲେ। ଫଳରେ ୨ ଭାଇ କେନାଲରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ କେନାଲରୁ ୨ ଭାଇଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତରମାନେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅଉଖମା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ପ୍ରଫେସର ଡା. ଗୌତମ ଶତପଥୀ କାମଚଳା ଅଧୀକ୍ଷକ

## ଏସ୍‌ସିବି ମେଡିକାଲ କଲେଜ

**କଟକ, ୧୪।୫(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ବୁଧବାର ରାଜ୍ୟ ସରକାର କାମଚଳା ଅଧୀକ୍ଷକ ଭାବେ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏ ନେଇ ଚିଠି ନମ୍ବର– ୧୩୯୯୬ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରାହ୍ନରେ ମେଡିକାଲର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଡା. ଶତପଥୀ ଦାୟିତ୍ୱ ଗ୍ରହଣ କରିଥିଲେ। ମେଡିକାଲ କଲେଜ ଅଧ୍ୟକ୍ଷା ତଥା ତତ୍କାଳୀନ ଦାୟିତ୍ୱରେ ଥିବା ଅଧୀକ୍ଷକ ପ୍ରଫେସର ଡା. ଲୁସି ଦାସ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହାସହ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଡା. ଶତପଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଦାୟିତ୍ୱ ଗ୍ରହଣ କରିବା ପରେ ଡା. ଶତପଥୀ କହିଛନ୍ତି ଯେ, ରାଜ୍ୟ ସରକାର ମୋ ଉପରେ ଯେଉଁ ଆଶା ରଖିଛନ୍ତି ତାହା କାର୍ଯ୍ୟରେ ପରିଣତ କରିବି। ରୋଗୀଙ୍କୁ ମେଡିକାଲରେ ଏବେଠୁ ଅଧିକ ମାତ୍ରାର ଉନ୍ନତମାନର ସେବା ଯୋଗାଇ ଦେବାକୁ ପ୍ରସ୍ତୁତି କରାଯିବ। ମୁଖ୍ୟତଃ ରୋଗୀ ଚଟାଣରେ ନ ଶୋଇବା ଏବଂ ପର୍ଯ୍ୟାପ୍ତ ପରିମାଣର ଶଯ୍ୟା ଯୋଗାଇଦେବା, ରୋଗୀମାନେ ଔଷଧ ପାଇଁ ହେଉ କିମ୍ବା ପରୀକ୍ଷା ପାଇଁ ଲମ୍ବା ଧାଡିରେ ନ ଛିଡା ହେବା ଏହି ସବୁ ସମସ୍ୟାରେ ସୁଧାର ଆଣିବା ଲକ୍ଷ୍ୟ ରହିବ। ଏହାସହ ରୋଗୀଙ୍କ ପାଇଁ ସର୍ବଦା ଅଭିଯୋଗ ପ୍ରକୋଷ୍ଠ ଖୋଲା ରଖାଯିବ, ଏଥିପାଇଁ କୌଣସି ବାର କିମ୍ବା ସମୟ ଧାର୍ଯ୍ୟ ରହିବ ନାହିଁ। ରୋଗୀଙ୍କ ଅଭିଯୋଗକୁ ପ୍ରାଥମିକତା ଦିଆଯିବ ବୋଲି ଶତପଥୀ କହିଛନ୍ତି।


ପ୍ରଫେସର ଡା. ଗୌତମ ଶତପଥୀ

# ବଜ୍ରପାତରେ ବାପଝିଅ ସମେତ ୫ ମୃତ

**ପଟ୍ଟାଙ୍ଗି/ରାୟଗଡ଼ା/ଜେକେପୁର, ୧୪।୫(ଶରତ କୁମାର ଧଳ/ଆଶିଷ ରଞ୍ଜନ ପଣ୍ଡା/ରାଜେଶ ବିଶ୍ୱାଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଏବଂ ରାୟଗଡ଼ା ଜିଲା କୋଲନରା ବ୍ଲକ ଅଞ୍ଚଳରେ ବୁଧବାର ବଜ୍ରପାତରେ ବାପଝିଅଙ୍କ ସହ ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ପଟ୍ଟାଙ୍ଗୀ ବ୍ଲକ୍‌ର ଗେମେଲ କ୍ରିଷ୍ଣା, କମି, ଗେମେଲ ଡୁମ୍ବାଇ, ମାଲା ପାଙ୍ଗୀ ଏବଂ ରାୟଗଡା କୋଲନରା ବ୍ଲକ୍‌ର ନାବାଳକ ସନ୍ୟାସୀ ହିମିରିକା।

ସୂଚନା ଅନୁଯାୟୀ, କନ୍ଧପୁଟାବନ୍ଧ ଗ୍ରାମର ଗେମେଲ୍ କ୍ରିଷ୍ଣା, ଝିଅ କମି ଓ ସ୍ତ୍ରୀ ୱାଲସି ଜମିରେ କାମ ସାରି ଘରକୁ ଫେରୁଥିବା ବେଳେ ବର୍ଷା ସହ ଘଡଘଡି ହୋଇଥିଲା। ୱାଲସି କିଛି ଦୂର ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିଲେ। କିନ୍ତୁ କ୍ରିଷ୍ଣା ଓ ଝିଅ କମି ଜମିର ନିକଟ ଏକ ଗଛ ମୂଳରେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଛି। ସେମାନଙ୍କଠାରୁ କିଛି ଦୂରରେ ଜମିରେ କାମ କରୁଥିବା ଅନ୍ୟ ଜଣେ ଯଥା ମୃତ କ୍ରିଷ୍ଣାଙ୍କ ସମ୍ପର୍କୀୟ ମାଉସୀ ଗେମେଲ୍ ଡୁମ୍ବାଇଙ୍କ ମଧ୍ୟ ବଜ୍ରପାତରେ ମୃତ୍ୟୁ ହୋଇଛି। ପେଦାପାଡୁ ଗ୍ରାମର ଜଣେ ସାମାଜିକ କର୍ମୀ ସୁବାସ ଗାଲୁଙ୍କୁ ବୋଇ ଓ ଗ୍ରାମବାସୀ ମୃତକଙ୍କୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସେହିପରି ନୂଆଁଗା ପଞ୍ଚାୟତର ଗାର୍ଲିଦାବାଡର ଗ୍ରାମର ମାଲା ଉପରପନିକି ଗ୍ରାମ ନିକଟ ଜଙ୍ଗଲରେ ଗାଈ ଚରାଉଥିବା ବେଳେ ବଜ୍ରପାତରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ମୃତଦେହ ପଡିରହିଛି। କୋଟିଆ ପୋଲିସର ତଦନ୍ତ ପରେ ମୃତଦେହ ଜବତ କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଜୋନ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳିବା ନେଇ ଆଲୋଚନା କରିଥିଲେ। ସୁଙ୍କି ଥାନାରେ ମାମଲା ରୁଜୁ ହୋଇଛି। ଏ ନେଇ ତହସିଲଦାର ଧାରୁଆଙ୍କୁ ପଚାରିବାରୁ ମୃତଦେହ ବ୍ୟବଚ୍ଛେଦ ହେବା ପରେ ରିପୋର୍ଟ ଏବଂ ପୋଲିସ୍‌ର ତଦନ୍ତ ରିପୋର୍ଟ ଶୀଘ୍ର ପ୍ରସ୍ତୁତ ହୋଇପାରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ଓ ନିୟମ ଅନୁସାରେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ସେହିପରି କୋଲନରା ବ୍ଲକ୍ ଅନ୍ତର୍ଗତ ଦୁନ୍ଦୁଲି ପଞ୍ଚାୟତ ଅଣ୍ଡାମଡ଼ା ଗ୍ରାମ ନିକଟସ୍ଥ ଆମ୍ବତୋଟାକୁ ବୁଧବାର ୨ ସାଙ୍ଗ ଆମ୍ବ ତୋଳିବାକୁ ଯାଇଥିବାବେଳେ ବଜ୍ରପାତରେ ସନ୍ୟାସୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାଙ୍ଗ ଗଣେଶ ପୁଲାକା ଆହତ ହୋଇଛନ୍ତି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନ ସମୟରେ ସନ୍ୟାସୀ ଓ ଗଣେଶ ଗାଁ ନିକଟସ୍ଥ ଆମ୍ବ ତୋଟାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବଜ୍ରପାତ ଯୋଗୁ ଘଟଣାସ୍ଥଳରେ ସନ୍ୟାସୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ଦୁନ୍ଦୁଲି ସରପଞ୍ଚ ସବିତା ପେଦେଣ୍ଟିଙ୍କ ସ୍ୱାମୀ ଏ.ରବି ଓ ସ୍ଥାନୀୟ ଗ୍ରାମବାସୀ ଚାନ୍ଦିଲି ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଗଣେଶଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

# ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ଇଭି ପଲିସି: ସିଂଦେଓ



ବୈଠକରେ ବିଭାଗୀୟ ଅଧିକାରୀ, କମ୍ପାନୀ କର୍ମକର୍ତ୍ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ।

**ଭୁବନେଶ୍ୱର, ୧୪।୫ (ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏବେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ହୋଇପାରିଛି। ଏଥିରେ ଓଡ଼ିଶାର ମଧ୍ୟ ଯୋଗଦାନ କିଛି କମ୍ ନୁହେଁ। ବିକଶିତ ଓଡ଼ିଶା ଲକ୍ଷ୍ୟରେ ଅଗ୍ରସର ହେବାକୁ ହେଲେ ପ୍ରଥମେ ଆମକୁ ସବୁଜ ଶକ୍ତି ବା ଅକ୍ଷୟ ଶକ୍ତିର ବ୍ୟବହାରରେ ବୃଦ୍ଧି କରିବାକୁ ପଡ଼ିବ। ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ସବ୍‌ସିଡି ଜରିଆରେ ଛାତ ଉପରେ ସୋଲାର ପ୍ୟାନେଲ ଲଗାଇବା ସହ ଓଡ଼ିଶାରେ ବିଦ୍ୟୁତ୍‌ଚାଳିତ ଯାନର ଚାର୍ଜିଂ ପାଇଁ ଇଭି ଷ୍ଟେଶନ ନିର୍ମାଣ ଲାଗି ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଏଥିପାଇଁ ଓଡ଼ିଶା ଇଭି ପଲିସି ଖୁବ୍‌ଶୀଘ୍ର ଆସିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଉପମୁଖ୍ୟମନ୍ତ୍ରୀଙ୍କୁ ସର୍ଭୋଟେକ ନାମକ ସଂସ୍ଥା ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୌରଚାଳିତ ବିଦ୍ୟୁତ୍ ଉତ୍ପାଦନ ଏବଂ ରାଜ୍ୟରେ ଇଭି ଷ୍ଟେଶନ ନିର୍ମାଣ ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଛନ୍ତି। ଏହି ସମନ୍ୱିତ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର, ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ସର୍ଭୋଟେକ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରମଣ ଭାଟିଆ, ନୀତିନ ପେରେଇରା, ଶକ୍ତି ବିଭାଗ ଗ୍ରୀଡ୍‌କୋ,ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଦମ୍ପତି ମୃତ

**ମୋରଡ଼ା, ୧୪।୫(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ବାଘଡ଼ା ନିକଟରେ ବୁଧବାର ସକାଳ ୮ଟା ୩୦ମି.ରେ ଟେମ୍ପୋ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ଶାଳବଣି ଗ୍ରାମର ପ୍ରତାପ ଦୁଙ୍ଗ ଓ ତାଙ୍କ ସ୍ତ୍ରୀ ବାସନ୍ତୀ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ. ୮୬/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ପ୍ରତାପ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ସାଇକେଲରେ ଘରକୁ ଫେରୁଥିବା ସମୟରେ ବାଘଡ଼ା ନିକଟରେ ଏକ ଟେମ୍ପୋ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ଜମି ନେଇ ଶିଳ୍ପ କରି ନ ଥିବା ସଂସ୍ଥାଙ୍କ ତାଲିକା କରିବେ ଜିଲାପାଳ

## ରାଜ୍ୟ ସରକାର ଫେରାଇ ଆଣିବେ ବ୍ୟବହାର ହୋଇ ନ ଥିବା ଜମି

**ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର)**

ରାଜ୍ୟରେ ଯେଉଁ ଶିଳ୍ପସଂସ୍ଥାକୁ ସରକାରଙ୍କ ତରଫରୁ ଜମି ଦିଆଯାଇଛି ଅଥଚ ସେମାନେ କୌଣସି ଶିଳ୍ପ ପ୍ରତିଷ୍ଠାନ କରିନାହାନ୍ତି ସେମାନଙ୍କ ତାଲିକା ଖୁବ୍‌ଶୀଘ୍ର କରାଯିବ। ରାଜ୍ୟ ସରକାର ସେହି ଶିଳ୍ପସଂସ୍ଥାଗୁଡିକଠାରୁ ଖୁବ୍‌ଶୀଘ୍ର ଜମି ଫେରସ୍ତ ଆଣିବେ। ଏହାସହ ରାଜ୍ୟରେ ଆବଶ୍ୟକ ଠାରୁ ଅଧିକ ଜମି ନେଇ ଯେଉଁମାନେ ବ୍ୟବହାର ନ କରି ପକାଇ ରଖିଛନ୍ତି ସେମାନଙ୍କଠାରୁ ମଧ୍ୟ ବଳକା ଜମି ଫେରାଇ ଅଣାଯିବ। ଆସନ୍ତା ୨ ମାସ ମଧ୍ୟରେ ସେହିପରି ଯେଉଁ ଶିଳ୍ପସଂସ୍ଥା ରହିଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇସାରିଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

- ଶିଳ୍ପ, ରାଜସ୍ୱ ବିଭାଗ ଏସିଏସ୍ ସବୁ ଜିଲାପାଳଙ୍କୁ ଏନେଇ ଚିଠି କରିବେ
- ୨ ମାସରେ ତାଲିକା ଦେବାକୁ ଜିଲାପାଳଙ୍କୁ ଦିଆଯିବ ନିର୍ଦ୍ଦେଶ

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ପୁନର୍ବାସ ଓ ଥଇଥାନକୁ ନେଇ ଗୃହ କମିଟିର ଦ୍ୱିତୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ଉପବାଚସ୍ପତି ଏହାର ଅଧ୍ୟକ୍ଷତା କରିଛନ୍ତି। ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକୁ ନେଇ ଜମି ଅଧିଗ୍ରହଣ କରାଯାଇଥାଏ। ୨୦୦୬ର ଆର୍‌ଏନ୍‌ଆର୍ ପଲିସିକୁ ନୂଆ ରୂପ ଦେବା ଉପରେ ଆଲୋଚନା କରାଯାଇଛି। ଏହିସମୟ ମଧ୍ୟରେ ବହୁସମୟ ଅତିକ୍ରମ କରିବା ସଙ୍ଗେ ସଙ୍ଗେ ବହୁ କିଛି ପରିବର୍ତ୍ତନ ହେଲାଣି। ତେଣୁ ସମୟ ଉପଯୋଗୀ ଆର୍‌ଏନ୍‌ଆର୍ ପଲିସି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ପୁନର୍ବାସ ଓ ଥଇଥାନ ସମ୍ପର୍କରେ ଆଲୋଚନା କରିବା ଲାଗି ୫ଟି ସବ୍ କମିଟି ଗଠନ ହେବ। ରାଜସ୍ୱ ଓ ଶିଳ୍ପ ବିଭାଗକୁ କୁହାଯାଇଛି ଜମି ଅଧିଗ୍ରହଣ ଆକ୍ଟଠାରୁ ଆରମ୍ଭକରି ବାକି ଆନୁଷଙ୍ଗିକ ନିୟମାବଳୀ ଯାହା ରହିଛି ସେଥିରେ ସଂଶୋଧନର ଆବଶ୍ୟକତା ରହିଥିଲେ ୨ ମାସ ମଧ୍ୟରେ ତାହାର ସଂଶୋଧନ ପ୍ରସ୍ତାବ ଆଣିବେ। ଓଡ଼ିଶାରେ ଘରୋଇ ଶିଳ୍ପାନୁଷ୍ଠାନଗୁଡିକ ଶିଳ୍ପ ପ୍ରତିଷ୍ଠା ନାଁରେ ଆବଶ୍ୟକତାଠାରୁ ଅଧିକ ଜମି ନେଇଛନ୍ତି। ସେହି ଜମିକୁ ୧୦ରୁ ୧୫ ବର୍ଷ ଅତିକ୍ରମ ହେଇଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ବ୍ୟବହାର କରିପାରିନାହାନ୍ତି। ଗୁଡିଏ ଶିଳ୍ପାନୁଷ୍ଠାନ ଶିଳ୍ପ କରିବାକୁ ଜମି ନେଇଥିଲେ ମଧ୍ୟ ୫ ବର୍ଷ ହେବ ସେମାନେ କିଛି କରିପାରିନାହାନ୍ତି। ଶିଳ୍ପ ଏବଂ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି ସେମାନେ ମିଳିତ ଭାବେ ସବୁ ଜିଲାପାଳଙ୍କୁ ଚିଠି କରିବେ। ସେମାନେ ଜିଲାପାଳମାନଙ୍କୁ ପଚାରିବେ ସେମାନଙ୍କ ଜିଲାରେ କେତେ ଶିଳ୍ପସଂସ୍ଥା ଜମି ନେଇଛନ୍ତି ଆଉ ଆଦୌ ବ୍ୟବହାର କରିନାହାନ୍ତି। ଆଉ କେତେ ଶିଳ୍ପସଂସ୍ଥା ଜମି ନେଇ ସେଥିରୁ ଅଧା ଜମି ବ୍ୟବହାର କରି ଅଯଥାରେ ଆଉ ଅଧା ଜମି ପକାଇ ଅପବ୍ୟବହାର କରୁଛନ୍ତି ତା'ର ତାଲିକା ପ୍ରସ୍ତୁତ କରି ପ୍ରଦାନ କରିବେ। ସେହି ଜମିକୁ ଫେରସ୍ତ ଆଣିବା ଲାଗି ଯାହା ଆଇନ ରହିଛି ସରକାର ସେହି ବାଟରେ ଯିବେ। ଓଡ଼ିଶାରେ ୧୫୪ଟି ନୂଆ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ସେମାନେ ଏଠାରେ ପୁଞ୍ଜିନିବେଶ କରିବେ। ତେଣୁ ପର୍ଯ୍ୟାପ୍ତ ଜମି ନ ହେଲେ ଶିଳ୍ପ କେମିତି ପ୍ରତିଷ୍ଠା ହେବ। ଯେଉଁ ନୂଆ ନିବେଶକାରୀ ଆସିବେ ସେମାନଙ୍କୁ ଜମି, ପାଣି, ସଂଯୋଗୀକରଣ, ବିଜୁଳି ଦରକାର। ତେଣୁ ସେମାନେ ଆସିଲେ ଯେମିତି ଭିନ୍ନ ଭିନ୍ନ ବିଭାଗକୁ ନ ଯାଇ ଗୋଟିଏ ଜାଗାରେ ସବୁ କାମ କରିପାରିବେ ତା' ଉପରେ ଆଲୋଚନା ହୋଇଛି। ଯେଉଁ ନୂଆ ଶିଳ୍ପ ପ୍ରତିଷ୍ଠା ହେବ ସେଥିରେ ସ୍ଥାନୀୟ ଯୁବତୀଯୁବକ କିପରି ନିଯୁକ୍ତି ପାଇବେ ଏବଂ ରାଜ୍ୟରୁ ବେକାରି ସମସ୍ୟା ଦୂରହୋଇପାରିବ ସେ ବାବଦରେ କେଉଁ ଆଇନ ତିଆରି କରାଯାଇପାରିବ ଏନେଇ ଅନ୍ୟ ରାଜ୍ୟଗୁଡିକରେ କେଉଁ ରାସ୍ତା ଆପଣାଉଛନ୍ତି ତା'ର ତର୍ଜମା କରାଯିବ।



# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ମେ ୧୫/୨୦୨୫ | Bhubaneswar, Thursday, May 15/2025 | ପୃଷ୍ଠା-୧




**ହର୍ଷବର୍ଦ୍ଧନ ଶ୍ରେଷ୍ଠ ଲିଫ୍ଟର**

ବିହାରରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସର ପୁରୁଷ ବର୍ଗ ଭାରୋତ୍ତୋଳନରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି।

୧୨

୦୯

**ଆମୀରଙ୍କ ଫିଲ୍ମକୁ ଟ୍ରୋଲ୍**

ଅଭିନେତା ଆମୀର ଖାନ୍‌ଙ୍କ ଆଗାମୀ ଫିଲ୍ମ 'ସୀତାରେ ଜମିନ ପର୍'ର ଟ୍ରେଲରରେ ଅଧିକାଂଶ ଦୃଶ୍ୟ ହଲିଉଡ୍ ଫିଲ୍ମ 'ଚାମ୍ପିୟନ୍ସ' ସହ ମେଳ ଖାଉଥିବା କହି ଅନେକେ ଟ୍ରୋଲ୍ କରିଛନ୍ତି।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ବୁଧବାର ସକାଳୁ ବାହାରିଥିବା 'ତ୍ରିରଙ୍ଗା ଯାତ୍ରା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁକେଶ ମହାଲିଙ୍ଗ ପ୍ରମୁଖ ସାମିଲ ହୋଇଛନ୍ତି। **(ରିପୋର୍ଟ: ପୃଷ୍ଠା-୭)**

# ଉଚ୍ଚଶିକ୍ଷାରେ ଏସ୍‌ଇବିସିଙ୍କୁ ୧୧.୨୫% ସଂରକ୍ଷଣ

**ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗ (ଏସ୍‌ଇବିସି)ଙ୍କୁ କିଭଳି ଉଚ୍ଚଶିକ୍ଷା କ୍ଷେତ୍ରରେ ସୁବିଧା ସୁଯୋଗ ମିଳିବ, ତାହାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏସ୍‌ଇବିସି ବର୍ଗଙ୍କ ଲାଗି ନୂଆ ସଂରକ୍ଷଣ ନୀତି ଲାଗୁ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଏହି ବର୍ଗଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣ ରହିବ। ଏହାସହ ଆଉ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି।**

ଭୁବନେଶ୍ୱର,୧୪।୫ (ରବିନାରାୟଣ ଜେନା)

ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ଆରକ୍ଷଣ ନୀତି ଅନୁସାରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା ନାମଲେଖାରେ ଏଣିକି ୧୧.୨୫% ଆସନ ସଂରକ୍ଷଣ ଲାଗୁ କରାଯିବ। ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳନ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧ୍ୟମିକ(+୨), ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବିପିଏଡ୍/ଏମ୍‌ପିଏଡ୍ ପାଠ୍ୟକ୍ରମରେ ଲାଗୁ କରାଯିବ। ଏହାସହ ଏହି ଅନୁଷ୍ଠାନଗୁଡ଼ିକରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ୨୨.୫%, ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରଙ୍କ ନିମନ୍ତେ ୧୬.୨୫%, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୫% ଓ ପୂର୍ବତନ ସେନା ପରିବାର ସଦସ୍ୟଙ୍କ ଲାଗି ୧ ପ୍ରତିଶତ ଆସନ ସଂରକ୍ଷଣ ପୂର୍ବଭଳି ବଳବତ୍ତର ରହିବ। ଜାତୀୟ ଶିକ୍ଷାନୀତି(ଏନ୍‌ଇପି)-୨୦୨୦କୁ ଦୃଷ୍ଟିରେ ରଖି ନିଆଯାଇଥିବା ଏହି ପଦକ୍ଷେପ ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ଚାକିରିରେ ଅଂଶଗ୍ରହଣକୁ ସୁଦୃଢ଼ କରାଯାଇପାରିବ।

**ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି**

## କନ୍ୟାସନ୍ତାନ ପାଇଁ ମା'ଙ୍କୁ ମିଳିବ ୧୨ ହଜାର

**ମମତା-ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାର ମିଶ୍ରଣ**

ରାଜ୍ୟ ସରକାର ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା(ମମତା-ପିଏମ୍‌ଏମ୍‌ଭିୱାଇ)କୁ ଏକୀକୃତ କରିଛନ୍ତି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ମିଳିତ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାକୁ ମମତା-ପିଏମ୍‌ଏମ୍‌ଭିୱାଇ ଭାବରେ ନାମିତ କରାଯିବ। ଆଗରୁ ମମତା ଯୋଜନାରେ କନ୍ୟାସନ୍ତାନ ଜନ୍ମହେଲେ ମା'ମାନେ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପାଉଥିଲେ। ବର୍ତ୍ତମାନ ମମତା-ପିଏମ୍‌ଏମ୍‌ଭିୱାଇରେ ୧୨,୦୦୦ ଟଙ୍କା ପାଇବେ। ମାତ୍ର ପୁଅ ଜନ୍ମହେଲେ ମା'ମାନେ ଯେଉଁ ୧୦,୦୦୦ ପାଉଥିଲେ ଏବେ ମମତା-ପିଏମ୍‌ଏମ୍‌ଭିୱାଇରେ ସେହି ସମାନ ରାଶି ପାଇବେ। କିନ୍ତୁ ପିଭିଟିଜି ସମ୍ପ୍ରଦାୟର ମହିଳାମାନଙ୍କୁ ପ୍ରଥମ ଦୁଇଟି ସନ୍ତାନ ପରେ ମଧ୍ୟ ଝିଅ ଜନ୍ମ ପାଇଁ ୧୨,୦୦୦ ଓ ପୁଅ ଜନ୍ମକଲେ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ପୂର୍ବରୁ ମମତା'ରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ପ୍ରୋତ୍ସାହନ ରାଶି ବାବଦରେ ଯଥାକ୍ରମେ ୨୦୦ ଓ ୧୦୦ ଟଙ୍କା ପାଉଥିବାବେଳେ ବର୍ତ୍ତମାନ ମମତା-ପିଏମ୍‌ଏମ୍‌ଭିୱାଇରେ ୨୫୦ ଏବଂ ୧୫୦ ଟଙ୍କା ପାଇବେ। ଭାରତ ସରକାରଙ୍କ ମମତା-ପିଏମ୍‌ଏମ୍‌ଭିୱାଇର ଯୋଗ୍ୟତା ମାନଦଣ୍ଡ ମମତା-ପିଏମ୍‌ଏମ୍‌ଭିୱାଇ ଯୋଜନାରେ ଲାଗୁହେବ। ଆସନ୍ତା ୫ ବର୍ଷରେ ଏହି ମିଶ୍ରିତ ଯୋଜନାରେ ୨,୬୭୦ କୋଟି ଟଙ୍କା ଖର୍ଚ୍ଚହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଅରୁଣାଚଳର ୨୭ ସ୍ଥାନ ନାଁ ବଦଳାଇଲା ଚାଇନା

**ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମୁହାଁମୁହିଁ ହୋଇ ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ପଡ଼ୋଶୀ ଚାଇନା ସମସ୍ତଙ୍କ ଧ୍ୟାନ ଆଢୁଆଳରେ ଭାରତ ବିରୋଧରେ ଆଉ ଏକ କାରସାଦି କରିଛି। ପାକିସ୍ତାନକୁ ଖୋଲା ସମର୍ଥନ କରି ସାମରିକ ସହାୟତା ଦେଇଥିବା ଚାଇନା ମେ' ୧୧ରେ ଭାରତର ଅରୁଣାଚଳ ପ୍ରଦେଶର ଆଉ ୨୭ ସ୍ଥାନର ନୂତନ ନାମକରଣ କରିଛି। ଅରୁଣାଚଳକୁ ନିଜ ଭୂଖଣ୍ଡ 'ଜାଙ୍ଗ୍‌ନାନ୍' ବା 'ଦକ୍ଷିଣ ତିବ୍ବତ' ବୋଲି ଦାବି କରିଆସୁଥିବା ଚାଇନା ଏହି ୨୭ ସ୍ଥାନରେ ଆଧିପତ୍ୟ ବିସ୍ତାର ପାଇଁ ଉଦ୍ୟମ କରିଛି। ସେହି ସ୍ଥାନଗୁଡ଼ିକ ମଧ୍ୟରେ ରହିଛି ୧୫ ପର୍ବତ, ୪ ଗିରିଶୃଙ୍ଗ ପଥ, ୨ ନଦୀ ଓ ୫ ବସତି। ପ୍ରତ୍ୟେକ ସ୍ଥାନକୁ ନିଜ ହାଇ-ରିଜୋଲ୍ୟୁଶନ୍ ମାନଚିତ୍ରରେ ସ୍ଥାନିତ କରି ମାଣ୍ଡାରିନ୍, ତିବ୍ବତୀୟ ଓ ପିନିନ୍ ଭାଷାରେ ଲିପିବଦ୍ଧ କରିଛି। ଅନ୍ୟପକ୍ଷେ ଚାଇନାର ଏହି ସଦ୍ୟ ପଦକ୍ଷେପକୁ ଭାରତ ଦୃଢ଼ ବିରୋଧ କରିଛି। ଏହା ଚାଇନାର ଏକ ନିଷ୍ଫଳ ଓ ନିରର୍ଥକ ଉଦ୍ୟମ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ ପ୍ରତ୍ୟାଖ୍ୟାନ କରାଯାଇଛି। ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହାକୁ ନୂଆ ନାମ ଦେଇଦେବା ଦ୍ୱାରା ବାସ୍ତବ ସ୍ଥିତିରେ କିଛି ପରିବର୍ତ୍ତନ ଆସିବ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ୨୦୧୭ ପରଠୁ ଏହା ହେଉଛି ଚାଇନାର ଏହି ଧରଣର ପଞ୍ଚମ ଅପଚେଷ୍ଟା। ପୂର୍ବରୁ ୨୦୧୭, ୨୦୨୧, ୨୦୨୩ ଓ ୨୦୨୪ରେ ମଧ୍ୟ ଚାଇନା ଅରୁଣାଚଳ ପ୍ରଦେଶର କିଛି ଅଂଶକୁ ନିଜର ଦାବିକରି ସେଗୁଡ଼ିକର ନାମ ବଦଳାଇ ଦେଇଥିଲା, ଯାହାକୁ ଅଦ୍ୟାବଧି ନୂଆଦିଲ୍ଲୀ କଡ଼ା ବିରୋଧ କରିଆସିଥିବାବେଳେ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିନାହିଁ।**

**ନାମ ପରିବର୍ତ୍ତନରେ ବାସ୍ତବତା ବଦଳି ନ ଥାଏ: ଭାରତ**

ନୂଆଦିଲ୍ଲୀ,୧୪।୫

ଅରୁଣାଚଳ ପ୍ରଦେଶର କିଛି ଅଂଶକୁ ଚାଇନା ଦକ୍ଷିଣ ତିବ୍ବତର ଅଙ୍ଗ ଭାବେ ଅଭିହିତ କରି ସେଗୁଡ଼ିକୁ ନିଜ ମ୍ୟାପ୍‌ରେ ସ୍ଥାନ ଦେଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣବୀର ଜୟସ୍ୱାଲ ବୁଧବାର ଏନେଇ ଏକ ପ୍ରେସ୍ ବ୍ରିଫିଙ୍ଗ୍‌ରେ କହିଛନ୍ତି, ଚାଇନା ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶର କିଛି ସ୍ଥାନକୁ ନିଜର ଦାବି କରିବା ନେଇ ବୃଥା ଓ ନିରର୍ଥକ ଉଦ୍ୟମ ଜାରି ରଖିଛି। ଆମ ସିଦ୍ଧାନ୍ତ ଆଧାରିତ ଆଭିମୁଖ୍ୟକୁ ବଳବତ୍ତର ରଖି ଆମେ ଏପରି ଉଦ୍ୟମକୁ ଦୃଢ଼ ବିରୋଧ କରୁଛୁ। ନାମକରଣ ଦ୍ୱାରା ଅରୁଣାଚଳ ପ୍ରଦେଶର ଅବିଚ୍ଛେଦ୍ୟ ବାସ୍ତବତାକୁ ବଦଳାଯାଇପାରିବ ନାହିଁ। ଅରୁଣାଚଳ ସବୁବେଳେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ।

ଅରୁଣାଚଳକୁ ନିଜ ଭୂଖଣ୍ଡର ଏକ ଅଂଶ ବୋଲି ଦାବି କରୁଥିବା ଚାଇନା ବିଭିନ୍ନ ସମୟରେ ଏହି ଉତ୍ତର-ପୂର୍ବ ଭାରତୀୟ ରାଜ୍ୟର ଅନେକ ସ୍ଥାନର ନାମ ବଦଳାଇ ନିଜ ମାନଚିତ୍ରରେ ସ୍ଥାନିତ କରିସାରିଛି। ୨୦୨୪ରେ ଚାଇନା ଅରୁଣାଚଳର ୩୦ ସ୍ଥାନର ନାମ ବଦଳାଇଦେଇଥିଲା, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା। ଅରୁଣାଚଳକୁ ନେଇ ଭାରତ-ଚାଇନା ସୀମା ବିବାଦ ବହୁ ପୁରୁଣା। ଚାଇନାର ସ୍ୱୟଂଶାସିତ ଅଞ୍ଚଳ ତିବ୍ବତ ସୀମାକୁ ଲାଗି ରହିଥିବା ଉକ୍ତ ଅଞ୍ଚଳକୁ ବେଜିଂ ତିବ୍ବତର ଏକ କ୍ଷେତ୍ର ବୋଲି କହୁଥିବାବେଳେ ନୂଆଦିଲ୍ଲୀ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ପରଠାରୁ ଏହାକୁ ଭାରତର ବୋଲି ଦାବି କରିଆଏ। ଗତ କିଛି ବର୍ଷ ହେଲା ଅରୁଣାଚଳକୁ ନେଇ କ୍ଷେତ୍ରୀୟ ବିବାଦ ସହ ଏହି ଅଞ୍ଚଳରେ ଜଳ ଉତ୍ସ ସମ୍ପର୍କିତ ବିବାଦ ଯୋଡ଼ିହୋଇ ଯାଇଛି। କାରଣ ଚାଇନା ଏହି ଅଞ୍ଚଳରେ ପ୍ରବାହିତ ୟାରଲୁଙ୍ଗ୍ ସାଙ୍ଗ୍‌ପୋ ନଦୀ ଉପରେ ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ୍ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କରୁଛି। ତିବ୍ବତର ମେଡୋଗ୍ କାଉଣ୍ଟିରୁ ପ୍ରବାହିତ ଏହି ନଦୀ ଭାରତକୁ ପ୍ରବେଶ କରିବା ପରେ ଏହାକୁ ସିଆଙ୍ଗ୍ କୁହାଯାଏ। ଆସାମରେ ଏହା ଭାରତର ବ୍ରହ୍ମପୁତ୍ର ନଦୀ ନାମରେ ପରିଚିତ। ଏମ୍‌ପି ତଥା ଅରୁଣାଚଳ ପ୍ରଦେଶ ଭାଜପା ସଭାପତି ତାପିର ଗାଓ ଚାଇନାର ଏହି ପ୍ରୋଜେକ୍ଟକୁ ଗତମାସରେ ଏକ 'ଜଳ ବୋମା' ବୋଲି ଅଭିହିତ କରିଥିଲେ। ୬୦,୦୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖି ଡ୍ୟାମ୍ ନିର୍ମାଣ ନିଷ୍ପତ୍ତି ନେଇଥିବା ଚାଇନା ଏହାକୁ ଭାରତ ବିରୋଧରେ 'ୱାଟର ବମ୍' ରୂପେ ବ୍ୟବହାର କରିପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୦ ଜୁନ୍‌ରେ ଚାଇନା ୟାରଲୁଙ୍ଗ୍ ସାଙ୍ଗ୍‌ପୋ ନଦୀରୁ ପାଣି ଛାଡ଼ିଦେବାରୁ ତଳମୁଣ୍ଡରେ ଥିବା ଅରୁଣାଚଳ ପ୍ରଦେଶରେ ବଡ଼ ବନ୍ୟା ସୃଷ୍ଟି ହୋଇ ବିପର୍ଯ୍ୟୟର କାରଣ ସାଜିଥିଲା। ଯଦି ଚାଇନା ଭବିଷ୍ୟତରେ ଏହି ନଦୀରୁ ପାଣି ଛାଡ଼ିଦିଏ, ତେବେ ଅରୁଣାଚଳ ସହ ଆସାମ ଓ ବାଂଲାଦେଶ ଭଳି ଆଉ କିଛି ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ପ୍ରଭାବିତ ହେବେ ବୋଲି ତାପିର ସତର୍କ କରାଇଥିଲେ।

## ଡ୍ରୋନ୍‌କିଲର 'ଭାର୍ଗବାସ୍ତ୍ର'




**ଗୋଲାବନ୍ଧରେ ହେଲା ପରୀକ୍ଷଣ**

ବ୍ରହ୍ମପୁର,୧୪।୫ (ସୁବାସ ଚନ୍ଦ୍ର ପାଢ଼ୀ)

ଡ୍ରୋନ୍ ଜରିଆରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ 'ଭାର୍ଗବାସ୍ତ୍ର' ନାମରେ ଏକ କାଉଣ୍ଟର୍ ଆଟାକ ସିଷ୍ଟମ ତିଆରି କରାଯାଇଛି। ଗଞ୍ଜାମ ଜିଲାର ଗୋଲାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରେ ଥିବା ଫାୟାରିଂ ରେଞ୍ଜରେ ଏହାର ସଫଳ ପରୀକ୍ଷଣ କରାଯାଇଛି। ସୋଲାର୍ ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍ ଲିମିଟେଡ (ଏସ୍‌ଡିଏଲ) ଦ୍ୱାରା ଏହା ପ୍ରସ୍ତୁତ କରାଯାଇଛି। ଡ୍ରୋନ ଆକ୍ରମଣକୁ ରୋକିବା ପାଇଁ ଏହି ସିଷ୍ଟମ ତିଆରି କରାଯାଇଛି। ଯାହାକି ଭାରତୀୟ ସେନା ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏହି ସିଷ୍ଟମ୍‌ରେ ମାଇକ୍ରୋ ରକେଟ ଟେକ୍ନୋଲୋଜି ବ୍ୟବହାର କରାଯାଇଛି, ଯାହାକି ଏକାଧିକ ଡ୍ରୋନ୍‌କୁ ଲକ୍ଷ୍ୟ କରି ନଷ୍ଟ କରିବାର କ୍ଷମତା ରଖିଛି। ପରୀକ୍ଷଣ ସମୟରେ 'ଭାର୍ଗବାସ୍ତ୍ର' ୧.୫ କି.ମି. ରେଞ୍ଜ ଦୂରତା ଓ ୪୦୦ ମିଟର୍ ଉଚ୍ଚତାରେ ଥିବା ଲକ୍ଷ୍ୟକୁ ଭେଦ କରିପାରିଛି। ସେନା ବାହିନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ମୋଟ ୩ଟି ପର୍ଯ୍ୟାୟରେ ଏହାର ପରୀକ୍ଷଣ କରାଯାଇଥିଲା।

## ପ୍ରଧାନ ବିଚାରପତି ଭାବେ ଶପଥନେଲେ ଜଷ୍ଟିସ୍ ଗଭାଇ

ନୂଆଦିଲ୍ଲୀ, ୧୪।୫

ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ବୁଧବାର ଭାରତର ୫୨ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଛନ୍ତି। ଆସନ୍ତା ନଭେମ୍ବର ୨୩ ପର୍ଯ୍ୟନ୍ତ ସିଜେଆଇ ଭାବେ ତାଙ୍କର କାର୍ଯ୍ୟକାଳ ରହିଛି। ରାଷ୍ଟ୍ରପତି ଭବନରେ ଗଭାଇଙ୍କ ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଉପ ରାଷ୍ଟ୍ରପତି ଜଗଦୀପ ଧନକର, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜଷ୍ଟିସ୍ ବି. ଆର୍ ଗଭାଇ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ସ୍ଥାନରେ ପ୍ରଧାନ ବିଚାରପତି ହୋଇଛନ୍ତି। ଜଷ୍ଟିସ ଖାନ୍ନା ମଙ୍ଗଳବାର ଅବସର ଗ୍ରହଣ କରିଥିଲେ। ଗତ ୩୦ ତାରିଖରେ ଭାରତର ୫୨ତମ ସିଜେଆଇ ଭାବେ ଜଷ୍ଟିସ୍ ଗଭାଇଙ୍କ ନିଯୁକ୍ତି ସମ୍ପର୍କରେ ଆଇନ ମନ୍ତ୍ରଣାଳୟ ବିଜ୍ଞପ୍ତି ଜାରି କରିଥିଲା। ଗତ ୧୬ରେ ତତ୍କାଳୀନ ସିଜେଆଇ ଜଷ୍ଟିସ୍ ଖାନ୍ନା ଜଷ୍ଟିସ୍ ଗଭାଇଙ୍କ ନାମକୁ ପରବର୍ତ୍ତୀ ସିଜେଆଇ ଭାବେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ।

ଜଷ୍ଟିସ୍ ବି. ଆର୍ ଗଭାଇ ୧୯୮୫ରେ ଓକିଲାତି ଆରମ୍ଭ କରିଥିଲେ। ୨୦୦୩ ନଭେମ୍ବର ୧୪ରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୦୫ ନଭେମ୍ବର ୧୨ରୁ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୨୦୧୯ ମେ' ୨୪ରେ ତାଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଖଣ୍ଡପୀଠର ସେ ଅଂଶ ଥିଲେ। ଜଷ୍ଟିସ୍ ଗଭାଇ ଦେଶର ଦ୍ୱିତୀୟ ଦଳିତ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି। ତାଙ୍କ ପୂର୍ବରୁ ଜଷ୍ଟିସ୍ କେ.ଜି. ବାଳାକ୍ରିଷ୍ଣନ୍ ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ଦେଶର ପ୍ରଥମ ଦଳିତ ସିଜେଆଇ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଦେଶର ପ୍ରଥମ ବୌଦ୍ଧ ଧର୍ମାବଲମ୍ବୀ ବିଚାରପତି ଭାବେ ଜଷ୍ଟିସ୍ ଗଭାଇ ପ୍ରଧାନ ବିଚାରପତି ହୋଇଛନ୍ତି।



ଜଷ୍ଟିସ୍ ବି.ଆର୍.ଗଭାଇ ବୁଧବାର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଉଛନ୍ତି।

**ଆଜିର ସମ୍ପାଦକୀୟ** କ୍ଷମତା ଓ ବାଣିଜ୍ୟରେ ଘୋଡ଼ା




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୋଲୋ ଆର୍ଟ ଏକ୍ସିବିଶନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ସାମାଜିକ ନ୍ୟାୟ ସାମ୍ମୁଖ୍ୟ ପକ୍ଷରୁ 'ଜାତି ପ୍ରଥା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଛୁଆ ବର୍ଗ ସଂରକ୍ଷଣ ଆଧାରିତ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଉଚ୍ଚଶିକ୍ଷା ବିଭାଗ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ, ଇଣ୍ଡିଆ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ, ସ୍ଥାନ: ଆମ ଗୌରବ ଆମ କଲେଜ ପରିଚାଳନା ସଙ୍ଗଠନ, ତୋଷାଳି ଭବନ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଜନ୍ମଦିନ ପାଳିତ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଆତ୍ମଜୀବନୀ 'ସମୟ ସମୁଦ୍ର ସ୍ୱର୍ଗଦ୍ୱାର'ର ପାଠକାର୍ପଣ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୨୧।
- ନୃତ୍ୟାଭିନୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ନୃତ୍ୟଶାଳାର ୨୨ତମ ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ରାଜ୍ୟପାଳଙ୍କ ଦ୍ୱାରା ତ୍ରିରଙ୍ଗା ଯାତ୍ରାର ଉଦ୍‌ଘାଟନ, ସ୍ଥାନ: ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ସମ୍ମୁଖ, ଓଡ଼ିଆବଜାର, ସମୟ: ସକାଳ ୮ଟା।
- ଜନଜୀବନର ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ବିନାୟକ ହାଲୁକା ମୋଟର କର୍ମଚାରୀ ସଂଘ ପକ୍ଷରୁ ମୁକ୍ତ ରନ୍ଧା ଖାଦ୍ୟ ବଣ୍ଟନ, ସ୍ଥାନ: ଗୁଣ୍ଡିଚା ଘର ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ସମତା ସାହିତ୍ୟ ସମିତିର ଦ୍ୱିତୀୟ ବାର୍ଷିକୋତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ସର୍ବମଙ୍ଗଳା ପାଠାଗାର, ବାସେଲୀ ସାହି, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୧୬ତମ ବୈଶାଖୀ ଉତ୍ସବ, ସ୍ଥାନ: ମୁକ୍ତାକାଶ ମଞ୍ଚ, ଶହୀଦ ଭବନ, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୪୫।

## ଖୋର୍ଦ୍ଧା

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।

## ବାଲେଶ୍ୱର

- 'ଓଡ଼ିଶା ଭିଜନ- ୨୦୩୬ ଓ ୨୦୪୭' ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା, ସ୍ଥାନ: ନୋସି ଅଡିଟୋରିୟମ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ସରିସା ଚନ୍ଦନ ପଡ଼ିଆ, ପୁରୁଷୋତ୍ତମପୁର, ସମୟ: ଅପରାହ୍ନ ୫ଟା।
- ସାର୍ବଜନୀନ ଚନ୍ଦନ ମହୋତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ସରିସା ଚନ୍ଦନ ପଡ଼ିଆ, ପୁରୁଷୋତ୍ତମପୁର, ସମୟ: ସନ୍ଧ୍ୟା ୬ଟା।
- ରାମାୟଣ କଥାମୃତ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଜହଡା କଲକୀ ନାରାୟଣ ମଠ, ରୂପସା, ସମୟ: ସନ୍ଧ୍ୟା ୭ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ତ୍ରିରଙ୍ଗା ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ସକାଳ ୮ ଟା।
- ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପୁରୁଣାବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୮ଟା।
- ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ ଟା।
- ନାଟ୍ୟ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ମଣିନାଥପୁର, ଭଣ୍ଡାରିପୋଖରୀ, ସମୟ: ରାତି ୯ ଟା।

## କେନ୍ଦୁଝର

- ବଡ଼ବିଲରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବଡ଼ବିଲ ବିକାଶ ମହଲ, ସମୟ: ସକାଳ ୭ ଟା ୩୦।
- ଭାରତର ସେନାଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ସାଇକେଲ ଓ ବାଇକ ଶୋଭାଯାତ୍ରା, ସ୍ଥାନ: କାଳି ପଡିଆ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ରାଧାକୃଷ୍ଣ ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା, ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ, ନଗର ପରିକ୍ରମା, ଦଧି ମହୋତ୍ସବ, ପ୍ରସାଦ ସେବନ, ସ୍ଥାନ: ଘିଆଯୋଡ଼ି(ବମ୍ଫେଛକ) ଖାରପୋଖରିଆ, ସମୟ: ଅପରାହ୍ନ ୧ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା, ସମୟ: ଅପରାହ୍ନ ୪ଟା।
- ବୈଶାଖୀ ଉଡ଼ାପର୍ବ, ସ୍ଥାନ: ଚିତ୍ରଡ଼ା ମହାଦେବ ମନ୍ଦିର ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ସମୟ: ରାତି ୮ଟା।

## ବ୍ରହ୍ମପୁର

- ଭାରତୀୟ ସୈନିକଙ୍କୁ ଉତ୍ସାହିତ ଉଦ୍ଦେଶ୍ୟରେ ବାଇକ ଶୋଭାଯାତ୍ରା, ସ୍ଥାନ: ରାମଲିଙ୍ଗେଶ୍ୱର ପାର୍କ, ସମୟ: ସକାଳ ୮ ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶାନ୍ତିକୁଣ୍ଡ, ଗିରି ରୋଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା, ସ୍ଥାନ: ବଳରାମ ମନ୍ଦିର, ଢେଙ୍କାନାଳ, ସମୟ: ସକାଳ ୭ଟା ୪୫।

## ଅନୁଗୋଳ

- କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଆଠମଲ୍ଲିକ ଆଇଟିଆଇ କଲେଜ ନିକଟ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟନ, ସ୍ଥାନ: ଆଠମଲ୍ଲିକ କଲେଜ ପରିସର, ସମୟ : ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- ଭାରତୀୟ ସୈନିକମାନଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ରାଲି, ସ୍ଥାନ: ବେଳାଭୂମି ରାସ୍ତା, ବତିଘର ପାଖ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଭାରତର ବୀର ସୈନିକମାନଙ୍କୁ ଉତ୍ସାହିତ କରିବାକୁ ବାଇକ ଶୋଭାଯାତ୍ରା, ସ୍ଥାନ: ବ୍ୟାସନଗର ସଂସ୍କୃତି ଭବନ ପରିସର, ସମୟ: ସକାଳ ୭ଟା୩୦।
- ଅପରେସନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଯାଜପୁର ଏକ୍ସପ୍ରେସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ଯଯାତି କୋର୍ଟ ୟାର୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱ ଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା।
- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ସ୍ଥାନ: ନୟାଗଡ଼ ଜିଲା ସଦର ମହକୁମା, ସ୍ଥାନ: ସକାଳ ୮ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୬ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୬ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରା ର ୧୬ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା

- ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ, ସମୟ: ସକାଳ ୮ଟା।
- ଗ୍ରାମଦେବୀ ମା' ଠାକୁରାଣୀଙ୍କ ଝାମୀଯାତ୍ରା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନିକଟସ୍ଥ ଯାତ୍ରା ପଡିଆ, ମୁନିଗୁଡା, ସମୟ: ଅପରାହ୍ନ ୫ଟା ୩୦।

## ନବରଙ୍ଗପୁର

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚାମୁରିଆଗୁଡ଼ା, ସମୟ: ୮ଟା।

## କୋରାପୁଟ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବାରିଣିପୁଟ ଛକ, ସମୟ: ସକାଳ ୭ଟା ୩୦।
- ଭାରତୀୟ ସେନା ପାଇଁ ରାଲି, ସ୍ଥାନ: ଦଶମନ୍ତପୁର ବ୍ଲକରୁ ଖମ୍ବେଶ୍ୱରୀ ପୀଠ, ସମୟ: ୭ଟା ୩୦।
- ତ୍ରିରଙ୍ଗା ରାଲି, ବାଇକ୍ ଶୋଭାଯାତ୍ରା, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରୁ ହାଟପଦା, ସମୟ: ସକାଳ ୮ଟା।
- ସେନା ସମର୍ଥନରେ ବାଇକ ରାଲି, ସ୍ଥାନ: ଦଶହରା ପଡିଆ, ସୁନାବେଡା-୧, ସମୟ: ସକାଳ ୮ଟା।
- ଯବାନମାନଙ୍କୁ ଉତ୍ସାହିତ କରିବାକୁ ବାଇକ ରାଲି, ସ୍ଥାନ: ଆରଟିଓ ପଡିଆ, କୋରାପୁଟ, ସମୟ: ସକାଳ ୮ଟା।
- ଓଡ଼ିଶା ଭିଜନ-୨୦୩୬ ନେଇ କର୍ମଶାଳା, ସ୍ଥାନ:ଦକ୍ଷତା ବିକାଶ ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମାଥାଲପୁଟ ବସଷ୍ଟାଣ୍ଡ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ମାଥଲପୁଟ ଶହିଦ ଲକ୍ଷ୍ମଣ ନାୟକ ଛକ, ସମୟ: ଅପରାହ୍ନ ୨ଟା ୩୦।

## ମାଲକାନଗିରି

- ଅପରେଶନ ସିନ୍ଦୁରର ସଫଳତାକୁ ନେଇ ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନଠାରୁ ଏମ୍.ଭି. ୭, ସମୟ: ସକାଳ ୮ ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍‌ଫୁ ଉଶୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଏକତା ଅନ୍ୱେଷା ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ ଉଦଯାପନୀ ଉତ୍ସବ, ସ୍ଥାନ : ମାନେଶ୍ୱର ନିକଟସ୍ଥ ଗୁଲୁଣ୍ଡା ଗ୍ରାମ, ସମୟ ସନ୍ଧ୍ୟା ୬ଟା ୩୦।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା।

## ବଲାଙ୍ଗୀର

- ବଲାଙ୍ଗୀର ସହରରେ ତ୍ରିରଙ୍ଗା ଶୋଭାଯାତ୍ରା (ମୋଟର ସାଇକେଲ ରାଲି), ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ସମୟ: ସକାଳ ୯ଟା।

## ରାଉରକେଲା

- ଅପରେଶନ୍ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଶ୍ରୀଧର ସ୍ମୃତିଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ଜେଲ ରୋଡ ଲେବର ଟେର୍ନାମେଣ୍ଟ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା, ସ୍ଥାନ-ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।
- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ୩୦ତମ ବାର୍ଷିକ ଉତ୍ସବ ଓ ଆଲୋଚନା ଚକ୍ର, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ୧୦ଟା୩୦।

## ବରଗଡ଼

- ତ୍ରିରଙ୍ଗା ରାଲି ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼ ସମୟ:ସକାଳ ୭ଟା ୩୦।
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ:କଟାପାଲି, ବରଗଡ଼, ସମୟ:ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ତ୍ରିରଙ୍ଗା ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ପରିସର, ସମୟ: ସକାଳ ୭ଟା ୩୦।

## ବୌଦ୍ଧ

- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଦେଉଳମୁଣ୍ଡା ସପ୍ତାହ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ଦେଉଳମୁଣ୍ଡା ମାହେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା୩୦।
- କେନ୍ଦୁପାଲିରେ ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ : ସକାଳ ୮ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅନୁକୂଳ ଗ୍ରହଯୋଗରୁ କାମ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ରହିଯାଇଥିବା ଫାଇଲ କାମଟିକୁ ଆଜି ହିଁ ଆରମ୍ଭ କରିବାକୁ ମନ ବଳାଇବେ ଓ ଶେଷ ମଧ୍ୟ କରିପାରିବେ। ବନ୍ଧୁଙ୍କ ପରାମର୍ଶାନୁସାରେ ପାରିବାରିକ ଝମେଲା ସମାଧାନ ଆଡକୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବୃଷ** ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ ପାଇ କାମ ହାସଲ କରିନେବେ। ମନ ଭଲ ନ ଥିବାରୁ ଘରେ କିମ୍ବା ଅଫିସରେ ବିତର୍କ ହୋଇପାରେ। ସାଂଗଠନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟ, ପରିବହନ, ନିର୍ମାଣ, ଜମିଜମାରେ କିମ୍ବା ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**ମିଥୁନ** ପାରିବାରିକ ସମସ୍ୟାର ସମାଧାନ ଘଟିବାରେ ବନ୍ଧୁଙ୍କ ସାହାଯ୍ୟର ଆବଶ୍ୟକତା ରହିଛି। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ପାଇବେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ** ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଅଫିସ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ନିଜର ଅବହେଳାଜନିତ ଅନୁପସ୍ଥିତି କାରଣରୁ କଚେରି ମାମଲା ମନ୍ଥର ହୋଇପାରେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ବାରମ୍ବାର କଳହ କାରଣରୁ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ।

**କନ୍ୟା** ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିନେବେ। ଯାନବାହନରେ ଲାଭ, ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। ରାଜନୀତି, କଚେରି ମାମଲା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟରୁ କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** ବନ୍ଧୁଙ୍କ ଜରିଆରେ ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବହୁତ ଅନୁନୟ ବିନୟ ପରେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରନ୍ତି।

**ବିଛା** ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମ ସହଜ ଓ ସୁବିଧାରେ ହୋଇଯିବ। ଆଲୋଚନା କାଳରେ ଅପ୍ରିୟ ସତ୍ୟ ଭାଷଣଜନିତ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହେବ। ପିଲାର ସ୍ୱାସ୍ଥ୍ୟ ପାଇଁ ଚିନ୍ତା କରିବେ। କିନ୍ତୁ ପାରିବାରିକ ସମ୍ପର୍କ ମଧୁର ରହିବ।

**ଧନୁ** ଆଜି ଦିନଟିରେ ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ପରିବାରର ଗୁମର କଥାକୁ ସାଙ୍ଗଙ୍କୁ କହି ସମାଲୋଚିତ ହେବେ।

**ମକର** ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଆଜି ଯାହାକୁ ଯାହା ମାଗିବେ ସେ ମନାକରିବେ ନାହିଁ। ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ଗୃହରେ କଳହ ସୃଷ୍ଟି ହେବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ ଅଦାଲତରୁ ସୁଫଳ ପାଇବା ସହ ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ** ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବାରୁ ମନ ଭଲ ଲାଗିବ ନାହିଁ। ପିଲାଙ୍କ ବୈବାହିକ କର୍ମ ସକାଶେ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ଲାଗି ଚିନ୍ତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ କିନ୍ତୁ ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ମୀନ** ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ। ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ରେବତୀ ନକ୍ଷତ୍ରର ସ୍ୱାସ୍ଥ୍ୟଗତ କାରଣରୁ କୌଣସି କାମ ଅଟକି ଯାଇପାରେ।

ଆଜି ବୃଷ ସଂକ୍ରାନ୍ତି, ମେ ୧୫ ତାରିଖ ଗୁରୁବାର, ବିଶ୍ୱ ପରିବାର ଦିବସ। ଜ୍ୟେଷ୍ଠ କୃଷ୍ଣ ତୃତୀୟା, ରାଶିନକ୍ଷତ୍ର-ଦିବା ଘ.୦୨.୦୭ ପର୍ଯ୍ୟନ୍ତ, ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୪ ଗତେ ଘ.୦୬.୦୬ ମଧ୍ୟେ, ଘ.୦୯.୩୩ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୦ ଗତେ ଘ.୦୨.୫୭ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଗୁଣ ଗୁଣ୍ଡି**
**ମାରିବୁ ହେଣ୍ଡି।**

ସାଧାରଣତଃ ଚାଳଘରେ ରହୁଥିବା ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସମୟରେ ଚାଳ ଛପର କରୁଥିବାର ଦେଖିବାକୁ ମିଳିଥାଏ। ତେବେ ଫାଲଗୁନ ମାସରେ ଘର ଛାଉଣି କଲେ ବର୍ଷା ଓ ପବନକୁ ଭୟ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଫଳ ଗଛକୁ ବୋଝ ନୁହେଁ,**
**ଫଳନ୍ତି ଗଛ ଫୋପଡ଼ ସହେ।**

ଗଛରେ ଫଳ ଯେତେ ଅଧିକ ହେଲେ ମଧ୍ୟ ଗଛ ପ୍ରତି ତାହା ବୋଝ ହୋଇ ନ ଥାଏ। ସେହିପରି ସନ୍ତାନ ଯେତେ ଅଧିକ ହେଲେ ମଧ୍ୟ ମା' କୁ କଷ୍ଟ ହୋଇ ନ ଥାଏ। ଯେଉଁ ଗଛରେ ଫଳ ଅଛି, ତାକୁ ଫୋପଡ଼ ମାରିଲେ ଫଳ ଝଡ଼ିପଡ଼େ। ଯାହା ପାଖରେ କିଛି ଅଛି ତାକୁ ମାଗିଲେ ହୁଏତ ସେ କିଛି ଦେଇଥାଏ। ଧନ, ମାନ ଓ ଗୁଣ ଥିବା ଲୋକକୁ ବହୁ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅପରାଧ ନିୟନ୍ତ୍ରଣକୁ ସ୍ଥାୟୀ କମିଟି ବୈଠକରେ ଗୁରୁତ୍ୱ

ଭୁବନେଶ୍ୱର,୧୪।୫(ରବିନାରାୟଣ ଜେନା) ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁଙ୍କ ଉପରେ ନିର୍ଯାତନା ବଢ଼ିଚାଲିଛି। ଏହାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ଏବଂ ଫାଷ୍ଟଟ୍ରାକ୍ କୋର୍ଟ ଜରିଆରେ ତ୍ୱରିତ ମାମଲା ଫଇସଲା କରାଯିବା ସହିତ ପୀଡ଼ିତା ତଥା ତାଙ୍କ ପରିବାରକୁ ନ୍ୟାୟ ମିଳିବ ତାକୁ ବିଧାନସଭା ମହିଳା ସ୍ଥାୟୀ କମିଟି ଗୁରୁତ୍ୱ ଦେଇଛି। ବୁଧବାର ପୂର୍ବାହ୍ନରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ବିଧାନସଭା ସ୍ଥାୟୀ କମିଟି ବୈଠକ ପରେ ଅଧ୍ୟକ୍ଷା ସୀମାରାଣୀ ନାୟକ କହିଛନ୍ତି, ଶିଶୁ ଶ୍ରମିକ ଏବଂ ଭିକାରୀ ସଂଖ୍ୟା ରାଜ୍ୟରେ ଅଧିକ ରହିଛି। ସେମାନଙ୍କୁ ଉଦ୍ଧାର କରାଯିବା ଲାଗି ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ କୁହାଯାଇଛି। ଥାନାରେ ମହିଳାମାନେ ଯେପରି ତୁରନ୍ତ ଏତଲା ଦେଇପାରିବେ ସେଥିପାଇଁ ଇ-ଏତଲା ଉପରେ ସଚେତନତା କରିବା ପାଇଁ ଗୃହ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୮ ତାରିଖରେ କମିଟି କ୍ଷେତ୍ର ପରିଦର୍ଶନ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ବୈଠକରେ ଗୃହ ବିଭାଗ ସହିତ ଏସଂକ୍ରାନ୍ତରେ ବିସ୍ତୃତ ଆଲେଚନା ହୋଇଛି। ଗୃହ ବିଭାଗ ବି ମାମଲା ବଢୁଥିବା କଥା ସ୍ୱୀକାର କରିଛି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କମିଟି ଆଗରେ ଗୃହ ବିଭାଗ ପ୍ରତିଶ୍ରୁତି ଦେଇଛି ବୋଲି ପ୍ରମିଳା କହିଛନ୍ତି। କଂଗ୍ରେସ ବିଧାୟିକା ସୋଫିଆ ଫିରଦୋଷ କହିଛନ୍ତି, ଅପରାଧୀଙ୍କୁ ତ୍ୱରିତ ଦଣ୍ଡ ମିଳୁ ନଥିବାରୁ ଏହା ତାଙ୍କୁ ପୁନଶ୍ଚ ଅପରାଧ କରିବାପାଇଁ ପ୍ରୋତ୍ସାହନ ଯୋଗାଉଛି। ଏଣିକି ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ଫାଷ୍ଟଟ୍ରାକ ମୋଡ୍‌ରେ ଦଣ୍ଡ ବିଧାନ କରାଯିବାକୁ ବୈଠକରେ ଦାବି କରାଯାଇଛି। ପୋଲିସର ଢିଲାପଣ ପାଇଁ ମହିଳା ଓ ଶିଶୁଙ୍କ ଉପରେ ନିର୍ଯାତନା ବଢୁଛି। ଲୋକଙ୍କ ଭିତରେ ଭୟନାହିଁ। ତେଣୁ ନିକଟରେ ଘଟିଥିବା ହିନ୍ଦୋଳ ଏବଂ ତାଳଚେର ମାମଲାରେ ତୁରନ୍ତ ଚାର୍ଜଶିଟ୍ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି। ଆସନ୍ତା ସପ୍ତାହକ ମଧ୍ୟରେ ଉକ୍ତ ମାମଲାର ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ବୈଠକରେ ଆଲୋଚନା ହୋଇଛି।

## ଯଶୀପୁର ବ୍ଲକରେ ନିର୍ମାଣହେବ ଖଇରିବନ୍ଧନ ବ୍ୟାରେଜ

ଭୁବନେଶ୍ୱର,୧୪।୫(ରବିନାରାୟଣ ଜେନା)

ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକର ଅଁଳାବେଣୀ ଗ୍ରାମ ନିକଟ ଖଇରିବନ୍ଧନ ନଦୀରେ ବ୍ୟାରେଜ ନିର୍ମାଣ ହେବ। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌କୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଖଇରିବନ୍ଧନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ହେଲେ ଉକ୍ତ ଅଞ୍ଚଳର ପଛୁଆ ବର୍ଗ ଏବଂ ଆଦିବାସୀମାନେ ଉପକୃତ ହେବେ। ସେଠାରେ ମରୁଡ଼ିକୁ ଦୃଷ୍ଟିରେ ରଖି ଖରିଫ ଜଳସେଚନ ସୁନିଶ୍ଚିତ କରିବା ପାଇଁ ସରକାର ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ୯୭ କୋଟି ୬୭ ଲକ୍ଷ ୯୮ ହଜାର ୭୫୫ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି। ଉକ୍ତ ପ୍ରକଳ୍ପକୁ ୩୦ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ମୟୂରଭଞ୍ଜ ଜିଲାର ଯଶୀପୁର, ରରୁଆଁ ଏବଂ ଶୁକ୍ରୁଳି ବ୍ଲକର ୪୭ଟି ଗାଁର ୬୯୫୦ ହେକ୍ଟର ଚାଷଜମିକୁ ଭୂତଳ ପାଇପ୍‌ଲାଇନ ଜଳବଣ୍ଟନ ବ୍ୟବସ୍ଥା (ୟୁଜିପିଏଲ) ମାଧ୍ୟମରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଫଳରେ ଏହି ପ୍ରକଳ୍ପ ୩୫,୦୦୦ରୁ ଅଧିକ ଜନସଂଖ୍ୟାକୁ ପାନୀୟଜଳ ସୁବିଧା ଯୋଗାଇବା ସହିତ ଘରୋଇ ପଶୁପାଳନ ତଥା ମତ୍ସ୍ୟଚାଷର ଚାହିଦାକୁ ମଧ୍ୟ ପୂରଣ କରିପାରିବ।

## ଧରଣୀଧର ବିଶ୍ୱବିଦ୍ୟାଳୟକୁ ୪୦.୧୯୭ ଏକର ଜମି ଆବଣ୍ଟନ

ଭୁବନେଶ୍ୱର,୧୪।୫ (ରବିନାରାୟଣ ଜେନା)

**ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି**

ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ କେନ୍ଦୁଝର ଜିଲାର ଧରଣୀଧର ବିଶ୍ୱବିଦ୍ୟାଳୟ ଉତ୍ତର ଓ ଦକ୍ଷିଣ କ୍ୟାମ୍ପସ୍ ଲାଗି ସରକାର ୪୦.୧୯୭ ଏକର ଜମି ଲିଜ୍ ସୂତ୍ରରେ ଦେବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦୁଝର ତହସିଲ ଅନ୍ତର୍ଗତ ସୁଲେଇ ଖମାର ମୌଜାର ସାତସିଙ୍ଗା, ଗମ୍ଭାରିଆ ଓ ବ୍ରାହ୍ମଣ ଗାଁରେ ଉକ୍ତ ଜମି ରହିଛି। ଏଥିପାଇଁ ରାଜ୍ୟ ସରକାର ଏକକାଳୀନ ରାଜସ୍ୱ ଦେୟ ବାବଦକୁ ୧୪୦ କୋଟି ୭୧ ଲକ୍ଷ ୪୦ ହଜାର ୫୧୮ ଟଙ୍କା ଏବଂ ବାର୍ଷିକ ରାଜସ୍ୱ ଦେୟ ବାବଦକୁ ୫୦ ଲକ୍ଷ ୨୬ ହଜାର ୩୧୮ ଟଙ୍କା ଛାଡ଼ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟ ସରକାର ଓଡ଼ିଶା ଆଇଟିଆଇ ପ୍ରଶିକ୍ଷକ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୪ରେ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଫଳରେ ଓଜିଆଇଟିଏସ୍ କ୍ୟାଡରର ଅଧିକାରୀମାନଙ୍କ ପାଇଁ ନିଯୁକ୍ତିଭିତ୍ତିକ ପଦୋନ୍ନତି ସୁଯୋଗ ମିଳିବ। ଯୁବ, ସକ୍ରିୟ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ଅଧ୍ୟକ୍ଷ-୨/ଉପାଧ୍ୟକ୍ଷ(ସ୍ତର-୧୨)ସ୍ତରରେ ସିଧାସଳଖ ନିଯୁକ୍ତି ମିଳିବ। ସେହିପରି ଓଜିଆଇଟିଏସ୍ କ୍ୟାଡରର ଅଭିଜ୍ଞ ଏବଂ

### ଆଇଟିଆଇ ପ୍ରଶିକ୍ଷକ ନିଯୁକ୍ତି ନିୟମାବଳୀରେ ସଂଶୋଧନ

ଯୋଗ୍ୟ କର୍ମଚାରୀମାନେ ସର୍ବୋଚ୍ଚ ପଦବୀକୁ ପଦୋନ୍ନତି ପାଇପାରିବେ, ଯାହା ବ୍ୟବସ୍ଥାର ସମସ୍ତ ପରିଚାଳନା କ୍ଷମତାକୁ ବୃଦ୍ଧି କରିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟ କ୍ୟାବିନେଟ୍ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ-୨୦୨୨ର ସଂଶୋଧନ ନିଷ୍ପତ୍ତିକୁ ଅନୁମୋଦନ ଦେଇଛି। ବର୍ତ୍ତମାନ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ ର ନିୟମ-୩ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ଗୋଟିଏ ପଦବୀ ଯଥା ଅଗ୍ନିଶମ ସେବା, ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ, ଗୃହ (ସିଭିଲ୍ ଡିଫେନ୍ସ) ବିଭାଗର ମହାନିର୍ଦ୍ଦେଶକ ଅଧୀନରେ ଥିବା ନାଗରିକ ପ୍ରତିରକ୍ଷା ପ୍ରଶିକ୍ଷକ/ସିନିୟର ଷ୍ଟାର ଇନ୍ସପେକ୍ଟରକୁ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ର ସିଡ୍ୟୁଲ-୧ରେ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ଉପରୋକ୍ତ ପଦବୀର ନିଯୁକ୍ତିକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନୀରଜ



@ ମୁକେଶ



@ ଶିବୁନି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।







ଶହୀଦ ହୋଇଥିବା ଯବାନଙ୍କୁ ସମ୍ମାନ ଜଣାଇ ଭାରତୀୟ ରେଳପଥ ପକ୍ଷରୁ ଅଯୋଧ୍ୟା ଧାମ ଜଙ୍କସନ୍ ଓ କାଚୀଗୁଡ଼ା ରେଳ ଷ୍ଟେଶନକୁ ଆଲୋକରେ ସଜାଯାଇଛି।

# ସାହସୀ ସୈନିକଙ୍କ ସମ୍ମାନାର୍ଥେ ରେଳ ଷ୍ଟେଶନ ଆଲୋକିତ

ଭୁବନେଶ୍ୱର, ୧୪।୫(ଅନୁରାଧା ମହାରଣା)

### ଦେଶପ୍ରେମର ବାର୍ତ୍ତା ଦେଲା ଭାରତୀୟ ରେଳପଥ

ଅପରେଶନ ସିନ୍ଦୂରରେ ସାମିଲ ଭାରତୀୟ ସେନାର ଅଦମ୍ୟ ସାହସ ଓ ବୀରତ୍ୱକୁ ସମ୍ମାନ ଜଣାଇବା ପାଇଁ ସାରା ଦେଶର ରେଳ ଷ୍ଟେଶନ ଏବଂ ରେଳ ଭବନଗୁଡ଼ିକୁ ଆଲୋକିତ କରାଯାଇଛି। ଏହି ଅବସରରେ କଶ୍ମୀରରୁ କନ୍ୟାକୁମାରୀ ଓ ଗୁଜରାଟରୁ ଆସାମ ପର୍ଯ୍ୟନ୍ତ ରେଳ ଷ୍ଟେଶନଗୁଡ଼ିକରେ ଦେଶପ୍ରେମର ଏକ ଭିନ୍ନ ଉତ୍ସାହ ଦେଖିବାକୁ ମିଳିଥିଲା। ତ୍ରିରଙ୍ଗା ଆଲୋକରେ ସ୍ନାନିତ ହୋଇଥିବା ରେଳ ପରିସର ଦେଶାତ୍ମବୋଧକ ଗୀତରେ ପ୍ରତିଧ୍ୱନିତ ହୋଇଥିଲା। ଏହାସହ ଷ୍ଟେଶନଗୁଡ଼ିକରେ ଲାଗିଥିବା ସ୍କ୍ରିନ୍‌ରେ ଦେଶପ୍ରେମର ଦୃଶ୍ୟ ଯାତ୍ରୀଙ୍କ ମନରେ ଦେଶପ୍ରେମର ଭାବନା ଭରି ଦେଇଥିଲା। ଏହା ବ୍ୟତୀତ ଭାରତୀୟ ରେଳପଥ ତିରଙ୍ଗା ଯାତ୍ରା ସହିତ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅପରେଶନ ସିନ୍ଦୂରର ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇଥିଲା।





ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟ 'ରେଳ ସଦନ'କୁ ଆଲୋକିତ କରାଯାଇଛି।

# ସାଇକେଲରେ ବୁଲି ସଚେତନ କରୁଛନ୍ତି ନାଗରାଜ

ଭୁବନେଶ୍ୱର,୧୪।୫(ସୁଚିସ୍ମିତା ସାହୁ)

ସାଇକେଲରେ ସାରା ଦେଶ ବୁଲି ବିଶ୍ୱ ଶାନ୍ତିର ବାର୍ତ୍ତା ବାଣ୍ଟିବା ସହ ଲୋକଙ୍କୁ ସଚେତନ କରୁଛନ୍ତି କର୍ନାଟକର ନାଗରାଜ ଗୌଡ଼ା। ୬୨ବର୍ଷ ବୟସରେ ବି ଏଥିପାଇଁ ମନରେ ରହିଛି ଅସୀମ ଧୈର୍ଯ୍ୟ ଓ ସାହସ। ୨୦୧୭ ମସିହାରୁ ନାଗରାଜ ଏହି ଯାତ୍ରା ଆରମ୍ଭ କରିଥିବାବେଳେ ଚଳିତ ବର୍ଷ ସେ ଗୁଜରାଟ, ରାଜସ୍ଥାନ, ହରିଆଣା, ଦିଲ୍ଲୀ, ପଞ୍ଜାବ ଆଦି ୧୭ ରାଜ୍ୟ ବୁଲି ଓଡ଼ିଶାରେ ପହଞ୍ଚିଛନ୍ତି। ଗୋସେବା, ସନାତନ ଧର୍ମ, ବିଶ୍ୱ ଶାନ୍ତି, ଜଳ ସଂରକ୍ଷଣ, ଗଛ ଲଗାଇବାକୁ ଲୋକଙ୍କୁ ସଚେତନ କରୁଛନ୍ତି। ଏଥିପାଇଁ ସେ ତାଙ୍କ ସାଇକେଲକୁ ମଧ୍ୟ ସେପରି ଢଙ୍ଗରେ ସଜାଇଛନ୍ତି। ଏହି ଅଭିଯାନରେ ତାଙ୍କୁ ପରିବାର ଲୋକଙ୍କ ସମେତ ବିଭିନ୍ନ ରାଜ୍ୟବାସୀଙ୍କ ସହଯୋଗ ମିଳୁଥିବା ସେ କହିଛନ୍ତି। ପ୍ରତିଦିନ ୬୦ରୁ ୭୦ କିଲୋମିଟର ପର୍ଯ୍ୟନ୍ତ ସାଇକଲରେ ଯାତ୍ରା କରୁଛନ୍ତି। ଇତିମଧ୍ୟରେ ସେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହିତ କର୍ନାଟକ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବାର୍ତ୍ତା ଦେଇଛନ୍ତି। ସେହିପରି ବଲିଉଡ୍‌ର ବହୁ କଳାକାରଙ୍କୁ ମଧ୍ୟ ଭେଟି ସଚେତନତା ଅଭିଯାନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି।





### ୧୭ ରାଜ୍ୟ ପରେ ଓଡ଼ିଶାରେ ପହଞ୍ଚିଲେ

ନାଗରାଜଙ୍କର ଛୋଟବେଳୁ ସମାଜ ସେବା ପ୍ରତି ଦୁର୍ବଳତା ରହିଥିଲା। ପାଠପଢ଼ା ବୟସରୁ ସମାଜ ସେବା ସହ ଆଧ୍ୟାତ୍ମିକ କାର୍ଯ୍ୟରେ ନିଜକୁ ସାମିଲ କରି ଆସିଛନ୍ତି। ଛୋଟ ଛୋଟ ହିନ୍ଦୀ, ଗୁଜରାଟୀ, ମରାଠୀ ଫିଲ୍ମରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତେବେ ୮ବର୍ଷ ତଳୁ ସେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭାରତ ଭ୍ରମଣ ଜାରି ରଖିଛନ୍ତି। ପୂରା ଦିନର ଭ୍ରମଣ ପରେ ସେ ମନ୍ଦିର, ମଠ କିମ୍ବା କୌଣସି ଆଶ୍ରୟସ୍ଥଳ ଦେଖି ରହିଯାଆନ୍ତି। ପୁଣି ସକାଳ ହେଲେ ସେହି ସାଇକଲ ଧରି ଅନ୍ୟ ଏକ ଗନ୍ତବ୍ୟ ସ୍ଥଳକୁ ବାହାରି ପଡନ୍ତି। ବାଟସାରା ଶାନ୍ତିବାର୍ତ୍ତା ସେବା ସହ ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରନ୍ତି। ପୂରା ଭାରତ ଭ୍ରମଣ କରି ସାଧାରଣ ଲୋକଙ୍କୁ ସଚେତନ କରିବାକୁ ଲକ୍ଷ୍ୟ ରଖିଥିବା ନାଗରାଜ କହିଛନ୍ତି।

# ନାମଲେଖାରେ ଓବିସି ପାଇଁ ୧୧.୨୫% ସଂରକ୍ଷଣକୁ ସ୍ୱାଗତ

ଭୁବନେଶ୍ୱର,୧୪।୫(ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ନାମଲେଖା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ଏହି ଐତିହାସିକ ଓ ଯୁଗାନ୍ତକାରୀ ନିଷ୍ପତ୍ତିକୁ ଓବିସି ଫୋରମ୍ ରାଜ୍ୟ କମିଟି ଅଧ୍ୟକ୍ଷ ରବି ବେହେରା ସ୍ୱାଗତ କରିଛନ୍ତି। ଏହି ସଂରକ୍ଷଣକୁ ମେଡିକାଲ, ଇଞ୍ଜିନିୟରିଂ ଓ ଏମ.ବି.ଏ. କ୍ଷେତ୍ରରେ ଲାଗୁ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

ବହୁ ରାଲି, ବିକ୍ଷୋଭ, ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ ଆଦି ଆନ୍ଦୋଳନ ପରେ ରାଜ୍ୟ ସରକାର ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଓବିସି ଫୋରମ୍

ବ୍ୟବସ୍ଥା ଲାଗୁ କରିଛନ୍ତି। ବିଳମ୍ବରେ ହେଉ ପଛେ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟରେ ବୁଧବାର ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ନାମଲେଖାରେ ୧୧.୨୫% ସଂରକ୍ଷଣରେ ମୋହର ବାଜିଛି। ଏହା ରାଜ୍ୟରେ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାରେ ସାମାଜିକ ନ୍ୟାୟ ପାଇଁ ଏକପାଦ ଆଗକୁ ନେବ। ଆଗାମୀ ଦିନରେ ରାଜ୍ୟର ପଛୁଆବର୍ଗଙ୍କୁ ୨୭ଭାଗ ସଂରକ୍ଷଣ ଦେବା ପାଇଁ ସେ ଦାବି କରିବା ସହ ଆଦର୍ଶ ବିଦ୍ୟାଳୟ ନାମଲେଖା କ୍ଷେତ୍ରରେ ଓବିସି ପିଲାଙ୍କୁ ସଂରକ୍ଷଣ ଦେବା ପାଇଁ ଓବିସି ଫୋରମ୍ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛି।

# ନନ୍ଦନକାନନରେ ସିଂହ ଆକାଶର ମୃତ୍ୟୁ



ତ୍ରିଶୂଳିଆ,୧୪।୫ (ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନର ହାଇବ୍ରିଡ୍ ସିଂହ ଆକାଶର ବାର୍ଦ୍ଧକ୍ୟଜନିତ ହେତୁ ବୁଧବାର ମୃତ୍ୟୁ ହୋଇଛି। ସେ ଗତ କିଛି ମାସ ହେବ ବାର୍ଦ୍ଧକ୍ୟ କାରଣରୁ ପକ୍ଷାଘାତରେ ପୀଡ଼ିତ ହୋଇ ପଛ ଗୋଡ଼ରେ ଚାଲି ପାରୁ ନ ଥିଲା। ସେଥିଲାଗି ତାକୁ ଖାଦ୍ୟଗ୍ରହଣ କକ୍ଷରେ ରଖାଯାଇ ଚିକିତ୍ସା କରାଯାଉଥିଲା। ମୃତ୍ୟୁ ପରେ ମୃତଦେହ ବ୍ୟବଚ୍ଛେଦ କରି ପୋଡ଼ି ଦିଆଯାଇଛି। ଆକାଶକୁ ଗତ ୨୦୧୪ ମସିହାରେ ବେଙ୍ଗାଲୁରୁସ୍ଥିତ ବନେରୁଘାଟା ଚିଡ଼ିଆଖାନାରୁ ସିଂହ- ନରସିଂହା, ରାଧା ଓ ରୁକ୍ମିଣୀଙ୍କ ସହିତ ଅଣାଯାଇଥିଲା। ଆକାଶର ମୃତ୍ୟୁ ପରେ ସିଂହ ସଂଖ୍ୟା ୨୨କୁ ହ୍ରାସ ପାଇଥିବାବେଳେ ହାଇବ୍ରିଡ୍ ସିଂହ ସଂଖ୍ୟା ୬କୁ ଖସି ଆସିଛି। ୨୨ ସିଂହ ମଧ୍ୟରେ ୧୩ ଅଣ୍ଡିରା ଓ ୯ ମାଈ ଅଛନ୍ତି। ୬ ହାଇବ୍ରିଡ୍ ସିଂହ ମଧ୍ୟରେ ୩ ଅଣ୍ଡିରା ଓ ୩ ମାଈ ଅଛନ୍ତି।

# ରାସ୍ତା କାମବେଳେ ମିସ୍ତ୍ରି ମୃତ

### ଅଂଶୁଘାତ ମୃତ୍ୟୁ ସନ୍ଦେହ

ବାରଙ୍ଗ,୧୪।୫(ଲିଙ୍ଗରାଜ ରାଉତ)

ଚନ୍ଦକାରେ ରାସ୍ତା କାମ କରୁଥିବା ସମୟରେ ବୁଧବାର ଜଣେ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜର ବାବୁରାମ ବେହେରା।ସୂଚନା ମୁତାବକ, ଚନ୍ଦକା ସରକାରୀ ଡାକ୍ତରଖାନାର ୨ ପଟ ରାସ୍ତା ଏବେ ଚଉଡ଼ା ହୋଇ ଇଟା କାମ ଚାଲିଛି। ଏଥିରେ ଶ୍ରମିକ ଓ ମିସ୍ତ୍ରିଙ୍କୁ ଜୈନିକ ଠିକାଦାର କାମ କରାଉଛନ୍ତି। ବାବୁରାମ ମିସ୍ତ୍ରୀ ଏହି ରାସ୍ତାକାମରେ ନିୟୋଜିତ ଥିଲେ। ବୁଧବାର ପୂର୍ବାହ୍ନରେ ବାବୁରାମ କାମ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ମେଣ୍ଢାଶାଳ ଡାକ୍ତରଖାନାକୁ ନେଇଥିଲା। ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ପରେ ଖୋର୍ଦ୍ଧା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ହେଲ୍‌ଥକେୟାର ଅନ୍ ଦ ହୁଇଲ୍‌ସ' ଅଭିଯାନ

ଭୁବନେଶ୍ୱର, ୧୪।୫(ଅନୁରାଧା ମହାରଣା)

ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ ଗତ କିଛିବର୍ଷ ଧରି ଓଡ଼ିଶାର ଗ୍ରାମାଞ୍ଚଳରେ ଚିକିତ୍ସା ଶିବିର ଆୟୋଜନ କରିଆସୁଛି। ଚିକିତ୍ସାରୁ ବଞ୍ଚିତ ଲୋକଙ୍କ ଆଖି ପରୀକ୍ଷା, ଚଷମା ବଣ୍ଟନ ସହ ରୋଗ ପ୍ରତିରୋଧକ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଦାନ କରାଯାଉଛି। ବୁଧବାର ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପ୍ଳବ ଆଣିବା ଉଦ୍ଦେଶ୍ୟରେ 'ହେଲ୍‌ଥକେୟାର ଅନ ହୁଇଲ୍‌ସ' ଅଭିଯାନ ଆରମ୍ଭ କରାଯାଇଛି। ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ଡ. ମୁକ୍ତିକାନ୍ତ ମିଶ୍ର କହିଛନ୍ତି, ହେଲ୍‌ଥକେୟାର ଅନ୍ ହୁଇଲ୍‌ସ ମାଧ୍ୟମରେ ଆମ ସ୍ୱାସ୍ଥ୍ୟ ମିଶନକୁ ଆଗକୁ ନେଇଯିବାକୁ ଆମେ ଅତ୍ୟନ୍ତ ଉତ୍ସାହିତ। ଗତ କିଛିବର୍ଷ ମଧ୍ୟରେ ଆମର ଏହି ଅଭିଯାନ ଲୋକଙ୍କୁ ଚକ୍ଷୁ ଚିକିତ୍ସା ସହ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସହାୟକ ହେବ। ଉଦ୍‌ଘାଟନୀ ସମାରୋହରେ ଏଲ୍‌ଆଇସି ଇଣ୍ଡିଆର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି ବିଶ୍ୱବିଦ୍ୟାଳୟର ଉଦ୍ଭାବନମୂଳକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ପାଟନା ଏଲଆଇସି ଜୋନାଲ ମ୍ୟାନେଜର ଧର୍ମେନ୍ଦ୍ର ହରି, ପାଟନା ଇଷ୍ଟ ସେଣ୍ଟ୍ରାଲ ଜୋନ୍ ମାର୍କେଟିଂର ରିଜିଓନାଲ ମ୍ୟାନେଜର ମନୋଜ କୁମାର ପଣ୍ଡା, ଭୁବନେଶ୍ୱର ଡିଭିଜନର ସିନିଅର ଡିଭିଜନାଲ ମ୍ୟାନେଜର୍ ଶ୍ୟାମଲ କାନ୍ତି ମହାନ୍ତି, ଡ଼. ସୁପ୍ରିୟା ପଟ୍ଟନାୟକ ଡ଼. ଅଜୟ ନାୟକ, ଦେବାଶିଷ ପଣ୍ଡା, ସଞ୍ଜୟ ମିଶ୍ର ଓ ସ୍ୱାଗତିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





'ହେଲ୍‌ଥକେୟାର ଅନ୍ ଦ ହୁଇଲ୍‌ସ' ଅଭିଯାନର ଶୁଭାରମ୍ଭ କରାଯାଉଛି।

# ସେବା ଦିବସ ଭାବେ ପାଳନ ହେଲା ରବିଶଙ୍କରଙ୍କ ଜନ୍ମଦିନ

ଭୁବନେଶ୍ୱର,୧୪।୫(ଅନୁରାଧା ମହାରଣା)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କ ୬୯ତମ ଜନ୍ମଦିବସକୁ 'ସେବା ଦିବସ' ଭାବେ ପାଳନ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ରାସ୍ତାରେ ପଥଚାରୀ, ଦୋକାନୀ ଏବଂ ଅଟୋ ରିକ୍ସା ଚାଳକଙ୍କୁ ରୋଭର୍ସ ଏମ୍ ଓ ରେଞ୍ଜର୍ସ ୟୁନିଟ୍ ତଥା ଛାତ୍ର କଲ୍ୟାଣ ବିଭାଗ ପକ୍ଷରୁ ପଣା ଓ ଲେମ୍ବୁ ସର୍ବତ ବିତରଣ କରାଯାଇଥିଲା। ଶ୍ରୀଶ୍ରୀ କଲେଜ ଅଫ ନର୍ସିଂ ପକ୍ଷରୁ ଛାତ୍ରୀମାନେ ଜଳଛତ୍ର ଖୋଲି ପଥଚାରୀଙ୍କୁ ସେବା ଯୋଗାଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ପକ୍ଷରୁ ନିକଟସ୍ଥ ଗ୍ରାମଗୁଡ଼ିକରେ ଅଷ୍ଟିଓପାଥି ଚିକିତ୍ସାସେବା ପ୍ରଦାନ କରାଯାଇଥିବାବେଳେ କୃଷି ବିଭାଗ ପକ୍ଷରୁ ଜରାଶ୍ରମରେ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ପ୍ଲାଷ୍ଟିକମୁକ୍ତ ଅଭିଯାନର 'ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତକାରୀ କେନ୍ଦ୍ର' ଦ୍ୱାରା ସମଗ୍ର ବିଶ୍ୱବିଦ୍ୟାଳୟ ପରିସରରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇ କରାଯାଇଥିଲା। ଏହାସହ କଟକ ଜିଲା ଆଠଗଡ଼ ତହସିଲ ଅନ୍ତର୍ଗତ ଧୁରୁଷିଆ ଗ୍ରାମରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଚିକିତ୍ସା ପଦ୍ଧତି ରାଷ୍ଟ୍ରୀୟ ଆୟୋଗ ନିର୍ଦ୍ଦେଶରେ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। 'ଯକ୍ଷ୍ମାମୁକ୍ତ ଭାରତ ସଚେତନତା ଅଭିଯାନ' ଏହାର ଲକ୍ଷ୍ୟ ଥିଲା। ଏଥିରେ ଆଠଗଡ଼ ବିଡିଓ ଆକାଶ ପଣ୍ଡା, ଏବିଡିଓ ନବ କଟକିଆ ପ୍ରମୁଖ ଯୋଗଦେଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଖଣ୍ଡପୁର ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ବିଦ୍ୟାର୍ଥୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ଦ୍ରବ୍ୟ ବଣ୍ଟନ କରାଯାଇଥିଲା। ଏଥିସହ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ଶୀତଳ ଜଳର ବ୍ୟବସ୍ଥା କରାଯାଇଥିଲା। ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସତ୍ୟଚୈତନ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିସବୁ ସେବା କାର୍ଯ୍ୟ ସମ୍ପାଦିତ ହୋଇଥିଲା।

ପ୍ରଥମ ଥର ପାଇଁ
ଇସବଗୁଲ୍
ବନସାର ଆପଣଙ୍କ ପାଇଁ ଆଣିଛି
100% ରିଫଣ୍ଡ ଅଫର୍*
ପ୍ରଥମେ ବ୍ୟବହାର କରନ୍ତୁ। ତାପରେ ବିଶ୍ୱାସ କରନ୍ତୁ।
ଯଦି ଆପଣ ବନସାର ଇସବଗୁଲ୍ କୁ ୧୫ ଦିନ ବ୍ୟବହାର କରିବା ପରେ ମଧ୍ୟ ସନ୍ତୁଷ୍ଟ ନୁହନ୍ତି ତେବେ ଖୋଲା ଯାଇଥିବା ବ୍ୟବହୃତ ପ୍ୟାକ୍ ସହିତ ଆପଣଙ୍କର ମୁହଁ, ପ୍ୟାକ୍ ଓ ଲାଲ୍ ଷ୍ଟ୍ରିପକୁ ଉପଯୁକ୍ତ ଭାବରେ ଦୃଶ୍ୟମାନ କରି ଫଟୋ ନିଅନ୍ତୁ ଓ ଏହାକୁ ଅପଲୋଡ୍ କରନ୍ତୁ।
ଅଧିକ ସବିଶେଷ ପାଇଁ ପରିଦର୍ଶନ କରନ୍ତୁ www.vansaar.com ବା କ୍ୟୁଆର କୁ ସ୍କାନ କରନ୍ତୁ
ନିକଟତମ ସ୍ଥାନୀୟ ଷ୍ଟୋର, www.vansaar.com ଓ ସମସ୍ତ ଅଗ୍ରଣୀ ଅନଲାଇନ୍ ଷ୍ଟୋରରେ ଉପଲବ୍ଧ।
- ଦୃଶ୍ୟମାନ ଉନ୍ନତ ସିଙ୍ଗିଲ୍ ବ୍ଲେଣ୍ଡ ଇସବଗୁଲ୍ ସହିତ ଧଳା, ସଫା ଓ ବଡ଼ ଫ୍ଲେକ୍‌ସ
- ବିଜ୍ଞାନସମ୍ମତ ଭାବରେ ଉନ୍ନତ ଅନ୍ୟ ଇସବଗୁଲ୍ ତୁଳନାରେ ୨୬% ଅଧିକ ଡାଏଟାରି ଫାଇବର
- ଉନ୍ନତ କାର୍ଯ୍ୟକାରୀତା ଉତ୍କୃଷ୍ଟ ମାନ ହେତୁ





*Terms & conditions apply
Get a coupon equal to your purchase value - redeemable on Vansaar website.

## ସେଲ୍‌ଫି କର୍ଣ୍ଣରଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୁକେଶ



@ ନୀରଜ



@ ଶିବୁନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆମ ବସ୍ ଧକ୍କାରେ ବାଇକ୍‌ଚାଳକ ମୃତ, ଜଣେ ଗୁରୁତର

**ବାଲିଅନ୍ତା,୧୪।୫(ନୀଳମାଧବ ସାହୁ)**

ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ପଞ୍ଚାୟତର ଜିତିକାରସୁଆଲୋ ନିକଟ ମାଣିଆ ପାଟଣାଠାରେ ବୁଧବାର ଅପରାହ୍ଣରେ ଆମ ବସ୍ ଧକ୍କାରେ ଜଣେ ବାଇକ୍‌ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱର ମୈତ୍ରୀ ବିହାର ଥାନା ଅଧୀନ ସାଲିଆସାହିର ନୀଳଚକ୍ର ନଗରରେ ରହୁଥିବା ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ଅଶୋକ ବଳ (୫୪)। ସେହିପରି ଗୁରୁତର ଆହତ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଞ୍ଚଳର ନରେଶ ସ୍ୱାଇଁ। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ଦୁର୍ଘଟଣାଗ୍ରସ୍ତ ବାଇକ୍।

ସୂଚନା ଅନୁଯାୟୀ, ଅଶୋକ ଏବଂ ନରେଶ ଗାଁରୁ ବାଇକ୍‌ଯୋଗେ ହଂସପାଳ-ବନମାଳୀପୁର ଅଭୟମୁଖୀ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଏହି ସମୟରେ ଯାତ୍ରୀଙ୍କୁ ନେଇ ବସ୍‌ଟି ଭୁବନେଶ୍ୱରରୁ ଅଡ଼ଶପୁର ଯାଉଥିଲା। ମାଣିଆ ପାଟଣାଠାରେ ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଅଶୋକଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତା ଅବରୋଧ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡ଼ା ସଦଳବଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ତେବେ ଦୁର୍ଘଟଣା ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ପୋଲିସ ସମ୍ପୃକ୍ତ ବସ୍ (ଓଡି ୩୩ ୟୁ ୭୩୬୨)କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ବସ୍ ଜବତ, ଚାଳକ ଅଟକ

# ନନ୍ଦନକାନନରେ ସିଂହ ଆକାଶର ମୃତ୍ୟୁ

**ତ୍ରିଶୂଳିଆ,୧୪।୫(ତୁଷାରକାନ୍ତ ବେହେରା)**

ନନ୍ଦନକାନନ ପ୍ରାଣୀଉଦ୍ୟାନର ହାଇବ୍ରିଡ୍ ସିଂହ ଆକାଶର ବାର୍ଦ୍ଧକ୍ୟଜନିତ ହେତୁ ବୁଧବାର ମୃତ୍ୟୁ ହୋଇଛି। ସେ ଗତ କିଛି ମାସ ହେବ ବାର୍ଦ୍ଧକ୍ୟ କାରଣରୁ ପକ୍ଷାଘାତରେ ପୀଡ଼ିତ ହୋଇ ପଛ ଗୋଡ଼ରେ ଚାଲି ପାରୁ ନ ଥିଲା। ସେଥିଲାଗି ତାକୁ ଖାଦ୍ୟଗ୍ରହଣ କକ୍ଷରେ ରଖାଯାଇ ଚିକିତ୍ସା କରାଯାଉଥିଲା। ମୃତ୍ୟୁ ପରେ ମୃତଦେହ ବ୍ୟବଚ୍ଛେଦ କରି ପୋଡ଼ି ଦିଆଯାଇଛି। ଆକାଶକୁ ଗତ ୨୦୧୪ ମସିହାରେ ବେଙ୍ଗାଲୁରୁସ୍ଥିତ ବନେରୁଘାଟା ଚିଡ଼ିଆଖାନାରୁ ସିଂହ- ନରସିଂହା, ରାଧା ଓ ରୁକ୍ମିଣୀଙ୍କ ସହିତ ଅଣାଯାଇଥିଲା। ଆକାଶର ମୃତ୍ୟୁ ପରେ ସିଂହ ସଂଖ୍ୟା ୨୨କୁ ହ୍ରାସ ପାଇଥିବାବେଳେ ହାଇବ୍ରିଡ୍ ସିଂହ ସଂଖ୍ୟା ୬କୁ ଖସି ଆସିଛି। ୨୨ ସିଂହ ମଧ୍ୟରେ ୧୩ ଅଣ୍ଡିରା ଓ ୯ ମାଈ ଅଛନ୍ତି। ୬ ହାଇବ୍ରିଡ୍ ସିଂହ ମଧ୍ୟରେ ୩ ଅଣ୍ଡିରା ଓ ୩ ମାଈ ଅଛନ୍ତି।

# ବ୍ୟବସାୟୀଙ୍କ ଆକାଉଣ୍ଟରୁ ଠକିନେଲେ ୧୨ ହଜାର

**ଜଟଣୀ,୧୪।୫ (ରବୀନ୍ଦ୍ରନାଥ ମହାକୁଡ଼)**

ସମୟ ସହ ଠକଙ୍କ ଠକାମି ଓ ଲୁଟ୍‌ର ତରିକା ବଦଳିବାରେ ଲାଗିଛି। ଠକ ସାଧାରଣ ଲୋକଙ୍କୁ ଠକିବାରେ ନୂଆ ପନ୍ଥା ଅବଲମ୍ବନ କରୁଛନ୍ତି। ନୂତନ ଜ୍ଞାନକୌଶଳ, ପ୍ରଯୁକ୍ତି ବିଦ୍ୟାକୁ ନେଇ ସାଇବର ଠକ ଲୋକଙ୍କୁ ଆଖି ପିଛୁଳାକେ ଚୂନ ଲଗାଉଛନ୍ତି। ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ବିନା ଦ୍ୱିଧାରେ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି। ବର୍ତ୍ତମାନ ସମୟରେ ଲୋକେ ସହଜ ନେଣଦେଣ ପାଇଁ ବିଭିନ୍ନ ଆପ୍ ମାଧ୍ୟମରେ କାରବାର କରୁଥିବାରୁ ସାଇବର ଠକ ଏହାର ଫାଇଦା ଉଠାଉଛନ୍ତି। ଏଭଳି ସ୍ଥିତିରେ ଦିନକୁ ଦିନ ସାଇବର ଠକଙ୍କ ପ୍ରାଦୁର୍ଭାବ ଲାଗିରହିଛି।

ବୁଧବାର ଜଟଣୀ ପୌରାଞ୍ଚଳ ହାଟ ବଜାର ଅଞ୍ଚଳର ବ୍ୟବସାୟୀ ଅଶେଷ କୁମାର ପାଢ଼ୀ ସାଇବର ଠକାମିର ଶିକାର ହୋଇଛନ୍ତି। ପାଢ଼ୀଙ୍କ କାନାରା ବ୍ୟାଙ୍କରେ ରହିଥିବା ସଞ୍ଚୟ ଖାତାରୁ ସାଇବର ଠକ ୧୨ ହଜାର ଟଙ୍କା ଲୁଟି ନେଇଛନ୍ତି। ସକାଳ ୭ଟା ସମୟରେ ତାଙ୍କ ସଞ୍ଚୟ ଖାତାରୁ ମାଇ-୧୧ ସର୍କଲ ଆପ୍‌କୁ ଉକ୍ତ ଟଙ୍କା ଯାଇଥିବା ଜାଣିବାକୁ ପାଇଥିଲେ। କୌଣସି ଅନ୍‌ଲାଇନ ଗେମ୍ ଆପ୍ ନିଜ ମୋବାଇଲରେ କିମ୍ବା ଅନ୍‌ଲାଇନ ଖେଳରେ ରୁଚି ନ ଥିବାରୁ କିପରି ବିନା ଅନୁମତିରେ ଟଙ୍କା ଆକାଉଣ୍ଟରୁ କଟିଲା ଏବଂ ସାଇବର ଠକାମିର ଶିକାର ହୋଇଥିବା ଜାଣି ଏନେଇ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଜଟଣୀ ପୋଲିସ ତଦନ୍ତ ଚଳାଇଛି।

# ବଳାତ୍କାର ଅଭିଯୋଗ : ଜଣେ ଅଟକ

**ପିପିଲି,୧୪।୫(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ଗତ କିଛିଦିନ ହେବ ପିପିଲି ଥାନା ଅଞ୍ଚଳରେ ନାବାଳିକା ବଳାତ୍କାର ଗୋଟେ ପରେ ଗୋଟେ ଘଟିଚାଲିଛି। ୪ଟି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି। ପୁଣି ମଙ୍ଗଳବାର ପିପିଲି ଥାନା ଅନ୍ତର୍ଗତ ସାତଶଙ୍ଖ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ପିପିଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ମିଳିଥିବା ସୂଚନା ମୁତାବକ, ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ହେଲେ ବସନ୍ତ ମଲ୍ଲିକ(ଜିତୁ)। ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ପିପିଲି ପୋଲିସ ଥାନାରେ ଅଟକ ରଖି ମାମଲାର ତଦନ୍ତ ଚଳାଇଛି। ଏନେଇ କେସ୍ ନଂ.୨୯୭/୨୫ରେ ଅଭିଯୁକ୍ତଙ୍କୁ ହାଜତରେ ରଖାଯାଇଛି ବୋଲି ପିପିଲି ଆରକ୍ଷୀ ଅଧୀକ୍ଷକ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

# ଏସିଆନ୍ ଟାଏକୋଣ୍ଡୋ ପାଇଁ ୬ ଖେଳାଳିଙ୍କ ନେପାଳ ଗସ୍ତ

**ଜଟଣୀ,୧୪।୫(ରବୀନ୍ଦ୍ରନାଥ ମହାକୁଡ଼)**

ଏସିଆନ୍ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ଓଡ଼ିଶା ଖେଳାଳି ବୁଧବାର ନେପାଳ ଯାତ୍ରା କରିଛନ୍ତି। ସୂଚନା ମୁତାବକ, ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ନେପାଳର କାଠମାଣ୍ଡୁଠାରେ ଅନ୍ତର୍ଜାତୀୟ ଏସିଆନ୍ ଟାଏକୋଣ୍ଡୋ ପ୍ରତିଯୋଗିତା ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାରୁ ୬ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନେ କୋଚ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ବିଚାରକ ତଥା ଅନ୍ତର୍ଜାତୀୟ ପ୍ରଶିକ୍ଷକ ଅଶୋକ କୁମାର ସାହୁ ଏବଂ ଭାରତୀ ଜଗଦ୍ଦେବଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରୁ ନେପାଳ ଅଭିମୁଖେ ଯାତ୍ରା କରିଛନ୍ତି। ୬ ଖେଳାଳିମାନେ ହେଲେ ଅଭିଜିତ କୁମାର ସାହୁ, ପ୍ରଭୁପାଦ ଖମାରୀ, ବିଶ୍ୱରଞ୍ଜନ ଅମରଦୀପ, ନମନ ଶର୍ମା, ରୁଦ୍ର, ସିଦ୍ଧାର୍ଥ ସର୍ବପ୍ରିୟ ସାହୁ।




ନେପାଳ ଗସ୍ତରେ ବାହାରିଥିବା ଖେଳାଳିମାନେ।

# ବେଆଇନ କୁକୁଡ଼ା ଫାର୍ମ ଜବରଦଖଲ ଉଚ୍ଛେଦ

**ବାଲିପାଟଣା,୧୪।୫(ଅଭିମନ୍ୟୁ ନାୟକ)**

ବାଲିପାଟଣା ତହସିଲ ଅଧୀନ ବାଗଲପୁର ଗାଁରେ ବେଆଇନ ଭାବେ ହୋଇଥିବା କୁକୁଡ଼ା ଫାର୍ମକୁ ତହସିଲ ପ୍ରଶାସନ ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି। ସୂଚନା ମୁତାବକ, ଗ୍ରାମର ଗଙ୍ଗାଧର ସାହୁ ବେଆଇନ ଭାବେ ଆଇତଲଙ୍ଗ ଶ୍ମଶାନ କିସମ ଜମି ପ୍ଲଟ୍ ନମ୍ବର ୧୫୦୫ରେ ୧୫ ଡିସିମିଲ ପରିସୀମାର ସରକାରୀ ଜାଗା ଉପରେ ଏକ କୁକୁଡ଼ା ଫାର୍ମ କରିଥିଲେ। ମାତ୍ର ଏହି ଜାଗା ଗାଁର ଶ୍ମଶାନ ପାଇଁ ଉଦ୍ଦିଷ୍ଟ ଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ଉକ୍ତ ବ୍ୟକ୍ତି ଗ୍ରାମବାସୀଙ୍କ ବାରଣକୁ ଭୃକ୍ଷେପ ନ କରି ଘରକାମ ଚାଲୁ ରଖିଥିଲେ। ଗ୍ରାମବାସୀ ଅନ୍ୟ ଉପାୟ ନପାଇ ବାଲିପାଟଣା ତହସିଲରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ବାଲିପାଟଣା ତହସିଲଦାର କଳ୍ପନା ଦାସ ତୁରନ୍ତ ସେ ଜାଗାରେ କନ୍‌ଷ୍ଟ୍ରକଶନ କାମ ନ କରିବାକୁ ଅବରୋଧ କେସ୍ ନଂ. ୧୭୨/୨୩-୨୪ରେ ୧୩ ତାରିଖ ମଧ୍ୟରେ ଘର ନ ଭାଙ୍ଗିଲେ ତହସିଲ ପ୍ରଶାସନ ପଦକ୍ଷେପ ନେବ ବୋଲି ନୋଟିସ କରିଥିଲେ। ହେଲେ ସେ ନୋଟିସ୍‌କୁ ଅଣଦେଖା କରି କାମ ଚାଲୁ ରଖିଥିଲେ। ବୁଧବାର ପୂର୍ବାହ୍ଣରେ ତହସିଲଦାର ଦାସ ପୋଲିସ ସହାୟତାରେ ବେଆଇନ କୁକୁଡ଼ା ଫାର୍ମକୁ ଡୋଜର ଲଗାଇ ଭାଙ୍ଗି ଦେଇଛନ୍ତି। ଏହି ବେଆଇନ ଉଚ୍ଛେଦରେ ଅତିରିକ୍ତ ତହସିଲଦାର ମିଳନ ଜୟସୁଆଲ ଓ ଆଇତଲଙ୍ଗ ରାଜସ୍ୱ ଅଧିକାରୀ ଅଶ୍ୱିନୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୪୩ ଲିଟର ଦେଶୀମଦ ଜବତ, ୨ ଗିରଫ

**ବେଗୁନିଆ,୧୪।୫(ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ବୁଧବାର ୨ଟି ସ୍ଥାନରେ ଚଢ଼ାଉ କରିଛି। ଚଢ଼ାଉରୁ ମୋଟ ୪୩ ଲିଟର ଦେଶୀମଦ ଜବତ ହୋଇଥିବାବେଳେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜିଲା ଭ୍ରାମ୍ୟମାଣ ଅଧିକାରୀ ଥାର୍ପା ମାରାଣ୍ଡି କହିଛନ୍ତି। ସେମାନେ ହେଲେ ସିକୋ (ଗୋଡ଼ିସାହି) ଗ୍ରାମର ସଞ୍ଜୟ ସାମନ୍ତରାୟ ଓ କଦମ୍ବଝୁଲା ଗ୍ରାମର ବୈକୁଣ୍ଠ ବାରିକ।

# କେନାଲରୁ ମୃତଦେହ ଜବତ

**ବାରଙ୍ଗ,୧୪।୫ (ଲିଙ୍ଗରାଜ ରାଉତ)**

ପୁରୀ ମୁଖ୍ୟ କେନାଲ ଭିତରୁ ବାରଙ୍ଗ ପୋଲିସ ବୁଧବାର ଏକ ମୃତଦେହ ଜବତ କରିଛି। ସକାଳୁ ପଞ୍ଚୁପାଳ ଗ୍ରାମ ନିକଟରେ ପୁରୀ ମୁଖ୍ୟ କେନାଲରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଥାନାରେ ଖବର ଦେଇଥିଲେ। ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମୃତଦେହ ଜବତ କରି କଟକ ବଡ଼ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଦେହ ଖାଲିଦେହରେ ପାଣିରେ ୩ରୁ ୪ ଦିନ ହେବ ପଡ଼ିରହିବାରୁ ଶରୀର ଫୁଲିଯାଇଛି। ମୃତକଙ୍କ ବୟସ ୪୫ରୁ ୫୦ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ।

# ରାସ୍ତା କାମବେଳେ ମିସ୍ତ୍ରିଙ୍କ ମୃତ୍ୟୁ

### ଅଂଶୁଘାତ ଜନିତ ମୃତ୍ୟୁ ସନ୍ଦେହ

**ବାରଙ୍ଗ,୧୪।୫ (ଲିଙ୍ଗରାଜ ରାଉତ)**

ଚନ୍ଦକାରେ ରାସ୍ତା କାମ କରୁଥିବା ସମୟରେ ବୁଧବାର ଜଣେ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜର ବାବୁରାମ ବେହେରା। ସୂଚନା ମୁତାବକ, ଚନ୍ଦକା ସରକାରୀ ଡାକ୍ତରଖାନାର ୨ ପଟ ରାସ୍ତା ଏବେ ଚଉଡ଼ା ହୋଇ ଇଟା କାମ ଚାଲିଛି। ଏଥିରେ ଶ୍ରମିକ ଓ ମିସ୍ତ୍ରିଙ୍କୁ ଜୈନିକ ଠିକାଦାର କାମ କରାଉଛନ୍ତି। ବାବୁରାମ ମିସ୍ତ୍ରୀ ଏହି ରାସ୍ତାକାମରେ ନିୟୋଜିତ ଥିଲେ। ବୁଧବାର ପୂର୍ବାହ୍ଣରେ ବାବୁରାମ କାମ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ମେଣ୍ଢାଶାଳ ଡାକ୍ତରଖାନାକୁ ନେଇଥିଲା। ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ପରେ ଖୋର୍ଦ୍ଧା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ରବି ଫସଲ ପ୍ରତି ଧ୍ୟାନ ଦେବାକୁ ଚାଷୀଙ୍କୁ ପରାମର୍ଶ

**କୃଷ୍ଣପ୍ରସାଦ,୧୪।୫ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

### କୃଷି ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କୃଷି ବିଭାଗ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅଲଣ୍ଡା ପଞ୍ଚାୟତର ତିଛିଣି ବୀଣାପାଣି ଯୁଥ କ୍ଲବ ପରିସରରେ ସ୍ଥାନୀୟ ଅଞ୍ଚଳର କୃଷକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ ଯୋଗଦେଇ କୃଷକଙ୍କ ସ୍ୱାର୍ଥ ନିମନ୍ତେ ସରକାରଙ୍କ କୃଷି ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଧାନଚାଷ ପରେ ଅଧିକାଂଶ ଜମି ଖାଲି ପଡୁଥିବାରୁ ସେନେଇ କୃଷି ଅଧିକାରିଣୀ ଉଦ୍‌ବେଗ ପ୍ରକାଶ କରିଥିଲେ। ସମସ୍ତ ଚାଷୀ ଧାନ ଅମଳ ପରେ କିଭଳି ଜମିରେ ରବି ଫସଲ ଚାଷ କରି ଲାଭବାନ୍ ହୋଇପାରିବେ, ସେ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ପ୍ରାୟ ଚାଷୀ ଧାନ ଅମଳ ପରେ ଜମିରେ କୌଣସି ଚାଷ କରୁ ନ ଥିବା ପରିଲକ୍ଷିତ ହୋଇଛି। ତେଣୁ ସମସ୍ତ ଚାଷୀ ରବି ଫସଲ ପ୍ରତି ଧ୍ୟାନ ଦେବାକୁ କୃଷି ଅଧିକାରିଣୀ ପରାମର୍ଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ସମସ୍ତ କୃଷକଙ୍କୁ ଉନ୍ନତମାନର ବିହନ ସହ ଆନୁଷଙ୍ଗିକ ସହାୟତା ରାଶି ଯୋଗାଇ ଦିଆଯାଉଥିବାରୁ ସମସ୍ତ ଚାଷୀ ଏହି ଯୋଜନାରେ ସାମିଲ ହେବାକୁ ସେ କହିଥିଲେ। ଧାନ ଫସଲ ଅପେକ୍ଷା ରବି ଫସଲ କରି ଚାଷୀ କିଭଳି ଅଧିକ ଲାଭବାନ୍ ହୋଇପାରିବେ, ସେ ସମ୍ପର୍କରେ ସେ ମତ ରଖିଥିଲେ। ଚାଷଜମିଗୁଡ଼ିକର ମୃତ୍ତିକା ପରୀକ୍ଷା କରାଯାଇ ଚାଷ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ସମସ୍ତ ଚାଷଜମିକୁ ଜଳସେଚନର ସୁବିଧା ନ ଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଆତ୍ମା ପରାମର୍ଶ କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ସହକାରୀ କୃଷି ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ତିଛିଣି ଗ୍ରାମ୍ୟ କମିଟି ସଭାପତି ଅର୍ଜୁନ ଜେନା, ସମ୍ପାଦକ କୁମର ସାହୁ, ଶରତ ଚନ୍ଦ୍ର ଜେନା, ଶ୍ରୀଧର ପଲେଇ, ଦୀନବନ୍ଧୁ ଜେନା, ହିରଣ୍ୟ ଜେନା, ଏକାଦଶୀ ଜେନା, ଲିଙ୍ଗରାଜ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ବାସେଳୀ ଠାକୁରାଣୀଙ୍କ ଚୈତ୍ରପର୍ବ ଯାତ୍ରା



ମା'ଙ୍କ ଚୈତ୍ର ପର୍ବ ଯାତ୍ରା ଅବସରରେ ଘୋଡ଼ା ପୂଜା କରାଯାଉଛି।

**ଟାଙ୍ଗୀ-ଖୋର୍ଦ୍ଧା,୧୩।୫(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅଧୀନ ବାଲିପାଟପୁର ଗ୍ରାମପଞ୍ଚାୟତର ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ମଧ୍ୟରେ ମା' ବାସେଳୀ ଠାକୁରାଣୀଙ୍କ ଚଇତି ପର୍ବ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମରାଳ ମାଳିନୀ ନୀଳାମ୍ବୁ ଚିଲିକା ସନ୍ନିକଟ ଠାକୁରାଣୀଙ୍କ ମନ୍ଦିରରେ ଚୈତ୍ର ପୂର୍ଣ୍ଣିମାରେ ମା'ଙ୍କ ପୁଞ୍ଜୁରୀରେ ଘୋଡ଼ାମୁଣ୍ଡି ଯୋଚା ଯାଇଥାଏ। ବୈଶାଖ ମାସ ସାରା ପ୍ରତି ଦ୍ୱାର ଦ୍ୱାର ବୁଲି ମା' ଭୋଗ ଖାଇଥାନ୍ତି। ଶେଷରେ ବୈଶାଖ ପୂର୍ଣ୍ଣିମାରେ ରୀତିନୀତିରେ ମା'ଙ୍କ ପୁଞ୍ଜୁରୀରୁ ମୁଣ୍ଡ ଉତୁରା ଯିବା ପରେ ପରେ ୨୧ କୁମ୍ଭରେ ଠାକୁରାଣୀଙ୍କ ମୁଣ୍ଡରେ ପାଣି ଢଳାଯାଇ ଠାକୁରାଣୀ ମନ୍ଦିରକୁ ପ୍ରବେଶ କରିଥାନ୍ତି। ଚଳିତବର୍ଷ ପର୍ବରେ ସମସ୍ତ ଗ୍ରାମବାସୀଙ୍କ ସହିତ ଭିକାରି ବେହେରା, ଫକୀର ବେହେରା, ଡ. ଈଶାଣୀ ବେହେରା, ନବକିଶୋର ବେହେରା, ଗଦାଧର ବେହେରା, କାଳିଆ ବେହେରା, ପ୍ରଭାକର ବେହେରା, ସଁବାରି ବେହେରା, ମାନିଆ ବେହେରା, ରବି ବେହେରା, ଅଭି ବେହେରା, ଗାୟକ ସାରଙ୍ଗଧର ବେହେରା, ଜୟ ବେହେରା, ପାଳିଆ ଡାକ ବେହେରା, ବାଦଲ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ପ୍ରଥମ ଥର ପାଇଁ
ଇସବଗୁଲ୍
ବନସାର ଆପଣଙ୍କ ପାଇଁ ଆଣିଛି
100% ରିଫଣ୍ଡ ଅଫର୍*
ପ୍ରଥମେ ବ୍ୟବହାର କରନ୍ତୁ। ତାପରେ ବିଶ୍ୱାସ କରନ୍ତୁ।
ଯଦି ଆପଣ ବନସାର ଇସବଗୁଲ୍ କୁ ୧୫ ଦିନ ବ୍ୟବହାର କରିବା ପରେ ମଧ୍ୟ ସନ୍ତୁଷ୍ଟ ନୁହନ୍ତି ତେବେ ଖୋଲା ଯାଇଥିବା ବ୍ୟବହୃତ ପ୍ୟାକ୍ ସହିତ ଆପଣଙ୍କର ମୁଁହ, ପ୍ୟାକ୍ ଓ ଲାଲ୍ ଷ୍ଟ୍ରିପକୁ ଉପଯୁକ୍ତ ଭାବରେ ଦୃଶ୍ୟମାନ କରି ଫଟୋ ନିଅନ୍ତୁ ଓ ଏହାକୁ ଅପଲୋଡ୍ କରନ୍ତୁ।
ଅଧିକ ସବିଶେଷ ପାଇଁ ପରିଦର୍ଶନ କରନ୍ତୁ www.vansaar.com ବା କ୍ୟୁଆର କୁ ସ୍କାନ କରନ୍ତୁ
ନିକଟତମ ସ୍ଥାନୀୟ ଷ୍ଟୋର, www.vansaar.com ଓ ସମସ୍ତ ଅଗ୍ରଣୀ ଅନଲାଇନ୍ ଷ୍ଟୋରରେ ଉପଲବ୍ଧ।
• ଦୃଶ୍ୟମାନ ଉନ୍ନତ ସିଙ୍ଗିଲ୍ ବ୍ଲେଣ୍ଡ ଇସବଗୁଲ୍ ସହିତ ଧଳା, ସଫା ଓ ବଡ଼ ଫ୍ଲେକ୍ସ
• ବିଜ୍ଞାନସମ୍ମତ ଭାବରେ ଉନ୍ନତ ଅନ୍ୟ ଇସବଗୁଲ୍ ତୁଳନାରେ ୨୬% ଅଧିକ ଡାଏଟାରି ଫାଇବର
• ଉନ୍ନତ କାର୍ଯ୍ୟକାରୀତା ଉତ୍କୃଷ୍ଟ ମାନ ହେତୁ


*Terms & conditions apply
Get a coupon equal to your purchase value - redeemable on Vansaar website.

## ଶିକ୍ଷାବିତ ପ୍ରଭାତ କରଙ୍କ ଉଦ୍ଦେଶ୍ୟରେ ଶୋକସଭା

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ଖ୍ରୀଷ୍ଟ କଲେଜର ପୂର୍ବତନ ଅଧକ୍ଷ ତଥା ଅଲିଶା ବଜାର ଦୁର୍ଗାପୂଜା କମିଟି ପ୍ରାକ୍ତନ ସଭାପତି ବିଶିଷ୍ଟ ଶିକ୍ଷାବିତ ପ୍ରଭାତ କୁମାର କରଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅଲିଶା ବଜାର ଦୁର୍ଗାପୂଜା କମିଟି ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ପୂଜାମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଭାତ କର ଜଣେ ନୀତିନିଷ୍ଠ, ସ୍ପଷ୍ଟବାଦୀ ଓ ନିର୍ଭିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁରଲୀଧର ବେହେରା, ଦେବ କୁମାର ରାଉତରାୟ, ଲକ୍ଷ୍ମୀକାନ୍ତ ସାହୁ, ଅଶୋକ ଦାଶ, ରଣଜିତ କର, ନିରଞ୍ଜନ ପତି, ସୁଶାନ୍ତ ସ୍ୱାଇଁ, ନାରାୟଣ ସାହୁ, ରଞ୍ଜନ ପରିଡ଼ା, ରଶ୍ମି ରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମୁକେଶ



@ ନୀରଜ



@ ଶିବୁନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମିଳୁନାହାନ୍ତି ସ୍ଥାୟୀ ଅଧୀକ୍ଷକ

କଟକ,୧୪।୫(ଶିକ୍ଷା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)କୁ ଦୀର୍ଘ ୮ ମାସ ପରେ ମଧ ସ୍ଥାୟୀ ଅଧୀକ୍ଷକ ମିଳିପାରିଲାନାହିଁ। ଏସ୍‌ସିବିରେ ରାଜ୍ୟ ସରକାର ବୁଧବାର କାମଚଳା ଅଧୀକ୍ଷକ ଭାବେ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ନିଯୁକ୍ତି ଦେଇଥିବା ନେଇ ଚିଠି ନମ୍ବର-୧୩୧୯୬ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଧବାର ଅପରାହ୍ନରେ ମେଡିକାଲର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଡା. ଗୌତମ ଶତପଥୀ ଦାୟିତ୍ୱ ଗ୍ରହଣ କରିଥିଲେ। ମେଡିକାଲ କଲେଜ ଅଧକ୍ଷା ତଥା ତତ୍କାଳୀନ ଦାୟିତ୍ୱରେ ଥିବା ଅଧୀକ୍ଷକ ପ୍ରଫେସର ଡା. ଲୁସି ଦାସ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

ସୂଚନା ଅନୁଯାୟୀ, ମେଡିକାଲରେ ଅଧୀକ୍ଷକ ପଦବୀରେ ନିଯୁକ୍ତି ପାଇଁ ସରକାର ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ନିୟମାବଳୀକୁ ପାଳନ କରିଥାନ୍ତି। ନିୟମ ଅନୁଯାୟୀ ୫ ବର୍ଷରୁ ଅଧିକ ସମୟ ପ୍ରଫେସର ପଦବୀ ସହ ବିଭାଗୀୟ ମୁଖ୍ୟ ଦାୟିତ୍ୱ ତୁଲାଇଥିବା ପ୍ରଫେସରଙ୍କ ବରିଷ୍ଠତା ଓ ଯୋଗ୍ୟତା ମାନଦଣ୍ଡକୁ ଆଧାରକରି ନୂତନ ଅଧୀକ୍ଷକ ଚୟନ କରାଯାଇଥାଏ। ଏସ୍‌ସିବିର ତତ୍କାଳୀନ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଗତ ଅଗଷ୍ଟ ୩୧ରେ ଅବସର ଗ୍ରହଣ କରିଥିଲେ। ପୂର୍ବରୁ ମେଡିକାଲ କଲେଜର ତତ୍କାଳୀନ ଅଧକ୍ଷ ପ୍ରଫେସର ଡା. ପ୍ରସେନଜିତ ମହାନ୍ତି ଅବସର ଗ୍ରହଣ କରିଥିଲେ। ମେଡିକାଲରେ ଦୁଇଦୁଇଟି ବଡ଼ ପଦବୀ ଖାଲି ପଡ଼ିଥିବାବେଳେ ଗତ ନଭେମ୍ବରରେ ମେଡିକାଲ କଲେଜ ଅଧକ୍ଷା ତଥା ଅଧୀକ୍ଷକ ଦାୟିତ୍ୱ ତୁଲାଇବା ପାଇଁ ପ୍ରଫେସର ଡା. ଲୁସି ଦାସଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଥିଲେ। ଅନ୍ୟପଟେ ଏସ୍‌ସିବି ମେଡିକାଲରେ କାମଚଳା ଅଧୀକ୍ଷକ ଡା. ଶତପଥୀ ଗତବର୍ଷ ଏପ୍ରିଲରେ ପଦୋନ୍ନତି ପାଇ ଏସ୍‌ସିବିରୁ ସୁନ୍ଦରଗଡ଼ ମେଡିକାଲକୁ ଯାଇଥିଲେ ଏବଂ କିଛି ମାସ ବ୍ୟବଧାନରେ ପୁନର୍ବାର ଏସ୍‌ସିବିର ଅର୍ଥୋପେଡିକ ବିଭାଗକୁ ଆସିଥିଲେ। ଏବେ ଡା. ଶତପଥୀ ମେଡିକାଲର ଅର୍ଥୋପେଡିକ ବିଭାଗର ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ସରକାର ଏମ୍ସ ପ୍ଲସ୍ ହେବାକୁ ଯାଉଥିବା ଏସ୍‌ସିବି ମେଡିକାଲକୁ ପୂର୍ବରୁ କାମଚଳା ଅଧୀକ୍ଷକ ନିଯୁକ୍ତି କରିବା ପରେ ଏବେ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି କରାଇବେ ବୋଲି ଆଶା ଥିବାବେଳେ ପୁନର୍ବାର କାମଚଳା ଅଧୀକ୍ଷକ ନିଯୁକ୍ତି କରି ଏସ୍‌ସିବିକୁ ଉପହାସ କରିଥିବା ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି।




**ଏସ୍‌ସିବି ମେଡିକାଲ**
**୮ ମାସ ମଧ୍ୟରେ ୨ଥର କାମଚଳା ଅଧୀକ୍ଷକ ନିଯୁକ୍ତ**

## ବେଆଇନ ପଥର ଖାଦାନ ପାଣିରେ ବୁଡ଼ି ବୃଦ୍ଧ ମୃତ

ମଙ୍ଗୁଳି-ଜଗତପୁର,୧୪।୫(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମରେ ବେଆଇନ ପଥର ଖାଦାନ ପାଣିରେ ବୁଡି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ହେଲେ ସେହି ଗ୍ରାମର ନିତ୍ୟାନନ୍ଦ ଦେହୁରୀ। ସୂଚନା ମୁତାବକ, ପ୍ରତିଦିନ ପରି ନିତ୍ୟାନନ୍ଦ ସକାଳୁ ନିତ୍ୟକ୍ରମ ପାଇଁ ଯାଇଥିଲେ। କିଛି ସମୟ ପରେ କେହି ଜଣେ ବ୍ୟକ୍ତି ବେଆଇନ ପଥର ଖାଦାନ ଗର୍ତ୍ତରେ ପଡି ଯାଇଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଜଣାଇବା ସହିତ ଟାଙ୍ଗୀ ପୋଲିସକୁ ଜଣାଇଥିଲେ। ଟାଙ୍ଗୀ-ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ନିତ୍ୟାନନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା।

## 'ସଂକର୍ଷଣ ମିଶ୍ରଙ୍କ ଜୀବନ ରାଷ୍ଟ୍ର ପାଇଁ ସମର୍ପିତ ଥିଲା'

କଟକ,୧୪।୫(କାର୍ତ୍ତିକ ସାହୁ)

ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ତଥା ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦର ପୂର୍ବତନ ଉପସଭାପତି ଡ. ସଂକର୍ଷଣ ମିଶ୍ରଙ୍କ ସମଗ୍ର ଜୀବନ ଦେଶମାତୃକାର ସେବାରେ ସମର୍ପିତ ଥିଲା। ରାଷ୍ଟ୍ରର ହିତସାଧନ ଦିଗରେ ସେ ନିରନ୍ତର କାର୍ଯ୍ୟ କରି ଚାଲିଥିଲେ ବୋଲି ଗାନ୍ଧୀଭବନଠାରେ ଆୟୋଜିତ ଶୋକସଭାରେ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ସ୍ୱର୍ଗତ ମିଶ୍ରଙ୍କ ଏକାଦଶାହ ଉପଲକ୍ଷେ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ପ୍ରଫେସର ଦିନେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ଅକ୍ଷୟ କୁମାର ଦାସ, ଆରତଭଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଡ. ଗୌରୀଶଙ୍କର ସାହୁ, ଡକ୍ଟର ଚିତ୍ତରଞ୍ଜନ ପଣ୍ଡା, ଡକ୍ଟର ଧର୍ମେନ୍ଦ୍ର ଦାସ, ଡକ୍ଟର ନାରାୟଣ ମହାନ୍ତି, ଲାଲା ତରୁଣକାନ୍ତ ରାୟ ପ୍ରମୁଖ ଡ. ମିଶ୍ରଙ୍କ ସ୍ମୃତିଚାରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ. ମିଶ୍ରଙ୍କ ଦୁଇପୁଅ ବାଣୀପ୍ରସାଦ ମିଶ୍ର ଓ ସୂର୍ଯ୍ୟପ୍ରସାଦ ମିଶ୍ରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅମୃତାଳୟ ପରିଦର୍ଶନ କଲେ ପ୍ରସାଦ ହରିଚନ୍ଦନ

ଚୌଦ୍ୱାର,୧୪।୫(ଆଶୁତୋଷ ଦାସ)

ପୂର୍ବତନ ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁରସ୍ଥିତ ନେକ୍ଟାର ଅମୃତାଳୟ ପରିଦର୍ଶନ କରିଛନ୍ତି। ଅନୁଷ୍ଠାନର ପୁରାତନ ଅନ୍ତେବାସୀ ତ୍ରିଲୋଚନ ରାଉତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ହରିଚନ୍ଦନଙ୍କୁ ସ୍ୱାଗତ କରିଥିଲେ। ସେ ଦୀର୍ଘ ସମୟ ଧରି ଆଶ୍ରମ ପରିଦର୍ଶନ କରିବା ସହିତ ଅନ୍ତେବାସୀଙ୍କ ସହିତ ଭାବର ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ହରିଚନ୍ଦନ ଅନ୍ତେବାସୀମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରିବା ସହିତ ଆଶ୍ରମର କାର୍ଯ୍ୟକଳାପ ଓ ଅଗ୍ରଗତି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଆଶ୍ରମବାସୀଙ୍କ ସହିତ ଭୋଜନ କରିବା ସହିତ ସଂକୀର୍ତ୍ତନରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ଅଧକ୍ଷ ଡାକ୍ତର ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କଠାରୁ ଆଶ୍ରମର ଭବିଷ୍ୟତ ଯୋଜନା ସମ୍ପର୍କରେ ଜାଣି ଖୁସିବ୍ୟକ୍ତ କରିଥିଲେ। ହରିଚନ୍ଦନଙ୍କ ସ୍ତ୍ରୀ ରୀତା ହରିଚନ୍ଦନ, ପୁତ୍ର ଅଂଶୁମାନ, କନ୍ୟା ରୀୟାଙ୍କ ସମେତ ଡାକ୍ତର ଅବନ୍ତୀକା କର, ଡାକ୍ତର ସ୍ୱାତୀ ପଟ୍ଟନାୟକ ଏବଂ ସ୍ୱୟଁ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ ଅଫିସରଠୁ ଭଲ ମଣିଷ ହୁଅ




ଅତିଥିବୃନ୍ଦଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ମଙ୍ଗୁଳି-ଜଗତପୁର,୧୪।୫(ମାନସ ସାମଲ)

**ଲୋକ ସେବା ଫାଉଣ୍ଡେଶନ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ**

ଜଗତପୁର ଥାନା ଅଧୀନ ମଧ୍ୟକଚ୍ଛ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଲୋକ ସେବା ଫାଉଣ୍ଡେଶନ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ-୨୦୨୫ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ଅଧକ୍ଷ ହିମାଂଶୁ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରାଜୀବ ଷଡ଼ଙ୍ଗୀ, ଜପକୁଦ ମହିଳା ମହାବିଦ୍ୟାଳୟ ପ୍ରାଧାପକ ନବଘନ ନନ୍ଦ, ପୂର୍ବତନ ଟାଙ୍ଗୀ ସିଆର୍‌ସିସି ସମରେନ୍ଦ୍ର ଷଡ଼ଙ୍ଗୀ, ବରିଷ୍ଠ ଖବରଦାତା ଅକ୍ଷୟ କୁମାର ଦାସ ପ୍ରମୁଖ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ରମାନେ ପାଠପଢ଼ି ବଡ ଅଫିସର ହେବା ସ୍ୱପ୍ନ ଦେଖିବା ଅପେକ୍ଷା ଭଲ ମଣିଷ ହୁଅ ବୋଲି ପରାମର୍ଶ ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ଅତିଥିବୃନ୍ଦ ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀର ଚଳିତବର୍ଷ ମାଟ୍ରିକରେ ଏ-୧ରେ ପାସ୍ କରିଥିବା ୧୫ଜଣ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶଶିକାନ୍ତ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ବେହେରା, ବିଭୁ ପ୍ରସାଦ ଦୀକ୍ଷିତ, ରିତେଶ ଦାସ, ମନୋଜ କୁମାର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ମନ୍ଦିର ପରିଚଳନା କମିଟି ମୁଖ୍ୟ ଅଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଡିଭାଇଡରକୁ ପିଟିଲା ବାଇକ୍, ୨ ଜୀବନ ଗଲା

ମଙ୍ଗୁଳି-ଜଗତପୁର,୧୪।୫(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ବଇଁଚୁଆ ଛକ ନିକଟରେ ରାସ୍ତା ପାର୍ଶ୍ୱ ଡିଭାଇଡରରେ ଏକ ବାଇକ୍ ପିଟି ହୋଇ ଚାଳକଙ୍କ ସହ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦୁହେଁ ଯାଜପୁର ଜିଲା ବଂଶୀପୁର ଗ୍ରାମର ସୌମ୍ୟରଞ୍ଜନ ମହାପାତ୍ର (୨୪) ଓ ରାଣୀଗୋଡା ଗ୍ରାମର କାଶୀନାଥ ପ୍ରଧାନ (୨୨)। ପୋଲିସ ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଉଭୟ ଏକ ବାଇକ୍ (ନଂ. ଓଡି୩୪ ଓ ୧୧୮୪)ରେ କଟକରୁ ଯାଜପୁର ଯାଉଥିଲେ। ବଇଁଚୁଆ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ବାମ ପାର୍ଶ୍ୱ ଡିଭାଇଡରରେ ପିଟି ହୋଇ ଉଭୟ ଛିଟିକି ପଡିଥିଲେ। ଉଭୟଙ୍କ ମୁଣ୍ଡ ଡିଭାଇଡରରେ ପିଟି ହୋଇ ଗଭୀର ଆଘାତ ଲାଗିବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ କଟକ ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ବାଇକ୍‌କୁ ଟାଙ୍ଗୀ ପୋଲିସ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଛି।

# 'ମଣିଷର ସେବା ହିଁ ଈଶ୍ୱରଙ୍କ ଉପାସନା'




ମମତା ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବରେ ସମାଜସେବୀ ଶରତ କୁମାର ସାହୁଙ୍କୁ 'ମମତା ସମାଜସେବା ସମ୍ମାନ' ଓ ସୁକାନ୍ତ ପଲେଇଙ୍କୁ 'ମମତା ସ୍ମୃତି ସମ୍ମାନ' ପ୍ରଦାନ କରାଯାଉଛି।

କଟକ,୧୪।୫(କାର୍ତ୍ତିକ ସାହୁ)

**ମମତା ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ**

ମଣିଷ ମହାଚେନତାର ଅଂଶବିଶେଷ। ମଣିଷର ସେବା ହିଁ ପ୍ରକୃତ ଈଶ୍ୱରଙ୍କ ଉପାସନା। ସମାଜର ଅବହେଳିତ, ଅସହାୟ, ନିଷ୍ପେଷିତ ମଣିଷମାନଙ୍କ ସେବାକରିଶାନ୍ତିପାଉଥିବା ମଣିଷମାନେ ହେଉଛନ୍ତି ଈଶ୍ୱରଙ୍କ ପ୍ରତିନିଧି। ମଣିଷର ଅଭାବ ଅସୁବିଧାକୁ ଉପଲବ୍ଧି କରି ତା'ର ପ୍ରତିକାର କରିବା ଏକ ମହତ୍ୱପୂର୍ଣ୍ଣ କର୍ତ୍ତବ୍ୟ ବୋଲି ମମତା ଦାସଙ୍କ ତୃତୀୟ ସ୍ମୃତି ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

ମମତା ଦାସ ସ୍ମୃତି ସଂସଦ ପକ୍ଷରୁ ସାମାଜିକ କର୍ମୀ ମମତା ଦାସଙ୍କ ତୃତୀୟ ସ୍ମୃତି ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଉତ୍ସବ ଉଦ୍‌ଘାଟନ କରି କହିଲେ, ସାମାଜିକ କର୍ତ୍ତବ୍ୟ ମଣିଷର ଏକ ଦାୟିତ୍ୱ। ଦୁଃଖି ମଣିଷର ସେବା କଲେ ପ୍ରକୃତରେ ଈଶ୍ୱରଙ୍କ ଆଶୀର୍ବାଦ ମିଳେ। ସମ୍ମାନିତ ଅତିଥି ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ନିର୍ମଳ ଚନ୍ଦ୍ର ମହାପାତ୍ର କହିଲେ, ମଣିଷ ବହୁ ସଦ୍‌ଗୁଣର ଅଧିକାରୀ। ମଣିଷର ସେବା କରିବା ଦ୍ୱାରା ସଦ୍‌ଗୁଣର ପ୍ରତିଫଳନ ଘଟିଥାଏ। ପ୍ରଫେସର ବିଜୟାନନ୍ଦ ସିଂହ ଅଧକ୍ଷତା କରି କହିଲେ, ମଣିଷ ନେବା ପରିବର୍ତ୍ତେ ଦେବାର କଳାକୌଶଳକୁ ଆପଣାଇଲେ ଦେବତ୍ୱର ଅଧିକାରୀ ହୋଇପାରିବ। ସ୍ମୃତି ସଂସଦର ଉପଦେଷ୍ଟା ଡା. ରବିନାରାୟଣ ଦାସ ସ୍ୱାଗତ ଭାଷଣ ପ୍ରଦାନକରି କହିଲେ, ସେବା ହେଉଛି ମଣିଷର ଧର୍ମ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ ସମାଜସେବୀ ଶରତ କୁମାର ସାହୁଙ୍କୁ 'ମମତା ସମାଜସେବା ସମ୍ମାନ' ଓ ସୁକାନ୍ତ ପଲେଇଙ୍କୁ 'ମମତା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। କୁଳପତି ସବିତା ପ୍ରଧାନଙ୍କୁ 'ମମତାମୟୀ ସମ୍ମାନ'ରେ ସମ୍ମାନିତ କରାଯାଥିଲା। ସମ୍ମାନ ସ୍ୱରୂପ ଉଭୟଙ୍କୁ ନଗଦ ଦଶହଜାର ଟଙ୍କା, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସସ୍ମିତା ଦାସ, ସ୍ମିତା ପଟ୍ଟନାୟକ ଓ ବିପିନ୍ କୁମାର ସେନ୍ ମାନପତ୍ର ପାଠ କରିଥିଲେ। ଡ. ସାରଦା ପ୍ରସାଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଂପାଦକ ଡ. କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସଭାପତି ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

# ରାଜ୍ୟପାଳଙ୍କ କଟକ ଗସ୍ତ ଆଜି

କଟକ,୧୪।୫(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାତିଙ୍କ ଗୁରୁବାର କଟକ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସ୍ଥିତି ଏବଂ କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହିଅବସରରେ ରାଜ୍ୟପାଳ ସକାଳ ୮ଟାରେ ନେତାଜୀ ସ୍ମାରକୀ ପ୍ରବେଶ ପଥଠାରେ ପରାକ୍ରମ ଶୋଭାଯାତ୍ରା/ତ୍ରିରଙ୍ଗା ରାଲିର ଉଦ୍‌ଘାଟନ କରିବେ। ସେହିପରି ରାଜ୍ୟପାଳ, ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଉଭୟ ସହରାଞ୍ଚଳ ଓ ଗ୍ରାମୀଣ) ଅଧୀନରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ଗୃହ ପରିଦର୍ଶନ କରିବେ।

## 'ପାଠକ-ଲେଖକଙ୍କ ମଧ୍ୟରେ ସେତୁ ପାଲଟିଛି ଗୁଣ୍ଡୁଚିମୂଷା'

କଟକ,୧୪।୫(କାର୍ତ୍ତିକ ସାହୁ)

ଶିଶୁ କିଶୋର ପତ୍ରିକା ଗୁଣ୍ଡୁଚିମୂଷାର ୩୮ତମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକା ସମ୍ପାଦକ ଅଧାପକ ଗଣେଶ୍ୱର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଇଂ ଶରତ କୁମାର ନାୟକ ଯୋଗଦେଇ ଗୁଣ୍ଡୁଚିମୂଷା ପତ୍ରିକା ଦୀର୍ଘ ଚାରି ଦଶନ୍ଧି ଧରି ପାଠକ ଓ ଲେଖକଙ୍କ ମଧ୍ୟରେ ସେତୁ ପାଲଟିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ସାହିତ୍ୟିକ ରତ୍ନାକର ରାଉତ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଏବଂ ନୂଆ ନୂଆ ଲେଖିକା, ଲେଖକଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଗୁଣ୍ଡୁଚିମୂଷା ପତ୍ରିକାର ବହୁ ଅବଦାନ ରହିଛି ବୋଲି କହିଥିଲେ। ସମ୍ମାନିତ ବକ୍ତା ଶିକ୍ଷାବିତ୍ ଗୌତମ ଜେନା ସାହିତ୍ୟ ଆଜୀବନ ସାଧନାର କେନ୍ଦ୍ର ବୋଲି କହିଥିଲେ। ସମ୍ମାନିତ ଅତିଥି କବି ପ୍ରସନ୍ନ କୁମାର ଜେନା ଗୁଣ୍ଡୁଚିମୂଷା ଦ୍ୱାରା ଆୟୋଜିତ ଗଳ୍ପପାଠ ଉତ୍ସବକୁ ସାହିତ୍ୟ କ୍ଷେତ୍ରରେ ଏକ ଅଭିନବ ଉଦ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବର ପ୍ରଥମ ପର୍ବରେ ଡ. ଗୋବିନ୍ଦ ଭୂୟାଁଙ୍କ ଅଧକ୍ଷତାରେ ଅଣୁଗଳ୍ପ ପାଠ ଅନୁଷ୍ଠିତ ହୋଇଥିଲା। ଡ. ଅଜୟ ମିଶ୍ର, ଡ. ଚିତ୍ତରଞ୍ଜନ ପଣ୍ଡା ଓ ଡ. ନିଖିଳେଶ ମହାନ୍ତି ଯୋଗଦେଇଥିଲେ। ଗୀତାଞ୍ଜଳି ପୃଷ୍ଟି ଓ ଛବିରାଣୀ ପତି ପାଠୋତ୍ସବ ସଂଚାଳନ କରିଥିଲେ। ଏହି ଅବସରରେ ନିରଞ୍ଜନ ଜେନାଙ୍କ ଦ୍ୱାରା ବଙ୍ଗଳା ଭାଷାରେ ଅନୁବାଦିତ ରତ୍ନାକର ରାଉତଙ୍କ ନନ୍ଦ ଦାସର ଆତ୍ମଲିପି ପୁସ୍ତକ ଓ ଅଧାପିକା ବିସ୍ମିତା ରାଉତଙ୍କ ଇଂଲିଶରେ ଅନୁବାଦିତ ହଙ୍ଗର ଆଣ୍ଡ ଅଦର ଷ୍ଟୋରିଜ୍ ଏବଂ ଏଥିରେ ମୋ ଗପ ରହିଛି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡ. ମନୋରଞ୍ଜନ ବେହୁରା ଅତିଥି ପରିଚୟ ଓ ଡ. କ୍ଷୀରୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



# ପର୍ଯ୍ୟଟନ ଆମକୁ ଆଗକୁ ନେବ: ଉପମୁଖ୍ୟମନ୍ତ୍ରୀ



ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଏବଂ ଅନ୍ୟମାନେ।

## ପୁରୀ ଜିଲା ପରିଷଦର ୭ମ ବୈଠକ

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପରିଷଦର ୭ମ ବୈଠକ ବୁଧବାର ଜିଲାପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ଜିଲାପରିଷଦ ଏକ ବଡ ଫୋରମ। ତେଣୁ ସଦସ୍ୟମାନଙ୍କ ମତାମତକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହ ପୁରୀକୁ ଏକ ବିକଶିତ ଓ ସମୃଦ୍ଧ ଜିଲାରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ, ପୁରୀ ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ ଥିବାବେଳେ ବନ୍ୟା ଓ ବାତ୍ୟା ସବୁଠାରୁ ବଡ ବିପର୍ଯ୍ୟୟ ଘଟାଉଛି। ତେବେ ପର୍ଯ୍ୟଟନ ଆମକୁ ଆଗକୁ ନେବ। ତେଣୁ ସମସ୍ତେ ଏକ ହୋଇ ସମସ୍ୟାକୁ ଦୂରେଇ ତଳସ୍ତରରେ ଥିବା ଜନସାଧାରଣଙ୍କୁ ମୌଳିକ ସୁବିଧାସୁଯୋଗ ଯୋଗାଇବାକୁ ସେ ପରାମର୍ଶ ଦେଇଥିଲେ। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଜିଲା ପରିଷଦ ବୈଠକକୁ ପ୍ରସ୍ତୁତ ହୋଇ ଆସିବା, ପୂର୍ବ ବୈଠକର ଆଲୋଚନା ଓ ପ୍ରସ୍ତାବକୁ ସମାଧାନ ଅନୁସାରେ ବିବରଣୀରେ ସ୍ଥାନିତ କରିବା, ସମୟ ବଞ୍ଚାଇବା ପାଇଁ ପିପିଟି ମାଧ୍ୟମରେ ତଥ୍ୟ ରଖିବା ଓ ପାକିସ୍ତାନ ଉପରେ ସିନ୍ଦୂରର ପରାକ୍ରମ ସମ୍ପର୍କରେ ତିନିସେନାକୁ ସମସ୍ତ ସଦସ୍ୟଙ୍କ ସ୍ୱାକ୍ଷର ସମ୍ବଳିତ ଧନ୍ୟବାଦ ପତ୍ର ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଜଗତସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଜନ ହିତ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କାର୍ଯ୍ୟସୂଚୀ ଅନୁସାରେ ବିଭିନ୍ନ ବିଭାଗର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ବୈଠକ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ସଦସ୍ୟବୃନ୍ଦ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅପରେଶନ ସିନ୍ଦୂର ପାଇଁ ସେନାକୁ ଧନ୍ୟବାଦ ଜଣାଇ ପ୍ରତ୍ୟେକେ ଜାତୀୟ ପତାକା ପ୍ରଦର୍ଶନ କରିଥିଲେ।




୧୪।୫।୨୦୨୫

| | |
|---|---|
| ୪,୦୦,୨୩୯ ଟଙ୍କା | |
| ସୁନା | ୪୫୦ ମିଲିଗ୍ରାମ |
| ରୁପା | ୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ି ଯୁବକ ମୃତ

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ନରେନ୍ଦ୍ର ପୁଷ୍କରିଣୀରେ ବୁଧବାର ଜଣେ ଯୁବକ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ତେବେ ତାଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଜଣେ ଯୁବକ ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ିଯାଇଥିବା ନେଇ ସ୍ଥାନୀୟ ଲୋକେ ଜାଣିବା ପରେ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରିଥିଲେ। ଯୁବକଙ୍କ ପରିଚୟ ଓ ସେ କିପରି ପୋଖରୀରେ ବୁଡ଼ିଗଲେ ସେ ନେଇ ପୋଲିସ ଅନୁସନ୍ଧାନ ଚଳାଇଛି। ବର୍ତ୍ତମାନ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଚାଲିଥିବାରୁ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପୋଲିସ ଓ ଅଗ୍ନିଶମ ବାହିନୀ ନିୟୋଜିତ ଥିବା ବେଳେ ଏଭଳି ଅଘଟଣ କିପରି ଘଟିଲା ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

### ଦାଦାବଟି ମାଗି ୨ ଗିରଫ

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ଦାଦାବଟି ମାଗିବା ଅଭିଯୋଗରେ ପୁରୀ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥବଲ୍ଲଭ ଅଞ୍ଚଳରେ ରହୁଥିବା ସତ୍ୟବାଦୀ ଥାନା ଅନ୍ତର୍ଗତ ସୁକଳ ଅଞ୍ଚଳର ରଞ୍ଜନ ପ୍ରଧାନ (୨୭) ଏବଂ ଅଳଗୁମ ମାଳିସାହିର ପର୍ଶୁରାମ ସାହୁ (୪୫)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଲୁହାରଡ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୮୬/୨୫) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ନରେନ୍ଦ୍ରକୋଣଠାରେ ଯାତ୍ରୀବାହୀଗାଡ଼ିଗୁଡ଼ିକଠାରୁ ଦାଦାବଟି ଆଦାୟ କରୁଥିବା ଖବର ପାଇ ପୋଲିସର ସ୍ୱତନ୍ତ୍ର ଟିମ୍ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

### ବଳାତ୍କାର ଅଭିଯୋଗ: ଜଣେ ଅଟକ

ପିପିଲି,୧୪।୫(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଗତ କିଛିଦିନ ହେବ ପିପିଲି ଥାନା ଅଞ୍ଚଳରେ ନାବାଳିକା ବଳାତ୍କାର ଗୋଟେ ପରେ ଗୋଟେ ଘଟିଚାଲିଛି। ୪ଟି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି। ପୁଣି ମଙ୍ଗଳବାର ପିପିଲି ଥାନା ଅନ୍ତର୍ଗତ ସାତଶଙ୍ଖ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ପିପିଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ମିଳିଥିବା ସୂଚନା ମୁତାବକ, ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ହେଲେ ବସନ୍ତ ମଲ୍ଲିକ(ଜିତୁ)। ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ପିପିଲି ପୋଲିସ ଥାନାରେ ଅଟକ ରଖି ମାମଲାର ତଦନ୍ତ ଚଳାଇଛି। ଏନେଇ କେସ୍ ନଂ.୨୯୭/୨୫ରେ ଅଭିଯୁକ୍ତଙ୍କୁ ହାଜତରେ ରଖାଯାଇଛି ବୋଲି ପିପିଲି ଆରକ୍ଷୀ ଅଧୀକ୍ଷକ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

# ଏସ୍‌ପିଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍


ପିପିଲିରେ ଘଟିଥିବା ବଳାତ୍କାର ପ୍ରତିବାଦରେ ବିଜେଡି ର ଏକ ପ୍ରତିନିଧି ଦଳ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରି ଫେରୁଛନ୍ତି।

## ପିପିଲି ନାବାଳିକା ବଳାତ୍କାର ଘଟଣା

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ପିପିଲି ନାବାଳିକା ବଳାତ୍କାର ଘଟଣାକୁ ନେଇ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବୁଧବାର ପୁରୀ ଆସି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏସ୍‌ପି ବିନିତ ଅଗ୍ରୱାଲଙ୍କୁ ଭେଟି ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବି କରିଛନ୍ତି। ଏ ନେଇ ବିଜେଡି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏହି ପ୍ରତିନିଧି ମଣ୍ଡଳୀ ପ୍ରଥମେ ପୀଡ଼ିତାଙ୍କ ପରିବାରକୁ ଭେଟି ତାଙ୍କୁ ସ୍ୱାନ୍ତ୍ୱନା ଦେବା ସହ ନ୍ୟାୟ ପ୍ରଦାନ ପାଇଁ ବିଜୁ ଜନତା ଦଳ ତାଙ୍କ ସହିତ ରହିଛି ବୋଲି କହିଥିଲେ। ରାଜ୍ୟରେ ବଳାତ୍କାର ଘଟଣା ବୃଦ୍ଧି ପାଉଥିବାବେଳେ ପୀଡିତାଙ୍କ ପରିବାର ପ୍ରତି ବିଜେଡି ସମବେଦନା ଜଣାଇବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସ୍ୱର ଉତ୍ତୋଳନ କରିଆସୁଛି। ଏହି ପରିପ୍ରେକ୍ଷୀରେ ଦୁଇଦିନ ତଳେ ଲୋକଲୋଚନକୁ ଆସିଥିବା ପିପିଲି ନାବାଳିକା ବଳାତ୍କାର ଘଟଣାରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପ୍ରଥମେ ପୀଡ଼ିତାଙ୍କ ପରିବାରକୁ ଭେଟି ତାଙ୍କୁ ସମବେଦନା ଜଣାଇଥିଲେ। ପରେ ଏହି ଟିମ୍‌ର ସଦସ୍ୟମାନେ ଏସ୍‌ପିଙ୍କୁ ଭେଟିଥିଲେ। ଉକ୍ତ ମାମଲାରେ ଜଣେ ଫେରିବାଲାର ସମ୍ପୃକ୍ତ ଥିବାରୁ ଫେରିବାଲାମାନଙ୍କ ପଞ୍ଜୀକରଣ ବ୍ୟବସ୍ଥା ସହ ପୋଲିସ ପାଟ୍ରୋଲିଂ କଡ଼ାକଡି କରିବା ପାଇଁ ଦଳ ତରଫରୁ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର, ସୋଫିଆ ଆଲାମ, ଭାରତୀ ସିଂହ, ପୂର୍ବତନ ବିଧାୟକ ତଥା ପୁରୀ ଜିଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ରାଜ୍ୟସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ପ୍ରମୁଖ ସାମିଲ ଥିଲେ। ଆଲୋଚନା ପରେ ରାଜ୍ୟ ସଭା ସଦସ୍ୟ ଖୁଣ୍ଟିଆ ସୂଚନା ଦେଇ କହିଛନ୍ତି ଯେ, ଭାଜପା ସରକାର ସମୟରେ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଯାହାର ଏକ ଉଦାହରଣ ପିପିଲିରେ ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ରାଜ୍ୟରେ ଏପରି ଅନେକ ଘଟଣା ଘଟିଛି। ତେଣୁ ସରକାରଙ୍କୁ ଅନୁରୋଧ କରୁଛି କି, ଜନସାଧାରଣଙ୍କୁ ସୁରକ୍ଷା ଦିଅନ୍ତୁ। ନଚେତ ଆଗାମୀ ଦିନରେ ଜନସାଧାରଣ ଉଚିତ ଜବାବ ଦେବେ। ସେହିପରି ଟୁକୁନି ସାହୁ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବଢିବାରେ ଲାଗିଛି। ପିପିଲି ବଳାତ୍କାର ଘଟଣା ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଆସି ଏସ୍‌ପିଙ୍କୁ ଭେଟିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଏସମ୍ପର୍କରେ ଏସ୍‌ପି ଅଗ୍ରୱାଲ କହିଛନ୍ତି, ଉକ୍ତ ଘଟଣା ନେଇ ପିପିଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶୀଘ୍ର ଚାର୍ଜଶିଟ୍ କରି ଫାଷ୍ଟ ଟ୍ରାଏଲ କରିବୁ। ଅଭିଯୁକ୍ତଙ୍କୁ ଯେପରି କଠୋର ଦଣ୍ଡ ମିଳିବ ସେ ନେଇ ପଦକ୍ଷେପ ନିଆଯିବ।

# ଭଗବତୀ ନୋଡାଲ ସ୍କୁଲର ଗୋଲ୍ଡେନ ଜୁବିଲି ପାଇଁ ପ୍ରାକ୍ ପ୍ରସ୍ତୁତି

ପିପିଲି,୧୪।୫(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତରେ ଥିବା ଭଗବତୀ ନୋଡାଲ ବିଦ୍ୟାଳୟ ଇତିମଧ୍ୟରେ ୫୦ ବର୍ଷ ଅତିକ୍ରମ କରି ସାରିଛି। ଉକ୍ତ ବିଦ୍ୟାଳୟ ୧୯୬୭ ମସିହାରେ ଆରମ୍ଭ ହୋଇଥିଲା। ଉକ୍ତ ବିଦ୍ୟାଳୟରୁ ଅନେକ ଛାତ୍ରୀଛାତ୍ର ପଢ଼ି ନିଜ ନିଜ କ୍ଷେତ୍ରରେ ବେଶ୍ ପାରଦର୍ଶିତା ପାଇଛନ୍ତି। ସୋମବାର ଅପରାହ୍ନରେ ବିଦ୍ୟାଳୟର କନ୍‌ଫରେନ୍ସ ହଲ୍‌ରେ ପୁରାତନ ଛାତ୍ରଙ୍କ ଏକ



ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗ ଦେଇଥିଲେ। ବୈଠକରେ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ଏହି ଜୟନ୍ତୀ ପାଇଁ ଏକ କମିଟି ଗଠନ କରାଯାଇଛି। ବିଧାୟକଙ୍କୁ ସଭାପତି, ହରପ୍ରସାଦ ମିଶ୍ର ଉପସଭାପତି, ଆର୍ତ୍ତତ୍ରାଣ ସାହୁଙ୍କୁ ସମ୍ପାଦକ ଭାବେ ମନୋନିତ କରାଯାଇଛି ବୋଲି ପୁରାତନ ଛାତ୍ର ସତ୍ୟ ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିର ସେବକଙ୍କ ପିଲାଙ୍କ ପାଇଁ ସନ୍ତରଣ ପ୍ରଶିକ୍ଷଣ

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସେବକ ବାଳିକା ବାଳକଙ୍କ ପାଇଁ ଏକ ସନ୍ତରଣ ପ୍ରଶିକ୍ଷଣ ଶିବିର ମଙ୍ଗଳବାରଠାରୁ ଶ୍ରୀଜଗନ୍ନାଥ ଷ୍ଟାଡିୟମ ସନ୍ତରଣାଗାରରେ ଆରମ୍ଭ ହୋଇଛି। ଏହି ଶିବିର ଆସନ୍ତା ଜୁନ ୫ ପର୍ଯ୍ୟନ୍ତ ଚାଲିବ। ସମସ୍ତେ ସୁସ୍ଥ ଓ ନୀରୋଗ ରୁହନ୍ତୁ ବାର୍ତ୍ତା ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହା ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି। ବିଶେଷକରି ବିଦ୍ୟାଳୟ ଏବେ ଛୁଟି ଥିବାରୁ ଏହି ସନ୍ତରଣ ଏକ ସମର କ୍ୟାମ୍ପ ଭଳି ପିଲାମାନଙ୍କୁ ସହାୟକ ହେବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଛନ୍ତି ଯେ, ଶିବିରରେ ମୋଟ ୯୮ ପିଲା ପ୍ରଶିକ୍ଷଣ ନେଉଛନ୍ତି। ୩ଟି ସ୍ଲଟରେ ଶିବିର ଅନୁଷ୍ଠିତ ହେଉଛି। ସୋମବାର ବ୍ୟତୀତ ପୂର୍ବାହ୍ନ ୭.୧୫ରୁ ୮ଟା, ୯ଟାରୁ ୯ଟା ୪୫ ପର୍ଯ୍ୟନ୍ତ ବାଳକ ଏବଂ ୯ଟା ୪୫ରୁ ୧୦ଟା ୩୦ ପର୍ଯ୍ୟନ୍ତ ବାଳିକାଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ପିଲା ସନ୍ତରଣ ପୋଷାକରେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରତ୍ୟେକ ଦିନ ସକାଳୁ ସନ୍ତରଣାଗାରରେ ପହଞ୍ଚି ଦୁଇ ଅଧିକାରୀ ପ୍ରଶିକ୍ଷଣ ତତ୍ତ୍ୱାବଧାନ କରୁଛନ୍ତି।

# ଭୁବନେଶ୍ୱରରୁ ଗାଡ଼ି ଚୋରି, ନୟାହାଟରୁ ଜବତ

ଯୋଗେଶ୍ୱରପୁର,୧୪।୫(ରଶ୍ମିରଞ୍ଜନ ସାହୁ)

ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରୁ ଏକ ସ୍କୁଟି ଚୋରିକରି ଆଣି ନୟାହାଟ ଅଞ୍ଚଳରେ ଲୁଚାଇ ରଖିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଉକ୍ତ ଗାଡ଼ିକୁ ଜବତ କରିଛି। ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଥାନା ଅଞ୍ଚଳର କୁନା ସେଠୀ। ଅଭିଯୁକ୍ତ ନିଜ ମାମୁଘର ନୟାହାଟ ଫାଣ୍ଡି ଅଞ୍ଚଳର ବାଉଁଶପୋଖରୀ ଗ୍ରାମରେ ରହୁଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ରବିବାର ବିଳମ୍ବିତ ରାତିରେ ଚଢ଼ାଉ କରି କୁନାଙ୍କୁ ଗିରଫ କରିଥିଲେ।

# ବେଲେଶ୍ୱର ବେଳାଭୂମି ରାସ୍ତା ଅଧାପନ୍ତରିଆ

- ଉପମୁଖ୍ୟମନ୍ତ୍ରୀଙ୍କ ଭିତ୍ତିପ୍ରସ୍ତର ସ୍ଥାପନାକୁ ପୂରିବ ବର୍ଷେ
- ଜଙ୍ଗଲ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସମନ୍ୱୟ ଅଭାବରୁ ରାସ୍ତା ନିର୍ମାଣ ହୋଇପାରୁନି

ଗୋପ,୧୪।୫(ଭାରତୀ ଭୂଷଣ ଉପାଧ୍ୟାୟ)



ଦୀର୍ଘଦିନ ଧରି ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ସାଙ୍ଗକୁ ବିବାଦ ଯୋଗୁ କୋଣାର୍କ-ପୁରୀ ରାସ୍ତାରୁ ବେଲେଶ୍ୱର ବେଳାଭୂମି ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ଦୈନନ୍ଦିନ ଶତାଧିକ ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଭଳି ଅଭିଯୋଗ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା କରାଯାଇଥିବା ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନାକୁ ବର୍ଷେ ପୂରିବାକୁ ବସିଥିବା ବେଳେ କେବେ ଏହି ରାସ୍ତା ନିର୍ମାଣ ହେବ ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ୨୦୨୪ ଅଗଷ୍ଟ ୨ ତାରିଖ ଦିନ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ୪ କି.ମି. ରାସ୍ତା ନିମନ୍ତେ ସାଢ଼େ ତିନିକୋଟିରୁ ଅଧିକ ଟଙ୍କା ମଞ୍ଜୁର ହେବାପରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉକ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାରେ ବେଲେଶ୍ୱରଙ୍କ ପ୍ରସିଦ୍ଧ ଶୈବପୀଠ ଦର୍ଶନ ସହିତ ନିକଟସ୍ଥ ବେଳାଭୂମି ବୁଲିବା ପାଇଁ ଦୈନନ୍ଦିନ ଦେଶ ବିଦେଶର ଶତାଧିକ ପର୍ଯ୍ୟଟକ ଯା'ଆସ କରୁଥିବା ବେଳେ ରାଜ୍ୟ ସରକାର ଏହାକୁ ପୂର୍ବରୁ ଗୁରୁତ୍ୱ ଦେଉଥିଲେ। ୨୦୧୩ ଜାନୁଆରୀ ୯ରେ ତତ୍କାଳୀନ ସରକାରଙ୍କ ପକ୍ଷରୁ ମଧ୍ୟ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ୪ କି.ମି.ବିଶିଷ୍ଟ ରାସ୍ତା କିଛିଦିନ ଧରି ଖାଲଖମାରେ ଭର୍ତ୍ତି ହେବାପରେ ସ୍ଥାନୀୟ ଗ୍ରାମବାସୀ ରାସ୍ତା ଦାୟିତ୍ୱରେ ଥିବା କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗରେ ବାରମ୍ବାର ଅଭିଯୋଗ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉକ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ପରେ ଜଙ୍ଗଲ ବିଭାଗ ପକ୍ଷରୁ ଏହି କାର୍ଯ୍ୟକୁ ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଥିବାରୁ ବନ୍ଦ କରାଯାଇଥିଲା। ଦୀର୍ଘଦିନ ଧରି ଏହି ରାସ୍ତାକାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଙ୍ଗଲ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତାକାର୍ଯ୍ୟ ଅଧାରେ ଅଟକିଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୈନନ୍ଦିନ ବେଲେଶ୍ୱର ଶୈବପୀଠ ଓ ନିକଟସ୍ଥ ବେଳାଭୂମିକୁ ଯାଉଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି, ମୋ କାର୍ଯ୍ୟାଳୟକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚିଠି କରାଗଲେ ମୁଁ ସରକାରଙ୍କୁ ପଠାଇବି। ଏ ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ କୁମାର ବେହେରା ଜଙ୍ଗଲ ବିଭାଗକୁ ଚିଠି ଲେଖାଯାଇଛି ବୋଲି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମୁକେଶ


@ ନୀରଜ


@ ଶିବୁନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ପ୍ରଥମ ଥର ପାଇଁ
ଇସବଗୁଲ୍
ବନସାର ଆପଣଙ୍କ ପାଇଁ ଆଣିଛି
100% ରିଫଣ୍ଡ ଅଫର୍*
ପ୍ରଥମେ ବ୍ୟବହାର କରନ୍ତୁ। ତାପରେ ବିଶ୍ୱାସ କରନ୍ତୁ।
ଯଦି ଆପଣ ବନସାର ଇସବଗୁଲ୍ କୁ ୧୫ ଦିନ ବ୍ୟବହାର କରିବା ପରେ ମଧ୍ୟ ସନ୍ତୁଷ୍ଟ ନୁହନ୍ତି ତେବେ ଖୋଲା ଯାଇଥିବା ବ୍ୟବହୃତ ପ୍ୟାକ୍ ସହିତ ଆପଣଙ୍କର ମୁହଁ, ପ୍ୟାକ୍ ଓ ଲାଲ୍ ଷ୍ଟ୍ରିପକୁ ଉପଯୁକ୍ତ ଭାବରେ ଦୃଶ୍ୟମାନ କରି ଫଟୋ ନିଅନ୍ତୁ ଓ ଏହାକୁ ଅପଲୋଡ୍ କରନ୍ତୁ।
ଅଧିକ ସବିଶେଷ ପାଇଁ ପରିଦର୍ଶନ କରନ୍ତୁ www.vansaar.com ବା କ୍ୟୁଆର କୁ ସ୍କାନ କରନ୍ତୁ
ନିକଟତମ ସ୍ଥାନୀୟ ଷ୍ଟୋର, www.vansaar.com ଓ ସମସ୍ତ ଅଗ୍ରଣୀ ଅନଲାଇନ୍ ଷ୍ଟୋରରେ ଉପଲବ୍ଧ।
• ଦୃଶ୍ୟମାନ ଉନ୍ନତ ସିଙ୍ଗିଲ୍ ବ୍ଲେଣ୍ଡ ଇସବଗୁଲ୍ ସହିତ ଧଳା, ସଫା ଓ ବଡ଼ ଫ୍ଲେକ୍ସ
• ବିଜ୍ଞାନସମ୍ମତ ଭାବରେ ଉନ୍ନତ ଅନ୍ୟ ଇସବଗୁଲ୍ ତୁଳନାରେ ୨୬% ଅଧିକ ଡାଏଟାରି ଫାଇବର
• ଉନ୍ନତ କାର୍ଯ୍ୟକାରୀତା ଉତ୍କୃଷ୍ଟ ମାନ ହେତୁ


*Terms & conditions apply
Get a coupon equal to your purchase value - redeemable on Vansaar website.

"ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

-ବୃଷ ସଂକ୍ରାନ୍ତି, ବୃହସ୍ପତି ସଞ୍ଚାର ଓ ହଳ ନିଷେଧ

# କ୍ଷମତା ଓ ବାଣିଜ୍ୟରେ ଘୋଡ଼ା



ଦେବଦତ୍ତ ପଟ୍ଟନାୟକ

ଶହେ ବର୍ଷ ପୂର୍ବେ ପେଟ୍ରୋଲ ବିଶ୍ୱରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା। ସେତେବେଳେ ଆମ ପାଖରେ ଯେଉଁ ଗାଡ଼ି ଥିଲା ତାହା ପଶୁ ଦ୍ୱାରା ନୁହେଁ, ବରଂ ପେଟ୍ରୋଲରେ ଚାଲୁଥିଲା। କିନ୍ତୁ ଏହା ପୂର୍ବରୁ ୩୦୦୦ରୁ ଊର୍ଦ୍ଧ୍ୱ ବର୍ଷଧରି ରାଜାମାନେ ଘୋଡ଼ା ଚଢୁଥିଲେ। ଯେଉଁ ରାଜାଙ୍କର ବିଶାଳ ଅଶ୍ୱବାହିନୀ ଥିଲା ସେମାନେ ରାଜ୍ୟ ଜୟ କରିପାରୁଥିଲେ। ପାର୍ସି ଶବ୍ଦ 'ସିୟାସତ୍' ଅର୍ଥ ଘୋଡ଼ା ଓ ରାଜ୍ୟକୁ ଏକସଙ୍ଗରେ ପରିଚାଳନା କରିବା। ସେହିଭଳି ଇଂଲିଶ ଶବ୍ଦ 'ମ୍ୟାନେଜ୍‌ମେଣ୍ଟ' ଇଟାଲୀୟ ଶବ୍ଦରୁ ଆସିଛି, ଯାହାର ଅର୍ଥ ହେଉଛି ଉଭୟ ଘୋଡ଼ା ଓ ରାଜ୍ୟ ପରିଚାଳନା କରିବା।

ଘୋଡ଼ା ଭାରତର ନୁହେଁ, ହାତୀ ହେଉଛି ଭାରତର। ହାତୀଗୁଡ଼ିକ ଭାରତର ଘଞ୍ଚ, ଉଷ୍ମ ତଥା ଆର୍ଦ୍ର ଜଙ୍ଗଲରେ ରହି ଜୀବନ କଟାନ୍ତି। ଏମାନଙ୍କୁ ବ୍ୟବସାୟୀ ଏବଂ ରାଜାମାନେ ନିଜର ସମୃଦ୍ଧି ଓ କ୍ଷମତା ପ୍ରତିଷ୍ଠା ପାଇଁ ବହୁଦିନଧରି ବ୍ୟବହାର କରିଆସିଛନ୍ତି। ଅନ୍ୟପଟେ ଘୋଡ଼ା ସାଧାରଣତଃ କେନ୍ଦ୍ର ଏସିଆ ଏବଂ ସମଗ୍ର ୟୁରୋପ-ଏସିଆର ଶୀତଳ ତଥା ସମତଳ ତୃଣଭୂମି ଅଞ୍ଚଳରେ ରହିବାକୁ ପସନ୍ଦ କରିଥାନ୍ତି। ପାଖାପାଖି ୫୦୦୦ ବର୍ଷ ପୂର୍ବେ ମାଂସ ଓ କ୍ଷୀର ପାଇଁ ଘୋଡ଼ା ପାଳନ କରାଯାଉଥିଲା। ସେମାନଙ୍କୁ ଗୃହପାଳିତ ପଶୁ ଭାବେ ଅଧିକ ପାଳନ କରାଯିବା ସହ ଘୋଡ଼ାଗାଡ଼ି ଟାଣିବାରେ ବ୍ୟବହାର କରାଯାଉଥିଲା। ପାଖାପାଖି ୨,୦୦୦ ବର୍ଷ ପୂର୍ବେ ଘୋଡ଼ାଙ୍କ ଆକାର ବଡ଼ ଥିଲା ଓ ସେମାନଙ୍କ ପିଠିରେ ବସି ଲୋକେ ଯିବାଆସିବା କରୁଥିଲେ। ୧,୦୦୦ ବର୍ଷ ପୂର୍ବେ ଘୋଡ଼ାପିଠିରେ କାଠ ସ୍ୟାଡେଲ(ଯେଉଁ ସିଟ୍‌ରେ ବସନ୍ତି) ଓ ଲୁହାର ଷ୍ଟିରପ୍(ଯାହା ଉପରେ ଘୋଡ଼ାଚଢ଼ାଳି ପାଦ ରଖନ୍ତି)ର ବ୍ୟବହାର କରାଗଲା। ଫଳରେ ପ୍ରଶିକ୍ଷିତ ବ୍ୟକ୍ତିମାନେ ସହଜରେ ଘୋଡ଼ା ଚଢ଼ି ବୁଲୁଥିଲେ। ଏହିପରି ତିନି ଉପାୟରେ ଘୋଡ଼ାର ବ୍ୟବହାର ସେହି ଲୋକମାନେ କରିଥିଲେ, ଯେଉଁମାନେ ଭାରତର ଇତିହାସକୁ ଗଢ଼ିଥିଲେ।

ଭାରତକୁ ପ୍ରଥମେ ଘୋଡ଼ାଗାଡ଼ିରେ ଆସିଥିବା ଲୋକମାନେ ବୈଦିକ ସଭ୍ୟତା ଗଢ଼ିଥିଲେ। ସେମାନେ ଗାଙ୍ଗେୟ ସମତଳଭୂମିରେ ଜଙ୍ଗଲ ସଫାକରି ଚାଷଜମି ବାହାର କରିଥିଲେ। ସେହି ସମୟରେ ସେମାନଙ୍କୁ ହାତୀ ସହ ଲଢ଼େଇ କରୁଥିଲେ, ଯାହା ସେମାନଙ୍କ ପ୍ରଗତିରେ ବାଧକ ସାଜିଥିଲା। ଆମେ ମହାରାଷ୍ଟ୍ରରେ ଘୋଡ଼ାଚାଳିତ ରଥ ଓ ଗଜବାହିନୀ ମଧ୍ୟରେ ଲଢ଼େଇର ବର୍ଣ୍ଣନା ସମ୍ପର୍କରେ ଶୁଣିଛେ। ବିଶେଷକରି ପଶ୍ଚିମ(ମାଦ୍ରା, କେକେୟା, ଗାନ୍ଧାର, ତ୍ରିଗର୍ତ୍ତ)ର ରାଜାଙ୍କ ନିୟନ୍ତ୍ରଣରେ ଘୋଡ଼ା ଥିଲାବେଳେ ପୂର୍ବ(କାମରୂପ, ମଗଧ)ରେ ଥିବା ରାଜାଙ୍କ ଅଧୀନରେ ହାତୀ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରୀକ୍, କେନ୍ଦ୍ର ଏସିଆରୁ ଚାଇନିଜ୍, ସ୍କିଥିଆନ(ପୁରାତନ ଇରାନୀୟ) ଓ ପାର୍ଥିଆନ(ଇଣ୍ଡୋ-ଇରାନୀୟ ଗୋଷ୍ଠୀ) ଆକ୍ରମଣକାରୀମାନେ ଭାରତରେ ପହଞ୍ଚିବା ପରେ ମୌର୍ଯ୍ୟ ସାମ୍ରାଜ୍ୟର ଉତ୍‌ଥାନ ଘଟିଥିଲା। ଅଶ୍ୱାରୋହୀ ହୁନ୍‌ମାନେ ଗୁପ୍ତ ସାମ୍ରାଜ୍ୟ ପତନର କାରଣ



ହୋଇଥିଲେ। ଏମାନେ ବୌଦ୍ଧ ଓ ଜୈନ ଧର୍ମ ଗ୍ରହଣକରି ତାହାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଜୈନ ସନ୍ନ୍ୟାସୀ କାଳକା ସାକ ଯୋଦ୍ଧାଙ୍କୁ ସାମ୍ନାକୁ ଆଣି ତାଙ୍କ ଭଉଣୀଙ୍କୁ ଉଦ୍ଧାର କରିଥିଲେ, ଯିଏ ଥିଲେ ଜଣେ ତପସ୍ୱିନୀ ଓ ତାଙ୍କୁ ଉଜ୍ଜୟିନୀ ରାଜା ଅପହରଣ କରିଥିଲେ। ଜଣେ ବୌଦ୍ଧ ସନ୍ନ୍ୟାସୀ ବୁଦ୍ଧଙ୍କ କାହାଣୀରେ କୁଶାଣ ଘୋଡ଼ାମାନଙ୍କର ଯାଦୁକରୀ ଶକ୍ତି ସମ୍ପର୍କରେ ବର୍ଣ୍ଣନା କରିଥିବାରୁ ତାଙ୍କୁ ଅଶ୍ୱଭାଘୋଷ କୁହାଯାଉଥିଲା। ଏହି ବିଦେଶୀ ଶାସକମାନେ ବ୍ରାହ୍ମଣଙ୍କ ଆଶ୍ରୟଦାତା ନ ଥିଲେ। ଏଣୁ ବ୍ରାହ୍ମଣମାନେ ନୂଆ ଆଶ୍ରୟଦାତା ସନ୍ଧାନରେ ଦକ୍ଷିଣଆଡ଼କୁ ଯାଇଥିଲେ। ଏଣୁ ଖ୍ରୀଷ୍ଟାବ୍ଦ ୫୦୦ ପରେ ଡେକାନ(ନର୍ମଦା ନଦୀର ଦକ୍ଷିଣରେ ଥିବା ଅଞ୍ଚଳ) ଓ ତାହାପରେ ଥିବା ଅଞ୍ଚଳରେ ଏକ ନୂଆ ହିନ୍ଦୁ ସାମ୍ରାଜ୍ୟ ଥିବା ଆମେ ଦେଖୁ।

ଶେଷ ପର୍ଯ୍ୟାୟରେ ମୁସଲମାନ ଯୋଦ୍ଧାମାନେ ଘୋଡ଼ା ଚଢ଼ି ଭାରତକୁ ଆସିଥିଲେ। ସେମାନେ ସେତେବେଳେ ଘୋଡ଼ା ଉପରେ ସ୍ୟାଡେଲ ଓ ଷ୍ଟିର୍‌ପ ଲଗାଇଥିଲେ ଏବଂ ଘୋଡ଼ାପିଠିରେ ବସି ଧନୁତୀର ଚଳାଇ ପାରୁଥିଲେ। ଅନ୍ୟପଟେ ସେହି ସମୟରେ ଭାରତର ରାଜାମାନେ ହାତୀ ଉପରେ ବସି ସେନା ପରିଚାଳନା କରୁଥିଲେ, ଯାହାଫଳରେ ସେମାନଙ୍କ ସମକକ୍ଷ ହୋଇପାରୁ ନ ଥିଲେ। କେନ୍ଦ୍ର ଏସିଆରୁ ଆସିଥିବା ତୁର୍କୀର ପତଳା ତଥା ବଳିଷ୍ଠ ଘୋଡ଼ା ହିନ୍ଦୁକୁଶ ପର୍ବତ ଅତିକ୍ରମକରି ପଞ୍ଜାବର ଲେଖି ଜଙ୍ଗଲରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ହରଦ୍ୱାର ମାର୍କେଟକୁ ନିଆଯାଇଥିଲା। ପରେ ତେରାଇ ବାଟଦେଇ ବେଙ୍ଗଲକୁ ନିଆଯାଇଥିଲା ଏବଂ ବେଙ୍ଗଲରୁ ସେମାନଙ୍କୁ ଦକ୍ଷିଣ ପୂର୍ବ ଏସିଆକୁ ପଠାଯାଇଥିଲା କିମ୍ବା ଦକ୍ଷିଣରେ ଥିବା ରାୟାଲ ସୀମାରେ ତିରୁପତି ମାର୍କେଟକୁ ନିଆଯାଇଥିଲା। ଅନେକ ଘୋଡ଼ା ବେପାରୀ ସୁଲ୍‌ତାନ ପାଲଟି ଯାଇଥିଲେ, ଯାହା ଶେର୍ ଶାହା ସୁରିଙ୍କ କ୍ଷେତ୍ରରେ ଘଟିଥିଲା। ଘୋଡ଼ା ବ୍ୟବସାୟୀମାନେ ଯେତେବେଳେ ଘୋଡ଼ା କିଣୁଥିବା ରାଜାମାନେ ଦୁର୍ବଳ ଥିବା ଦେଖୁଥିଲେ ସେତେବେଳେ ସେମାନଙ୍କୁ ସହଜରେ ଗାଦିରୁ ହଟାଇଦେବାକୁ ସକ୍ଷମ ହେଉଥିଲେ।

ଦିଲ୍ଲୀର ସୁଲ୍‌ତାନମାନେ ଡେକାନ୍ ସୁଲ୍‌ତାନଙ୍କୁ ଘୋଡ଼ା ବିକିବାକୁ ଅନୁମତି ଦେଉ ନ ଥିଲେ। ଏଣୁ ଡେକାନ ସୁଲ୍‌ତାନମାନେ ଇରାନର ଦକ୍ଷିଣ ପଶ୍ଚିମ ଏସିଆରୁ ସମୁଦ୍ରପଥରେ ଘୋଡ଼ା ଆମଦାନୀ କରୁଥିଲେ। ଘୋଡ଼ା ପଶ୍ଚିମ ଉପକୂଳରେ ପହଞ୍ଚିବା ପରେ ସେମାନଙ୍କୁ ପାଲଘାଟ ଦେଇ କାବେରୀ ନଦୀରେ ପୂର୍ବ ଉପକୂଳକୁ ନିଆଯାଉଥିଲା ଏବଂ ଜାହାଜରେ ଦକ୍ଷିଣ ପୂର୍ବ ଏସିଆକୁ ନିଆଯାଉଥିଲା। ଏହା ଏକ ବିଶାଳ ବ୍ୟବସାୟ ଥିଲା। ଅଷ୍ଟାଦଶ ଶତାବ୍ଦୀରେ ଭାରତକୁ ବିଭିନ୍ନ ବାଟେ ପାଖାପାଖି ୧,୦୦,୦୦୦ ଘୋଡ଼ା ଆମଦାନୀ କରାଯାଇଥିଲା। ଏହି ବ୍ୟବସାୟର ପତନ ପୂର୍ବରୁ ଏହା ଥିଲା ସବୁଠୁ ବଡ଼ ବ୍ୟବସାୟ। ଯେଉଁ ସମୟରେ ମୋଗଲ ସାମ୍ରାଜ୍ୟର ପତନ ଘଟୁଥିଲା ଓ ମରାଠା ସାମ୍ରାଜ୍ୟର ଉତ୍‌ଥାନ ହେଉଥିଲା ସେତେବେଳେ ନାଦିର ଶାହାଙ୍କ ଭଳି ପାରସ୍ୟର ରାଜାମାନେ ଦିଲ୍ଲୀକୁ ଲୁଣ୍ଠନ କରିଥିଲେ। ଫଳରେ ଭାରତୀୟ ଦୁର୍ବଳ ବୋଲି ଇଂରେଜମାନେ ଅନୁଭବ କରିଥିଲେ। ଇଂରେଜଙ୍କ ପାଖରେ ଉନ୍ନତ ବନ୍ଧୁକ ଥିଲା ଏବଂ ଏହାକୁ ଚଳାଇପାରୁଥିବା ପ୍ରଶିକ୍ଷିତ ସେନା ରହିଥିଲେ। ଫଳରେ ସେମାନେ ସହଜରେ ଅଶ୍ୱାରୋହୀ ସେନାକୁ ପରାସ୍ତ କରିପାରୁଥିଲେ, କାରଣ ଅଶ୍ୱାରେହୀ ସେନା ଖଣ୍ଡା, ଭାଲା ଓ ନିମ୍ନମାନର ବନ୍ଧୁକରେ ଲଢୁଥିଲେ।

ଭାରତରେ ସ୍ଥାନୀୟ ଘୋଡ଼ା ପ୍ରଜନନ ବା ବଂଶବୃଦ୍ଧି କେବଳ ୧,୦୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା, ଯାହା ମରାଠା ଓ ରାଜପୁତର ଉତ୍‌ଥାନର କାରଣ ସାଜିଥିଲା। ଭାରତୀୟ ଘୋଡ଼ାଗୁଡ଼ିକ ପାହାଡ଼ିଆ ଅଞ୍ଚଳରେ ଗରିଲା ଆକ୍ରମଣ କରିବାରେ ଓ ଜିନିଷ ବୋହିବାରେ ପାରଙ୍ଗମ ଥିଲେ, କିନ୍ତୁ ବିଶାଳ ମୁହାଁମୁହିଁ ଲଢୁଥିବା ଅଶ୍ୱବାହିନୀ ପାଇଁ ଉପଯୁକ୍ତ ନ ଥିଲେ। ଗୁଜରାଟ, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ନେପାଳର ଏହି ଘୋଡ଼ା ପ୍ରଜନନ କେନ୍ଦ୍ରଗୁଡ଼ିକ ବହୁ ପୁରାତନ। ଏହିସବୁ ଅଞ୍ଚଳରେ ଘୋଡ଼ାଚଢ଼ା ଖଣ୍ଡାଧାରୀ ଲୋକଦେବତା ଯଥା ଭାଥିଜୀ, ଭାଚ୍ଛାରଦ୍ଧା, ରାମଦେବଜୀ, ତେଜାଜୀ, ଦେବନାରାୟଣ, ଗୋଲୁ ଦେବ ଏବଂ ଧର୍ମ-ଠାକୁର ଦେଖିବାକୁ ମିଳନ୍ତି।

ଭାରତରେ ପ୍ରାୟ ୭୦୦ ଶତାବ୍ଦୀରେ ପ୍ରଥମେ ଚେସ୍ ଖେଳ ଆବିଷ୍କାର ହୋଇଥିଲା ଓ ତାହା ଆରବ ବାଟ ଦେଇ ସାରା ବିଶ୍ୱକୁ ଯାଇଥିଲା। ରାଜାମାନେ ସେମାନଙ୍କ ସାମ୍ରାଜ୍ୟକୁ ନିୟନ୍ତ୍ରଣ କରିବା ପାଇଁ କେବଳ ସୈନ୍ୟ ନୁହନ୍ତି, ବରଂ ହାତୀ (କିମ୍ବା ଓଟ), ଘୋଡ଼ାଟଣା ରଥ ବା ଗାଡ଼ି ଏବଂ ଅଶ୍ୱାରୋହୀ ବୀରଙ୍କର କିଭଳି ଆବଶ୍ୟକତା ରହିଛି ତାହା ଏହି ଚେସ୍ ଖେଳ ସ୍ମରଣ କରାଇ ଦେଇଥିଲା। ଏହିପରି ଭାବେ ବିଦେଶୀ ଆକ୍ରମଣକାରୀ ଓ ବ୍ୟବସାୟୀଙ୍କ ଦ୍ୱାରା ଭାରତକୁ ଅଣାଯାଇଥିବା ଘୋଡ଼ା ଭାରତର ଇତିହାସରେ ରହିଛି। ଏହା ସାମ୍ରାଜ୍ୟ ଓ ଯୁଦ୍ଧକୁ ପ୍ରଭାବିତ କରିଥିଲା। ବୈଦିକ ଘୋଡ଼ାଟଣା ରଥଠାରୁ ଆରମ୍ଭ କରି ଇସଲାମ ଅଶ୍ୱାରୋହୀ ସେନା ପର୍ଯ୍ୟନ୍ତ ଘୋଡ଼ାସେନା ରଣନୀତିରେ ପରିବର୍ତ୍ତନ ଆଣିପାରିଥିଲା। ଭାରତରେ ଘୋଡ଼ାବଂଶ ବୃଦ୍ଧି ଆହ୍ୱାନପୂର୍ଣ୍ଣ ଥିଲେ ମଧ୍ୟ ବାଣିଜ୍ୟ, କ୍ଷମତା ଓ ସାଂସ୍କୃତିକ କ୍ଷେତ୍ରରେ ଏହାର ଗୁରୁତ୍ୱ ରହିଥିଲା।

-devduttofficial@gmail.com

# ଦାସତ୍ୱର ଅନ୍ତ କେବେ



ରାକେଶ ପଣ୍ଡା

ନିଜକୁ ସର୍ବଦା ଶ୍ରେଷ୍ଠ ମାନିବା ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନ୍ୟୂନ ଚକ୍ଷୁରେ ଦେଖିବା ହେଉଛି ମଣିଷର ଏକ ସହଜାତ ପ୍ରବୃତ୍ତି। ଯାହା କରିବା ଦ୍ୱାରା ତାର ଅହଂଭାବକୁ ବଡ ସନ୍ତୁଷ୍ଟି ମିଳିଥାଏ। ଏହାର ପରିଣାମ ସ୍ୱରୂପ ସମାଜରେ ଛୋଟ-ବଡ, ଉଚ୍ଚ-ନୀଚ, ଧନୀ-ଗରିବ ଏବଂ ଶାସକ ଓ ଶାସିତ ମଧ୍ୟରେ ଏକ ବଡ ଅନ୍ତର ସୃଷ୍ଟି ଏବଂ ଯେଉଁ ଅନ୍ତରକୁ ଆଧାର କରି ଦାସତ୍ୱ ପ୍ରଥାର ଜନ୍ମ। ସଭ୍ୟତାର ଇତିହାସରେ 'ବଳପୂର୍ବକ ଶ୍ରମ'ର ସବୁଠାରୁ ସାଧାରଣ ରୂପ ହେଉଛି 'ଦାସତ୍ୱ'। ଦାସତ୍ୱ ଏକ ସାଧାରଣ ଶବ୍ଦ, ଯାହା ସମସ୍ତ ପ୍ରକାର ବାଧ୍ୟତାମୂଳକ ଶ୍ରମକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ। ପ୍ରାଚୀନ ବିଶ୍ୱରେ, ଯେଉଁମାନେ ଦାସ ଭାବରେ କାମ କରୁଥିଲେ, ସେମାନଙ୍କୁ ସାଧାରଣତଃ 'ଦାସ' ବୋଲି ସମ୍ବୋଧନ କରାଯାଉଥିଲା। ଦାସତ୍ୱ, ଏକ ପରିସ୍ଥିତି ଯେଉଁଥିରେ ଜଣେ ମଣିଷ ଅନ୍ୟ ଜଣେ ମଣିଷର ମାଲିକ ଥିଲା। ସେତେବେଳେ ଆଇନ ଅନୁଯାୟୀ, ଦାସମାନଙ୍କୁ ବ୍ୟକ୍ତିଗତ ସମ୍ପତ୍ତି ଭାବରେ ବିବେଚନା କରାଯାଉଥିଲା ଏବଂ ସ୍ୱାଧୀନ ବ୍ୟକ୍ତିଙ୍କ ଅଧିକାଂଶ ଅଧିକାରରୁ ସେମାନେ ବଞ୍ଚିତ ହେଉଥିଲେ, ଯାହା କି ଭାରତରେ ପ୍ରଚଳିତ ଥିଲା। କିନ୍ତୁ ୧୮୪୩ ମସିହାରେ ଭାରତୀୟ ଦାସତ୍ୱ ଆଇନ ପ୍ରଣୀତ ହେବା ପରେ ସମଗ୍ର ଭାରତବର୍ଷରେ ଦାସତ୍ୱ ପ୍ରଥାକୁ ଅବୈଧ ଘୋଷଣା କରାଯାଇଥିଲା। ଯଦିଓ ଭାରତରେ ଦାସତ୍ୱ ବର୍ତ୍ତମାନ ନିଷିଦ୍ଧ, କିନ୍ତୁ ସତ୍ୟ ହେଉଛି ଏହି ଶିକ୍ଷିତ ଓ ଆଧୁନିକ ପରିବେଶ ମଧ୍ୟରେ ଉକ୍ତ ଅମାନବୀୟ ପ୍ରଥା ଆଜି ମଧ୍ୟ କେଉଁଠାରେ ଶାରୀରିକ ଭାବରେ ଏବଂ ପୁଣି କେଉଁଠି ମାନସିକ ସ୍ତରରେ ନିଜର ବିଦ୍ୟମାନତାକୁ ବଜାୟ ରଖିଛି! ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ପ୍ରାୟ ୨ କୋଟି ୭୫ ଲକ୍ଷ ଦାସ ଅଛନ୍ତି। ଏହିପରି ଲୋକଙ୍କୁ କାମ କରିବାକୁ ବାଧ୍ୟ କରାଯାଏ ଏବଂ ଅନେକ ଅକଥନୀୟ ଓ ଅମାନବୀୟ ଘଟଣା ସେମାନଙ୍କ ସହ ପ୍ରତ୍ୟହ ଘଟିଥାଏ।

ଆଜିର ସମାଜରେ ଏହିପରି ଘଟଣା ଅନେକ ସ୍ଥାନରେ ଦେଖିବାକୁ ମିଳେ। ବିଭିନ୍ନ କ୍ଷେତ୍ର, ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ନିଜର ପଦ, କ୍ଷମତା, ସ୍ତର ଓ ଗରିମାକୁ ପ୍ରତିପାଦିତ କରିବାକୁ ଯାଇ ଅଧିକାଂଶ ବଡ଼ବାବୁମାନଙ୍କ ଦ୍ୱାରା ଜଣେ ନିମ୍ନ ତଥା ଅଧସ୍ତନ କର୍ମଚାରୀକୁ ନ୍ୟୂନ ଦୃଷ୍ଟିରେ ଦେଖିବା କିଛି ନୂଆ ଘଟଣା ନୁହେଁ। ଆଧିପତ୍ୟକୁ ସାବ୍ୟସ୍ତ କରିବା ସମାଜରେ ପ୍ରତ୍ୟହ ଏହା ଘଟି ଚାଲିଛି। ନିଜେ ଗୁଲିଖଟି କରି ସମୟ ନଷ୍ଟ କରିବା, କିନ୍ତୁ ସେମାନେ କେଉଁଠାରେ ଛିଡ଼ାହୋଇ କଥା ହେଲେ ବଡବାବୁମାନଙ୍କର ଦେହରେ ନ ଯିବା, ସେମାନଙ୍କୁ ପ୍ରାପ୍ୟ ଛୁଟି ପ୍ରଦାନ ନ କରିବା, ଯେତେ ଭଲ ତଥା ନିଷ୍ଠାର ସହ କାର୍ଯ୍ୟ କଲେ ତାଙ୍କୁ ସାବାସି ନ ଦେବା ଏକ ପ୍ରଚଳିତ ପ୍ରଥା। ଏହାର ଅସ୍ତିତ୍ୱ ବ୍ୟକ୍ତିଗତ ଘର ପରିବେଶ ପର୍ଯ୍ୟନ୍ତ ମଧ୍ୟ ଲମ୍ବିଥାଏ। ଘର କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଆସୁଥିବା ପରିଚାରିକା ତଥା ରୋଷେୟା, ବ୍ୟକ୍ତିଗତ ଗାଡି ଚାଳକ, ଫାଟକ ଜଗୁଆଳି ଆଦିଙ୍କୁ ଅଧିକାଂଶ ବ୍ୟକ୍ତି ତଥା ଘର ମାଲିକ ନ୍ୟୂନ ଚକ୍ଷୁରେ ଦେଖିବା ସହ ଖରାପ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଅନେକ ସମୟରେ ସେମାନଙ୍କର ଆବଶ୍ୟକତାକୁ ଅଣଦେଖା କରନ୍ତି। ବାସ୍ତବତା ହେଉଛି, ଗୋଟିଏ ଦିନ ସେମାନେ ଘରକୁ କାମ କରିବାକୁ ନ ଆସିଲେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଲା ପରି ଅନୁଭବ ହୁଏ ଏବଂ ମାଲିକଙ୍କର ମୁଣ୍ଡ କାମ କରି ନ ଥାଏ!

ଏହି ପରିପ୍ରେକ୍ଷୀରେ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବା ୧୦ ଜଣ ପିଅନ, ବେସରକାରୀ ସଂସ୍ଥାରେ କାମ କରୁଥିବା ୧୦ ଜଣ ନିମ୍ନସ୍ତର ତଥା ଅଧସ୍ତନ କର୍ମଚାରୀ ଓ ଘରେ ପରିଚାରିକା ତଥା ରୋଷେୟା ଏବଂ ଫାଟକ ଜଗୁଆଳି ଭାବରେ କାର୍ଯ୍ୟ କରୁଥିବା ୧୦ ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଭାବରେ ସାକ୍ଷାତ କରିଥିଲି। ସେମାନଙ୍କଠାରୁ ତାଙ୍କର ଉପରିସ୍ଥ ଅଧିକାରୀ ତଥା ଘର ମାଲିକଙ୍କର ବ୍ୟବହାର, ଚିନ୍ତାଧାରା ଓ ଆଚରଣ ସମ୍ବନ୍ଧରେ କେତେକ ପ୍ରଶ୍ନ ପଚାରି ସେମାନଙ୍କର ପ୍ରତିକ୍ରିୟା ନେଇଥିଲି। ଶେଷରେ ସଂଗ୍ରହ କରିଥିବା ସୂଚନା ଆଧାରରେ ଉପନୀତ ହେଲି ଯେ ପ୍ରାୟ ୭୦ ଭାଗ ଉପରିସ୍ଥ ଅଧିକାରୀ ଓ ଘର ମାଲିକଙ୍କର ନିମ୍ନ କର୍ମଚାରୀମାନଙ୍କ ପ୍ରତି ମାନସିକତା ଅତି ନ୍ୟୂନ।

ବର୍ତ୍ତମାନ ସମାଜରେ ଔପଚାରିକ ଭାବରେ ଦାସତ୍ୱ ପ୍ରଥା ନାହିଁ। କିନ୍ତୁ ମାନସିକ ସ୍ତରରେ ପ୍ରାୟ ଅଧିକାଂଶ ମଣିଷଙ୍କ ମନରେ ଏହା ଏକ ଛାପ ତଥା ମଳିନ ଚିନ୍ତାଧାରା ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ମନ ମଧ୍ୟରେ ଗୋଟିଏ ପ୍ରଶ୍ନ ଆନ୍ଦୋଳିତ ହୋଇଥାଏ ଯେ ଅଦୃଶ୍ୟ ଭାବରେ ଆମ ସମସ୍ତଙ୍କ ଗହଣରେ ଘର କରିଥିବା ଏହି ଦାସତ୍ୱ ପ୍ରଥା ଓ ଘୃଣ୍ୟ ମାନସିକତାର ଅନ୍ତ କେବେ ?

**ବନ୍ଦାଳୋ, ଟାଙ୍ଗୀ, କଟକ**
**ମୋ: ୯୩୩୭୮୯୭୬୫୦**

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ମରୁଡ଼ିପ୍ରବଣ ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରି ଏକ ଦମ୍ପତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହି ଅଭିଯାନ ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବଙ୍କ ଦ୍ୱାରା ଚାଲିଛି। ଏହି ଦମ୍ପତି ୪୦୦ ଗ୍ରାମବାସୀ ଓ ବନ ବିଭାଗ ସହାୟତାରେ ଏବେ ସୁଦ୍ଧା ୧୧ଟି ଶୁଷ୍କ ପୁଷ୍କରିଣୀ ପୁନରୁଦ୍ଧାର କରିସାରିଲେଣି। କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। କିନ୍ତୁ ଏବେ ସେସବୁ ଜଳପୂର୍ଣ୍ଣ। ଏହି କାର୍ଯ୍ୟ 'ଅନନ୍ତ ନିରୁ ସଂରକ୍ଷଣମ୍' ପ୍ରୋଜେକ୍ଟ ମାଧ୍ୟମରେ କରାଯାଉଛି। ଏଭଳି ସଫଳତା ପରେ ଜଳାଭାବରୁ କୃଷିକାର୍ଯ୍ୟ ଛାଡ଼ି ବାହାରକୁ ଚାଲିଯାଉଥିବା ଲୋକେ ପୁଣି ଗାଁ ଫେରି ଆସୁଛନ୍ତି। ବିନୀତ ଓ ରୂପକ ପୋଖରୀର ପୁନରୁଦ୍ଧାର କରିବା ସହ ନୂଆ ପୋଖରୀ ମଧ୍ୟ ଖନନ କରୁଛନ୍ତି। ଏହାସହ ସେମାନେ ବୃକ୍ଷଚାରା ରୋପଣ କରି ପରିସଂସ୍ଥାର ସୁରକ୍ଷା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୫ ମେ ୧୯୭୬**

- କଲିକତାର ବିଶିଷ୍ଟ ଖଣି ମାଲିକ ଗୋଏଙ୍କା ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ତାଳଚେର ହାଣ୍ଡିଧୁଆ କୋଇଲା ଖଣି ଚଳାଇବା ସମ୍ପର୍କରେ ଓଡ଼ିଶା ସରକାର ବିରୁଦ୍ଧରେ ଦାଏର କରିଥିବା ମୋକଦ୍ଦମାକୁ କଲିକତା ହାଇକୋର୍ଟ ଖର୍ଚ୍ଚା ସହିତ ଡିସ୍‌ମିସ୍ କରିଛନ୍ତି।
- ଦାନପୁରଠାରେ ଥିବା ଜାତୀୟ ଚିନି ପ୍ରତିଷ୍ଠାନ ଅଧିକ ଚିନି ଉତ୍ପାଦନ ପାଇଁ ଗୋଟିଏ ଆଧୁନିକ 'ଆୟନ ଏକ୍ସଚେଞ୍ଜ ପ୍ରଣାଳୀ' ଆବିଷ୍କାର କରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 4 | | 9 | |
| | | | | 8 | | 7 | 3 | |
| 9 | 1 | | | 2 | | | | |
| | | | | 3 | | | 4 | |
| | 7 | 3 | | | | | | |
| | | | | | 6 | 8 | | |
| | | 1 | 5 | | | 9 | 7 | |
| | | | | | 2 | 1 | | |
| | 4 | | | 6 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 6 | 3 | 9 | 5 | 1 | 2 | 7 |
| 2 | 7 | 5 | 6 | 1 | 4 | 3 | 9 | 8 |
| 9 | 1 | 3 | 2 | 8 | 7 | 5 | 6 | 4 |
| 5 | 2 | 1 | 4 | 7 | 9 | 6 | 8 | 3 |
| 8 | 9 | 7 | 5 | 3 | 6 | 4 | 1 | 2 |
| 3 | 6 | 4 | 1 | 2 | 8 | 9 | 7 | 5 |
| 1 | 5 | 9 | 8 | 4 | 2 | 7 | 3 | 6 |
| 7 | 4 | 2 | 9 | 6 | 3 | 8 | 5 | 1 |
| 6 | 3 | 8 | 7 | 5 | 1 | 2 | 4 | 9 |

ଗତକାଲିର ଉତ୍ତର

# ଯୁଗାତିକ୍ରମଣ ଓ କବି କାଳିନ୍ଦୀଚରଣ



ଡ. ହୃଷୀକେଶ ମଲ୍ଲିକ

ଜଣେ ଯୋଗଜନ୍ମା କବି ବା ଲେଖକ ଆପଣାର ସଂକଳ୍ପ ଓ ପ୍ରତିବଦ୍ଧତାରେ ସର୍ବଦା ନିଜର ସମକାଳୀନ ବା କିୟତ୍ ପ୍ରାକ୍ତନ ଯୁଗଟିକୁ ଅତିକ୍ରମ କରି ଚାଲିଥାଏ। ଯେଉଁ ସାମାଜିକ ଓ ସାଂସ୍କୃତିକ ସ୍ଥିତିରୁ ସେ ତା'ର ଲେଖା ଆରମ୍ଭ କରେ, ସେହି ସ୍ଥିତିଟିକୁ ସେ ନିଜର ପ୍ରତିଭା ଓ ଅଧ୍ୟବସାୟ ବଳରେ ବଦଳାଇଦିଏ। କେବଳ ସ୍ଥିତିଟିକୁ ନୁହେଁ, ତା' ସହିତ ସେ ପ୍ରତି ପଦକ୍ଷେପରେ ନିଜର ସାରସ୍ୱତ ଦୃଷ୍ଟିକୋଣ, ବିଚାର ଓ ଉପସ୍ଥାପନାର ତରିକାକୁ ମଧ୍ୟ ବଦଳାଏ। ଏପରି ବଦଳିବାର ପ୍ରକ୍ରିୟା ପ୍ରତିଭାର ପରାକ୍ରମ ଦ୍ୱାରା ହିଁ ସମ୍ପନ୍ନ ହୋଇଥାଏ। ଓଡ଼ିଆ ସାହିତ୍ୟରେ ୧୯୨୧ରୁ ୧୯୩୫ ମଧ୍ୟରେ 'ସବୁଜ ଗୋଷ୍ଠୀ' ବୋଲି ଯେଉଁ ଗୋଷ୍ଠୀଟି ଗଢ଼ି ଉଠିଥିଲା, ସେଇ ବଳୟର ଆଦ୍ୟବିନ୍ଦୁରେ ଥିଲେ କାଳିନ୍ଦୀଚରଣ ପାଣିଗ୍ରାହୀ। ତାରୁଣ୍ୟର ସ୍ୱପ୍ନ ସବୁଜ କବିମାନଙ୍କୁ ସ୍ୱପ୍ନାଳସିତ କରି ରଖିଥିଲାବେଳେ କାଳିନ୍ଦୀ ବି ତହିଁରୁ ବାଦ୍ ପଡ଼ି ନ ଥିଲେ, ବରଂ ସବୁଜ ବନ୍ଧୁ (ଅନ୍ନଦାଶଙ୍କର, ବୈକୁଣ୍ଠନାଥ, ହରିହର ଓ ଶରତ ଚନ୍ଦ୍ର)ଙ୍କ ମଧ୍ୟରେ ସେ ହିଁ ଥିଲେ ସବୁଠୁଁ ଗତିଶୀଳ, ନିତ୍ୟ ପରିବର୍ତ୍ତନମୁଖୀ ଆତ୍ମପ୍ରତ୍ୟୟୀ କବି।

କାଳିନ୍ଦୀଚରଣ ସବୁଜର 'ସ୍ୱପ୍ନବଳୟ' ମଧ୍ୟରେ ପେଟିକା ନିବଦ୍ଧ ଭୁଜଙ୍ଗ ପରି ଭାବବନ୍ଦୀ ହୋଇଥିଲେ ବି ସଦା ଉତ୍‌ଫଣ ରହିଥିଲା ତାଙ୍କ ସୃଜନବିଶ୍ୱ ନିତ୍ୟ ନିୟତ ବିବର୍ତ୍ତିତ ଆଧୁନିକ କାବ୍ୟ-ଚେତନା ପ୍ରତି। ୧୯୨୦ରୁ ୧୯୩୨ ମସିହା (ଓଡ଼ିଆ କବିତାର 'ସବୁଜ କାଳ') ପର୍ଯ୍ୟନ୍ତ ଥିଲା କାଳିନ୍ଦୀଙ୍କ 'ସବୁଜ-ପାରିଧି' ଓଡ଼ିଆ କବିତାରେ। ୧୯୩୨ ମସିହା ପରେ ତାଙ୍କ କାବ୍ୟସ୍ୱରରେ ଏକ ସଚେତନ ଭିନ୍ନ ଗତି ପରିଦୃଷ୍ଟ ହୁଏ, ଯାହା ୧୯୪୫ (ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ବର୍ଷ) ଯାଏ ବିକାଶପ୍ରାପ୍ତ। ନିଜର କାବ୍ୟଶିଳ୍ପକୁ ପରିଣତି ଲାଭର ଠିକ୍ ପୂର୍ବ କ୍ଷଣରେ ଛାଡ଼ିଦେଇ କାଳିନ୍ଦୀ ଗଦ୍ୟମନା ହୋଇଉଠନ୍ତି। ଏହା ସତ୍ତ୍ୱେ ସବୁଜ-ସତୀର୍ଥଙ୍କ ମଧ୍ୟରେ ସେ ହିଁ ଥିଲେ ସବୁଠାରୁ ଅଧିକ ସଚେତନ ଶିଳ୍ପୀ। ତାଙ୍କ କବିତା କେବେ ବି ଏକ ବଅରିଆ ହୋଇନାହିଁ, ବରଂ ହୋଇଉଠିଛି ଭାଷା ଓ ଭାବନାରେ ବହୁରଙ୍ଗୀ ଇନ୍ଦ୍ରଧନୁ। ଏହାର ସତ୍ୟାସତ୍ୟତାକୁ ତାଙ୍କ ରଚିତ 'ଜୟ ଭଗବାନ' (୧୯୩୬), 'ଭକ୍ତି ଓ ଚାବୁକ' (୧୯୩୮), 'ବାଜି ରାଉତ' (୧୯୩୮), 'ଯାଦୁଘର' (୧୯୩୮), 'ଛୁରୀଟିଏ ଲୋଡ଼ା' (୧୯୩୯), 'ମୋ ବାଣୀ', 'ଆଗାମୀ' (୧୯୪୨), 'କିଏ ଶଳା ଶଇତାନ' (୧୯୪୪)ରେ ଅନୁଭବ କରିହୁଏ। ପ୍ରଖ୍ୟାତ ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ କହନ୍ତି: ''ଯେଉଁ କବି କାବ୍ୟ ଜୀବନର ଉନ୍ମେଷରେ ଥିଲେ ରୋମାଣ୍ଟିକ ଓ ରୂପପ୍ରାଣ, ସେଇ କବି କାବ୍ୟ ଜୀବନର ମଧ୍ୟାହ୍ନରେ ଏକ ମାନବବାଦୀ , ବୈପ୍ଲବିକ କାବ୍ୟଧାରା ଅନୁସରଣ କରିବାରେ ବିଚିତ୍ରତା ନିଶ୍ଚୟ ଅଛି। ଏହା ହିଁ କାଳିନ୍ଦୀ - କାବ୍ୟ- ସାଧନାର ଏକ ଚମତ୍କାର ଉତ୍ତରଣ।'' ('ସବୁଜରୁ ସାମ୍ପ୍ରତିକ', ୧୯୭୯, ପୃ: ୧୮)

**ପୁଣ୍ୟତିଥି ଅବସରରେ**



୧୯୨୦ରେ ରଚିତ 'ବିରହୀ ଯକ୍ଷ' ବା 'ରଜ' ଭଳି କବିତାରେ କାଳିନ୍ଦୀଚରଣଙ୍କ ଆଭିମୁଖ୍ୟ କେବେ ରୂପମୋହ ତ କେବେ ପରମ୍ପରାବହ ଜୀବନ ଦୃଷ୍ଟିରେ ଛନ୍ଦି ହୋଇଥିବାବେଳେ ୧୯୨୭ରେ ରଚିତ 'ପୁରୀ ମନ୍ଦିର' କବିତା କବିଙ୍କର ବ୍ୟତିକ୍ରମୀ କାବ୍ୟ ଭାବନାର ସଂକେତ ହୋଇଉଠିଛି। 'ମଧୁ ବିବାହ' (୧୯୨୫)ରେ ଲଗାମଛଡ଼ା ସବୁଜଦୃଷ୍ଟି ସଂଯତ ହୋଇଛି। 'ପ୍ରଣୟ' ଅପେକ୍ଷା 'ପରିଣୟ'ରେ ଅନୁଭବିଛି ଜୀବନର ସାର୍ଥକତା। 'କୁହୁପ୍ରାସ' (୧୯୩୧)ରେ କୋକିଳର କୂଜନ ନୁହେଁ, ଜୀବନର କୂଜନ ହିଁ ଶୁଭିଛି: ''ଧରଣୀ ହେଲା କୋମଳତମ ଆକାଶ କମନୀୟ/ ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ।'' ('ଛୁରୀଟିଏ ଲୋଡ଼ା'- ପୃ: ୧୦୦) ବ୍ୟକ୍ତିଚେତନା, ସମାଜଚେତନା, ଭଗବତ୍‌ଚେତନା ଓ ଭଗବତୋତ୍ତର ଚେତନା- ଏହିପରି କ୍ରମୋତ୍ତରଣର ଶିଡ଼ି ଫଳିରେ ପାଦ ଥାପି କାଳିନ୍ଦୀଙ୍କ କବିତା ଯଦିଓ ମାଟିରୁ କ୍ରମେ ଆକାଶମୁଖୀ ହୋଇଛି, କିନ୍ତୁ ତାଙ୍କ କାବ୍ୟ ଚେତନାର କେନ୍ଦ୍ରରେ ଅଧିଷ୍ଠିତ ରହିଛି 'ମଣିଷ'। ମଣିଷର ହର୍ଷ ବିଷାଦ, ମଣିଷର ପ୍ରତିବାଦ ଓ ପ୍ରାର୍ଥନା ମଧ୍ୟଦେଇ କବିଙ୍କ କାବ୍ୟଚେତନାର ନାନା ଖାଲଢିପର ବାକ୍-ଯାତ୍ରାକୁ ଅତି କୌତୂହଳର ସହିତ ସମର୍ପିତ ପାଠକ ହିଁ କେବଳ ଉପଭୋଗ କରିପାରେ। କାନ ଡେରିଲେ କାଳିନ୍ଦୀଙ୍କ କବିତାରୁ ଶୁଭେ ଜୀବନର ମାର୍ମିକ ସ୍ୱର। କେତେବେଳେ ବଂଶୀ, କେତେବେଳେ କେନ୍ଦରା, କେତେବେଳେ ଖଞ୍ଜଣି ତ କେତେବେଳେ ମୃଦଙ୍ଗ ରହି ରହି ବାଜିଉଠେ ତାଙ୍କ ବହୁମୁଖୀ କବିତାରେ। ଏଣିକି ଜଡ଼ତା ନୁହେଁ, ଜାଗରଣ; ଏଣିକି ଆଉ ମରଣ ନୁହେଁ ଜୀବନ।

କାଳିନ୍ଦୀଚରଣ କ୍ରମାଗତ ସାଧନା ଦ୍ୱାରା ଓଡ଼ିଆ କବିତାରେ ଏପରି ଏକ ବିଶ୍ୱ-ଚେତନାର ଅଧିକାରୀ ହୋଇଛନ୍ତି, ଯେଉଁ ଚେତନା ଜୀବନର ସଙ୍କଟକାଳରେ କାନ୍ଦିବାକୁ ଲାଜ କରେ ନାହିଁ କି ଜୀବନର ଉଚ୍ଛବରେ ଓଠରୁ ହସ ଲିଭାଇବସେ ନାହିଁ। କାରଣ ଏ ଚେତନାରେ ଥରେ ପହଞ୍ଚିଗଲା ପରେ ନିଶ୍ଚିତ ହେବାକୁ ହୁଏ ଯେ ''ଜୀବନ ପରେ ନାହିଁରେ କିଛି ନାହିଁ''(ଅମର ଆଶା, 'ମୋ କବିତା' ପୃ:୧୨୭)। ୧୯୩୫ରେ ଅନୁଜ ଭଗବତୀଚରଣଙ୍କ 'ନବଯୁଗ ସାହିତ୍ୟ ସଂସଦ' ପ୍ରତିଷ୍ଠିତ ହୁଏ ଓ ପ୍ରକାଶ ପାଏ ତା'ର ମୁଖପତ୍ର 'ଆଧୁନିକ'। ଏହି ପର୍ଯ୍ୟାୟରେ ବାଣୀସାଧକ କାଳିନ୍ଦୀ ହୋଇଉଠନ୍ତି ବାଣୀକର୍ମୀ (Poet Activist) ଓ ଅନ୍ତରର ପ୍ରାର୍ଥନା ହୋଇଯାଏ ଓଠର ପ୍ରତିବାଦ। ''ଖାଳଦେଇ ଯେତେ ଗଢ଼ିଲୁ ରାଇଜ ରଜା/ଲୁହ ଦେଇ ତୋର ହତିଆର ତହିଁ ପଜା/ ବେଳ ଏହି ବେଳ ଏହି / ତୋଳିଥିଲୁ ଯା'କୁ, ତାଡ଼ିବୁ ତାହାକୁ, ନ ଶୁଅରେ ଆଉ ଚେଇଁ।''(ବାଜି ରାଉତ, ୧୯୩୮)। କାଳିନ୍ଦୀଙ୍କ କବିତାର ଅନାସକ୍ତ ଅନୁସରଣ କଲେ ମନେହୁଏ ଯେ, ଅତୀତର ହୋଇ ବି ସେ ଥିଲେ ବାସ୍ତବରେ 'ଆଗାମୀ'ର କବି। ମମତା ଓ ସମତା-ଉଭୟରେ ସମଭାବେ ଲାଳିତ ତାଙ୍କ କବିତା। ତେଣୁ କବି ତାଙ୍କ କବିତାର ଚୂଡ଼ାନ୍ତ ଇସ୍ତାହାର ଶୁଣାନ୍ତି ଅତି ସ୍ପଷ୍ଟ ବାକ୍ୟରେ ଏହିପରି: ''କବିତା ଗଢ଼େ ଏକ ବିରାଟ ସମାଜର/ ସବୁରି ପାଇଁ ଯହିଁ ବଖୁରେ ହେଲେ ଘର / x x କହିବା ପାଇଁ କଥା ସବୁରି ଦାବି ଅଛି / ମୁଁ ସେଇ ସମାଜର କବିତା ବସେଁ ରଚି।'' ('ଆଗାମୀ', ୧୯୪୨)। ଆଜି ତାଙ୍କ ପୁଣ୍ୟ ତିଥି, ପୁଣି ଏ ବର୍ଷ ହେଉଛି କବିଙ୍କର ୧୨୫ତମ ଜୟନ୍ତୀ ବର୍ଷ। ଏହି ମହାନ୍ ଅବକାଶରେ ଭାରତୀୟ କବିତାର ଯୁଗନ୍ଧର କବି କାଳିନ୍ଦୀଚରଣଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ!

**ମୋ: ୯୮୫୩୨୮୭୭୫୫**

## ପାଠକ ଶ୍ରେଷ୍ଠ ବିଚାରକ

### କଶ୍ମୀର ସମସ୍ୟାରେ ମଧ୍ୟସ୍ଥତା ଦରକାର ନାହିଁ

ମହାଶୟ,

ପାକ୍ ଅଧିକୃତ କଶ୍ମୀରରେ ଆତଙ୍କବାଦୀମାନେ ନିରାପଦରେ ରହି ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିବାରୁ ଦୀର୍ଘ ଦଶନ୍ଧି ଧରି ଏହି ଭୂସ୍ୱର୍ଗ ଅଶାନ୍ତ ହୋଇଛି। ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତ ଦୃଢ଼ ପ୍ରତିଶ୍ରୁତିବଦ୍ଧ ହୋଇ ''ଅପରେଶନ ସିନ୍ଦୂର''ରେ ପାକିସ୍ତାନ ଛାନିଆଁ ହୋଇଯାଇଛି। ଭାରତକୁ ପାକ୍ ଅଧିକୃତ କଶ୍ମୀର ନ ଫେରାଇବା ଏବଂ ଆତଙ୍କବାଦୀଙ୍କୁ ନିଜ ଦେଶରୁ ଭାରତକୁ ହସ୍ତାନ୍ତର ନ କରିବା ପର୍ଯ୍ୟନ୍ତ କଶ୍ମୀର ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏଣୁ ଏ କ୍ଷେତ୍ରରେ ଭାରତର କୌଣସି ମଧ୍ୟସ୍ଥତା ଦରକାର ନାହିଁ। ଯଦି ଭାରତ-ପାକିସ୍ତାନ ବିବାଦର ସମାଧାନ ପାଇଁ ଆମେରିକା ବ୍ୟଗ୍ର ତେବେ ପିଓକେ ଓ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଫେରାଇବା ପାଇଁ ପାକିସ୍ତାନକୁ ଆମେରିକା ପ୍ରସ୍ତାବ ଦେବା ଉଚିତ। ଏହା ନ ହେଲେ ଆମେରିକାର ମଧ୍ୟସ୍ଥତା ଦରକାର ନାହିଁ।

**-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସପନ କବିତାର ପାଇଛି ମୂଳ ତା'ର
ହଜିନି କିଛି ମୋର ହଜିନି
ବୟସ ଅନୁରାଗ ଭିତରୁ କଳାଦାଗ
ଖୋଜିବି ନାହିଁ ଆଉ ସଜନି!
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜୟଶଙ୍କରଙ୍କ ସୁରକ୍ଷା ବଢ଼ିଲା

ଆତଙ୍କବାଦ ବିରୋଧରେ ଅପରେଶନ ସିନ୍ଦୂର ପରେ ବୁଧବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସୁରକ୍ଷା ବଢ଼ାଯାଇଛି। ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନ ଚାରିପାଖରେ ସୁରକ୍ଷା ବଳୟକୁ କଡ଼ାକଡ଼ି କରାଯାଇଛି। ରିପୋର୍ଟ ଅନୁଯାୟୀ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜୟଶଙ୍କରଙ୍କ ସୁରକ୍ଷାରେ ୨ଟି ବୁଲେଟ ପ୍ରୁଫ୍ ଗାଡ଼ିକୁ ସାମିଲ କରାଯାଇଛି।

## ଭାରତରେ ତୁର୍କୀ, ଚାଇନାର ସରକାରୀ ମିଡିଆ ଏକ୍ସ' ଆକାଉଣ୍ଟ ବ୍ଲକ୍

ନୂଆଦିଲ୍ଲୀ, ୧୪।୫

ଚାଇନାରେ ସରକାରୀ ପରିଚାଳିତ ଗଣମାଧ୍ୟମ ଏଜେନ୍ସି ଗ୍ଲୋବାଲ ଟାଇମ୍ସ ଓ ଜିନ୍‌ହୁଆ ଏବଂ ତୁର୍କୀର ସରକାରୀ ମିଡିଆ ଏଜେନ୍ସି ଟିଆର୍‌ଟି ୱାର୍ଲ୍ଡର ଏକ୍ସ' ଆକାଉଣ୍ଟକୁ ଭାରତରେ ବ୍ଲକ୍ କରାଯାଇଛି। ଗତ ସପ୍ତାହରେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ମଧ୍ୟରେ ଭାରତର ଜାତୀୟ ସ୍ୱାର୍ଥ ବିରୋଧରେ ବିଭିନ୍ନ ବିଭ୍ରାନ୍ତିକର ଏବଂ ମିଥ୍ୟା ଖବର ପୋଷ୍ଟ କରୁଥିବାରୁ ଭାରତ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଉପରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏହି ଗଣମାଧ୍ୟମଗୁଡ଼ିକ ବିଭିନ୍ନ ବିଭ୍ରାନ୍ତିକର ଏବଂ ଭୁଲ୍ ତଥ୍ୟ ଶେୟାର କରିଥିଲେ।

**ଅପରେଶନ ସିନ୍ଦୂର**

## ରାଷ୍ଟ୍ରପତିଙ୍କୁ ଅବଗତ କରାଇଲେ ସିଡିଏସ୍, ୩ ସେନା ମୁଖ୍ୟ

ନୂଆଦିଲ୍ଲୀ, ୧୪।୫

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନଙ୍କ ସହ ୩ ସେନା ମୁଖ୍ୟ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟି ଆତଙ୍କବାଦ ବିରୋଧରେ ଭାରତର ଅପରେଶନ ସିନ୍ଦୂର ବିଷୟରେ ଅବଗତ କରାଇଛନ୍ତି। ଏହି ଅବସରରେ ଜେନେରାଲ ଅନିଲ ଚୌହାନଙ୍କ ସହ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ମୁର୍ମୁ ଭାରତୀୟ ସଶସ୍ତ୍ର ବାହିନୀର ସାହସିକତା ଏବଂ ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଥିଲେ।

# ଆମେରିକା, ସାଉଦି ଆରବ ପ୍ରତିରକ୍ଷା ଡିଲ୍

## ୧୪୨ ବିଲିୟନ୍ ଡଲାର

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାଉଦି ଆରବ ଗସ୍ତବେଳେ ଦୁଇଦେଶ ମଧ୍ୟରେ ୧୪୨ ବିଲିୟନ୍ ଡଲାର ମୂଲ୍ୟର ଏକ ବୃହତ୍ ପ୍ରତିରକ୍ଷା ଡିଲ୍ ସମ୍ପନ୍ନ ହୋଇଛି। ଏହି ଚୁକ୍ତିନାମା ବଳରେ ଆମେରିକୀୟ କମ୍ପାନୀଗୁଡ଼ିକ ରିୟାଧକୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର, ପ୍ରତିରକ୍ଷା ଉପକରଣ ଓ ସେବା ପ୍ରଦାନ କରିବେ। ଏହା ବଦଳରେ ରିୟାଧ ଆମେରିକୀୟ କମ୍ପାନୀଗୁଡ଼ିକରେ ୬୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବ। ଏଫ୍-୩୫ ଫାଇଟର ଜେଟ୍ ରପ୍ତାନୀ ବିଷୟରେ କିଛି କୁହାଯାଇ ନ ଥିଲେ ମଧ୍ୟ ଆମେରିକା ପକ୍ଷରୁ ସାଉଦି ଆରବକୁ ଏହା ଯୋଗାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାତାର ୟୁନିଭର୍ସିଟି ପ୍ରଫେସର ତଥା ମିଡିଲ୍ ଇଷ୍ଟ ସିକ୍ୟୁରିଟି ଇନିସିଏଟିଭ୍‌ର ବରିଷ୍ଠ ଗବେଷକ ଅଲୀ ବାକିର 'ବ୍ରେକିଂ ଡିଫେନ୍ସ'କୁ କହିଛନ୍ତି, ଯେତେବେଳେ ଟ୍ରମ୍ପ ଫ୍ୟାକ୍ଟର କାମ କରିଥାଏ, ସେତେବେଳେ କୌଣସି ପ୍ରକାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନ ପାରେ। ତେଣୁ ବିନା ଚ୍ୟାଲେଞ୍ଜରେ ସମ୍ଭାବ୍ୟ ଏଫ୍-୩୫ ଡିଲ୍ ହେବ ନାହିଁ ବୋଲି ସେ ମନେକରନ୍ତି।**



ସାଉଦି ଆରବ ରୟାଲ ପ୍ୟାଲେସ୍‌ରେ ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

ନୂଆଦିଲ୍ଲୀ/ନ୍ୟୁୟର୍କ/ଇସ୍‌ଲାମାବାଦ/ବେରୁଟ୍,୧୪।୫

ଆମେରିକା ଓ ସାଉଦି ଆରବ ମଧ୍ୟରେ ପ୍ରାୟ ୧୪୨ ବିଲିୟନ୍ ଡଲାରର ପ୍ରତିରକ୍ଷା ଚୁକ୍ତି ସମ୍ପନ୍ନ ହୋଇଛି। ତଦନୁସାରେ ଆମେରିକା ସାଉଦି ଆରବକୁ ଏହି ପରିମାଣର ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ଉପକରଣ ବିକ୍ରି କରିବ। ହ୍ୱାଇଟ୍ ହାଉସ୍ ଏହାକୁ 'ପ୍ରତିରକ୍ଷା ସାମଗ୍ରୀ ବିକ୍ରି ଇତିହାସରେ ସର୍ବବୃହତ୍ ଡିଲ୍' ବୋଲି ଅଭିହିତ କରିଛି। ଏଥିରେ ଜେନେରାଲ୍ ଇଲେକ୍ଟ୍ରିକ୍‌ରୁ ୧୪.୨ ବିଲିୟନ୍ ଡଲାରର ଗ୍ୟାସ୍ ଟର୍ବାଇନ୍ ଓ ଏନର୍ଜି ସଲ୍ୟୁଶନ ଏବଂ ୪.୮ ବିଲିୟନ୍ ଡଲାର ମୂଲ୍ୟର ବୋଇଂ ୭୩୭-୮ ପାସେଞ୍ଜର ଏୟାରକ୍ରାଫ୍ଟ ବିକ୍ରି ଅନ୍ତର୍ଭୁକ୍ତ। ହ୍ୱାଇଟ୍ ହାଉସ୍ ପକ୍ଷରୁ ଚୁକ୍ତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇ ନ ଥିଲେ ହେଁ ଏହା ଅଧୀନରେ ବାୟୁସେନା, ମହାକାଶ, ଏୟାର ଓ ମିଶାଇଲ୍ ଡିଫେନ୍ସ, ସାମୁଦ୍ରିକ ନିରାପତ୍ତା, ସୀମା ସୁରକ୍ଷା, ସ୍ଥଳସେନାର ଆଧୁନିକୀକରଣ, ସୂଚନା ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନୀକରଣ ଆଦି ଆସୁଥିବା କହିଛି। ଏତିକି ନୁହେଁ, ରୟାଲ ସାଉଦି ଆର୍ମ୍ଡ ଫୋର୍ସେସ୍‌କୁ ଆମେରିକା ସାମରିକ ତାଲିମ ଦେବ। ସାଉଦି ଆରବର ସଶସ୍ତ୍ର ବଳକୁ ଶିକ୍ଷା ସହ ସାମରିକ ଡାକ୍ତରୀ ସେବା ମଧ୍ୟ ଆମେରିକୀୟ ସେନା ପ୍ରଦାନ କରିବ।

ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ବୁଧବାର ସାଉଦି ଆରବ ସହ ସମ୍ପାଦିତ ପ୍ରତିରକ୍ଷା ଚୁକ୍ତି ଆମେରିକା ଇତିହାସରେ ପ୍ରତିରକ୍ଷା କ୍ଷେତ୍ରରେ ସବୁଠୁ ବଡ଼ ଡିଲ୍। ସାଉଦି ଆରବ ସହିତ ସହଭାଗିତାକୁ ମଜଭୁତ୍ କରିବା ନେଇ ଆମେରିକାର ପ୍ରତିଶ୍ରୁତିବଦ୍ଧତା ଏଥିରୁ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଏହା ବଦଳରେ ସାଉଦି ଆରବ ଆମେରିକାର ବିଭିନ୍ନ ଶିଳ୍ପରେ ୬୦୦ ବିଲିୟନ୍ ଡଲାର ପୁଞ୍ଜି ନିବେଶ କରିବ। ଆମେରିକାର ବିଦେଶୀ ସାମରିକ ବିକ୍ରି କଥା ବୁଝୁଥିବା ପରରାଷ୍ଟ୍ର ବିଭାଗ ମଧ୍ୟ ଡିଲ୍ ହୋଇଥିବା ବିଷୟ କହିଛି। କିନ୍ତୁ ଏହାର ପ୍ରତିନିଧିମାନେ ଏ ସମ୍ପର୍କରେ 'ବ୍ରେକିଂ ଡିଫେନ୍ସ'କୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ବିଶ୍ୱର ପ୍ରତିରକ୍ଷା ଶିଳ୍ପ କାରବାର ବିଶ୍ଳେଷଣକାରୀ ସଂସ୍ଥା 'ବ୍ରେକିଂ ଡିଫେନ୍ସ' ସହ ଆଲୋଚନାବେଳେ ନିଅର୍ ଇଷ୍ଟ ସାଉଥ୍ ଏସିଆ ସେଣ୍ଟର ଫର୍ ସିକ୍ୟୁରିଟି ଷ୍ଟଡିଜ୍ ପ୍ରଫେସର ଷ୍ଟିଲ୍ ଡାଭିଡ୍ ଡେସ୍ ରୋଚେସ୍ କହିଛନ୍ତି, ଏହି ଡିଲ୍ ଯୋଗୁ ସାଉଦି ଆରବର ଏୟାର ଡିଫେନ୍ସ ବିଶେଷକରି ପାଟ୍ରିଅଟ୍ ଏୟାର ଡିଫେନ୍ସ ମଜଭୁତ୍ ହେବ। କିନ୍ତୁ ଏଥିଲାଗି ସେମାନଙ୍କୁ ଅଧିକ ପରିମାଣର ମିଶାଇଲ ଓ ନୂଆ ଲଞ୍ଚର ଦିଆଯିବା ଆବଶ୍ୟକ। ସାଉଦି ଆରବ ବହୁ ଆକାଂକ୍ଷିତ ପାଟ୍ରିଅଟ୍ ରାଡାରକୁ ମଧ୍ୟ ଏହି ଡିଲ୍ ଅଧୀନରେ ଉନ୍ନତ କରାଯାଇପାରେ।

## ଚର୍ଚ୍ଚାରେ ଏଫ୍-୩୫ ଜେଏସ୍ଏଫ୍

ସାଉଦି ଆରବ ଆମେରିକାଠାରୁ ଦୀର୍ଘ ସମୟ ଧରି ଏଫ୍-୩୫ ଜଏଣ୍ଟ ଷ୍ଟ୍ରାଇକ୍ ଫାଇଟର ପ୍ଲେନ୍ ଦାବି କରିଆସୁଥିବାବେଳେ ମଙ୍ଗଳବାର ସମ୍ପାଦିତ ୧୪୨ ବିଲିୟନ୍ ଡଲାର ମୂଲ୍ୟର ପ୍ରତିରକ୍ଷା ଚୁକ୍ତିରେ ଏସମ୍ପର୍କରେ ଉଲ୍ଲେଖ ଥିବା ନେଇ ହ୍ୱାଇଟ୍ ହାଉସ୍ ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। କାତାର ୟୁନିଭର୍ସିଟି ପ୍ରଫେସର ତଥା ମିଡିଲ୍ ଇଷ୍ଟ ସିକ୍ୟୁରିଟି ଇନିସିଏଟିଭ୍‌ର ବରିଷ୍ଠ ଗବେଷକ ଅଲୀ ବାକିର 'ବ୍ରେକିଂ ଡିଫେନ୍ସ'କୁ କହିଛନ୍ତି, ଯେତେବେଳେ ଟ୍ରମ୍ପ ଫ୍ୟାକ୍ଟର କାମ କରିଥାଏ, ସେତେବେଳେ କୌଣସି ପ୍ରକାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନ ପାରେ। ତେଣୁ ବିନା ଚ୍ୟାଲେଞ୍ଜରେ ସମ୍ଭାବ୍ୟ ଏଫ୍-୩୫ ଡିଲ ହେବ ନାହିଁ ବୋଲି ସେ ମନେକରନ୍ତି। ନିଅର୍ ଇଷ୍ଟ ସାଉଥ୍ ଏସିଆ ସେଣ୍ଟର ଫର୍ ସିକ୍ୟୁରିଟି ଷ୍ଟଡିଜ୍ ପ୍ରଫେସର ଷ୍ଟିଲ୍ ଡାଭିଡ୍ ଡେସ୍ ରୋଚେସ୍ କହିଛନ୍ତି, ଏଫ୍-୩୫ ଡିଲ୍ ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର କରି ନ ଥାଏ। ବରଂ ବିଦେଶକୁ ନିଜ ଜ୍ଞାନକୌଶଳ ପ୍ରଦାନ କରାଯିବା ନେଇ ଆମେରିକା ଚିନ୍ତିତ ଥାଇପାରେ।





ପାକିସ୍ତାନୀ ସେନାର ଗୁଳିଗୋଳା ମାଡ଼ରେ ଧ୍ୱସ୍ତ ଉରି ସେକ୍ଟରର ବିଭିନ୍ନ ଅଞ୍ଚଳ ଗସ୍ତକରି ଲୋକଙ୍କ ସହ ଭାବବିନିମୟ କରୁଛନ୍ତି ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା।

## ୨୧ ଦିନ ପରେ ବିଏସ୍ଏଫ୍ ଯବାନଙ୍କୁ ମୁକ୍ତକଲା ପାକ୍

**ପାକିସ୍ତାନୀ ରେଞ୍ଜରଙ୍କୁ ଛାଡ଼ିଲା ଭାରତ**

ଅମୃତସର, ୧୪।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ବୁଧବାର ଉଭୟ ଦେଶ ୱାଘା-ଅଟାରୀ ସୀମାରେ ନିଜ ନିଜ କବ୍‌ଜାରେ ଥିବା ଜଣେ ସୈନ୍ୟଙ୍କୁ ମୁକ୍ତ କରିଛନ୍ତି। ୨୧ ଦିନ ପରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଯବାନ ପୂର୍ଣ୍ଣମ କୁମାର ଶଙ୍କୁ ପାକିସ୍ତାନ ମୁକ୍ତ କରିଛି। ବୁଧବାର ପୂର୍ବାହ୍ନ ୧୦.୩୦ଟା ସମୟରେ ପାକିସ୍ତାନୀ ରେଞ୍ଜରମାନେ ପୂର୍ଣ୍ଣମଙ୍କୁ ବିଏସ୍ଏଫ୍‌କୁ ହସ୍ତାନ୍ତର କରିଥିଲେ। ଭାରତ ଫେରିବା ପରେ ପୂର୍ଣ୍ଣମଙ୍କର ତୁରନ୍ତ



ପୂର୍ଣ୍ଣମ କୁମାର ଶ

ମେଡିକାଲ ଚେକ୍‌ଅପ୍ କରାଯାଇଥିଲା ଏବଂ ଏହାପରେ ତାଙ୍କର କାଉନ୍‌ସେଲିଂ କରାଯାଇଛି। ଗତ ଏପ୍ରିଲ ୨୩ରେ ସେ ଭୁଲ୍‌ବଶତଃ ଅନ୍ତର୍ଜାତୀୟ ସୀମା ପାର୍ କରି ପାକିସ୍ତାନରେ ପ୍ରବେଶ କରିଥିଲେ। ପୂର୍ଣ୍ଣମଙ୍କ ମୁକ୍ତି ପାଇଁ ବିଏସ୍ଏଫ୍ ପକ୍ଷରୁ ଲଗାତର ପ୍ରୟାସ କରାଯାଇଥିଲା। ଏଥିପାଇଁ ବିଏସ୍ଏଫ୍ ଏବଂ ପାକିସ୍ତାନୀ ରେଞ୍ଜର୍ସଙ୍କ ମଧ୍ୟରେ ୬ରୁ ଅଧିକ ଥର ଫ୍ଲାଗ୍ ମିଟିଂ ହୋଇଥିଲା ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ପାକିସ୍ତାନୀ ରେଞ୍ଜରମାନେ ପୂର୍ଣ୍ଣମଙ୍କୁ ଭାରତୀୟ ସେନା ଅଧିକାରୀଙ୍କୁ ହସ୍ତାନ୍ତର କରିବା ପରେ ଭାରତ ପକ୍ଷରୁ ମଧ୍ୟ ପାକିସ୍ତାନୀ ରେଞ୍ଜର ମହମଦୁଲ୍ଲାଙ୍କୁ ପାକିସ୍ତାନୀ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ମହମଦୁଲ୍ଲା ପ୍ରାୟ ୨ ସପ୍ତାହ ତଳେ ଅସାବଧାନତାବଶତଃ ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲାରେ ଥିବା ଅନ୍ତର୍ଜାତୀୟ ସୀମା ପାର୍‌କରି ଭାରତରେ ପ୍ରବେଶ କରିଥିଲେ। ତାଙ୍କୁ ବିଏସ୍ଏଫ୍ ହାଜତରେ ରଖାଯାଇଥିଲା।

## 'ଆତଙ୍କବାଦୀଙ୍କୁ ମାରିବା ପାଇଁ ସେମାନଙ୍କ ଭଉଣୀଙ୍କୁ ପଠାଇଥିଲେ ମୋଦି'

**ଭାଜପା ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ, ମାମଲା କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଭୋପାଳ/ନୂଆଦିଲ୍ଲୀ,୧୪।୫

ପହଲଗାମ୍ ଆକ୍ରମଣ ପରେ ଅପରେଶନ୍ ସିନ୍ଦୂର, ପାକିସ୍ତାନରେ ଆତଙ୍କବାଦ ଭିତ୍ତିଭୂମି ଧ୍ୱସ୍ତ କରାଯିବା ଉପରେ ନିୟମିତ ମିଡିଆ ବ୍ରିଫିଙ୍ଗ୍ କରୁଥିବା କଲୋନେଲ ସୋଫିଆ କ୍ୟୁରେଶୀଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ଫସିଛନ୍ତି ମଧ୍ୟପ୍ରଦେଶର ଭାଜପା ନେତା ତଥା ରାଜ୍ୟ କ୍ୟାବିନେଟ ମନ୍ତ୍ରୀ କୁଅଁର ବିଜୟ ଶାହ। ଇନ୍ଦୋର ନିକଟ ରାମକୁଣ୍ଡ ଗ୍ରାମରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ମନ୍ତ୍ରୀ ଶାହ କହିଛନ୍ତି, ଆତଙ୍କବାଦୀମାନେ ଆମ ଭଉଣୀମାନଙ୍କ ମଥାରୁ ସିନ୍ଦୂର ପୋଛିନେଇ ବିଧବା ସଜାଇଛନ୍ତି। ଆମେ ସେମାନଙ୍କ ଭଉଣୀଙ୍କୁ ସେମାନଙ୍କ ନିକଟକୁ ପଠାଇ ପ୍ରତିଶୋଧ ନେଇଛୁ। ପ୍ରଧାନମନ୍ତ୍ରୀ



କୁଅଁର ବିଜୟ ଶାହ



ସୋଫିଆ କ୍ୟୁରେଶୀ

ନରେନ୍ଦ୍ର ମୋଦି ଆତଙ୍କବାଦୀମାନଙ୍କୁ ମାରିବା ପାଇଁ ଏକ ସେନା ବିମାନରେ ସେମାନଙ୍କ ଭଉଣୀ(ସୋଫିଆ)ଙ୍କୁ ପଠାଇଥିଲେ। ଶାହଙ୍କ ଏହି ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅନେକ ବିରୋଧୀ ନେତା ଶାହଙ୍କୁ ଭାଜପା ଓ କ୍ୟାବିନେଟରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ବିବାଦ ଉଠିବା ପରେ ଶାହ କ୍ଷମା ମାଗିଛନ୍ତି। ଭଉଣୀ ସୋଫିଆ ଜାତି ଓ ଧର୍ମରୁ ଊର୍ଦ୍ଧ୍ୱକୁ ଯାଇ ଭାରତ ପାଇଁ ଗୌରବ ଆଣିଦେଇଛନ୍ତି। ସେ ଆମ ନିଜ ଭଉଣୀଠାରୁ ଅଧିକ ସମ୍ମାନାସ୍ପଦ। ରାଷ୍ଟ୍ର ପତି ତାଙ୍କ ସେବାକୁ ସାଲ୍ୟୁଟ୍ ବୋଲି ଶାହ କହିବା ସହ କାହା ମନରେ ଆଘାତ ଦେଇଥିଲେ ସେ କ୍ଷମାପ୍ରାର୍ଥୀ ବୋଲି କହିଛନ୍ତି। ଭାଜପା ଏଥିଲାଗି ଶାହଙ୍କୁ ଚୁପ୍ ରହିବାକୁ ନିର୍ଦ୍ଦେଶ ଦେବା ସହ ତାଙ୍କ ମନ୍ତବ୍ୟକୁ ନିନ୍ଦା କରିଛି। ଇତିମଧ୍ୟରେ ମଧ୍ୟପ୍ରଦେଶ ହାଇକୋର୍ଟ ଶାହଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆମେରିକୀୟ ବାପା ଯୁଦ୍ଧ ବନ୍ଦ କରାଇଲେ: କଂଗ୍ରେସ

**ସୀମାରେ ଆଉ ଗୁଳିଗୋଳାର ଶବ୍ଦ କି ରାତିଅଧିଆ ଆକ୍ରମଣର ଆତଙ୍କ ନାହିଁ। ଜମ୍ମୁ-କଶ୍ମୀରରେ ଦୋକାନ ବଜାର ଖୋଲିବାରେ ଲାଗିଛି, ପିଲାମାନେ ସ୍କୁଲ ଯିବାକୁ ବାହାରିଲେଣି। ବୈଷ୍ଣୋଦେବୀ ପୀଠକୁ ୭ ଦିନ ପରେ ହେଲିକପ୍ଟର ସେବା ପୁଣି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ସୀମାନ୍ତବାସୀଙ୍କ ଦୁଃଖରେ ସହଭାଗୀ ହେବା ପାଇଁ ଏଲ୍‌ଓସିକୁ ଯାଇ ପୁନର୍ବାସର ପ୍ରତିଶ୍ରୁତି ଦେଉଛନ୍ତି। ଭୁଲ୍‌ବଶତଃ ପାକିସ୍ତାନ ମାଟିରେ ପାଦ ଥାପିଦେଇଥିବା ବିଏସ୍ଏଫ୍ ଯବାନ ୨୧ ଦିନ ପରେ ଭାରତ ଫେରିଛନ୍ତି। ଏସବୁ ଦେଖିଲେ ସ୍ଥିତି କ୍ରମଶଃ ସ୍ୱାଭାବିକ ଆଡ଼କୁ ଫେରୁଥିବା ମନେହେଉଥିବାବେଳେ ରାଜନୀତି କିନ୍ତୁ ସରଗରମ ହେବାରେ ଲାଗିଛି। ରାଜନୈତିକ ଦଳଗୁଡ଼ିକ ପାକିସ୍ତାନକୁ ପାନେ ଦେଇଥିବା ଭାରତୀୟ ସଶସ୍ତ୍ର ବଳର ମନୋବଳ ବଢ଼ାଇବା ପାଇଁ ଯାତ୍ରା ଚଳାଇଥିବାବେଳେ 'ଅପରେଶନ୍ ସିନ୍ଦୂର' ସଫଳତାର ଶ୍ରେୟରୁ ଲାଭ ହାସଲ ଆଶାରେ ଭାଜପା ନିଜସ୍ୱ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରିଛି। ଏଭଳି ସମୟରେ ଅସ୍ତ୍ରବିରତିରେ ଆମେରିକାର ଭୂମିକାକୁ ନେଇ କଂଗ୍ରେସ ପୁଣି ପ୍ରଶ୍ନ ଉଠାଇଛି।**



ଜୟରାମ ରମେଶ

- **ପାକିସ୍ତାନକୁ ଆଉ ୧.୦୨୩ ବିଲିୟନ ଡଲାର ଦେଲା ଆଇଏମ୍ଏଫ୍**
- **ଟ୍ରମ୍ପଙ୍କ ଭୂମିକାକୁ ନେଇ ପ୍ରଶ୍ନ**

ନୂଆଦିଲ୍ଲୀ,୧୪।୫

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ବୁଧବାର ପାକିସ୍ତାନକୁ ପରିବର୍ଦ୍ଧିତ ପାଣ୍ଠି ସୁବିଧା କାର୍ଯ୍ୟକ୍ରମ ଅଧୀନ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧.୦୨୩ ବିଲିୟନ ଡଲାର ଦିଆଯାଇଛି। ଆସନ୍ତା ଜୁନ୍ ୨ରେ ପାକିସ୍ତାନ ସରକାର ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଇସ୍‌ଲାମାବାଦ ସହ ମେ' ୧୬ ପର୍ଯ୍ୟନ୍ତ ଆଲୋଚନା ଚାଲିବ ବୋଲି ଆଇଏମ୍ଏଫ୍ କହିଛି। ଏହା ପୂର୍ବରୁ ଶୁକ୍ରବାର ପାକିସ୍ତାନକୁ ଆଇଏମ୍ଏଫ୍ ୧ ବିଲିୟନ୍ ଡଲାର ଋଣ ପ୍ରଦାନ କରିଥିଲା। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ ଏଭଳି ସମୟରେ ୨.୦୨୩ ବିଲିୟନ ଡଲାର ସହାୟତା ପଛର କାରଣ କ'ଣ ବୋଲି ଅନେକେ ପ୍ରଶ୍ନ ଉଠାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ହସ୍ତକ୍ଷେପ ଯୋଗୁ ସିଜ୍‌ଫାୟାର ସମ୍ଭବ ହୋଇଥିବା ବାରମ୍ବାର କହୁଛନ୍ତି। ଏପରି କି କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି।

ଭାରତ-ପାକିସ୍ତାନ ମଧ୍ୟରେ ୪ ଦିନ ଧରି ଯୁଦ୍ଧ ସ୍ଥିତି ଲାଗି ରହିବା ପରେ ମେ' ୧୦ ଅପରାହ୍ନ ୫ଟାରୁ ଅସ୍ତ୍ରବିରତି ପାଇଁ ଦୁଇଦେଶ ସହମତି ପ୍ରକାଶ କରିଥିଲେ। ଉଭୟ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍ଓ) ସ୍ତରରେ ଆଲୋଚନା ପରେ ସିଜ୍‌ଫାୟାର ହୋଇଥିବା ଭାରତ ପକ୍ଷରୁ କୁହାଯାଉଛି। କିନ୍ତୁ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରର ଏପରି ସଫେଇକୁ ବିଶ୍ୱାସ କରିପାରୁନାହାନ୍ତି। ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ୍ ବୁଧବାର ଟ୍ରମ୍ପଙ୍କ ମଧ୍ୟସ୍ଥତା ମନ୍ତବ୍ୟ ଉପରେ କେନ୍ଦ୍ରକୁ ସ୍ପଷ୍ଟୀକରଣ ମାଗିଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, କିଛିଦିନ ପୂର୍ବରୁ ପାକିସ୍ତାନ ସହ ଟ୍ରମ୍ପଙ୍କ ଯୋଗୁ ସିଜ୍‌ଫାୟାର ସମ୍ଭବ ହୋଇଥିବା ଆମେ ଜାଣିବାକୁ ପାଇଥିଲୁ। ମଙ୍ଗଳବାର ସାଉଦି ଆରବରେ ଟ୍ରମ୍ପ୍ କହିଛନ୍ତି, ଅସ୍ତ୍ରବିରତି ପାଇଁ ଭାରତ ରାଜି ହୋଇ ନ ଥିଲେ ସେ ନୂଆଦିଲ୍ଲୀକୁ ବ୍ଲାକ୍‌ମେଲ୍ କରିଥାଆନ୍ତେ। ଟ୍ରମ୍ପଙ୍କ ନିକଟରେ କେନ୍ଦ୍ର ସରକାର ଭାରତର ସୁରକ୍ଷା ସ୍ୱାର୍ଥକୁ ବନ୍ଧା ପକାଇ ଦେଇଛନ୍ତି କି? ଆମେରିକୀୟ ବାପା ଯୁଦ୍ଧ ବନ୍ଦ କରାଇଲେ କି ବୋଲି ଏକ୍ସ'ରେ ରମେଶ ପ୍ରଶ୍ନ କରିଛନ୍ତି।

## ବିଶ୍ୱଜିତ ନାଏକ ହତ୍ୟା ମାମଲା

# ରାସ୍ତାରେ ଶୁଆଇ ଟ୍ରକ୍ ଚଢ଼ାଇ ଦେଇଥିଲେ



ତାଳଚେର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏବଂ ଅଭିଯୁକ୍ତ ଆନନ୍ଦ ନାଏକ।

**ତାଳଚେର,୧୪।୫ (ମନୋଜ ନନ୍ଦ)**

ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ସୃଷ୍ଟ ଶତ୍ରୁତାରୁ ଅନୁଗୋଳ ଜିଲା ତାଳଚେର ବ୍ଲକ କଳିୟାରୀ ଥାନା ଲାଙ୍ଗିଯୋଡ଼ା ଗ୍ରାମର ବିଶ୍ୱଜିତ ନାଏକ (୨୫)ଙ୍କୁ ରାସ୍ତାରେ ଶୁଆଇ ଟ୍ରକ୍ ଚଢ଼ାଇ ହତ୍ୟା କରାଯାଇଥିଲା। ଗତ ଏପ୍ରିଲ ୨୭ ତାରିଖରେ ତାଳଚେର ଥାନା ଶିବରାମପୁର ଗ୍ରାମ ନିକଟରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ ହୋଇଥିଲା। ତେବେ ଘଟଣାର ତଦନ୍ତ ପରେ ୫ ଅଭିଯୁକ୍ତଙ୍କ ମଧ୍ୟରୁ ବୁଧବାର ଜଣେ ଅଭିଯୁକ୍ତ ଆନନ୍ଦ ନାଏକଙ୍କୁ ତାଳଚେର ପୋଲିସ ଗିରଫ କରିବା ସହ ଏହି ହତ୍ୟା ମାମଲା ଉପରୁ ପରଦା ହଟାଇଛି।

ତାଳଚେର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ କହିଛନ୍ତି, ଏପ୍ରିଲ ୨୭ ଅପରାହ୍ନ ୧ଟା ୩୦ରେ ଲାଙ୍ଗିଯୋଡ଼ା ଗ୍ରାମର ବିଶ୍ୱଜିତ ଘରେ ଖାଉଥିବା ସମୟରେ ଏକ ଫୋନ କଲ୍ ପାଇଥିଲେ। ଏହାପରେ ସେ ହାଟତୋଟା ଯାଉଥିବା କହି ସ୍କୁଟି (ନଂ. ଓଡିଏ୫ଜି-



ବିଶ୍ୱଜିତ ନାଏକ

୯୫୨୩)ରେ ଘରୁ ବାହାରି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବାରମ୍ବାର ଫୋନ କରି ଉତ୍ତର ପାଇ ନ ଥିଲେ। ଫଳରେ ବିଶ୍ୱଜିତଙ୍କ ବାପା ବିମଳ ନାଏକ କଳିୟାରୀ ଥାନାରେ ନିଖୋଜ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ. ୧୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଗତ ୫ ତାରିଖରେ ଶିବରାମପୁର ଗ୍ରାମ ପାଖ ରାସ୍ତା କଡ଼ ନାଳ ଭିତରେ ଏକ ଗଳିତ ମୃତଦେହ ସହ ସ୍କୁଟି ପଡ଼ିଥିବା ଖବର ମିଳିଥିଲା। ପୋଲିସଠାରୁ ସୂଚନା ପାଇ

### ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ହତ୍ୟା

ବିମଳ ସେଠାରେ ପହଞ୍ଚି ମୃତଦେହ ପୁଅ ବିଶ୍ୱଜିତଙ୍କର ବୋଲି ଚିହ୍ନଟ କରିବା ସହ ତାଳଚେର ଥାନାରେ ଅଭିଯୋଗ କରିଥିଲେ। ତାଳଚେର ପୋଲିସ ନଂ.୧୬/୨୦୨୫ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଏସ୍‌ଡିପିଓ ଭରତ ସାହୁ, ତାଳଚେର ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ, ଏସ୍‌ଆଇ ତୁଷାରକାନ୍ତ ମହାନ୍ତି, ଏସ୍‌ଆଇ ଦେବବ୍ରତ ନାୟକ. ଏସ୍‌ଆଇ ସତ୍ୟବ୍ରତ ରାଉତ, ଏସ୍‌ଆଇ ପୁଲିନିକୁମାର ପ୍ରଧାନ, ଏସ୍‌ଆଇ ସରୋଜିନୀ ବେହେରା ଉପସ୍ଥିତ ଥିଲେ।

### ହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ହୋଇଥିଲା ଯୋଜନା

ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଅଭିଯୁକ୍ତ ଆନନ୍ଦ ନାଏକ ଓ ସତ୍ୟପ୍ରକାଶ ନାଏକଙ୍କ ସହିତ ବିଶ୍ୱଜିତଙ୍କ ପୂର୍ବ ଶତ୍ରୁତା ଥିଲା। ତେଣୁ ଆନନ୍ଦ ଓ ସତ୍ୟପ୍ରକାଶ ମିଶି ବିଶ୍ୱଜିତଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସେମାନେ ଏକ ବେନାମୀ ସିମ୍ ଓ ନୂଆ ମୋବାଇଲ କିଣି ଏପ୍ରିଲ ୨୫ରୁ ବିଶ୍ୱଜିତଙ୍କ ସହିତ କଥା ହେଉଥିଲେ। ୨୭ ତାରିଖରେ ଆନନ୍ଦ ଓ ସତ୍ୟପ୍ରକାଶ ବିଶ୍ୱଜିତଙ୍କୁ ଫୋନ କରି ଦେଉଳବେଡ଼ା ଗ୍ରୀନ ଗ୍ରାସ୍ ଷ୍ଟାଡିୟମ ପାଖକୁ ଡାକିଥିଲେ। ସେଠାରେ ଆନନ୍ଦ, ସତ୍ୟପ୍ରକାଶ ଓ ସତ୍ୟପ୍ରକାଶଙ୍କ ଜଣେ ସାଙ୍ଗ କାର୍ (ନଂ. ଓଡି ୩୩ କ୍ୟୁ ୮୯୮୯)ରେ ଅପେକ୍ଷା କରିଥିଲେ। ବିଶ୍ୱଜିତ ସ୍କୁଟିରେ ପହଞ୍ଚିବା ପରେ ତାଙ୍କୁ ଆନନ୍ଦ ଓ ସତ୍ୟପ୍ରକାଶ କାର୍‌ରେ ନେଇ ଏକଡାଳ ଗ୍ରାମ ଜଙ୍ଗଲକୁ ଯାଇଥିଲେ। ବିଶ୍ୱଜିତଙ୍କ ସ୍କୁଟି ସତ୍ୟପ୍ରକାଶଙ୍କ ଜଣେ ସାଙ୍ଗ ଚଲାଉଥିଲେ। ଏକଡାଳ ଜଙ୍ଗଲରେ ସେମାନଙ୍କ ସହ ସତ୍ୟପ୍ରକାଶଙ୍କ ଆଉ ୨ ସାଙ୍ଗ ଏକତ୍ରିତ ହୋଇଥିଲେ। ସନ୍ଧ୍ୟାରେ ସେମାନେ ବିଶ୍ୱଜିତଙ୍କୁ ଶିବରାମପୁର ଗ୍ରାମ ପାଖକୁ ନେଇ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍ ପଛ ଚକା ତଳେ ଶୁଆଇ ଚାଳକଙ୍କୁ ଧମକ ଦେଇ ଗାଡ଼ି ନେଇ ପଳାଇବାକୁ କହିଥିଲେ। ଫଳରେ ଟ୍ରକ୍‌ର ପଛ ଚକା ବିଶ୍ୱଜିତଙ୍କ ଉପରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣା ରୂପ ଦେବାକୁ ରାସ୍ତାକଡ଼ ନାଳ ଭିତରକୁ ବିଶ୍ୱଜିତଙ୍କ ମୃତଦେହ ସହ ସ୍କୁଟି ଫୋପାଡ଼ି ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପୁଲିନ କୁମାର ପ୍ରଧାନ ଏ ସମ୍ପର୍କରେ ତାଳଚେର ଥାନା ଅଧିକାରୀଙ୍କୁ ବୁଧବାର ଲିଖିତ ଭାବେ ଜଣାଇବା ପରେ ତାଳଚେର ଥାନାରେ ନଂ. ୩୮୭/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ତଦନ୍ତ ଭାର ନେଇଥିଲେ। ଯଥେଷ୍ଟ ପ୍ରମାଣ ସଂଗ୍ରହ ପରେ ଅଭିଯୁକ୍ତ ଆନନ୍ଦଙ୍କୁ ଗିରଫ କରାଯିବା ସହ କାର୍‌କୁ ଜବତ କରାଯାଇଥିଲା।

## ଭୁବନେଶ୍ୱରରେ ଶିଶୁ ଅପହରଣ ଘଟଣା

# ଜେଲ ଗଲେ ଧରମ ମାମୁ

**ଭୁବନେଶ୍ୱର,୧୪।୫(ସତ୍ୟଜିତ ରାଉତ)**

ଭୁବନେଶ୍ୱର ୟୁନିଟ-୯ ଭୋଇନଗରରୁ ୪ବର୍ଷର ଶିଶୁପୁତ୍ର ଅପହରଣ ଘଟଣାରେ ଶହୀଦନଗର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଧରମ ମାମୁ ସୋନୁ ନାୟକ ଓରଫ ଅଭିଷେକ ଦିଗଲ (୨୫)ଙ୍କୁ ବୁଧବାର କୋର୍ଟ ଚାଲାଣ କରିବା ପରେ ସେ ଜେଲ ଯାଇଛନ୍ତି। ସୋନୁଙ୍କ ଘର କନ୍ଧମାଳ ଜିଲା ରାଇକିଆ ଅଞ୍ଚଳରେ। ତେବେ ସେ କାହିଁକି ଶିଶୁପୁତ୍ରକୁ ଅପହରଣ କରିଥିଲେ ତାହା ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷରେ ସୋନୁ ୧୫ବର୍ଷ ହେବ ପରିବାର ସହ ସମ୍ପର୍କ ରଖି ନ ଥିଲେ ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ସ୍ୱାମୀ ରାକେଶ କୁମାର ମଲ୍ଲିକଙ୍କ ସହ ଝଗଡା କାରଣରୁ ଶିଶୁର ମା' ଗୋରିତା ସିଂ କିଛିବର୍ଷ ତଳେ ବେଙ୍ଗାଲୁରୁରେ ରହୁଥିବା ସାନ ଭଉଣୀଙ୍କ ପାଖକୁ ପଳାଇ ଯାଇଥିଲେ। ୯ ମାସ ରହିବା ପରେ ଦୁଇ ମାସ ତଳେ ସ୍ୱାମୀଙ୍କ ପାଖକୁ ଫେରିଥିଲେ। ତେବେ ବେଙ୍ଗାଲୁରୁରେ ରହିବା ଭିତରେ ସୋନୁଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ସୋନୁଙ୍କୁ ଧରମ ଭାଇ କରିଥିଲେ ଗୋରିତା। ସୋମବାର ସୋନୁ ଭୋଇନଗରସ୍ଥିତ ଗୋରିତାଙ୍କ ଘରକୁ ଯାଇ ତାଙ୍କ ପୁଅକୁ ଅପହରଣ କରିବାକୁ ସୋନୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ଗୋରିତାଙ୍କ ୪ବର୍ଷର ସାନ ପୁଅ ଘର ବାହାରେ ଖେଳୁଥିବାବେଳେ ସୋନୁ ତାଙ୍କୁ ଅପହରଣ କରିନେଇଥିଲେ। ଏପଟେ ପୁଅକୁ ନ ପାଇ ସନ୍ଧ୍ୟାରେ ଗୋରିତା ଥାନାରେ ଏତଲା ଦେଇଥିଲେ।

# ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ୨୮ରେ ରାୟ

**ପାଟଣାଗଡ଼/ବଲାଙ୍ଗୀର, ୧୪।୫ (ସଚ୍ଚିଦାନନ୍ଦ ମହାକୁର/ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍‌ଙ୍କ(ଏଡିଜେ)କୋର୍ଟରେ ଚାଲିଥିବା ବହୁଚର୍ଚ୍ଚିତ ୨୦୧୮ ଫେବୃଆରୀ ୨୩ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିତର୍କ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଆସନ୍ତା ୨୮ତାରିଖରେ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ବୁଧବାର ବିତର୍କ ପ୍ରକ୍ରିୟା ଶେଷ ହେବା ପରେ ପାଟଣାଗଡ଼ ଏଡିଜେ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଥିବା ଜଣାପଡ଼ିଛି। ଉକ୍ତ ମାମଲାର ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କଠୋର ଦଣ୍ଡବିଧାନ ହେବ ନା ସେ ଅଭିଯୋଗରୁ ମୁକୁଳିଯିବେ ତାକୁନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ବିତର୍କ ବୁଧବାର ଶେଷ ହୋଇଛି। କୋର୍ଟରେ ଉଭୟ ପକ୍ଷର ଓକିଲ ନିଜ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯାହା ସବୁ ତଥ୍ୟ ପ୍ରମାଣ ମିଳିଥିଲା ତାକୁ ନେଇ ବିତର୍କ ଉପସ୍ଥାପନ କରିଥିଲେ। ପୀଡ଼ିତ ପରିବାର ନ୍ୟାୟ ପାଇବେ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଅଭିଯୁକ୍ତଙ୍କ ଓକିଲ ପ୍ରମୋଦ ମିଶ୍ର ମଧ୍ୟ କୋର୍ଟରେ ଦିଆଯାଇଥିବା ତଥ୍ୟ ଓ ପ୍ରମାଣକୁ ଚ୍ୟାଲେଞ୍ଜକରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ତଥ୍ୟ ଓ ପ୍ରମାଣକୁ ସେ ଚ୍ୟାଲେଞ୍ଜ କରିଥିଲେ। କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିବା ଦେଖାଯାଇଥିଲା।

# ଏସ୍‌ପିଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ଏସ୍‌ଡିପିଓ

**ଜଳେଶ୍ୱର, ୧୪।୫ (ନବୀନ ସାହୁ)**

ଜଣେ ପୋଲିସ ଅଧିକାରୀଙ୍କୁ ଉପରିସ୍ଥ ଅଧିକାରୀ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏପରି କି ତାଙ୍କୁ ଯଦି ନ୍ୟାୟ ନ ମିଳିବ ତେବେ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ବାଲେଶ୍ୱର ଏସ୍‌ପି ରାଜପ୍ରସାଦଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ। ତାଙ୍କ ପ୍ରତି ବାରମ୍ବାର ଆକ୍ଷେପମୂଳକ ଓ ଅପମାନଜନକ ବ୍ୟବହାର ପ୍ରଦର୍ଶନ ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ଚାକିରିରୁ ନିଲମ୍ବନ ଧମକ ଦିଆଯାଉଛି ବୋଲି ବ୍ରଜମୋହନ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖି ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ସମାଧାନ କରା ନ ଗଲେ ସେ ଆତ୍ମହତ୍ୟା ଭଳି ଚରମପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

ଏସ୍‌ଡିପିଓ ବ୍ରଜମୋହନଙ୍କ ଅଭିଯୋଗ ଅନୁଯାୟୀ, ଏସ୍‌ପି ତାଙ୍କ ଉପରେ ଅଧିକ ଦାୟିତ୍ୱ ଲଦି ଦେବା ସହ ବିଭିନ୍ନ ବୈଠକରେ ଅନ୍ୟ ଅଧସ୍ତନ କର୍ମଚାରୀଙ୍କ ଆଗରେ ବାରମ୍ବାର ଅପମାନିତ କରୁଛନ୍ତି। ସେ ଏବେ ବାଲେଶ୍ୱର ହେଡକ୍ୱାର୍ଟରରେ ଡିଏସ୍‌ପି ଦାୟିତ୍ୱ ତୁଲାଉଥିବା ବେଳେ ପୁଣି ଜଳେଶ୍ୱରରେ ଏସ୍‌ଡିପିଓ ଦାୟିତ୍ୱରେ ଅଛନ୍ତି। ସେ ବାରମ୍ବାର ମନା କରିବା ସତ୍ତ୍ୱେ ତାଙ୍କୁ ଏସ୍‌ଡିପିଓ ଦାୟିତ୍ୱ ଦିଆଯାଇଛି। ୫୮ବର୍ଷ ବୟସରେ ସେ ଜଳେଶ୍ୱରରୁ ବାଲେଶ୍ୱର ଯିବା ଏବଂ ହେଡକ୍ୱାର୍ଟର କାର୍ଯ୍ୟରେ ଯୋଗଦେବା ପାଇଁ ଅସୁବିଧା ହେଉଛି।



ଚିକିତ୍ସାଧୀନ ଏସ୍‌ଡିପିଓ ବ୍ରଜ ମୋହନ ପ୍ରଧାନ।

### ଆତ୍ମହତ୍ୟା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖିଲେ

### ମେଡିକାଲରେ ଭେଟିଲେ ଡିଆଇଜି

ଗତ ମାସ ୪ ତାରିଖରେ ସେ ଜଳେଶ୍ୱର ଏସ୍‌ଡିପିଓ ଦାୟିତ୍ୱରେ ରହିବା ପାଇଁ ଅସମର୍ଥତା ପ୍ରକାଶ କରିଥିଲେ। କାରଣ ତାଙ୍କୁ ମୁଖ୍ୟାଳୟ କାର୍ଯ୍ୟ ପାଇଁ କୌଣସି କମ୍ପ୍ୟୁଟର ଟାଇପିଷ୍ଟ ନିୟୋଜିତ କରାଯାଇ ନ ଥିଲା। ଏସ୍‌ପି କମ୍ପ୍ୟୁଟର ଟାଇପିଷ୍ଟ ନିୟୋଜନ କରିବା ବଦଳରେ ତାଙ୍କୁ ଚାକିରି ଛାଡ଼ିବାକୁ ଧମକ ଦେଇଥିଲେ, ଯାହାକି ତାଙ୍କ ପ୍ରତି ପକ୍ଷପାତିତା ହୋଇଥିଲା। ତାଙ୍କ ପାଖରୁ ଯଦି ଏସ୍‌ଡିପିଓ ଦାୟିତ୍ୱ ପ୍ରତ୍ୟାହାର କରି ନିଆ ନ ଯାଏ ତା'ହେଲେ ସେ ଜୀବନ ହାରିଦେବେ। ତାଙ୍କର ମାନସିକ ସ୍ଥିତି ଭଲ ନାହିଁ ବୋଲି ଚିଠିରେ ପୂର୍ବାଞ୍ଚଳ ଡିଆଇଜିଙ୍କୁ ଜଣାଇଛନ୍ତି। ଏନେଇ ସେ ଗତ ୭ ତାରିଖରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷରେ ଏସ୍‌ଡିପିଓ ବ୍ରଜମୋହନ ଜଳେଶ୍ୱର ଥାନାରେ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଜଳେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଖବରପାଇ ଡିଆଇଜି ନାୟକ ଡାକ୍ତରଖାନାରେ ପହଞ୍ଚି ଏସ୍‌ଡିପିଓ ବ୍ରଜମୋହନଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏସମ୍ପର୍କରେ ଡିଆଇଜି ନାୟକ ଅଭିଯୋଗ ଆଧାରରେ ତଦନ୍ତ ହୋଇ ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଡାକ୍ତରଖାନାରେ ଜଳେଶ୍ୱର ଆଇଆଇସି ଜୟନ୍ତ ବେହେରା ଏବଂ ଏଏସ୍‌ଆଇ ମଧୁମିତା ସିଂ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଭଳି ଅଭିଯୋଗ ସମ୍ପର୍କରେ ଏସ୍‌ପି ରାଜପ୍ରସାଦଙ୍କ ମତ ନେବାକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

## Business

# ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୦.୮୫%କୁ ହ୍ରାସ

**ଭୁବନେଶ୍ୱର, ୧୪।୫(ଅନୁରାଧା ମହାରଣା)**

ଖାଦ୍ୟ ସାମଗ୍ରୀ, ନିର୍ମିତ ଉତ୍ପାଦ ଏବଂ ଇନ୍ଧନର ମୂଲ୍ୟ ହ୍ରାସ ଯୋଗୁ ଏପ୍ରିଲରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୦.୮୫ ପ୍ରତିଶତକୁ ହ୍ରାସ ପାଇଛି। ବୁଧବାର ପ୍ରକାଶିତ ସରକାରୀ ତଥ୍ୟରୁ ଏହି ସୂଚନା ମିଳିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ(ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ମାର୍ଚ୍ଚ ମାସରେ ୨.୦୫ ପ୍ରତିଶତ ଏବଂ ଏପ୍ରିଲ ୨୦୨୪ ରେ ୧.୧୯ ପ୍ରତିଶତ ଥିଲା। ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ଖାଦ୍ୟ ଉତ୍ପାଦ, ଉତ୍ପାଦନ, ରାସାୟନିକ ଏବଂ ରାସାୟନିକ ଉତ୍ପାଦ, ଅନ୍ୟାନ୍ୟ ପରିବହନ ଉପକରଣର ଉତ୍ପାଦନ ଏବଂ ଯନ୍ତ୍ରପାତି ଏବଂ ଉପକରଣର ଉତ୍ପାଦନ ଇତ୍ୟାଦିର ମୂଲ୍ୟ ବୃଦ୍ଧି ଏହାର ମୁଖ୍ୟ କାରଣ ଥିଲା। ପାଇକାରୀ ମୂଲ୍ୟ ସୂଚକାଙ୍କ ତଥ୍ୟ ଅନୁଯାୟୀ, ଏପ୍ରିଲରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ୦.୮୬ ପ୍ରତିଶତ ରହିଛି,



ଯାହା ମାର୍ଚ୍ଚରେ ୧.୫୭ ପ୍ରତିଶତ ଥିଲା। ପନିପରିବାର ମୁଦ୍ରାସ୍ଫୀତି ହାର ଏପ୍ରିଲରେ ୧୮.୨୬ ପ୍ରତିଶତ ଥିବାବେଳେ ମାର୍ଚ୍ଚରେ ଏହା ୧୫.୮୮ ପ୍ରତିଶତ ଥିଲା। ପିଆଜ ମୁଦ୍ରାସ୍ଫୀତି ଏପ୍ରିଲରେ ୦.୨୦ ପ୍ରତିଶତକୁ ହ୍ରାସ ପାଇଛି, ଯାହା ମାର୍ଚ୍ଚରେ ୨୬.୬୫ ପ୍ରତିଶତ ଥିଲା। ତେବେ ଏପ୍ରିଲରେ ଉତ୍ପାଦିତ ଉତ୍ପାଦର ମୁଦ୍ରାସ୍ଫୀତି ୨.୬୨ ପ୍ରତିଶତ ଥିଲା, ଯାହା ମାର୍ଚ୍ଚରେ ୩.୦୭ ପ୍ରତିଶତ ଥିଲା। ସେହିପରି ଏପ୍ରିଲରେ ଇନ୍ଧନ ଏବଂ ବିଦ୍ୟୁତ୍ ମୂଲ୍ୟରେ ମୁଦ୍ରାସ୍ଫୀତି ୨.୧୮ ପ୍ରତିଶତ ଥିଲା, ଯାହାକି ମାର୍ଚ୍ଚରେ ୦.୨୦ ପ୍ରତିଶତ ଥିଲା। ସୂଚନାଥାଉକି, ମୁଦ୍ରା ନୀତି ପ୍ରସ୍ତୁତ କରିବା ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଖ୍ୟତଃ ଖୁଚୁରା ମୁଦ୍ରାସ୍ଫୀତିକୁ ଦେଖେ। ପନିପରିବା, ଫଳ ଏବଂ ଡାଲିର ମୂଲ୍ୟ ହ୍ରାସ ଯୋଗୁ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ହାର ଛଅ ବର୍ଷର ସର୍ବନିମ୍ନ ୩.୧୬ ପ୍ରତିଶତକୁ ହ୍ରାସ ପାଇଛି। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଜୁନ୍‌ର ମୁଦ୍ରାନୀତି ସମୀକ୍ଷାରେ ରେପୋ ହାରରେ ପୁଣି ଥରେ ହ୍ରାସ ହେବ ବୋଲି ଆଶା କରାଯାଉଛି। ମଙ୍ଗଳବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ମୁଦ୍ରାସ୍ଫୀତି ଏପ୍ରିଲରେ ୩.୧୬ ପ୍ରତିଶତ ଥିଲା, ଯାହା ଜୁଲାଇ ୨୦୧୯ ପରଠାରୁ ସର୍ବନିମ୍ନ ସ୍ତରରେ ରହିଛି। ଜୁଲାଇ ୨୦୧୯ରେ ଏହା ୩.୧୫ ପ୍ରତିଶତ ଥିଲା। ୨୦୨୫ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୩.୩୪ ପ୍ରତିଶତ ଏବଂ ୨୦୨୪ ଏପ୍ରିଲରେ ୪.୮୩ ପ୍ରତିଶତ ଥିଲା। ଗତ ମୁଦ୍ରା ନୀତି ବୈଠକରେ, ଆର୍‌ବିଆଇ ପ୍ରମୁଖ ନୀତି ହାର ରେପୋକୁ ୦.୨୫ ପ୍ରତିଶତ ହ୍ରାସକରି ୬ ପ୍ରତିଶତ କରିଥିଲା।

## ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୧୪।୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୨ (୧୮୨.୩୪) ପଏଣ୍ଟ ବୃଦ୍ଧି ଘଟି ୮୧,୩୩୧ (୮୧,୩୩୦.୫୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୮୮ (୮୮.୫୫) ପଏଣ୍ଟ ବଢ଼ି ୨୪,୬୬୭ (୨୪,୬୬୬.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଜେଏସ୍‌ଏଲ୍‌ରେ ପ୍ରକଳ୍ପ 'ପ୍ରଗତି'ର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୫**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଅତ୍ୟାଧୁନିକ ସୁବିଧା ଏବଂ ନୂତନ ପଦକ୍ଷେପ 'ପ୍ରଗତି'ର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପ କମ୍ପାନୀର ହିସାର ୟୁନିଟ୍‌ରେ କାଷ୍ଟିଂରୁ ଆରମ୍ଭ କରି ଫିନିଶିଂ ପର୍ଯ୍ୟନ୍ତ ସମସ୍ତ ଉତ୍ପାଦନ ପ୍ରକ୍ରିୟାର ଅଟୋମେସନ୍ କରାଯିବା ନେଇ ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ ଷ୍ଟିଲ ଓ ଷ୍ଟେନ୍‌ଲେସ ଶିଳ୍ପରେ ସର୍ବପ୍ରଥମ ସୁବିଧା ବୋଲି କୁହାଯାଉଛି। ସେହିଭଳି ପ୍ରକଳ୍ପ ପ୍ରଗତି ଜରିଆରେ କମ୍ପାନୀ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିବ। ଡାସଲ୍ଟ ସିଷ୍ଟମର ଡେଲମିଆ ପ୍ଲାଟଫର୍ମର କାର୍ଯ୍ୟକାରୀ ପାର୍ଟନର କ୍ୟାପ୍‌ଜେମିନି ସହଯୋଗରେ ଉନ୍ନତ ପ୍ଲାନିଂ ଏବଂ ଟେକ୍ନୋଲୋଜିକୁ ସାମିଲ କରାଯିବ। ଫଳରେ ଉତ୍ପାଦକତା ଏବଂ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇବ। ପ୍ରଗତି କାର୍ଯ୍ୟକାରୀ ହେବା ସହ ଗ୍ରାହକ ଲିଡ ଟାଇମ୍ ୧୦ରୁ ୧୫% ହ୍ରାସ ହେବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି



ଅଭ୍ୟୁଦୟ ଜିନ୍ଦଲ

ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମର ହିସାର ୟୁନିଟ୍‌ରେ ପ୍ରଗତି ପ୍ରକଳ୍ପ ଆରମ୍ଭ ହେବା ଡିଜିଟାଲ ଅଭିନବତା ମାଧ୍ୟମରେ ମୂଲ୍ୟ ଶୃଙ୍ଖଳାକୁ ଉନ୍ନତ କରିବା ଦିଗରେ ଏକ ମାଇଲଖୁଣ୍ଟ। ବିଭିନ୍ନ ପର୍ଯ୍ୟାୟରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବାକୁ ଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଆମେ ଏହାକୁ ଲେବଲ (ସ୍ତର) ୨ ସମନ୍ୱୟ ସହିତ ଆମର ଯାଜପୁର ପ୍ଲାଣ୍ଟ ସୁବିଧାରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଦ୍ୱାରା ଆମର ଉତ୍ପାଦନ ପ୍ରଣାଳୀ ଏବଂ ମେଶିନରୁ ସିଧାସଳଖ ରିଅଲ ଟାଇମ୍ ପ୍ରକ୍ରିୟା ପାରାମିଟରଗୁଡ଼ିକ ସଂଗ୍ରହ ହୋଇପାରିବ।

# ଦିଶା ଗୃହ ଋଣର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୫**

ଆକ୍ସିସ୍ ଫାଇନାନ୍ସ ଲିମିଟେଡ୍ (ଏଏଫ୍‌ଏଲ୍)ର ବହୁ ପ୍ରତୀକ୍ଷିତ ଯୋଜନା ତଥା ଆକ୍ସିସ୍ ଫାଇନାନ୍ସ 'ଦିଶା ଗୃହ ଋଣ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଉତ୍ପାଦର ଲକ୍ଷ୍ୟ ହେଉଛି, ଅର୍ଥନୈତିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଓ ନିମ୍ନ ଆୟ ବର୍ଗ (ଏଲ୍‌ଆଇଜି) ବର୍ଗର ଅଭିଳାଷୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା। ଦିଶା ଗୃହ ଋଣର ଲକ୍ଷ୍ୟ ହେଉଛି, ବିଭିନ୍ନ ସ୍ଥାନର ସୁହାଇବା ଭଳି ଗୃହ ଋଣ ସମାଧାନ ପ୍ରଦାନ କରିବା ସହିତ ଋଣ ଜୀବନଚକ୍ରରେ ଏକ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବା। ଏଥିରେ ଶ୍ରେଷ୍ଠ ମାନର ପ୍ରତିଭା ଏବଂ ଉନ୍ନତ ବ୍ୟବସ୍ଥା ଜରିଆରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଓ ଦ୍ରୁତ କାର୍ଯ୍ୟକାରୀ କରିବା। ଏହି ଉତ୍ପାଦ ବିଭିନ୍ନ ପ୍ରକାର ନିଯୁକ୍ତି ଯଥା ଆବାସିକ ଓ ପ୍ରବାସୀ ଭାରତୀୟ ବେତନଭୋଗୀ ଏବଂ ସ୍ୱାବଲମ୍ବୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା। ସେହିଭଳି ସଂଗଠିତ, ଅର୍ଦ୍ଧସଂଗଠିତ ଓ ଅଣସଂଗଠିତ ଆୟ କାଗଜପତ୍ର ରଖିଥିବା ବ୍ୟକ୍ତିବିଶେଷ ଓ ଆର୍ଥିକ ସହାୟତା ଚାହୁଁଥିବା ଲୋକଙ୍କ ଆବଶ୍ୟକତାକୁ ଏହା ପୂରଣ କରିବ। ଏହି ଋଣ କିଣିବା ପାଇଁ ପ୍ରସ୍ତୁତ, ଅର୍ଦ୍ଧନିର୍ମିତ, ପୁନଃବିକ୍ରି ସମ୍ପତ୍ତି, ଜମି ସହ ନିର୍ମାଣ, ନିଜସ୍ୱ ନିର୍ମାଣ, ଗୃହ ମରାମତି ଓ ସମ୍ପ୍ରସାରଣ ମିଳିପାରିବ। ଏ ସମ୍ପର୍କରେ ଆକ୍ସିସ୍ ଫାଇନାନ୍ସର ଏମ୍‌ଡି ତଥା ସିଇଓ ସାଇ ଗିରିଧର କହିଛନ୍ତି, ଆମେ ଆମର ନୂତନ ଯୋଜନା 'ଆକ୍ସିସ୍ ଫାଇନାନ୍ସ ଦିଶା ଗୃହ ଋଣ'କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଘର ମାଲିକାନାକୁ ଲୋକଙ୍କ ନିକଟତର କରିବାରେ ଏହା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ବର୍ଗର ଲୋକମାନଙ୍କ ପାଖରେ ହାଉସିଂ ଫାଇନାନ୍ସ ପହଞ୍ଚାଇବାରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ନିରନ୍ତର ଉଦ୍ୟମ ଅନୁସାରେ ଦିଶା ଗୃହ ଋଣ ବିଭିନ୍ନ ଅଞ୍ଚଳର ଗ୍ରାହକମାନଙ୍କ ବିବିଧ ଆବଶ୍ୟକତା ପୂରଣ କରିବା ଲାଗି ବ୍ୟାପକ ସମାଧାନ ପ୍ରଦାନ କରିବ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ନୂତନ ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର,୧୪।୫ (ଅଭୟ ଦାଶ)**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବହୁ ପ୍ରତୀକ୍ଷିତ ତଥା ନୂତନ ସେଣ୍ଟର 'ଶ୍ରୀ ଶ୍ରୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟୁଚର ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନୋଭେଶନ୍' ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମ ଦିବସ ଅବସରରେ ଏହି କେନ୍ଦ୍ରର ଶୁଭାରମ୍ଭ ନେଇ ବେଙ୍ଗାଲୁରୁସ୍ଥିତ ଆନ୍ତର୍ଜାତିକ ଆର୍ଟ ଅଫ୍ ଲିଭିଂ କେନ୍ଦ୍ରଠାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ସେହିଭଳି ଏହି ଇନ୍‌ଷ୍ଟିଚ୍ୟୁଟ ବା ସେଣ୍ଟର ଖୋଲିବା ଦ୍ୱାରା ଏଥିକାଲ୍ ଏଆଇ ଓ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ସହାୟତାରେ ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି ହୋଇପାରିବେ। ଏଥିକାଲ୍ ଏଆଇ ବା ନୈତିକ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା କେବଳ ବୈଷୟିକ ଜ୍ଞାନକୌଶଳଯୁକ୍ତ ଶିକ୍ଷା ଦିଆ ନ ଯାଇ ସ୍ୱଚ୍ଛତା, ମାନବିକ ମୂଲ୍ୟବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ତା'ର




ପୂରଣ ନିମନ୍ତେ ମଧ୍ୟ ଆବଶ୍ୟକ ଶିକ୍ଷା ଦିଆଯିବ। ସେହିପରି ଇନ୍‌ଷ୍ଟିଚ୍ୟୁଟର ଉଦ୍‌ଘାଟନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି, ଏଠାରେ ମାନବବାଦ ଟେକ୍ନୋଲଜିର ନୁହେଁ ବରଂ ଟେକ୍ନୋଲଜି ମାନବବାଦର ସେବା କରିବ। ଏହି ଇନ୍‌ଷ୍ଟିଚ୍ୟୁଟ୍ କୃତ୍ରିମ ବୁଦ୍ଧିମତ୍ତା ଉପରେ ପର୍ଯ୍ୟବସିତ ଡିଗ୍ରୀ ପାଠ୍ୟକ୍ରମ ପ୍ରଦାନ କରିବ। ଏଠାରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ଉଦ୍ୟୋଗ ଜଗତରେ କୃତ୍ରିମ ବୁଦ୍ଧିମତ୍ତାର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣରେ ସକ୍ଷମ ହେବେ। ଏପରିକି ଉନ୍ନତମାନର କୃତ୍ରିମ ବୁଦ୍ଧିମତ୍ତା ନିମନ୍ତେ ଏଠାରେ ଉପଯୁକ୍ତ ପ୍ରୟୋଗଶାଳା ଓ ଗବେଷଣା ସୁବିଧା ଉପଲବ୍ଧ ରହିବ। ଏହି ଇନ୍‌ଷ୍ଟିଚ୍ୟୁଟ୍ ଷ୍ଟାର୍ଟ ଅପ୍ ଇନ୍‌କ୍ୟୁବେଟର ପୃଷ୍ଠପୋଷକତାରେ ସାମାଜିକ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବ ଏବଂ ପ୍ରମୁଖ ପ୍ରଯୁକ୍ତି ବିଦ୍ୟା ଶିକ୍ଷାନୁଷ୍ଠାନ ଓ ଏକାଡେମିକ୍ ଇନ୍‌ଷ୍ଟିଚ୍ୟୁଟ୍‌ଗୁଡ଼ିକ ସହ ସଂଯୋଗ ରକ୍ଷାକରିବ। ଏହାବ୍ୟତୀତ ବିଭିନ୍ନ ଆଲୋଚନାଚକ୍ର ଏବଂ ସମ୍ମିଳନୀ ଜରିଆରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଚାରପ୍ରସାର ସହ ତାକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଉଚ୍ଚତାରେ ନେଇ ପହଞ୍ଚାଇବ। ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମ ସାହାଯ୍ୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏପରି ଏକ ଭବିଷ୍ୟତ ନିର୍ମାଣ କରିବାକୁ ଯାଉଛି। ଯେଉଁଠାରେ ବୁଦ୍ଧିମତ୍ତା କେବଳ କୃତ୍ରିମ ନୁହେଁ, ସଚେତନ ଓ ନୈତିକତାସମ୍ପନ୍ନ ହେବା ସହ ଏଥିରେ ଡିଗ୍ରୀ କୋର୍ସ କରୁଥିବା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ।

# ଆର୍‌ଏନ୍‌ଏଲ୍‌ଆଇସିର ବାର୍ଷିକ ଫଳାଫଳ

**ଭୁବନେଶ୍ୱର,୧୪।୫**

ରିଲାଏନ୍ସ ନିପନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍(ଆର୍‌ଏନ୍‌ଏଲ୍‌ଆଇସି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସହିତ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନିର ଟିକସ ପୂର୍ବବର୍ତ୍ତୀ ଲାଭ ୨୪୭ କୋଟି ଟଙ୍କା ହୋଇଛି। ଯାହା ୨୦୨୩-୨୪ ଆର୍ଥିକ ବର୍ଷର ୧୯୮ କୋଟି ଟଙ୍କା ତୁଳନାରେ ୨୫% ଅଧିକ ବୋଲି କୁହାଯାଉଛି। କମ୍ପାନୀର ପରିଚାଳନା ଅଧୀନ ସଂପତି (ଏୟୁଏମ୍) ୯% ବୃଦ୍ଧି ସହ ୩୮,୭୨୫ କୋଟି ଟଙ୍କା ହୋଇଛି। ଏହାର ନୂଆ ବ୍ୟବସାୟ ପ୍ରିମିୟମ୍ ୧୨୪୫ କୋଟି ଟଙ୍କା ହୋଇଥିବାବେଳେ ମୋଟ୍ ପ୍ରିମିୟମ୍ ପରିମାଣ ୫୭୧୧ କୋଟି ଟଙ୍କା ରହିଛି। କମ୍ପାନୀ ୨୩୫%ର ସୋଲ୍‌ଭେନ୍ସି ଅନୁପାତ ବଜାୟ ରଖିଛି, ଯାହା ନିୟାମକ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ଯାହା କମ୍ପାନୀର ଦୃଢ଼ ବାଲାନ୍ସ ସିଟ୍ ଓ ପୁଞ୍ଜି ପରିଚାଳନାକୁ ଦର୍ଶାଉଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା କମ୍ପାନୀର ଦାବି ସମାଧାନ ଅନୁପାତ ୯୮.୯% ରହିଛି। ଏହି ବର୍ଷ ୫.୪ ଲକ୍ଷ ଗ୍ରାହକଙ୍କୁ କମ୍ପାନୀ ୩୫୨୩ କୋଟି ଟଙ୍କା ପ୍ରଦାନ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୮% ଅଧିକ ବୋଲି କୁହାଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ନିପନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଆଶିଷ ବୋହରା କହିଛନ୍ତି, ଶୃଙ୍ଖଳିତ ଯୋଜନା କାର୍ଯ୍ୟକାରିତା, ପ୍ରଥମେ ଗ୍ରାହକ ଭାବନା ଓ ଦୃଢ଼ ମୂଳଦୁଆ ଆଧାରରେ ଦୃଢ଼ ପ୍ରଦର୍ଶନ ଓ ଉନ୍ନତ ଲାଭର ଏକ ବିଷୟରେ ଜଣାଇ ଆମେ ଆନନ୍ଦିତ। ବଣ୍ଟନ ବ୍ୟବସ୍ଥାକୁ ଦୃଢ କରିବା, ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଏବଂ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଉପରେ ନିରନ୍ତର ଗୁରୁତ୍ୱ ଆମକୁ ଏହି ଚମତ୍କାର ପରିବେଶରେ ଆଗକୁ ବଢ଼ିବାରେ ସହାୟକ ହୋଇଛି।

## ଅଜୟ କୁମାର ୟୁପିଏସ୍‌ସି ଅଧ୍ୟକ୍ଷ



ପୂର୍ବତନ ପ୍ରତିରକ୍ଷା ସଚିବ ଅଜୟ କୁମାରଙ୍କୁ ବୁଧବାର କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି)ର ଚେୟାରମ୍ୟାନ ଭାବେ କେନ୍ଦ୍ର ସରକାର ନିଯୁକ୍ତ କରାଯାଇଛି। ଗତ ୨୯ ତାରିଖରେ ୟୁପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ପ୍ରୀତି ସୁଦନଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରଠାରୁ ୟୁପିଏସ୍‌ସି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ଅଜୟ ହେଉଛନ୍ତି ୧୯୮୫ ବ୍ୟାଚ୍ କେରଳ କ୍ୟାଡରର ପୂର୍ବତନ ଆଇଏଏସ୍ ଅଧିକାରୀ। ୨୦୧୯ ଅଗଷ୍ଟ ୨୩ରୁ ୨୦୨୨ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସେ ପ୍ରତିରକ୍ଷା ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



# ଖୁବ୍‌ଶୀଘ୍ର ଆସିବ ପୁନର୍ବାସ, ଥଇଥାନର ସଂଶୋଧନ ନୀତି

ଭୁବନେଶ୍ୱର,୧୪।୫ (ରବିନାରାୟଣ ଜେନା)

ରାଜ୍ୟରେ ଥିବା ପୁନର୍ବାସ ଓ ଥଇଥାନ(ଆର୍‌ଆଣ୍ଡଆର୍) ନୀତି ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ଲୋକେ ଏବେ ବିସ୍ଥାପିତ ହୋଇ ବିଭିନ୍ନ ସ୍ଥାନରେ ରହିଛନ୍ତି। ସରକାର ଯେଉଁସବୁ ସୁବିଧା ସୁଯୋଗ ଦେବା କଥା ତାହା ଦିଆଯାଇନାହିଁ। ଏହାକୁ କିଭଳି ଠିକ୍‌ରେ କାର୍ଯ୍ୟକାରୀ କରାଯିବ ଏବଂ ନୀତିରେ ଆଉ କେତେକ ନୀତି ସଂଲଗ୍ନ କରାଯିବ ସେନେଇ ବୁଧବାର ବିଧାନସଭା ସ୍ଥାୟୀ କମିଟି ନିଷ୍ପତ୍ତି ନେଇଛି। ବୁଧବାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବସିଥିବା ସ୍ଥାୟୀ କମିଟି ବୈଠକରେ ଏହି ନୀତିର ସଂଶୋଧନ ଲାଗି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ୨୦୦୬ ମସିହାର ଆର୍‌ଓଆର୍ ନୀତି ବଦଳିବ। ରେଳ, ଜଳସେଚନ ପ୍ରକଳ୍ପ, ରାସ୍ତା, ଶିଳ୍ପ, ସରକାରୀ ଉଦ୍ୟୋଗ ଲାଗି ବିଭିନ୍ନ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ ବେଳେ ଉପୁଜୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ୫ଟି ସବ୍‌କମିଟି ଗଠନ ହେବ। ବିଧାୟକମାନେ ଏସବୁ ସବ୍‌କମିଟିରେ ରହିବେ ଏବଂ ନୂଆ ନୀତି ପ୍ରଣୟନ ଲାଗି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। କଂଗ୍ରେସ ବିଧାୟକ ରାଜନ ଏକ୍କା ଓ ବିଜେଡି ବିଧାୟକ ଧ୍ରୁବଚରଣ ସାହୁ କହିଛନ୍ତି, ଅନେକ ଶିଳ୍ପସଂସ୍ଥା ଜମି ନେଇ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଶିଳ୍ପ ପ୍ରତିଷ୍ଠା କରିପାରିନାହାନ୍ତି। ଜିଲାପାଳମାନଙ୍କୁ ଏନେଇ ଚିଠି ପଠାଯିବ। ୨ ମାସ ମଧ୍ୟରେ ସେମାନଙ୍କ ଜିଲାରେ ଏଭଳି କେତେ ଶିଳ୍ପ ଅଛି, ତାହାର ଏକ ରିପୋର୍ଟ ଦେବେ।

# ପ୍ରଧାନଶିକ୍ଷକ, ଶିକ୍ଷକଙ୍କ ବଦଳି ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର,୧୪।୫(ସୁଚିସ୍ମିତା ସାହୁ)

୨୦୨୫-୨୬ ଶିକ୍ଷାବର୍ଷ ଲାଗି ସରକାରୀ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କ ବଦଳି ଆବେଦନ ଗୁରୁବାରଠାରୁ ଆରମ୍ଭ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ସଂଶୋଧିତ କ୍ୟାଲେଣ୍ଡର ପ୍ରକାଶ ପାଇଛି। ଜୁନ୍ ୧୩ ସୁଦ୍ଧା ଏହି ବଦଳି ପ୍ରକ୍ରିୟା ଶେଷ କରିବାକୁ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି।

ଉକ୍ତ କ୍ୟାଲେଣ୍ଡର ଅନୁସାରେ, ମେ ୧୫ରୁ ୩୦ ପର୍ଯ୍ୟନ୍ତ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ବଦଳି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୩୧ ସୁଦ୍ଧା ଜିଲା ଶିକ୍ଷା ଅଧିକାରୀମାନେ ଆବେଦନ ଫର୍ମଗୁଡ଼ିକର ଯାଞ୍ଚ କରିବା ସହିତ ଅପ୍‌ଲୋଡ କରିବେ। ୫ ଜୁନ୍ ସୁଦ୍ଧା ମେଡିକାଲ ମାମଲାଗୁଡ଼ିକୁ ମେଡିକାଲ ବୋର୍ଡକୁ ପଠାଯିବ। ଜୁନ ୧୦ ମଧ୍ୟରେ ମେଡିକାଲ ପରୀକ୍ଷା ଓ ରିପୋର୍ଟକୁ ଗ୍ରହଣ କରାଯିବ। ୧୧ ତାରିଖ ମଧ୍ୟରେ ଯୋଗ୍ୟ ପ୍ରାର୍ଥୀଙ୍କ ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ ହେବ। ୧୩ରେ ରାଜ୍ୟସ୍ତରରେ ସ୍ଥାନାନ୍ତର କମିଟି ଦ୍ୱାରା ପ୍ରଧାନଶିକ୍ଷକ ଏବଂ ଶିକ୍ଷକଙ୍କ ଆନ୍ତଃଜିଲା ସ୍ଥାନାନ୍ତର ପାଇଁ ଯୋଗ୍ୟ ତାଲିକାର ଯାଞ୍ଚ କରାଯିବା ସହିତ ଅନୁମୋଦନ କରାଯିବ। ସେହିପରି ଜିଲାସ୍ତରରେ ସ୍ଥାନାନ୍ତର କମିଟି ଦ୍ୱାରା ଅନ୍ୟ ଶିକ୍ଷକଙ୍କ ସ୍ଥାନାନ୍ତର ପାଇଁ ଯୋଗ୍ୟ ତାଲିକାର ଯାଞ୍ଚ କରାଯିବ। ସେହିଦିନ ହିଁ ବଦଳି ନିର୍ଦ୍ଦେଶ ଜାରି କରାଯିବ। ଅଗଷ୍ଟ ୧୦ ସୁଦ୍ଧା ରିଲିଭ୍ ଓ ଯୋଗଦେବା କାର୍ଯ୍ୟ ସରିବ। ଅଗଷ୍ଟ ୧୦ରୁ ୧୭ଯାଏ ଶିକ୍ଷକଙ୍କ ପ୍ରୋଫାଇଲ ପୁଣିଥରେ ଖୋଲାଯିବ।

ଏହି ବଦଳି ପ୍ରକ୍ରିୟାରେ ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଅନୁପାତକୁ ଅନୁଧ୍ୟାନ କରାଯିବ। ସେହି ଅନୁସାରେ ଶିକ୍ଷକ ନିଯୁକ୍ତି ପାଇଁ ମେ ୩୧ ସୁଦ୍ଧା ତାଲିକା କରାଯିବ। ଜିଲା ଶିକ୍ଷା ଅଧିକାରୀ ୨୫ ଜୁନ ସୁଦ୍ଧା ବଦଳି ପାଇଁ ତାଲିକା ପ୍ରସ୍ତୁତ କରିବେ। ୨୫ ଜୁନ ମଧ୍ୟରେ ସମସ୍ତ ଶିକ୍ଷକଙ୍କୁ ବଦଳି ପାଇଁ ଅନୁମତି ପ୍ରଦାନ କରାଯିବା ସହିତ ୩୦ ଜୁନ ମଧ୍ୟରେ ବଦଳିଅର୍ଡର ବାହାର କରାଯିବ ବୋଲି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

ସେହିପରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କ ବଦଳି ନେଇ ମେ ୧୭ ସୁଦ୍ଧା ପ୍ରତି ଜିଲାର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଅନୁପାତ ଦେବାକୁ ଓସେପାକୁ ନିର୍ଦ୍ଦେଶ ଦିଆଯାଇଛି। ମେ' ୧୫ରୁ ୩୦ ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଜୁନ୍ ୩ ସୁଦ୍ଧା ପ୍ରସ୍ତାବଗୁଡ଼ିକୁ ବ୍ଲକ ଶିକ୍ଷା ଅଧିକାରୀମାନେ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇବେ। ସେହିପରି ୫ରେ ସମସ୍ତ ପ୍ରସ୍ତାବଗୁଡ଼ିକୁ ନିର୍ଦ୍ଦେଶକ (ଆନ୍ତଃ ଜିଲା)ଙ୍କୁ ପଠାଯିବ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଡିଏଲ୍‌ସିମାନେ ଜୁନ୍ ୯ରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଅନୁମୋଦନ କରିବେ। ଜୁନ୍ ୧୧ରେ ଓସେପା ୱେବ୍‌ସାଇଟ୍‌ରେ ବଦଳି ତାଲିକା ପ୍ରକାଶ ପାଇବ ଓ ୧୩ରେ ବଦଳି ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ରହିଛି।

# ତ୍ରିରଙ୍ଗା ଯାତ୍ରା ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୪।୫(ସୁନିତ୍ ମିଶ୍ର)

ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେଶନ ସିନ୍ଦୂର'ର ସଫଳତା ପରେ ବୁଧବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବାଇକ୍ ଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ଯାତ୍ରା ସକାଳ ୮ଟାରେ କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭହୋଇ ରାଜଭବନ ପର୍ଯ୍ୟନ୍ତ ଯାଇଥିବା ବେଳେ ପୋଲିସ ଓ ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଏବଂ ସାଧାରଣ ଜନତା ଏହି ରାଲିରେ ନିଜ ସହ ତ୍ରିରଙ୍ଗା ପତାକା ଧରି ବାଇକ୍ ଚଳାଇ ବନ୍ଦେ ମାତରମ୍ ଧ୍ୱନି ଦେଇ ସହର ପରିକ୍ରମା କରଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅପରେଶନ ସିନ୍ଦୂର'ର ସଫଳତା ପରେ ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେ ନାହିଁ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

**ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ: ମୋହନ**

# ବ୍ୟାଙ୍କରେ ପାର୍କିଂ ଟଙ୍କା ଫେରସ୍ତ କର: ଅର୍ଥ ସଚିବ

**୩୦ ସୁଦ୍ଧା ରିପୋର୍ଟ ଦେବାକୁ ସବୁ ବିଭାଗକୁ ପତ୍ର**

ଭୁବନେଶ୍ୱର,୧୪।୫ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସରକାରୀ ଯୋଜନା ବାବଦ ଟଙ୍କା ନେଇ ଅନେକ ସମୟରେ ବ୍ୟାଙ୍କରେ ପାର୍କିଂ(ଠୁଳ) କରୁଥିଲେ। ଏହାର ସୁଧ ସଂପୃକ୍ତ ବିଭାଗ କେତେବେଳେ ନେଉଥିଲା ତ ଆଉ କେତେବେଳେ ଅଧିକାରୀମାନେ ପରୋକ୍ଷରେ ନେଉଥିଲେ। ହେଲେ ସରକାରଙ୍କ ରାଜକୋଷକୁ ତାହା ଆସୁ ନ ଥିଲା। ଏହାକୁ ନେଇ ୨୦୨୦-୨୧ରେ ଅର୍ଥ ବିଭାଗ ପକ୍ଷରୁ ବ୍ୟାଙ୍କରୁ ଠୁଳ ଟଙ୍କା ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଫଳରେ ୨୦୨୩ ବର୍ଷରେ ପ୍ରାୟ ୪ହଜାର କୋଟି ଟଙ୍କା ସରକାରଙ୍କ ରାଜକୋଷକୁ ଫେରିଥିଲା। ସମ୍ପ୍ରତି ଅର୍ଥ ବିଭାଗ ଏବେ ସମାନ ପୁରୁଣା ନୀତି ଆପଣାଇଛି। କେନ୍ଦ୍ର ହେଉ ଅବା ରାଜ୍ୟ ସରକାରଙ୍କ ଯୋଜନାରେ ଯେଉଁ ଅର୍ଥ ଦୀର୍ଘଦିନ ଧରି ବ୍ୟାଙ୍କରେ ପଡ଼ିରହିଛି ତାହା ରାଜକୋଷକୁ କିଭଳି ଫେରସ୍ତ ହେବ ସେନେଇ ଅର୍ଥବିଭାଗ ପଦକ୍ଷେପ ନେଇଛି। ଏପରିକି ଯେଉଁ ଯୋଜନା ୨ବର୍ଷ ଧରି ବନ୍ଦ ରହିଛି ତା' ଅର୍ଥକୁ ମଧ୍ୟ ସରକାର ନିଜ ପାଖକୁ ଆଣିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୯ ତାରିଖରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସବୁ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ବାବଦ ବ୍ୟୟ ତଥା ରାଜ୍ୟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ପାଇଁ ସମ୍ପୂର୍ଣ୍ଣ ଭାବେ ରାଜ୍ୟର ନିଜସ୍ୱ ସମ୍ବଳରୁ ହିଁ ଖର୍ଚ୍ଚ କରାଯାଇଥାଏ। ମାତ୍ର କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ତାଙ୍କର ୬୦:୪୦ ଅନୁପାତ ଅଂଶଧନରେ ଅର୍ଥ ପ୍ରଦାନ କରିଥାନ୍ତି। ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବା ପ୍ରକ୍ରିୟାରେ ରାଜ୍ୟ ରାଜକୋଷରୁ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର ହୁଏ। ଅନେକ ସମୟରେ ଖର୍ଚ୍ଚ ପୂର୍ବରୁ ଏହି ଯୋଜନା ବାବଦ ଅର୍ଥ ଦୀର୍ଘସମୟ ଧରି ବ୍ୟାଙ୍କରେ ପାର୍କିଂ ହୋଇ ରହିଥାଏ। ଏହି ଅର୍ଥର ସୁଧ ରାଜ୍ୟ ସରକାରଙ୍କ ରାଜସ୍ୱ ପ୍ରାପ୍ତିର ଏକ ଅଂଶ ହୋଇଥାଏ। ଏହାବ୍ୟତୀତ ବନ୍ଦ ହୋଇଥିବା ଯୋଜନାଗୁଡ଼ିକ ପାଇଁ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା ଥିବା ନଜରକୁ ଆସିଛି।

ସଚିବ ମିଶ୍ର କହିଛନ୍ତି ଯେ, ସମସ୍ତ ପ୍ରଶାସନିକ ବିଭାଗ ନିୟନ୍ତ୍ରଣରେ ଥିବା ଡିଡିଓ ଏବଂ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାଗୁଡ଼ିକ ଏହିଭଳି ଅବ୍ୟବହୃତ ଅର୍ଥ ତୁରନ୍ତ ରାଜ୍ୟ କୋଷାଗାରରେ ଜମା କରିବା ନେଇ ପଦକ୍ଷେପ ନେବେ। ବିଭାଗର ଅର୍ଥ ପରାମର୍ଶଦାତା, ସହାୟକ ଅର୍ଥ ପରାମର୍ଶଦାତା ଏବଂ ମୁଖ୍ୟ ଆକାଉଣ୍ଟ ଅଧିକାରୀମାନେ ଡିଡିଓ ଏବଂ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାଗୁଡ଼ିକର ବ୍ୟାଙ୍କ ଆକାଉଣ୍ଟ ସବୁ ତଦାରଖ ଏବଂ ଯାଞ୍ଚ କରିବେ। ଯଦି ଭବିଷ୍ୟତରେ ପୂର୍ବରୁ ବନ୍ଦ ଥିବା ଯୋଜନାଗୁଡ଼ିକ ମଧ୍ୟରୁ କୌଣସିର ଖର୍ଚ୍ଚର ଆବଶ୍ୟକତା ପଡ଼େ, ତେବେ ସେହି ଯୋଜନା ଅନୁଯାୟୀ ପୁନଃବଜେଟ ମାଧ୍ୟମରେ ପାଣ୍ଠି ଉପଲବ୍ଧ କରାଯାଇପାରିବ। ତେବେ ଏହିସବୁ ପ୍ରକ୍ରିୟା ଚଳିତ ମାସ ୩୦ ସୁଦ୍ଧା ଶେଷ କରିବାକୁ ଶାଶ୍ୱତ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଡାଲା ଅଟୋ ଓଲଟି ୨ ମହିଳାଙ୍କ ମୃତ୍ୟୁ, ୧୫ ଆହତ

ଆସିକା,୧୪।୫ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଏକ ଡାଲା ଅଟୋ ଓଲଟି ପଡ଼ିବାରୁ ୨ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଭେଟନଇ ଗ୍ରାମର ଗାୟତ୍ରୀ ଗୌଡ (୨୫) ଓ ସରୋଜିନୀ ସାହୁ (୫୦)। ଆହତମାନଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବା ୭ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। କୋଟିନଡା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୨୮-୨୦୨୫, ତାରିଖ: ୧୪।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ: ରାଞ୍ଚି ମଣ୍ଡଳର ବିଭିନ୍ନ ସେତୁର ଫିଟିଙ୍ଗ୍‌ସ ସମେତ ଏଚ୍-ବିମ୍ ସ୍ଲିପର ସହ ବିଦ୍ୟମାନ ଷ୍ଟିଲ୍ ଚ୍ୟାନେଲ ସ୍ଲିପରର ନବୀକରଣ। ଟେଣ୍ଡର ମୂଲ୍ୟ: ₹୫,୨୩,୪୧,୨୨୯.୫୨ । ଇଏମ୍‌ଡି ମୂଲ୍ୟ: ₹୪,୧୧,୭୦୦/-। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୯।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ।
(PR-159)


## ଜାତୀୟ/ଅନ୍ତର୍ଜାତୀୟ

# ସିନ୍ଧୁ ଜଳ ଚୁକ୍ତି: ପୁନର୍ବିଚାର ପାଇଁ ପାକ୍‌ର ନିବେଦନ

ନୂଆଦିଲ୍ଲୀ,୧୪।୫

ପହଲଗାମ୍ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିବା ପରେ ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ଭାରତ ପକ୍ଷରୁ ରଦ୍ଦ କରି ଦିଆଯାଇଛି। ବର୍ତ୍ତମାନ ଅସ୍ତ୍ରବିରତି ବଳବତ୍ତର ରହିଥିଲେ ମଧ୍ୟ ଆଇଡବ୍ଲ୍ୟୁଟି ଫେରିବନହିଁ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିସାରିଛି। ଏଭଳି ସ୍ଥିତିରେ ପାକିସ୍ତାନକୁ ଜଳ ଚିନ୍ତା ଘାରିଛି। ଏଥିଯୋଗୁ ପାକିସ୍ତାନ ଜଳସମ୍ପଦ ମନ୍ତ୍ରୀ ଭାରତକୁ ନିଜ ନିଷ୍ପତ୍ତିର ପୁନର୍ବିଚାର ପାଇଁ ନିବେଦନ କରିଥିବା ଜଣାପଡ଼ିଛି। ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣ ହୋଇଥିବାବେଳେ ଏହାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକ ବସିଥିଲା। ୧୯୬୦ରେ ସମ୍ପାଦିତ ଆଇଡବ୍ଲ୍ୟୁଟି ରଦ୍ଦ ସମେତ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏହାର ଦିନକ ପରେ ପାକିସ୍ତାନ ଭାରତ ସହ ଶିମ୍‌ଲା ଚୁକ୍ତି ରଦ୍ଦ କରିଦେଇଥିଲା।

# ଶତ୍ରୁର ସହଯୋଗୀ ଶତ୍ରୁ

**ଭାରତରେ ତେଜିଲା ତୁର୍କୀ, ଆଜରବୈଜାନ ବିରୋଧୀ ମନୋଭାବ**

ନୂଆଦିଲ୍ଲୀ,୧୪।୫

ପାକିସ୍ତାନ ସହ ସାମରିକ ଉତ୍ତେଜନା ବେଳେ ଭାରତ ବିରୋଧରେ ଇସ୍‌ଲାବାଦକୁ ସହଯୋଗ କରିଥିବା ତୁର୍କୀ, ଆଜରବୈଜାନ ଓ ଚାଇନା ବିରୋଧରେ ଦେଶରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭାରତୀୟମାନେ ତୁର୍କୀ ଓ ଆଜରବୈଜାନର ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ଗସ୍ତ ବାତିଲ କରିବାରେ ଲାଗିଛନ୍ତି। ଏହି ଦୁଇଦେଶ ଭାରତୀୟଙ୍କ ପାଇଁ ଲୋକପ୍ରିୟ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାବେଳେ ଭାରତର ଏୟାରଷ୍ଟ୍ରାଇକ୍ ପରେ ଏମାନେ ଇସ୍‌ଲାମାବାଦକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲେ। ତେଣୁ ଗତ ସପ୍ତାହରେ ଭିତରେ ଭାରତୀୟମାନେ ୨ ଦେଶକୁ ୨୫୦% ବୁକିଂ ରଦ୍ଦ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଭାରତୀୟ ପର୍ଯ୍ୟଟକ ଜର୍ଜିଆ, ସର୍ବିଆ, ଗ୍ରୀସ୍, ଥାଇଲାଣ୍ଡ, ଭିଏଟ୍‌ନାମକୁ ଯିବାକୁ ପସନ୍ଦ କରିଛନ୍ତି। ଇତିମଧ୍ୟରେ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ୟୁନିଭର୍ସିଟି ସମେତ ଭାରତର ଅନେକ ଶିକ୍ଷାନୁଷ୍ଠାନ ତୁର୍କୀର ବିଶ୍ୱବିଦ୍ୟାଳୟ ସହ ସମ୍ପର୍କ ଛିନ୍ନ କରିଛନ୍ତି। ତୁର୍କୀର ଇନୋନୁ ୟୁନିଭର୍ସିଟି ସହ ଜେଏନ୍‌ୟୁ ଏକ ଏମ୍‌ଓୟୁ ବାତିଲ କରିଦେଇଥିବାବେଳେ ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି ତୁର୍କୀ ସହ ସବୁ ପ୍ରକାର ଶୈକ୍ଷିକ ସମ୍ପର୍କ ଛିନ୍ନ କରିଛି। ଏହା ପୂର୍ବରୁ ତୁର୍କୀରୁ ଆସୁଥିବା ସେଓକୁ ମହାରାଷ୍ଟ୍ରର ଫଳବ୍ୟବସାୟୀମାନେ ଆମଦାନୀ ବନ୍ଦ କରିଥିଲେ।

# ୩୭୦୦ କୋଟିର ସେମିକଣ୍ଡକ୍ଟର ପ୍ଲାଣ୍ଟକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ, ୧୪।୫

ଉତ୍ତରପ୍ରଦେଶରେ ଏକ ସେମିକଣ୍ଡକ୍ଟର ଆସେମ୍ବ୍ଲି ଆଣ୍ଡ ଟେଷ୍ଟ (ଓଏସ୍‌ଏଟି) ଉଦ୍ୟୋଗ ପ୍ରତିଷ୍ଠା କରାଯିବ। ଏଚ୍‌ସିଏଲ୍ ଏବଂ ଫକ୍ସକନ୍‌ର ମିଳିତ ସହ ଭାଗିତାରେ ପ୍ରତିଷ୍ଠିତ ହେବାକୁ ଥିବା ଏହି ନୂଆ ପ୍ଲାଣ୍ଟକୁ ବୁଧବାର କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଏଥିରେ ୩,୭୦୦ କୋଟି ଟଙ୍କା ନିବେଶ କରାଯିବ। ବିଭିନ୍ନ ଉପକରଣ ପାଇଁ ଆବଶ୍ୟକ ଡିସ୍‌ପ୍ଲେ ଡ୍ରାଇଭର ଚିପ୍ସ ଏହି ପ୍ଲାଣ୍ଟରେ ନିର୍ମାଣ କରାଯିବ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ପୂର୍ବରୁ ଦେଶରେ ୬ଟି ସେମିକଣ୍ଡକ୍ଟର ୟୁନିଟ୍ ଥିବାବେଳେ ଯମୁନା ଏକ୍ସପ୍ରେସ୍ ୱେ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ଅଥୋରିଟି ରିଜିଅନ୍ ଅଧୀନ ଜେଓ୍ୱର ଏୟାରପୋର୍ଟ ନିକଟରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ।

# ୨୧ ଦିନରେ ୩୧ ମାଓବାଦୀ ନିହତ

ବିଜାପୁର, ୧୪।୫

ଦେଶର ସବୁଠାରୁ ବଡ଼ ମାଓବାଦୀ ବିରୋଧୀ ଅଭିଯାନକୁ ସଫଳତା ମିଳିଛି। ବୁଧବାର ଛତିଶଗଡ଼ର ବିଜାପୁରରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଡିଜି ଜ୍ଞାନେନ୍ଦ୍ରପ୍ରତାପ ସିଂ ଏବଂ ଛତିଶଗଡ଼ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅରୁଣ ଦେବ ଗୌତମ ଏକ ମିଳିତ ଖବରଦାତା ସମ୍ମିଳନୀକରି କହିଛନ୍ତି, ଛତିଶଗଡ଼-ତେଲଙ୍ଗାନା ସୀମା ନୀକଟବର୍ତ୍ତୀ କରେଗୁଟ୍ଟା ପାହାଡ଼ ନିକଟସ୍ଥ ଘନ ଜଙ୍ଗଲରେ ଗତ ୨୧ ଦିନ ଜାରି ରହିଥିବା ମାଓବାଦୀ ବିରୋଧୀ ଅଭିଯାନରେ ୩୧ ଜଣ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ନିକଟରୁ ୨୮ ଜଣଙ୍କର ପରିଚୟ ମିଳିସାରିଛି। ସେମାନଙ୍କ ଉପରେ ୧.୭୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେହିପରି ଏହି ଅଭିଯାନରେ ବିପୁଳ ମାତ୍ରାରେ ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ସହ ସେମାନଙ୍କର ୪ଟି ବୈଷୟିକ ୟୁନିଟ୍‌କୁ ମଧ୍ୟ ନଷ୍ଟ କରାଯାଇଛି। ଉକ୍ତ ବୈଷୟିକ ୟୁନିଟ୍‌ଗୁଡ଼ିକରେ ମାଓବାଦୀମାନେ ନିଜ ପାଇଁ ଅସ୍ତ୍ରଶସ୍ତ୍ର ଏବଂ ଆଇଇଡି ତିଆରି କରୁଥିଲେ। ବର୍ତ୍ତମାନ ସୁଦ୍ଧା ଦେଶରେ ୧୯୭ ମାଓବାଦୀ ପ୍ରାଣ ହରାଇଥିବା ସିଆର୍‌ପିଏଫ୍‌ର ଡିଜି କହିଛନ୍ତି।

# ସେପ୍ଟେମ୍ବର ୨୩କୁ ଆୟୁର୍ବେଦ ଦିବସ ଘୋଷଣା କଲା କେନ୍ଦ୍ର

ନୂଆଦିଲ୍ଲୀ, ୧୪।୫

କେନ୍ଦ୍ର ସରକାର ବୁଧବାର ସେପ୍ଟେମ୍ବର ୨୩କୁ ଆୟୁର୍ବେଦ ଦିବସ ଭାବେ ଘୋଷଣା କରିଛନ୍ତି। ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରିକରି କୁହାଯାଇଛି, ପ୍ରତିବର୍ଷ ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ଧନତେରସକୁ ଆୟୁର୍ବେଦ ଦିବସ ଭାବେ ପାଳନ କରାଯାଉଥିଲା। ତେବେ ଇଂଲିଶ କ୍ୟାଲେଣ୍ଡରରେ ଏହା ଭିନ୍ନ ଭିନ୍ନ ତାରିଖରେ ପଡୁଥିବାରୁ ଅନ୍ତର୍ଜାତୀୟ ସ୍ତରରେ ଆୟୁର୍ବେଦ ଦିବସର ବିଭିନ୍ନ କାର୍ଯ୍ୟକ୍ରମ କରିବାରେ ସମସ୍ୟା ହେଉଥିଲା। ତେଣୁ ସେପ୍ଟେମ୍ବର ୨୩କୁ ଆୟୁର୍ବେଦ ଦିବସ ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ସ୍ଥିର କରିଛନ୍ତି।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,**
**EASTERN CIRCLE - II, CHANDIKHOLE**

No.A-158

Email ID : seec2chandikhole@gmail.com

**"e" Procurement Notice No. ACE, EC-II 02 of 2025-26 (On-line)**

| | | |
|---|---|---|
| 1 | Name of Work | : Work list attached in the Technical Bid Document |
| 2 | Total No. of Package | : 32 nos. individual package |
| 3 | Tender Cost of Packages varies from | : Rs. 227.73 Lakhs to Rs. 466.49 Lakhs |
| 4 | Cost of Bid Document | : Rs. 10,000/- (On-line Payment) |
| 5 | Bid Security varies from | : Rs. 2,27,800/- to Rs. 4,66,500/- |
| 6 | Class of Contractor | : "A" Class for Sl. No. 1 & "B" & "A" Class for Sl.No.2 to 32 of Work list attached in the Bid Document |
| 7 | Period of completion | : 06 (Six) Calendar months for all packages |

8. Other details are as follows

| Procurement Officer | Availability of Tender On-line for bidding From | To | Date of Opening of Technical Bid (Cover-I) |
|---|---|---|---|
| Additional Chief Engineer, Eastern Circle-II. Chandikhole | 16.05.2025 at 10 A.M. | 30.05.2025 up to 5.00 P.M. | 31.05.2025 at 11.30 A.M. |

9. e-mail id : seec2chandikhole@gmail.com
10. Further detailed conditions can be seen from the Govt. website www.tendersorissa.gov.in
11. Any corrigendum/addendum/cancellation of tender to the above notice if any can be seen from the above website.

Sd./- Additional Chief Engineer
Eastern Circle-II, Chandikhole

OIPR-32322/11/0016/2526



**पूर्व तट रेलपथ** / **ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025018, ତା.06.05.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନରେ ପୁରୀ ଷ୍ଟେସନ ୟାର୍ଡରେ ପ୍ଲାଟଫର୍ମ ସଂଖ୍ୟା 7 ଏବଂ 8 ପାଇଁ ବାଲାଷ୍ଟ ରହିତ ଟ୍ରାକ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1007.60 ଲକ୍ଷ, EMD : ₹ 6,53,800.00, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.06.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-22/CI/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଏକକ ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍-ଟିପିକେଆର୍-ସିଏମ୍‌ସି-ଏମ୍‌ଇଏମ୍‌ୟୁ-୨୬୧୮୧୧, ତାରିଖ: ୧୩।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଏସ୍)/ଇଏମ୍‌ୟୁ କାର୍‌ଶେଡ୍, ଟିକିଆପଡ୍ଡା, ଦକ୍ଷିଣପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର ୧୫.୦୦ ଘଟିକା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ୦୫ ବର୍ଷ ଅବଧି ପାଇଁ ଅଲ୍‌ଷ୍ଟୋମ୍ ଟ୍ରାନ୍ସପୋର୍ଟେଶନ୍ ଲିମିଟେଡ୍, ବେଙ୍ଗାଲୁରୁ ସହିତ ଏମ୍‌ଇଏମ୍‌ୟୁର ୩ ଫେଜ୍ ପ୍ରପଲସନ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷାବେକ୍ଷଣ ଠିକା (ସିଏମ୍‌ସି) । ଟେଣ୍ଡର ମୂଲ୍ୟ: ₹୧୪,୬୬,୨୭,୯୨୩ । ଇଏମ୍‌ଡି: ₹୮,୮୩,୧୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୧୦,୦୦୦/- । ଖୋଲାଯିବା ତାରିଖ: ତା୦୭।୦୬।୨୦୨୫ରିଖ । ସମାପ୍ତି ଅବଧି: ୬୦ ମାସ । ଦାଖଲର ତାରିଖ: ତା୦୭।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।
(PR-153)



See Career Appointment on every Wednesday & Saturday



**जिला अभियंता का कार्यालय , जिला परिषद, रामगढ़**

**अति अल्पकालीन निविदा आमंत्रण सूचना**

ई-निविदा सं० :- ZP/RAMGARH/01/2025-26
मद :- पर्यटन
कार्य की विस्तृत विवरणी :-

| क्र. | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|
| 1 | पतरातु | BEAUTIFICATION OF PATRATU LAKE | 3,91,99,600.00 | 7,84,000.00 | 10000.00 | 09 (नौ) माह |

1. वेबसाईट में निविदा प्रकाशन की तिथि – दिनांक 17.05.2025
2. ई-निविदा डालने/प्राप्ति की तिथि एवं समय – दिनांक 17.05.2025 से दिनांक 23.05.2025 अपराह्न 04:00 बजे तक।
3. निविदा खोलने की तिथि एवं समय – दिनांक 24.05.2025 को अपराह्न 04:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिशद, रामगढ़।
5. ई-निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल Online mode द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई- भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा Double Bid पद्धति से होगा।
9. इस निविदा में जिला परिशद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट Jharkhandtenders.gov.in एवं कार्यालय के सूचनापट्ट पर देखा जा सकता है।

ह०/–
जिला अभियंता,
जिला परिषद, रामगढ़

PR 352355 District(25-26)#D



राष्ट्रीय सहकारी विकास निगम
NCDC
Assisting Cooperatives. Always!
सहकारिताओं की सहायता में सदैव तत्पर

International Year of Cooperatives 2025
Cooperatives Build a Better World

**ରାଷ୍ଟ୍ରୀୟ ସମବାୟ ବିକାଶ ନିଗମ**
**ସହକାର ଟ୍ୟାକ୍ସି ପ୍ରୋଜେକ୍ଟ ପାଇଁ ଏକ ଅନ୍‌ଲାଇନ୍ କ୍ୟାବ୍ ଆଗ୍ରିଗେସନ୍ ସମାଧାନର ଡିଜାଇନ୍, ବିକାଶ, କାର୍ଯ୍ୟାନ୍ୱୟନ ଓ ସଞ୍ଚାଳନ ଲାଗି ଟେକ୍ନୋଲୋଜି ପାର୍ଟନରଙ୍କ ଅନ୍‌ବୋର୍ଡିଂ**
ନିମନ୍ତେ ଟେଣ୍ଡର ଆହ୍ୱାନ କରୁଛି

ପ୍ରାକ୍ ବିଡ୍ ବୈଠକ: ୨୩ ମେ, ୨୦୨୫ ଦାଖଲର ଶେଷ ତାରିଖ: ୨୫ ଜୁନ୍, ୨୦୨୫
ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ: https://ncdc.in



**कार्यालय कार्यपालन अभियंता, ग्रामीण यांत्रिकी सेवा संभाग जशपुर, जिला-जशपुर, (छत्तीसगढ़)**

Phone: 9424242409, e-mail ID: ee-res.jashpur@nic.in

**"निविदा आमंत्रण सूचना"**

क्रमांक/195/वलेलि/ग्रा.यां.से/2025-26 जशपुर, दिनांक: 09.05.2025

छत्तीसगढ़ के राज्यपाल की ओर से लोक निर्माण बिभाग छत्तीसगढ़ में एकीकृत पंजीयन प्रणाली के अंतर्गत "बी" एवं उच्च श्रेणी में पंजीकृत सिविल ठेकेदारों से ग्रामीण यांत्रिकी सेवा के निम्नलिखित निर्माण कार्य हेतु प्रतिशत दर पर ऑनलाईन निविदा आमंत्रित की जाती है:-

| क्र. | कार्य का विवरण | अनुमानित लागत (रूपए लाख में) | निविदा डाउनलोड करने की अंतिम तिथि | अमानत राशि सत्यनिष्ठा संधि एवं तकनीकी दस्तावेज स्पीड पोस्ट से जमा करने की तिथि |
|---|---|---|---|---|
| 1 | 2 | 3 | 4 | 5 |
| 1 | Construction of 200 MT Godown, Covered shed with Platform, Boundary Wall, Common Toilet, approach concrete road and Kisan Bhavan at New Paddy purchasing centre Gala/Pathalgaon/Kilkila, Dist.: Jashpur (2nd Call) | 243.366 | 19.05.2025 | 20.05.2025 17.30 P.M. |
| 2 | ------------------- do ------------------- Kerakachhar / Tamta / Gharjiyabathan, Dist.: Jashpur (2nd Call) | 227.723 | 19.05.2025 | 20.05.2025 17.30 P.M. |
| 3 | ------------------- do ------------------- Kotba / Bagbahar / Jamjhor / Surangpani, Dist.: Jashpur (2nd Call) | 314.405 | 19.05.2025 | 20.05.2025 17.30 P.M. |
| 4 | ------------------- do ------------------- Dumarbahar / Ludeg / Kodri / Pangsua, Dist.: Jashpur (2nd Call) | 261.599 | 19.05.2025 | 20.05.2025 17.30 P.M. |
| | TOTAL | 1047.093 | | |

उपरोक्त निर्माण कार्य की निविदा की सामान्य शर्तें, धरोहर राशि, विस्तृत निविदा विज्ञपित, निविदा दस्तावेज व अन्य जानकारी दिनांक 09.05.2025 से कार्यालयीन समय में उपस्थित होकर एवं विभागीय वेबसाईट https://eproc.cgstate.gov.in/ से प्राप्त की जा सकती है।

स्वा./- कार्यपालन अभियंता, ग्रामीण यांत्रिकी सेवा संभाग, जिला: जशपुर

G-252600814/1



**ଟେଣ୍ଡର ନୋଟିସ**
**ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫-୨୬ ମସିହା (ତା୦୧.୦୬.୨୦୨୫ ଠାରୁ ତା୩୧.୦୩.୨୦୨୬) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଦୀପ ଦୋକାନ ପାଇଁ ଟେଣ୍ଡର, ଆସନ୍ତା ତା୨୮.୦୫.୨୦୨୫ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା୧୬.୦୫.୨୦୨୫ରିଖଠାରୁ ତା୨୦.୦୫.୨୦୨୫ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ। ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା୨୬.୦୫.୨୦୨୫ରିଖ ଅପରାହ୍ନ ୫ ଘଟିକା ସମୟ ମଧ୍ୟରେ ପୂରଣ କରି ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱର ସା-ଦେବୋତ୍ତର ଭବନ (ଦେଓ୍ୱାନୀ ଅଦାଲତ ନିକଟବର୍ତ୍ତୀ) ପୋ-ବିଜେବି ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପିନ୍-୭୫୧୦୧୪ଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ ରେଜିଷ୍ଟ୍ରି ଡାକଦ୍ୱାରା ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଅର୍ଥାତ୍ ସେହି ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ। ତା୨୮.୦୫.୨୦୨୫ରିଖ ଦିବା ୧୨(ବାର) ଘଟିକା ସମୟରେ ଚେୟାରମ୍ୟାନ୍ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର) ଉପସ୍ଥିତିରେ ଟେଣ୍ଡର ଖୋଲାଯିବ।
ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ।

ତଫସିଲ ନଂ-୧
ନିଲାମ ପାଇଁ ଥିବା ଦୋକାନର ବିବରଣୀ

| କ୍ର.ସଂ. ଦୋକାନର ନାମ | ୨୦୨୫-୨୬ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|
| ୧. ଘିଅ ଦୀପ ଦୋକାନ | ଟ.୮୭,୧୩,୮୩୩/- | ଟ.୮,୭୧,୩୮୩/- |

**କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ**

୧. ଘିଅ ଦୀପ ଦୋକାନ ପାଇଁ ଦୀପର ସର୍ବନିମ୍ନ ମୂଲ୍ୟ ଟ.୧୦/- (ଦଶ ଟଙ୍କା ମାତ୍ର) ରଖିବାକୁ ହେବ।
ବି.ଦ୍ର. : ଦୀପରେ ବ୍ୟବହୃତ ଘିଅ କେବଳ ଅମୁଲ/ଓମ୍‌ଫେଡ୍ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ।

ସ୍ୱାକ୍ଷର - କୈଳାସ ଚନ୍ଦ୍ର ଦାଶ
କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ

## ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ି ଯୁବକ ମୃତ

ପୁରୀ,(ଅଜିତ୍ କୁମାର ମହାନ୍ତି): ନରେନ୍ଦ୍ର ପୁଷ୍କରିଣୀରେ ବୁଧବାର ଜଣେ ଯୁବକ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ତାଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଅପରାହ୍ନରେ ଜଣେ ଯୁବକ ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ିଯାଇଥିବା ନେଇ ଖବରପାଇ ଅଗ୍ନିଶମ କର୍ମଚାରୀ ତୁରନ୍ତ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ବର୍ତ୍ତମାନ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଚାଲିଥିବାରୁ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପୋଲିସ ଓ ଅଗ୍ନିଶମ ବାହିନୀ ନିୟୋଜିତ ଥିବା ବେଳେ ଏଭଳି ଅଘଟଣ କିପରି ଘଟିଲା ସେନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

**ସଂକ୍ଷେପରେ**

## କେନାଲରୁ ମୃତଦେହ ଜବତ

ବାରଙ୍ଗ,୧୪।୫(ଲିଙ୍ଗରାଜ ରାଉତ)

ପୁରୀ ମୁଖ୍ୟ କେନାଲ ଭିତରୁ ବାରଙ୍ଗ ପୋଲିସ ବୁଧବାର ଏକ ମୃତଦେହ ଜବତ କରିଛି। ସକାଳୁ ପଞ୍ଚୁପାଳ ଗ୍ରାମ ନିକଟରେ ପୁରୀ ମୁଖ୍ୟ କେନାଲରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଥାନାରେ ଖବର ଦେଇଥିଲେ। ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମୃତଦେହ ଜବତ କରି କଟକ ବଡ଼ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଦେହ ଖାଲିଦେହରେ ପାଣିରେ ୩ରୁ ୪ ଦିନ ହେବ ପଡ଼ିରହିବାରୁ ଶରୀର ଫୁଲିଯାଇଛି। ମୃତକଙ୍କ ବୟସ ୪୫ରୁ ୫୦ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଠିକାଦାର ମୃତ

ତ୍ରିଶୂଳିଆ,୧୪।୫(ତୁଷାରକାନ୍ତ ବେହେରା)

ଇଲେଭେନ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଠିକାଦାରଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ତିର୍ତ୍ତୋଲ ପ୍ରସାଦ ଅଞ୍ଚଳର ପ୍ରଦୀପ ବରା(୪୫)। ଖବର ଅନୁସାରେ, ଟାଙ୍ଗିବନ୍ତ ସିଙ୍ଗଡ଼ା ରାସ୍ତାର ଧାନକଳ ଘର ଆଗ ଶିଙ୍ଗପୋଖରୀ ରାସ୍ତାରେ ଥିବା ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ ଘର ଛାତ ଉପରେ ପ୍ରଦୀପ କିଛି କାର୍ଯ୍ୟ କରୁଥିଲେ। ଏହି ସମୟରେ ସେହି ଘର କଡ଼ରେ ଓହଳିକି ଯାଇଥିବା ଇଲେଭେନ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ କୌଣସିମତେ ସେ ଆସିଯିବାରୁ ଆଘାତ ପାଇ ତଳେ ପଡ଼ିଯାଇଥିଲେ। ସେଠାରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ତାଙ୍କର ଜଣେ ସମ୍ପର୍କୀୟ କହିଛନ୍ତି।

## ଆଜିଠୁ ବିଏମ୍‌ସି ପକ୍ଷରୁ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୪।୫(ଅନୁରାଧା ମହାରଣା)- ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳରେ ଗୁରୁବାରଠାରୁ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ତେବେ ୩୪ ନମ୍ବର ୱାର୍ଡରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ସତ୍ୟନଗରସ୍ଥିତ ୱାର୍ଡ ଅଫିସରେ ଅଭିଯୋଗ ଶୁଣାଣି ହେବ। ଏହି କାର୍ଯ୍ୟ ସପ୍ତାହକୁ ତିନିଦିନ ମଙ୍ଗଳବାର, ଗୁରୁବାର ଓ ଶନିବାର ସକାଳ ୮ଟାରୁ ୧୦ଟା ମଧ୍ୟରେ କରାଯିବ। କେଉଁ ୱାର୍ଡରେ କେଉଁ ସବୁ କାମ ହୋଇଛି ଏବଂ ଆଗକୁ କେଉଁ ସବୁ କରିବା ଦରକାର, ସେ ସମ୍ପର୍କରେ ନାଗରିକଙ୍କ ମତାମତ ନିଆଯିବ। ଏହି ଅଭିଯୋଗ ଶୁଣାଣିରେ ମେୟର, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷାଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟର, ଅତିରିକ୍ତ କମିଶନର, ଡେପୁଟି କମିଶନର, ବିଏମସିର ସମସ୍ତ ଉପବିଭାଗୀୟ ଅଧିକାରୀ, ଇଞ୍ଜିନିୟରିଂ ଉପବିଭାଗର ଅଧିକାରୀ, ୱାଟକୋ, ସଂପୃକ୍ତ ୱାର୍ଡର ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଇଜର, ସାନିଟାରୀ ଇନ୍‌ସପେକ୍ଟର, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ ସାଥୀ ଉପସ୍ଥିତ ରହିବେ। ୱାର୍ଡର ବିଭିନ୍ନ ଆବାସିକ ସଂଗଠନ, ଏସଏଚ୍‌ଜି ସଦସ୍ୟା, ବସ୍ତିବାସିନ୍ଦା ସଂଘର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ସାଧାରଣ ନାଗରିକ ଉପସ୍ଥିତ ରହିବେ।

# ପୁଣି ଜୀବନ ନେଲା ଆମ ବସ୍

## ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ବାଲିଅନ୍ତା,୧୪।୫(ନୀଳମାଧବ ସାହୁ)

ଆଉଏକ ଜୀବନ ନେଲା ଆମ ବସ୍। ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ପଞ୍ଚାୟତର ଜିତିକାରସୁଆଲୋ ନିକଟ ମାଣିଆ ପାଟଣାଠାରେ ବୁଧବାର ଅପରାହ୍ନରେ ଆମ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱର ମୈତ୍ରୀ ବିହାର ଥାନା ଅଧୀନ ସାଲିଆସାହିର ନୀଳଚକ୍ର ନଗରରେ ରହୁଥିବା ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ଅଶୋକ ବଳ (୫୪)। ଗୁରୁତର ଆହତ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଞ୍ଚଳର ନରେଶ ସ୍ୱାଇଁ। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି



ଦୁର୍ଘଟଣା ପରେ ରାସ୍ତାରେ ପଡ଼ି ରହିଥିବା କ୍ଷତିଗ୍ରସ୍ତ ବାଇକ୍।

ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସମ୍ପୃକ୍ତ ବସ୍ (ଓଡି ୩୩ ୟୁ ୭୩୬୨)କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଅଶୋକ ଏବଂ ନରେଶ ଗାଁରୁ ବାଇକ୍‌ଯୋଗେ ହଂସପାଳ–ବନମାଳୀପୁର ଅଭୟମୁଖୀ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଏହି ସମୟରେ ଯାତ୍ରୀଙ୍କୁ ନେଇ ବସ୍‌ଟି ଭୁବନେଶ୍ୱରରୁ ଅଡ଼ଶପୁର ଯାଉଥିଲା। ମାଣିଆ ପାଟଣାଠାରେ ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଅଶୋକଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତା ଅବରୋଧ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡ଼ା ସଦଳବଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ତେବେ ଦୁର୍ଘଟଣା ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

## ହାଇସ୍କୁଲ, ମଧ୍ୟମା ପରୀକ୍ଷାରେ ଆଚାର୍ଯ୍ୟକୁଲମ୍‌ର ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୧୪।୫(ଅନୁରାଧା ମହାରଣା)

ଯୋଗଗୁରୁ ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଦ୍ୱାରା ପ୍ରତିଷ୍ଠିତ ଆବାସିକ ବିଦ୍ୟାଳୟ 'ଆଚାର୍ଯ୍ୟକୁଲମ୍' ଉଭୟ ହାଇସ୍କୁଲ ଏବଂ ମଧ୍ୟମା ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ସମସ୍ତ ୧୫୩ ଜଣ ଛାତ୍ରୀଛାତ୍ର ପାସ କରିଛନ୍ତି। ଅଥର୍ବ ୯୯.୪୦ ପ୍ରତିଶତ ନମ୍ବର ସହିତ ପ୍ରଥମ ସ୍ଥାନରେ ରହିଥିବାବେଳେ ଧ୍ରୁବ ୯୮ ପ୍ରତିଶତ ନମ୍ବର ସହିତ ଦ୍ୱିତୀୟ ସ୍ଥାନ ଓ ସାନ୍ୟା ସେଜଲ ୯୭.୮୦ ପ୍ରତିଶତ ନମ୍ବର ସହିତ ସ୍କୁଲରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସହଜ ୯୭.୬୦ ନମ୍ବର ସହିତ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ଅଂଶୁମାନ ଏବଂ କନ୍ହୈୟା କୁମାର ୯୭.୪୦ ନମ୍ବର ସହିତ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ପାଞ୍ଚଟି ବିଷୟରେ ୨୧ଜଣ ଛାତ୍ରୀଛାତ୍ର ଏ–୧ ଗ୍ରେଡ ପାଇଥିବାବେଳେ ୪୩ଜଣ ବିଭିନ୍ନ ବିଷୟରେ ଶତପ୍ରତିଶତ ସ୍କୋର୍ କରିଛନ୍ତି। ୨୫ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଅନ୍ୟପକ୍ଷରେ ମଧ୍ୟମା ବିଜ୍ଞାନ, ହ୍ୟୁମାନିଟିଜ୍ ଏବଂ ବାଣିଜ୍ୟ ବିଭାଗରେ ହାରାହାରି ମାର୍କ ଯଥାକ୍ରମେ ୮୩.୫୯, ୯୦.୬୪ ଏବଂ ୯୦.୮୫ ରହିଥିବାବେଳେ ସିଦ୍ଧେଶ (୯୯%), ଆର୍ଯ୍ୟମାନ (୯୮.୬%) ଏବଂ ରିଧିମା (୯୮%) ନିଜ ଶ୍ରେଣୀରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସମସ୍ତ ୯୭ଜଣ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ସିଦ୍ଧେଶ ୯୯ ପ୍ରତିଶତ ନମ୍ବର ସହିତ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପାଞ୍ଚଟି ବିଷୟରେ ୧୪ଜଣ ଛାତ୍ର ଏ–୧ ଗ୍ରେଡ୍ ପାଇଥିବାବେଳେ ୩୨ ଜଣ ବିଭିନ୍ନ ବିଷୟରେ ଶତପ୍ରତିଶତ ମାର୍କ ପାଇଛନ୍ତି। ଏହି ଅବସରରେ ଆଚାର୍ଯ୍ୟକୁଲମ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଚାର୍ଯ୍ୟକୁଲମ ପରିଚାଳନା କମିଟି ଉପାଧ୍ୟକ୍ଷ ଡ. ରୀତାମ୍ବର ଶାସ୍ତ୍ରୀ ଏବଂ ପ୍ରିନ୍ସିପାଲ ସ୍ୱାତୀ ମୁନ୍‌ସୀ ସମସ୍ତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱାମୀ ଅର୍ଜ୍ଜୁନଦେବ, ଉପାଧ୍ୟକ୍ଷ ତାପସ କୁମାର ବେରା, ସଂଯୋଜକ ଦୀପା, ମୁଖ୍ୟ ଛାତ୍ରାବାସ ଅଧୀକ୍ଷକ ଏବଂ କ୍ରୀଡା ନିର୍ଦ୍ଦେଶକ ଅମିତ ଜୀଙ୍କ ସହିତ ସମସ୍ତ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଅନନ୍ତ ମହାପାତ୍ରଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସ୍ମୃତି ସମ୍ମାନ'



ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସ୍ମୃତି ସମ୍ମାନ' ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୧୪।୫
(ସୌମ୍ୟରଞ୍ଜନ ରାଉତ)

କଳା, ସାହିତ୍ୟ ଓ ସଂସ୍କୃତିଭିତ୍ତିକ ମାସିକ ପତ୍ରିକା 'ବାଣୀଚିତ୍ର'ର ୫୭ତମ ବର୍ଷ ପୂର୍ତ୍ତି ଉତ୍ସବ ଓ ବାଣୀଚିତ୍ର ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବର୍ଷିଆନ୍ ନାଟ୍ୟକାର, ନିର୍ଦ୍ଦେଶକ ଓ ଚଳଚ୍ଚିତ୍ର ଅଭିନେତା ଅନନ୍ତ ମହାପାତ୍ରଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅଭିନେତା ପ୍ରଶାନ୍ତ ନନ୍ଦ, ଗୀତିକାର ଡ. ରବିନାରାୟଣ ସେନାପତି, କାଦମ୍ବିନୀ ସମ୍ପାଦିକା ଡ଼. ଇତି ସାମନ୍ତ, ପିପିଏଲର କର୍ପୋରେଟ ଆଫେୟାର ଅଧିକାରୀ ସୁଧୀରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରେ ବିଭିନ୍ନ କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ ସମାଜସେବା କ୍ଷେତ୍ରରେ ୧୩ଜଣ ବ୍ୟକ୍ତିତ୍ୱଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ୨୦୨୪ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦିତ କରିଥିବା ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତ୍ରୀ, ଅଭିନେତା ଓ ଅନ୍ୟାନ୍ୟ ବିଭାଗରେ କାର୍ଯ୍ୟ କରିଥିବା କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଯୋଜକ ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକଙ୍କ 'କର୍ମ', କଳାତ୍ମକ ଚିତ୍ର 'ଅପରାହ୍ନର ସୂର୍ଯ୍ୟ' ପାଇଁ ଅଜୟ ମହାନ୍ତି, ପ୍ରଯୋଜକ ରମେଶ ବାରିକଙ୍କ ଆର୍‌ଆର୍ ଇଭେଣ୍ଟସ ଆଣ୍ଡ ଫିଲ୍ମ କର୍ମ, ଭିଲେନ, ଆଇ ଲଭ ୟୁ–୨, ଆଶ୍ରମ ଭଳି ସଫଳ ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କୃତ କରାଯାଇଥିବାବେଳ ୧୪ଜଣଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଇଥିଲା। 'ବାଣୀଚିତ୍ର' ସଂପାଦକ ଭାସ୍କର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ବିକ୍ରମାଦିତ୍ୟ ଜେନା ଓ ଦୀନେଶ ପ୍ରଧାନ ପରିଚାଳନା କରିଥିଲେ।

## ହୋଟେଲ ମାଲିକଙ୍କଠାରୁ ଜରିମାନା ଆଦାୟ

ବାଲିପାଟଣା,୧୪।୫(ଅଭିମନ୍ୟୁ ନାୟକ)

ଅସ୍ୱାସ୍ଥ୍ୟକର ପରିବେଶ ଲାଗି ବାଲିପାଟଣା ଥାନା ଅଧୀନ ଏକ ହୋଟେଲ ମାଲିକଙ୍କଠାରୁ ଖୋର୍ଦ୍ଧା ଖାଦ୍ୟ ସୁରକ୍ଷା ଅଧିକାରୀ ୮ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ବୁଧବାର ଅପରାହ୍ନରେ ଖୋର୍ଦ୍ଧା ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ନିବେଦିତା ଭଞ୍ଜ, ଟାଙ୍ଗୀ ଅଧିକାରୀ ଦେବାଶିଷ ଭୋଳ, ସୁଶାନ୍ତ ସାମନ୍ତରାୟ, ଅନିଲ ମାଝୀ ପ୍ରମୁଖ ବାଲିପାଟଣାସ୍ଥିତ ଉକ୍ତ ହୋଟେଲରେ ଅଚାନକ ଚଢ଼ାଉ କରିଥିଲେ। ଖାଦ୍ୟ ସାମଗ୍ରୀ ଅତି ନିମ୍ନମାନର ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସମ୍ପର୍କରେ ଅଧିକାରୀମାନେ ସମ୍ପୃକ୍ତ ହୋଟେଲ ମାଲିକଙ୍କୁ ପଚରାଉଚରା କରୁଥିବାବେଳେ ସେ କୌଶଳକ୍ରମେ ସେଠାରୁ ଚମ୍ପଟ୍ ମାରିଥିଲେ। ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କ ନିର୍ଦ୍ଦେଶରେ ପୋଲିସ ପହଞ୍ଚି ହୋଟେଲ ମାଲିକଙ୍କୁ ଡାକି ଅଧିକାରୀଙ୍କୁ ସହଯୋଗ କରିବାକୁ ତାଗିଦା କରିଥିଲେ। ଉକ୍ତ ମାଲିକଙ୍କଠାରୁ ଅଧିକାରୀ ୮ ହଜାର ଟଙ୍କା ଫାଇନ ଆଦାୟ କରିବା ସହ ଏପରି ଭୁଲ୍ ଆଗକୁ ନ କରିବାକୁ ଚେତାବନୀ ଦେଇଥିଲେ।

## ସିଫାର ପୂର୍ବତନ ନିର୍ଦ୍ଦେଶକ ଡ. ଏସ୍. ଆୟାପାନ୍‌ଙ୍କ ବିୟୋଗରେ ଶୋକ

ବାଲକାଟୀ,୧୪।୫(ମନୋଜ ମଣ୍ଡଳ)

ସିଫାର ପୂର୍ବତନ ନିର୍ଦ୍ଦେଶକ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ପୂର୍ବତନ ମହାନିର୍ଦ୍ଦେଶକ ତଥା କୃଷି ଶିକ୍ଷା ଓ ଗବେଷଣା ବିଭାଗର ସଚିବ ଡ. ଏସ୍. ଆୟାପାନ(୬୯)ଙ୍କର ଗତ ୧୦ ତାରିଖରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ କୌଶଲ୍ୟାଗଙ୍ଗସ୍ଥିତ ମଧୁର ଜଳ ଜୀବପାଳନ ସଂସ୍ଥାଠାରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡ. ଆୟାପାନ ସିଫାର ନିର୍ଦ୍ଦେଶକ ଭାବେ ୧୯୯୬ରୁ ୨୦୦୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସଭାରେ ସିଫାର କର୍ମଚାରୀ ବୃନ୍ଦ ୨ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ। ତାଙ୍କର ବିୟୋଗ ଭାରତୀୟ କୃଷି ଅନୁସନ୍ଧାନ ଓ ମତ୍ସ୍ୟ ବିଜ୍ଞାନ କ୍ଷେତ୍ରରେ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଦ୍ୱାଦଶ ପରୀକ୍ଷାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଫଳତା

ଭୁବନେଶ୍ୱର, ୧୪।୫(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷାରେ ଜଗନ୍ନାଥନଗରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ୧୩ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ପ୍ରକୃତି ମହାପାତ୍ର ୯୭.୨ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେ ଜୀବ ବିଜ୍ଞାନରେ ୯୯, ଇଂଲିଶରେ ୯୮, ଫିଜିକାଲ ଏଜୁକେଶନରେ ୯୭, ରସାୟନ ବିଜ୍ଞାନରେ ୯୬, ଗଣିତରେ ୯୫ ଏବଂ ପଦାର୍ଥ ବିଜ୍ଞାନରେ ୯୪ ନମ୍ବର ରଖିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା ପୂର୍ବକ ସେମାନଙ୍କୁ ଉତ୍ସାହିତ କରିଛି।

**ପ୍ରକୃତି ମହାପାତ୍ର ସ୍କୁଲ ଟପ୍ପର**



## ସିବିଏସ୍‌ଇ ଦଶମ: ବିକାଶ ଆବାସିକ ବିଦ୍ୟାଳୟର ଅନ୍ୱେଷା ମିଶ୍ର ସ୍କୁଲ ଟପ୍ପର

ଭୁବନେଶ୍ୱର,୧୪।୫(ସୁଚିସ୍ମିତା ସାହୁ)

ସିବିଏସ୍‌ଇ ଦ୍ୱାଦଶ ଓ ଦଶମ ପରୀକ୍ଷାରେ ବିକାଶ ଆବାସିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶରେ ବାଣିଜ୍ୟ ବିଭାଗ ଛାତ୍ର ଗୋବିନ୍ଦ ଚଣ୍ଡକ ୯୮.୨%, ବିଜ୍ଞାନ ବିଭାଗ ଛାତ୍ରୀ ଅଭିଲିପ୍ସା ଶୁଭଦର୍ଶିନୀ ୯୬.୪% ମାର୍କ ରଖିଛନ୍ତି। ସେହିପରି ଦଶମରେ ଅନ୍ୱେଷା ମିଶ୍ର ସର୍ବାଧିକ ୯୭.୮% ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ବିଦ୍ୟାଳୟର ବିଜ୍ଞାନ ଓ ବାଣିଜ୍ୟ ବିଭାଗର ମୋଟ ପରୀକ୍ଷାର୍ଥୀ ୧୭୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୬ଜଣ ୯୦%ରୁ ଅଧିକ ମାର୍କ ରଖିଥିବାବେଳେ ୯୮ଜଣ ୮୦ପ୍ରତିଶତ ଏବଂ ୧୬୦ ଜଣ ୭୦% ମାର୍କ ରଖିଛନ୍ତି। ସେହିପରି ଦଶମଶ୍ରେଣୀରେ ମୋଟ ୨୬୫ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣ ୯୫%ରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ବେଳେ ୫୯ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେହିପରି ୮୦%ରୁ ଅଧିକ ୧୫୬ ଜଣ ଓ ୭୦%ରୁ ଅଧିକ ୨୧୫ ଜଣ ରଖିଛନ୍ତି। ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଗ୍ଲୋବାଲ ବିଦ୍ୟାଳୟର ଚେୟାରମ୍ୟାନ ଓ ପରିଚାଳନା ନିର୍ଦ୍ଦେଶକ ଭି. ଶ୍ରୀନିବାସ, ଡିନ୍ ପୀତାମ୍ବର ଦାସ, ଡିନ୍ ସିନିୟର ସେକେଣ୍ଡାରି ଏ. ଦିଲୀପ କୁମାର, ବିକାଶ ଗ୍ଲୋବାଲ ବିଦ୍ୟାଳୟ ଅଧ୍ୟକ୍ଷା ବିଜୟାଲକ୍ଷ୍ମୀ ଦାସ, ଅଧ୍ୟକ୍ଷ ଆର୍. ବିଜୟ କୁମାର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବେଆଇନ କୁକୁଡ଼ା ଫାର୍ମ ଉଚ୍ଛେଦ

ବାଲିପାଟଣା,୧୪।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ତହସିଲ ଅଧୀନ ବାଗଲପୁର ଗାଁରେ ବେଆଇନ ଭାବେ ହୋଇଥିବା କୁକୁଡ଼ା ଫାର୍ମକୁ ତହସିଲ ପ୍ରଶାସନ ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି। ସୂଚନା ମୁତାବକ, ଗ୍ରାମର ଗଙ୍ଗାଧର ସାହୁ ବେଆଇନ ଭାବେ ଆଇତଲଙ୍ଗ ଶ୍ମଶାନ କିସମ ଜମି ପ୍ଲଟ୍ ନମ୍ବର ୧୫୦୫ରେ ୧୫ ଡିସିମିଲ ପରିସୀମାର ସରକାରୀ ଜାଗା ଉପରେ ଏକ କୁକୁଡ଼ା ଫାର୍ମ କରିଥିଲେ। ମାତ୍ର ଏହି ଜାଗା ଗାଁର ଶ୍ମଶାନ ପାଇଁ ଉଦ୍ଦିଷ୍ଟ ଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ଉକ୍ତ ବ୍ୟକ୍ତି ଗ୍ରାମବାସୀଙ୍କ ବାରଣକୁ ଭ୍ରୂକ୍ଷେପ ନ କରି ଘରକାମ ଚାଲୁ ରଖିଥିଲେ। ଗ୍ରାମବାସୀ ଅନ୍ୟ ଉପାୟ ନପାଇ ବାଲିପାଟଣା ତହସିଲରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ବାଲିପାଟଣା ତହସିଲଦାର କଳ୍ପନା ଦାସ ତୁରନ୍ତ ସେ ଜାଗାରେ କନ୍‌ଷ୍ଟ୍ରକଶନ କାମ ନ କରିବାକୁ ଅବରୋଧ କେସ୍ ନଂ. ୧୭୨/୨୩–୨୪ରେ ୧୩ ତାରିଖ ମଧ୍ୟରେ ଘର ନ ଭାଙ୍ଗିଲେ ତହସିଲ ପ୍ରଶାସନ ପଦକ୍ଷେପ ନେବ ବୋଲି ନୋଟିସ କରିଥିଲେ। ହେଲେ ସେ ନୋଟିସ୍‌କୁ ଅଣଦେଖା କରି କାମ ଚାଲୁ ରଖିଥିଲେ। ବୁଧବାର ପୂର୍ବାହ୍ନରେ ତହସିଲଦାର ଦାସ ପୋଲିସ ସହାୟତାରେ ବେଆଇନ କୁକୁଡ଼ା ଫାର୍ମକୁ ଡୋଜର ଲଗାଇ ଭାଙ୍ଗି ଦେଇଛନ୍ତି। ଏହି ବେଆଇନ ଉଚ୍ଛେଦରେ ଅତିରିକ୍ତ ତହସିଲଦାର ମିଳନ ଜୟସୁଆଲ ଓ ଆଇତଲଙ୍ଗ ରାଜସ୍ୱ ଅଧିକାରୀ ଅଶ୍ୱିନୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟସେବା, ସାଇବର ଅପରାଧ ସମ୍ପର୍କିତ ସଚେତନତା

## ମଣିପାଲ୍ ସାଥୀ ପ୍ରିଭିଲେଜ୍ କାର୍ଡ ଉନ୍ମୋଚନ

ଭୁବନେଶ୍ୱର, ୧୪।୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଅବସରପ୍ରାପ୍ତ ପୋଲିସ୍ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ମଣିପାଲ୍ ହସ୍ପିଟାଲ୍ ସହାୟତାରେ ସ୍ୱାସ୍ଥ୍ୟସେବା ଓ ପୋଲିସ୍ କମିଶନରେଟ୍ ପକ୍ଷରୁ ସାଇବର ଅପରାଧ ସଚେତନତା ଟ୍ରାଫିକ୍ ଥାନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସୂର୍ଯ୍ୟମଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକ ଓ ସେନାବାହିନୀର ସିନ୍ଦୂର ଅଭିଯାନରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ପୋଲିସ୍ ଆୟୁକ୍ତ ନରସିଂହ ଭୋଳ, ମଣିପାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର, ଟ୍ରାଫିକ୍ ଡିସିପି ତପନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ସମ୍ପାଦକ ନୀଳମୋହନ ଅତିଥି ପରିଚୟ ଦେଇଥିବାବେଳେ ଏସିପି ସୁଚିସ୍ମିତା ଦାଶ ସାଇବର ଅପରାଧ ଉପରେ ସଚେତନ ହେବାପାଇଁ ପରାମର୍ଶ ଦେଇଥିଲେ। ପରେ ଅତିଥିମାନେ 'ମଣିପାଲ୍ ସାଥୀ ପ୍ରିଭିଲେଜ କାର୍ଡ ଉନ୍ମୋଚନ କରିଥିଲେ। ଡା. ମହାପାତ୍ର ଉକ୍ତ କାର୍ଡରେ ରହିଥିବା ସୁବିଧା ଉପରେ ମତ ରଖିଥିବାବେଳେ ଡା. ଦିବ୍ୟ ରଞ୍ଜନ ବେହେରା, ଡା. ହରେକୃଷ୍ଣ ସାହୁ, ଡା. ଅମ୍ଳାନ ମହାପାତ୍ର ସ୍ୱାସ୍ଥ୍ୟ ସଚେତନତାର ବିଭିନ୍ନ ଦିଗ ଉପରେ କହିଥିଲେ। ଓକାକ୍ ସହଯୋଗରେ' ଆୟୁଷ୍ମାନ୍ ବୟୋ ବନ୍ଦନା କାର୍ଡ' ବରିଷ୍ଠ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିଲା।




ଅତିଥିମାନେ ମଣିପାଲ୍ ସାଥି ପ୍ରିଭିଲେଜ କାର୍ଡକୁ ଉନ୍ମୋଚନ କରୁଛନ୍ତି।

# ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ହୀରକ ଜୟନ୍ତୀ ସମାପନ ସମାରୋହ

ଭୁବନେଶ୍ୱର,୧୪।୫(ସୁଚିସ୍ମିତା ସାହୁ)

ସିଏସ୍‌ଆଇଆର–ଆଇଏମ୍‌ଏମ୍‌ଟିର ହୀରକ ଜୟନ୍ତୀ ସମାପନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଏସ୍‌ଆଇଆର୍ ଡିଜି ଡ. ଏନ୍. କଳାଇସେଲଭି ଜାନୁଆରୀ ୨୦୨୩ରେ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇଏମ୍‌ଏମଟି ଗବେଷଣା ପରିଷଦର ଅଧ୍ୟକ୍ଷ ଡକ୍ଟର ଦେବାଶିଷ ଭଟ୍ଟାଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ହିନ୍ଦୁସ୍ତାନ କପରର ସଞ୍ଜିବ କୁମାର ସିଂହ ଯୋଗଦେଇଥିଲେ। ଏହି ଅବସରରେ ହିନ୍ଦୁସ୍ତାନ କପର ଲିମିଟେଡର ସିଏମ୍‌ଡି ସଞ୍ଜୀବ କୁମାର ଏବଂ ସିଏସ୍‌ଆଇଆର–ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ନିମ୍ନଗ୍ରେଡ, ତମ୍ବା ଖଣିଜ ପ୍ରକ୍ରିୟାକରଣ, ବିଦେଶୀ ସମ୍ବଳ ସମେତ ସମ୍ପୃକ୍ତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ନିଷ୍କାସନ, ପୁନଃଚକ୍ରଣ, ପ୍ଲାଣ୍ଟ କାର୍ଯ୍ୟ ଉନ୍ନତି ଇତ୍ୟାଦିରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସିଏସ୍‌ଆଇଆର–ଆଇଏମ୍‌ଏମ୍‌ଟିର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଏଲ.ଡି. ବେସ୍ରା ସ୍ୱାଗତ ଭାଷଣ ଦେଇଥିଲେ। ଡକ୍ଟର ରାମାନୁଜ ନାରାୟଣ ପ୍ରତିଷ୍ଠାନର ହୀରକ ଜୟନ୍ତୀ ରିପୋର୍ଟ ପ୍ରଦାନ କରିବା ସହିତ ଉଦୀୟମାନ ଗବେଷଣା କ୍ଷେତ୍ରରେ ପ୍ରତିଷ୍ଠାନର ଉନ୍ନତି ଏବଂ ବିକଶିତ–ଭାରତର ଦୃଷ୍ଟିକୋଣ ଅଧୀନରେ ଜାତୀୟ ବିକାଶ ଏଜେଣ୍ଡା ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଆଇଏଲଏସ୍‌ର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାଶ ଆଇଏଲଏସ ଏବଂ ସିଏସ୍‌ଆଇଆର–ଆଇଏମ୍‌ଏମ୍‌ଟି ସହଭାଗୀତାର ଶକ୍ତିକୁ ପ୍ରତିଫଳିତ କରି ସାମୁଦ୍ରିକ ଶୈବାଳ ଗବେଷଣା ଉପରେ ଆଲୋଚନା କରିଥିଲେ। ସିଏସଆଇଆର–ଆଇଏମ୍‌ଏମଟିର ମୁଖ୍ୟ ବୈଜ୍ଞାନିକ ଡକ୍ଟର ନବୀନ କୁମାର ଧଳ ଧନ୍ୟବାଦ ଦେଇଥିଲେ।




ହିନ୍ଦୁସ୍ତାନ କପର ଲିମିଟେଡ ଓ ସିଏସ୍‌ଆଇଆର–ଆଇଏମ୍‌ଏମ୍‌ଟି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେଉଛି।

## ସଂକ୍ଷେପରେ

### ଟଙ୍କା ଦେଣନେଣକୁ ନେଇ ଯୁବକଙ୍କୁ ଛୁରାମାଡ଼

ଆଠଗଡ, ୧୪।୫(ସତ୍ୟ ପ୍ରସାଦ ରଥ) ଆଠଗଡ଼ ଥାନା ହରିଡାଗହୀର ଗାଁରେ ଯୁବକଙ୍କୁ ବୁଧବାର ମରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଆଠଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ଜଣଙ୍କ ଉକ୍ତ ଗାଁର ମଧୁସୂଦନ ମଲ୍ଲିକ (୨୬)। ତେବେ ଟଙ୍କା ଦିଆନିଆକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ଼ କରାଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ହରିଡାଗହୀର ଗାଁର ମଧୁସୂଦନ ଋଣ କରାଇଦେବାକୁ ସେହି ଗାଁର ଜଣେ ଯୁବକଙ୍କୁ ଟଙ୍କା ଦେଇଥିଲେ। ତେବେ ଋଣ ନ ହେବାରୁ ମଧୁସୂଦନ ତାଙ୍କୁ ଟଙ୍କା ଫେରାଇ ଦେବାକୁ କହିବାରୁ ୨ ଯୁବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଟଙ୍କା ନେଇଥିବା ସେହି ଗାଁର ଦାମୋଦର ମହାନ୍ତିଙ୍କ ପୁଅ ଦାଶରଥି ଛୁରିରେ ମଧୁସୂଦନଙ୍କୁ ୩ ଥର ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ମଧୁସୂଦନଙ୍କୁ ଆଠଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଡ ମେଡିକାଲ ରେଫର କରାଯାଇଛି। ଖବରପାଇ ଆଠଗଡ଼ ମେଡିକାଲରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନହିଁ।

### ଗୋରୁ ଗାଡ଼ି ଅଟକାଇ ଦଲାଲଙ୍କ ବାଇକ୍ ପୋଡ଼ିଦେଲେ ଯୁବକ

ସାଲେପୁର,୧୪।୫(ଅରବିନ୍ଦ ଭୂୟାଁ)– ସାଲେପୁର ଥାନା ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତ ପଟୁଆହାଟଠାରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଯୁବକ ଗୋଟିଏ ଡାଲା ଅଟୋରେ ଯାଉଥିବା ୨ଟି ଗାଇକୁ ଅଟକାଇବା ସହ ଜଣେ ଦଲାଲଙ୍କ ବାଇକ୍‌କୁ ପୋଡ଼ି ନଷ୍ଟ ଦେଇଛନ୍ତି। ଖବରପାଇ ଜପକୁଦ ଫାଣ୍ଡି ଓ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛି। ସାଲେପୁର ଭିଏସ୍ ଗାଈ ୨ଟିକୁ ଚିକିତ୍ସାକରି ଭୀମଦାସପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଜିମା ଦେଇଥିବା ଜଣାଯାଇଛି। ଗୋରୁ ଗାଡ଼ିଟି କାହାର ଓ କିଏ ବାଇକ୍ ପୋଡ଼ିଦେଲେ ତାହା ଏ ପର୍ଯ୍ୟନ୍ତ ଜଣାଯାଇ ନ ଥିବାବେଳେ ପୋଲିସ ଫାଣ୍ଡିରେ ୨ଜଣକୁ ଅଟକ ରଖି ତଦନ୍ତ କରୁଥିବା ଜଣାଯାଇଛି।

### ଟିଗିରିଆ ବ୍ଲକ୍ ଆତ୍ମା ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଲେ ସୁରେଶ

ଟିଗିରିଆ, ୧୪।୫( ଜାଫର ଖାଁ): ଟିଗିରିଆ ବ୍ଲକ୍ କୃଷି ସୂଚନା ଓଁ ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ (ଆତ୍ମା) ପଦ ପାଇଁ କାର୍ଯ୍ୟାଳୟରେ ବୁଧବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ସୁରେଶ ଚନ୍ଦ୍ର ସାହୁ ଭାଜପା ସମର୍ଥିତ ପ୍ରାର୍ଥୀ ସୌଭାଗ୍ୟ ମହାନ୍ତି ଙ୍କୁ ୫ଟି ଭୋଟରେ ପରାସ୍ତ କରିଥିଲେ। ମୋଟ ୨୫ଟି ଭୋଟରୁ ସୁରେଶ ୧୫ ଭୋଟ ପାଇଥିବାବେଳେ ସୌଭାଗ୍ୟ ୧୦ଟି ଭୋଟ ପାଇଥିଲେ। ନିର୍ବାଚନ ବେଳେ ଟିଗିରିଆ ବ୍ଲକ୍ କୃଷି ଅଧିକାରୀ ସନାତନ ବେହେରା, ଟିଗିରିଆ ବ୍ଲକ୍ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଓ ପୂର୍ବତନ ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

### ଦଶମ ସିବିଏସ୍ଇ: ଆକାଂକ୍ଷାଙ୍କ ସଫଳତା

ଟିଗିରିଆ,୧୪।୫(ଜାଫର ଖାଁ): ଟିଗିରିଆ ବ୍ଲକ୍ ଅନ୍ତର୍ଗତ ହାଟମାଳ ପଞ୍ଚାୟତସ୍ଥିତ ସୁଣ୍ଡିପାଳର ବାସିନ୍ଦା ତଥା ଅବସରପ୍ରାପ୍ତ ବିଏସ୍ଏଫ୍ ଯବାନ ସୁରେଶ କୁମାର ପଣ୍ଡା ଓ ସ୍ୱର୍ଣ୍ଣମଞ୍ଜରୀଙ୍କ ଝିଅ ଆକାଂକ୍ଷା ଚଳିତବର୍ଷ ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୭ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ଆକାଂକ୍ଷାଙ୍କୁ ସବୁ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଭୁବନେଶ୍ୱର ପିଏମ୍‌ଶ୍ରୀ କେଭି ନମ୍ବର ୧ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି।

# ୬ ଡକାୟତଙ୍କ ସମେତ ୯ ଗିରଫ

- ଆନ୍ତଃ ଜିଲା ଡକାୟତ ଦଳର ପର୍ଦ୍ଦାଫାଶ
- ବସ୍, ବନ୍ଧୁକ, ସୁନାରୁପା ଅଳଙ୍କାର, ୩ ଲକ୍ଷ ଟଙ୍କା ଜବତ

**ସାଲେପୁର,୧୪।୫(ଅରବିନ୍ଦ ଭୂୟାଁ):**



ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂହ ଓ ଅନ୍ୟମାନେ ଡକାୟତି ସମ୍ପର୍କରେ ସୂଚନା ଦେଉଛନ୍ତି।

କଟକ ଜିଲା ଗ୍ରାମାଞ୍ଚଳ ପୋଲିସ ଏକ ଆନ୍ତଃ ଜିଲା ଡକାୟତ ଦଳର ପର୍ଦ୍ଦାଫାଶ କରିଛି। ବିଭିନ୍ନ ଡକାୟତି ଘଟଣାରେ ୬ଜଣ ଡକାୟତଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୪୦ ଗ୍ରାମ ସୁନା, ୫ କେଜି ୨ ଶହ ଗ୍ରାମର ରୁପା ଅଳଙ୍କାର, ନଗଦ ୩ ଲକ୍ଷ ୩ ହଜାର ଟଙ୍କା, ଏକ ଆଇଚର ବସ୍, ୨ଟି ବାଇକ୍, ୬ଟି ମୋବାଇଲ ଫୋନ୍, ୪ଟି ଖଣ୍ଡା, ଏକ ଦେଶୀ ବନ୍ଧୁକ, ୩ ଜୀବନ୍ତ ଗୁଳି, ଗୋଟିଏ କୁରାଢ଼ି ଜବତ କରାଯାଇଛି। କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ସାଲେପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୁଧବାର ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି।

ପୋଲିସ ସୂଚନା ମୁତାବକ, କିଛିଦିନ ତଳେ ସାଲେପୁର, ମାହାଙ୍ଗା ଓ ନେମାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଡକାୟତି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଧରିବାକୁ ଗ୍ରାମାଞ୍ଚଳ ଏସ୍‌ପି ସିଂହଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ସାଲେପୁର ଆଇଆଇସି ଅନିତା ସାହୁ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କିଶୋର ଦାସ, ମାହାଙ୍ଗା ଆଇଆଇସି ତପନ କୁମାର ରାଉତ, ନେମାଳ ଆଇଆଇସି ସୁଶୀଲ କୁମାର ନାୟକଙ୍କୁ ନେଇ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ଏମାନଙ୍କୁ ଧରିବାକୁ ଯୋଜନା କରାଯାଇଥିଲା। ଏହି ସ୍ୱତନ୍ତ୍ର ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରି ହୋଇଥିବା ଅଳଙ୍କାରଗୁଡ଼ିକ ଯେଉଁ ଦୋକାନରେ ବିକ୍ରି ହୋଇଥିଲା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଚଢ଼ାଉକରି ସାମଗ୍ରୀ କ୍ରୟ କରିଥିବା ବ୍ୟକ୍ତିଙ୍କୁ ଧରିଥିଲେ। ସେମାନେ ହେଲେ ସାଲେପୁର ଥାନା ମାଣିତ୍ରୀ ଗ୍ରାମର ଅଜୟ ସାହୁ, ତ୍ରିଲୋଚନ ସାହୁ ଓ ବାଲେଶ୍ୱର ଅଞ୍ଚଳର ଆଲୋକ କୁମାର ନନ୍ଦୀଙ୍କଠାରୁ କିଛି ଚୋରି ଅଳଙ୍କାର ଜବତ କରିବା ସହ ସେମାନଙ୍କୁ ପଚରାଉଚରା କରାଯାଇଥିଲା। ଏହି ସମୟରେ ସେମାନଙ୍କଠାରୁ ଆନ୍ତଃ ଜିଲା ଡକାୟତି ଦଳର ସୁରାକ୍ ଟିମ୍ ପାଇଥିଲା। ଏହି ଡକାୟତି ଦଳର ମୁଖ୍ୟ ଅଭିଯୁକ୍ତ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ବାଲିପାଟଣା ଗ୍ରାମର ସୁଶାନ୍ତ ସାହୁଙ୍କୁ ଗିରଫକରି ପଚରାଉଚରା କରିବା ପରେ ଡକାୟତି ଘଟଣା ପଦାକୁ ଆସିଥିଲା। ସୁଶାନ୍ତଙ୍କ ନାମରେ ଓଡ଼ିଶାର ବିଭିନ୍ନ ଜିଲାରେ ଥାନାରେ ପ୍ରାୟ ୮୧ରୁ ଉର୍ଦ୍ଧ୍ୱ ଚୋରି, ଡକାୟତି, ରାହାଜାନି ଆଦି ମାମଲା ରହିଛି। ଏହି ଗ୍ୟାଙ୍ଗ୍‌ର ଅନ୍ୟତମ ଅଭିଯୁକ୍ତ ମାହାଙ୍ଗା ଥାନା କୁହୁଣ୍ଡା ଗ୍ରାମର ଦୀପ୍ତିକାନ୍ତ ପୃଷ୍ଟିଙ୍କ ନାମରେ ୨୦ରୁ ଉର୍ଦ୍ଧ୍ୱ ମାମଲା, ନେମାଳ ଥାନା ତରତ ବାଲିସାହି ଗ୍ରାମର ବସନ୍ତ କୁମାର ବଳ ଓ ମାହାଙ୍ଗା ଥାନା ଧର୍ମଦାସପୁର ଗ୍ରାମର କୈଳାସ ଚନ୍ଦ୍ର ସାହୁ, ତିର୍ତ୍ତୋଲ ବାଲିପାଟଣା ଗ୍ରାମର ବିରଞ୍ଚି ନାରାୟଣ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କୁ ଗିରଫ କରିଥିଲା। ଏମାନେ ବିଭିନ୍ନ ମାମଲାରେ ଜେଲ ଯାଇଥିବାବେଳେ ସେଠାରେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ସମ୍ପର୍କ ରଖି ସେମାନଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ପହଞ୍ଚୁଥିଲେ। ପ୍ରଥମେ ଘରଗୁଡ଼ିକୁ ଚିହ୍ନଟକରି ରାତିରେ ପ୍ରବେଶକରି ପରିବାର ଲୋକଙ୍କ ମୁଣ୍ଡରେ ବନ୍ଧୁକ ମାରଣାସ୍ତ୍ର ଲଗାଇ ଭୟଭୀତ କରୁଥିଲେ। ପରେ ପରିବାର ସଦସ୍ୟଙ୍କୁ ବାନ୍ଧି ସୁନା, ରୁପା ଅଳଙ୍କାର ଓ ଟଙ୍କା ଲୁଟ୍ କରି ଚମ୍ପଟ ମାରୁଥିଲେ। ଏହି ଗ୍ୟାଙ୍ଗ୍ ଖାଲି କଟକ ଜିଲାରେ ନୁହେଁ ବାଲେଶ୍ୱର, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ସମେତ ବିଭିନ୍ନ ଜିଲାରେ ପହଞ୍ଚି ଡକାୟତି କରି ପୋଲିସ ଆଖିରେ ଧୂଳି ଦେଇ ଚମ୍ପଟ ମାରୁଥିଲେ। କଟକ ଜିଲା ଗ୍ରାମାଞ୍ଚଳ ପୋଲିସ ସାଲେପୁର, ମାହାଙ୍ଗାଠାରେ ହୋଇଥିବା ଡକାୟତି ଘଟଣାକୁ ଆଧାରକରି ଅଭିଯୁକ୍ତମାନଙ୍କୁ ଧରିବାକୁ ସକ୍ଷମ ହୋଇଛି। ଡକାୟତମାନେ କିପରି ଡକାୟତି ଘଟଣା ଘଟାଇଥିଲେ, ଘଟଣାସ୍ଥଳରେ ପହଞ୍ଚି ତାହାର ଡେମୋ ମଧ୍ୟ ଦେଖାଇ ଥିଲେ। ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ସିଂହଙ୍କ ସମେତ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ନେମାଳ ଥାନାର ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ। ସାଲେପୁର ଥାନା ଜାହାଙ୍ଗୀରବାଦ ଡକାୟତି ଘଟଣାକୁ ନେଇ ନଂ.୧୧୯/୨୫, ନରଣପୁର ଡକାୟତିକୁ ନେଇ ନଂ.୧୮୧/୨୫ରେ ମାମଲା ରୁଜୁ ହୋଇଥିଲା। ସେହିପରି ମାହାଙ୍ଗା ଗୁଣପୁର ଡକାୟତି ଘଟଣାରେ ନଂ. ୮୬/୨୫ରେ ମାମଲା ରୁଜୁ ହୋଇଥିଲା। ପୋଲିସ ୯ ଅଭିଯୁକ୍ତଙ୍କୁ ବୁଧବାର ସାଲେପୁର କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସାଲେପୁର ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସନ୍ତ୍ରାସବାଦ, ଆନ୍ତର୍ଜାତିକ ସମ୍ପର୍କରେ ଭାରତ-ପାକିସ୍ତାନ ଭୂମିକା ଉପରେ ଆଲୋଚନାଚକ୍ର

**ବାଙ୍କୀ,୧୪।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂଗୋଳ ବିଭାଗ ଆନୁକୂଲ୍ୟରେ ଆଭାସୀ ମାଧ୍ୟମରେ 'ସନ୍ତ୍ରାସବାଦ ଓ ଆନ୍ତର୍ଜାତିକ ସମ୍ପର୍କରେ ଭାରତ ଏବଂ ପାକିସ୍ତାନ ଭୂମିକା' ଉପରେ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ ମିଶ୍ର ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବର୍ତ୍ତମାନ ଭାରତ ଓ ପାକିସ୍ତାନର ସମ୍ପର୍କ ସନ୍ତ୍ରାସବାଦ ଯୋଗୁ କ୍ଷୁଣ୍ଣହେବା ସହ ଯୁଦ୍ଧ ଅବସ୍ଥା ଦେଖାଯାଇଛି ବୋଲି ଅଧ୍ୟାପକ ମିଶ୍ର ଉଲ୍ଲେଖ କରିଥିଲେ। ସେ ୧୯୮୦ଠାରୁ ଆଜି ପର୍ଯ୍ୟନ୍ତ ଭାରତରେ ଘଟିଥିବା ସନ୍ତ୍ରାସବାଦ କାର୍ଯ୍ୟକଳାପ ଉପରେ ଏକ ତାଲିକା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନକରି ପାକିସ୍ତାନ ସର୍ବଦା ସନ୍ତ୍ରାସବାଦ ମାଧ୍ୟମରେ ଭାରତରେ ହିଂସା ଘଟାଇବା ସହ ନିରୀହ ଓ ସାଧାରଣ ଜନସାଧାରଣଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ମାରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ପକ୍ଷରୁ କୂଟନୈତିକ, ରାଜନୈତିକ ଓ ଅପରେଶନ 'ସିନ୍ଦୂର' ମାଧ୍ୟମରେ ପାକିସ୍ତାନକୁ କଡା ଜବାବ ଦେଇଛି। ଭାରତ ନିଜର ତରିକା ମାଧ୍ୟମରେ ପାକିସ୍ତାନକୁ କୂଟନୈତିକ କ୍ଷେତ୍ରରେ ନିନ୍ଦିତ କରି ବିଶ୍ୱ ଦରବାରରେ ଉଚିତ ପଦକ୍ଷେପ ନେଇଛି ବୋଲି ପ୍ରାଧ୍ୟାପକ ମହାପାତ୍ର କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ହରପ୍ରସାଦ ଦାସ ଯୋଗଦାନକରି ସନ୍ତ୍ରାସବାଦର ଭିତ୍ତିଭୂମି ନଷ୍ଟ କରିବା ଓ ସେମାନଙ୍କୁ ସମୂଳେ ଧ୍ୱଂସ କରିପାରିଲେ ଭାରତ ଉପମହାଦେଶରେ ଶାନ୍ତି ପ୍ରତିଷ୍ଠା ହେବ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ମହାରଣା, ସର୍ଲିନ୍ ସ୍ୱାଇଁ, ଜ୍ୟୋତିପ୍ରଭା ପ୍ରଧାନ, ଆଶୁତୋଷ ସାମନ୍ତ, ନମିତା ଦଳେଇ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଶେଷରେ ଲକ୍ଷ୍ମୀପ୍ରିୟା ଦାସ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ



କଲ୍ୟାଣମଣ୍ଡପ ଶିଳାନ୍ୟାସ ଅବସରରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ଅନ୍ୟମାନେ।

କଟକ ସଦର,୧୪।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବିଧାୟକଙ୍କ ଦ୍ୱାରା କନ୍ଦରପୁର ଓ ଆୟଉପୁର ପଞ୍ଚାୟତରେ ବୁଧବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଯାଇଛି। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ପ୍ରଥମେ କନ୍ଦରପୁର ପଞ୍ଚାୟତରେ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କଲ୍ୟାଣ ମଣ୍ଡପ ଓ ୧୦ ଲକ୍ଷ ଟଙ୍କାର ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ସୁଭାଷିନୀ ରାଉତ, ଅକ୍ଷୟ ଜେନା, ରଣରଞ୍ଜନ ପରିଡ଼ା, ବିଘ୍ନେଶ୍ୱର ରାଉତ, ଦୁଃଖୀଶ୍ୟାମ ମୁଦୁଲି, ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଳି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆୟଉପୁରଠାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମଧ୍ୟ ବିଧାୟକ ସେଠୀ ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରତିନିଧି ଲକ୍ଷ୍ମୀଧର ଜେନାଙ୍କ ନେତୃତ୍ୱରେ ବଳରାମ ନାୟକ, ସଞ୍ଜୟ ସେଠୀ, ସରୋଜ ବାରିକ, ପ୍ରମୋଦ କୁମାର ନାୟକ, ଜ୍ଞାନରଞ୍ଜନ ବେହେରା, ଅରୁଣ କୁମାର ଲେଙ୍କା, ଅଜିତ କୁମାର ବେହେରା ଓ ମଦନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ନିରଞ୍ଜନ ରାଉଳ ଉପସ୍ଥିତ ରହିଥିଲେ।

## ସେବା ଦିବସ ଭାବେ ପାଳନ ହେଲା ରବିଶଙ୍କରଙ୍କ ଜନ୍ମଦିନ

ଭୁବନେଶ୍ୱର,୧୪।୫(ଅନୁରାଧା ମହାରଣା):




ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କ ଜନ୍ମଦିବସ ପାଳନ କରାଯାଉଛି।

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କ ୬୯ତମ ଜନ୍ମଦିବସକୁ 'ସେବା ଦିବସ' ଭାବେ ପାଳନ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ରାସ୍ତାରେ ପଥଚାରୀ, ଦୋକାନୀ ଏବଂ ଅଟୋ ରିକ୍ସା ଚାଳକଙ୍କୁ ରୋଭର୍ସ ଏମ୍ ଓ ରେଞ୍ଜର୍ସ ୟୁନିଟ୍ ତଥା ଛାତ୍ର କଲ୍ୟାଣ ବିଭାଗ ପକ୍ଷରୁ ପଣା ଓ ଲେମ୍ବୁ ସର୍ବତ ବିତରଣ କରାଯାଇଥିଲା। ଶ୍ରୀଶ୍ରୀ କଲେଜ ଅଫ ନର୍ସିଂ ପକ୍ଷରୁ ଛାତ୍ରୀମାନେ ଜଳଛତ୍ର ଖୋଲି ପଥଚାରୀଙ୍କୁ ସେବା ଯୋଗାଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ପକ୍ଷରୁ ନିକଟସ୍ଥ ଗ୍ରାମଗୁଡ଼ିକରେ ଅଷ୍ଟିଓପାଥି ଚିକିତ୍ସାସେବା ପ୍ରଦାନ କରାଯାଇଥିବାବେଳେ କୃଷି ବିଭାଗ ପକ୍ଷରୁ ଜରାଶ୍ରମରେ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ପ୍ଲାଷ୍ଟିକମୁକ୍ତ ଅଭିଯାନର 'ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତକାରୀ କେନ୍ଦ୍ର' ଦ୍ୱାରା ସମଗ୍ର ବିଶ୍ୱବିଦ୍ୟାଳୟ ପରିସରରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇ କରାଯାଇଥିଲା। ଏହାସହ କଟକ ଜିଲା ଆଠଗଡ଼ ତହସିଲ ଅନ୍ତର୍ଗତ ଧୁରୁଷିଅ ଗ୍ରାମରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଚିକିତ୍ସା ପଦ୍ଧତି ରାଷ୍ଟ୍ରୀୟ ଆୟୋଗ ନିର୍ଦ୍ଦେଶରେ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। 'ଯକ୍ଷ୍ମାମୁକ୍ତ ଭାରତ ସଚେତନତା ଅଭିଯାନ' ଏହାର ଲକ୍ଷ୍ୟ ଥିଲା। ଏଥିରେ ଆଠଗଡ଼ ବିଡିଓ ଆକାଶ ପଣ୍ଡା, ଏବିଡିଓ ନବ କଟକିଆ ପ୍ରମୁଖ ଯୋଗଦେଇଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଷଣ୍ଢପୁର ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ବିଦ୍ୟାର୍ଥୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ଦ୍ରବ୍ୟ ବଣ୍ଟନ କରାଯାଇଥିଲା। ଏଥିସହ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ଶୀତଳ ଜଳର ବ୍ୟବସ୍ଥା କରାଯାଇଥିଲା। ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସତ୍ୟଚୈତନ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିସବୁ ସେବା କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ବାଙ୍କୀ ବିଚାରବିଭାଗୀୟ କୋର୍ଟରେ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା

**ବାଙ୍କୀ,୧୪।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବିଚାରବିଭାଗୀୟ କୋର୍ଟର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଓକିଲ ସଂଘର ସଭାପତି ଶ୍ରୀନିବାସ ମହାପାତ୍ରଙ୍କୁ ଓକିଲ ଭାବେ ୫୦ବର୍ଷ ପୂର୍ତ୍ତି ଅବସରରେ କୋର୍ଟ ପରିସରରେ ମାନପତ୍ର ଓ ଫୁଲତୋଡା ପ୍ରଦାନ କରାଯାଇ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଓକିଲ ସଂଘ ସଭାପତି ଧୀରେନ୍ କୁମାର ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିନିୟର ଡିଭିଜନ ସିଭିଲ୍ ଜଜ୍ ସୁଧୀର କୁମାର ମିଶ୍ର ମୁଖ୍ୟ ଅତିଥି ଓ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସାଧନଜିତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇନଜୀବୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ଧର୍ମପ୍ରସାଦ ମଙ୍ଗରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆଇନଜୀବୀ ରଘୁନାଥ ପୃଷ୍ଟି ମାନପତ୍ର ପାଠ କରିଥିଲେ। ଆଇନଜୀବୀ ଅଜୟ କୁମାର ସ୍ୱାଇଁ ଓକିଲ ସଂଘ ପକ୍ଷରୁ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉପସଭାପତି ସରୋଜ ମତଗଜସିଂହ ଧନ୍ୟବାଦ ଦେଇଥିଲେ।

## ୧୭ରୁ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା

**କଟକ,୧୪।୫(କାର୍ତ୍ତିକ ସାହୁ):**

ମାଷ୍ଟର ଚେସ୍ ଫାଉଣ୍ଡେଶନ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲାରୁ ୭ ବର୍ଷରୁ କମ ବାଳିକା, ବାଳକମାନେ ଏଥିରେ ଅଂଶ ଗ୍ରହଣ କରିପାରିବେ। ମୋଟ କୋଡ଼ିଏ ହଜାର ଟଙ୍କାର ପୁରସ୍କାର ରାଶି ସହ ଆକର୍ଷଣୀୟ ଟ୍ରଫି ପ୍ରଥମ ୧୦ ଜଣଙ୍କୁ ପ୍ରଦାନ କରାଯିବ। ୪ଜଣ ଲେଖାଁଏ ଉଭୟ ବାଳକ ଓ ବାଳିକା ଓଡ଼ିଶାରୁ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ଇଚ୍ଛୁକ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବାକୁ ମାଷ୍ଟର ଚେସ୍ ଫାଉଣ୍ଡେଶନ ମୁଖ୍ୟ ବିକ୍ରମ ବିଶ୍ୱାଳ ଅନୁରୋଧ କରିଛନ୍ତି।

## ଦେଶୀ ମଦ, ପୋଚ ଜବତ

**ହରିଡ଼ାପଶି, ଭେଜିଆ ଜଙ୍ଗଲରେ ଅବକାରୀ ବିଭାଗର ଚଢ଼ାଉ**

ଟିଗିରିଆ,୧୪।୫(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ହରିଡ଼ାପଶି ଏବଂ ଭେଜିଆ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଜିଲା ଭ୍ରାମ୍ୟମାଣ ୟୁନିଟ୍ ଓ ଟିଗିରିଆ ଥାନାର ସହଯୋଗରେ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ୨,୧୩୫ ଲିଟର ଚୋରା ଦେଶୀ ମଦ ସହ ୧୮,୪୮୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ୍ ତିରୁପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଉକ୍ତ ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବାବେଳେ ୬ ମାମଲା ରୁଜୁ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ, ଏଏସ୍ଆଇ ବିକାଶ ରଞ୍ଜନ ବିଶ୍ୱାଳ, ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଜିଲା ଭ୍ରାମ୍ୟମାଣ ଅବକାରୀ ଉପ ନିରୀକ୍ଷକ ଶେଫାଳି ସାହୁ, ବାଙ୍କୀ ଅବକାରୀ ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, ଆଠଗଡ଼ ସହ ଉପ ନିରୀକ୍ଷକ ସରୋଜ କୁମାର ସାହୁଙ୍କ ସମେତ ଟିଗିରିଆ ଥାନାର ଅତିରିକ୍ତ ଫୋର୍ସ, ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## କଳା, ସାହିତ୍ୟ, ଐତିହ୍ୟର ଅନ୍ୟନାମ ଚନ୍ଦନ ମହୋତ୍ସବ

**ବଡ଼ମ୍ବା ଚନ୍ଦନ ମହୋତ୍ସବ ଉଦ୍‌ଘାଟିତ**

**ବଡ଼ମ୍ବା, ୧୪।୫(ମାୟାଧର ମଲ୍ଲିକ)**



ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ବିଜୟ କୁମାର ଦଳବେହେରା ଓ ଅନ୍ୟମାନେ।

ବଡ଼ମ୍ବା ଚନ୍ଦନଯାତ୍ରା ଅବସରରେ ବୁଧବାର ଚନ୍ଦନ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏପରିକି ଚନ୍ଦନ ମହୋତ୍ସବର ମାହାତ୍ମ୍ୟ ଉପରେ ସୂଚନା ପ୍ରଦାନ କରିବା ସହ ବଡ଼ମ୍ବାର କଳା, ସାହିତ୍ୟ ଓ ଐତିହ୍ୟର ଅନ୍ୟ ନାମ ଚନ୍ଦନ ମହୋତ୍ସବ ବୋଲି କହିଥିଲେ। ସେହିପରି ନିମନ୍ତ୍ରିତ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଓ ଛେଣ୍ଡିପଡ଼ା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବ୍ଲକ୍ ପୂର୍ବତନ ବିଧାୟକ ବିଭୁଦତ୍ତ ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷ ରଘୁପତି ମହାନ୍ତି, ବ୍ଲକ୍ ଆତ୍ମା ଅଧ୍ୟକ୍ଷ ମହେନ୍ଦ୍ର କୁମାର ପଡ଼ିଆରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସମ୍ପାଦକ ତିବିକ୍ରମ ପଡ଼ିଆରୀ, ଉପସଭାପତି ଶକ୍ତି ଶଙ୍କର ପଟ୍ଟନାୟକ, ସହସମ୍ପାଦକ ଶକ୍ତି ପ୍ରସାଦ ଦାସ ଓ କୋଷାଧ୍ୟକ୍ଷ ଅନିଲ କୁମାର ବାରିକ ଉପସ୍ଥିତ ଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ପାଇକ ଆଖଡ଼ା ଓ କୁଳଦୀପ ପଟ୍ଟନାୟକ ମେଲୋଡି, ଡ୍ୟାନ୍ସ ଗ୍ରୁପ୍ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା।

## ଫଟୋ ରେଖ ବର






କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନ୍ୟୁ ଅଡିଟୋରିୟମ୍‌ରେ ଏସ୍‌ସିବି ମେଡିକାଲ କଲେଜର ନର୍ସିଂ ପକ୍ଷରୁ ବିଶ୍ୱ ନର୍ସ ଦିବସର ଉଦ୍‌ଯାପନୀରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି ଏବଂ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ସଂକ୍ଷେପରେ**

## ମା' ବାସେଳି ଠାକୁରାଣୀଙ୍କ ଯାତ୍ରା ସମାପନ



ଖୋର୍ଦ୍ଧା,୧୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବାସେଳିସାହିସ୍ଥିତ ମା' ବାସେଳି ଠାକୁରାଣୀଙ୍କ ଚୈତ୍ର ଯାତ୍ରା ବୈଶାଖ ପୂର୍ଣ୍ଣମୀରେ ସମାପନ ହୋଇଛି। ଗତ ଏକ ମାସ ଧରି ଏହି ଯାତ୍ରା ଚାଲିଥିଲା। ଦୈନିକ ସନ୍ଧ୍ୟା ଆଳତି ପରେ ମା'ଙ୍କ ପ୍ରତିମା ପାରମ୍ପରିକ ବାଦ୍ୟ ସହ ବାହାରି ସାହି ପରିକ୍ରମା କରି ପ୍ରତ୍ୟେକ ଘରୁ ଚାଟେରା ଭୋଗ ଖାଇ ବିଳମ୍ବିତ ରାତିରେ ସ୍ୱମନ୍ଦିରକୁ ଫେରିଥିଲେ। ଖୋର୍ଦ୍ଧାର ସମସ୍ତ ୨୨ଟି ୱାର୍ଡ ପରିକ୍ରମା ପରେ ଶେଷ ଦିବସରେ ମା' ବାସେଳି ସାହି ପରିକ୍ରମା କରିଥିଲେ। ସାହିବାସିନ୍ଦା ଘର ଆଗରେ ପୂର୍ଣ୍ଣକଳସ ଦୀପ ପ୍ରଜ୍ୱଳନ ପୂର୍ବକ ମାଙ୍କୁ ସ୍ୱାଗତ ଜଣାଇବା ସହ ନୈବେଦ୍ୟ ଅର୍ପଣ କରି ପରିବାର ସୁଖସମୃଦ୍ଧି କାମନା କରିଥିଲେ। ଚଳିତ ବର୍ଷ ଯାତ୍ରା ଦାୟିତ୍ୱ ଅଭିମନ୍ୟୁ ଘଟୁଆଳ ନିର୍ବାହ କରିଥିଲେ। ଆନନ୍ଦ ଉଲ୍ଲାସର ସହ ଏହି ଯାତ୍ରା ସମାପନ ହୋଇଛି।

# ୨୦୨୬ ମାର୍ଚ୍ଚ ସୁଦ୍ଧା ବଳକା ଅର୍ଥ ସାରିବାକୁ ନିର୍ଦ୍ଦେଶ

**ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଉନ୍ନୟନ ବୈଠକ**

- ୪୨ ବିଭାଗୀୟ ଯୋଜନାର ସମୀକ୍ଷା
- ଅନୁପସ୍ଥିତ ଅଧିକାରୀଙ୍କୁ ଜାରି ହେବ ନୋଟିସ




ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ବୁଧବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲସିଂ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୪୨ଟି ବିଭାଗର ଉନ୍ନୟନ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିବାବେଳେ ୨୦୨୬ ମାର୍ଚ୍ଚ ସୁଦ୍ଧା ବଳକା ଅର୍ଥ ସାରିବାକୁ ବିଧାୟକ ଜଗଦେବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁପସ୍ଥିତ ରହୁଥିବା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ସେ କହିଛନ୍ତି। ଖୋର୍ଦ୍ଧା ଜିଲାର ବିକାଶରେ ସହଭାଗୀ ନ ହେଲେ ଅନ୍ୟତ୍ର ଚାଲିଯିବାକୁ ବିଧାୟକ ତାଗିଦ୍ କରିଥିଲେ।

ଖୋର୍ଦ୍ଧା ବିଧାନସଭା କ୍ଷେତ୍ରର ସାମଗ୍ରିକ ଦ୍ରୁତ ବିକାଶ ସହ ମଡେଲ ନିର୍ବାଚନମଣ୍ଡଳୀ ଭିଜନରେ ଅଧିକାରୀମାନେ ବ୍ରତୀ ହେବାକୁ ଜଗଦେବ ଆହ୍ୱାନ ଦେଇଥିଲେ। ଲୋକଙ୍କୁ ଯୋଜନା ସମ୍ପର୍କରେ ଜଣାଇବା ପାଇଁ ସେ କହିଥିଲେ। ବିକାଶରେ ଲୋକଙ୍କ ସହଭାଗିତା, ପ୍ରଶାସନିକ ସମନ୍ୱୟତା ଜରୁରୀ। ବିଭିନ୍ନ ବିଭାଗରେ ପଡ଼ିରହିଥିବା ଅର୍ଥକୁ ଆସନ୍ତା ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ସାରିବାକୁ ଜଗଦେବ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛ ଖୋର୍ଦ୍ଧା ଓ ସୁସ୍ଥ ଖୋର୍ଦ୍ଧା ଅଭିଯାନରେ ସାମିଲ ହୋଇ ପ୍ରତ୍ୟେକ କାର୍ଯ୍ୟାଳୟ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା ଉଚିତ ବୋଲି ସେ କହିଥିଲେ। ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକ ଏବଂ ଖୋର୍ଦ୍ଧା ପୌରାଞ୍ଚଳରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ସାମାଜିକ ନିରାପତ୍ତା ଯୋଜନାରେ ସାମିଲ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପୋଖରୀ ଖନନ, ଜଳସେଚନ, ଖୋର୍ଦ୍ଧା ପୌରାଞ୍ଚଳରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ, ଏମ୍‌ଜିଏନ୍‌ଆରଇଜିଏସ୍ ତ୍ୱରାନ୍ୱିତ କରିବାକୁ ସେ କହିଥିଲେ। ମହିଳା ମହାବିଦ୍ୟାଳୟ ଏବଂ ପ୍ରାଣନାଥ ମହାବିଦ୍ୟାଳୟର ପାଚେରି ନିର୍ମାଣ, ଖୋର୍ଦ୍ଧାରେ ଅଡିଟୋରିୟମ ଓ ଷ୍ଟାଡିୟମ ନିର୍ମାଣ, ରାଶନ କାର୍ଡ ଅଗ୍ରଗତି, କ୍ଷୁଦ୍ର ଜଳସେଚନ ଅଧିନ ବନ୍ଧ ମରାମତି, ଅଙ୍ଗନୱାଡ଼ି କେନ୍ଦ୍ର ଓ ସରକାରୀ କ୍ୱାର୍ଟର୍ସ ନିର୍ମାଣ, ପାଇପ ଜଳଯୋଗାଣ, ନିରାକାରପୁରରେ ଟ୍ରାନ୍ସଫର୍ମର ସ୍ଥାପନ, ଶିଆଳିଆ ଆଦିବାସୀ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଦୂର ଏବଂ ପ୍ରଧାନମନ୍ତ୍ରୀ ସିଚାଇ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆବଶ୍ୟକ ସଂଖ୍ୟକ ଥାନା ଓ ପୋଲିସ ଆଉଟପୋଷ୍ଟ ପ୍ରତିଷ୍ଠା ସମ୍ପର୍କରେ ରିପୋର୍ଟ ଦେବାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ କୁହାଯାଇଛି। ଆସନ୍ତା ବୈଠକରେ ସମସ୍ତ ବିଭାଗର ଅଧିକାରୀ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ରଖିବେ। ସ୍ଥାନୀୟ ବିଧାୟକ ଓ ଜନପ୍ରତିନିଧିଙ୍କ ସହ ସମନ୍ୱୟ ରଖି ଉନ୍ନୟନ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ବିଧାୟକ ଓ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ସିଡିଏମ୍ଓ ଡା. ରାଜଶ୍ରୀ ପଟ୍ଟନାୟକ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲିପ ହିଆଲ, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ପ୍ରହରାଜ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସ୍ମିତା ମହାନ୍ତି, ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କୋଲୁହାପାଟଣା-ଗେଡ଼ିଆପଲ୍ଲୀ ରାସ୍ତା କାମ ଅଧାପନ୍ତରିଆ

ବେଗୁନିଆ,୧୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କୋଲୁହାପାଟଣା ଏବଂ ବୋଲଗଡ଼ ବ୍ଲକର ଗେଡ଼ିଆପଲ୍ଲୀକୁ ନିର୍ମାଣ ହେଉଥିବା ରାସ୍ତା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରାସ୍ତାକାର୍ଯ୍ୟ ଅଧାରେ ଅଟକିଛି। ଦୀର୍ଘ ବର୍ଷ ଧରି ରାସ୍ତା ନିର୍ମାଣ ପାଇଁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରି ଆସୁଥିବାବେଳେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ। ଗେଡ଼ିଆପଲ୍ଲୀ ପାର୍ଶ୍ୱରୁ ୧ କି.ମି.ରୁ ଉର୍ଦ୍ଧ୍ୱ ରାସ୍ତା ମାଟି ପକାଇ ସମତୁଲ କରାଯାଇଥିବାବେଳେ ଅନ୍ୟ ବଳକା ଅଂଶରେ କେବେ କାର୍ଯ୍ୟ କରାଯିବ, ସେଥିପାଇଁ ଜନସାଧାରଣ ଚାହିଁ ବସିଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ କୋଲୁହାପାଟଣା ଏବଂ ଗେଡ଼ିଆପଲ୍ଲୀ ମଧ୍ୟରେ ଦୂରତ୍ୱ ହ୍ରାସ ପାଇବା ସହ ଲୋକେ ଆଉ ଗୋବିନ୍ଦପୁର ଦେଇ ବୁଲି ବୁଲି ସମ୍ମୁଖ ଜାଗାକୁ ଯିବେନାହିଁ। ଆଖପାଖ ଅଞ୍ଚଳକୁ ଗମନାଗମନରେ ମଧ୍ୟ ସୁବିଧା ହୋଇପାରିବ। ସ୍ଥାନୀୟ ଲୋକେ ଗତ ମାସରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିବା ପରେ ଜନସାଧାରଣଙ୍କ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ବେଗୁନିଆ ବ୍ଲକ୍ କଂଗ୍ରେସ କମିଟି ବୈଠକ



ବୈଠକରେ ଉପସ୍ଥିତ ବ୍ଲକ କଂଗ୍ରେସ କର୍ମୀମାନେ।

ବେଗୁନିଆ,୧୪।୫(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ କାର୍ଯ୍ୟକାରିଣୀ ସଭାପତି ସୁବାସ ରାୟଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ କମିଟିର ପ୍ରାୟ ୩୫ ଜଣ ସଦସ୍ୟ ଯୋଗଦେଇଥିଲେ। ଜାତୀୟ କଂଗ୍ରେସ ଦଳ ଆଗାମୀ ଦିନରେ କିପରି ମଜଭୁତ ହେବ, ସେନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଗାଁକୁ ଗାଁ ଯାଇ ଦଳୀୟ କର୍ମୀଙ୍କୁ ଭେଟି ସଙ୍ଗଠନକୁ କିପରି ସୁଦୃଢ଼ କରାଯାଇପାରିବ, ସେନେଇ ସ୍ପଷ୍ଟ କରାଯାଇଥିଲା। ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଭୋଟରଙ୍କ ପ୍ରିୟଭାଜନ ହେବାକୁ ସିଦ୍ଧାନ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ଜୟସିଂହ, ଅମ୍‌ଜାଦ ଖାଁ, ମଦନମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିତ୍ୟ ସାମନ୍ତରାୟ ସ୍କୁଲ ଟପ୍ପର

**କୁହୁଡ଼ି ଡିଏଭି ଗୁରୁକୁଳ ପାସ୍ ହାର ଶତପ୍ରତିଶତ**

ଟାଙ୍ଗୀ-ଖୋର୍ଦ୍ଧା,୧୪।୫(ରଘୁନାଥ ସାହୁ)



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ଦଶମ ପରୀକ୍ଷାର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ କୁହୁଡି ଡିଏଭି ଗୁରୁକୁଳ ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ ହୋଇଥିବା ଜଣାପଡ଼ିଛି। ଛାତ୍ର ଆଦିତ୍ୟ ସାମନ୍ତରାୟ ୪୬୭ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। କଠିନ ପରିଶ୍ରମ ଓ ଇଚ୍ଛାଶକ୍ତି ଥିଲେ ନିଶ୍ଚିତ ସଫଳତା ହାସଲ କରିହୁଏ ବୋଲି ଆଦିତ୍ୟ କହିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକ ତଥା ନିଜ ମାତାପିତାଙ୍କୁ ଶ୍ରେୟ ଦେଇଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

ଜଟଣୀ,୧୪।୫(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ହାଟବଜାରରେ ଥିବା ପୋଖରୀରେ ବୁଡ଼ି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲୋକକଲୋନୀ ମାଣିଆ ଛକ ଅଞ୍ଚଳର ସନ୍ତୋଷ କୁମାର ବେହେରା(୨୮)। ସନ୍ତୋଷ ଗାଧଉଥିବାବେଳେ କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ଖବର ପାଇ ଜଟଣୀ ଅଗ୍ନିଶମ ବାହିନୀ ଏବଂ ଜଟଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ଏନେଇ ୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦେଶୀ ମଦ ଜବତ, ୩ ଗିରଫ

ବାଣପୁର,୧୪।୫(ଦିଲ୍ଲୀପ କୁମାର ସ୍ୱାଇଁ)

ଅବକାରୀ ବିଭାଗ ପକ୍ଷରୁ ବାଣପୁର ଓ ନାରୁଣୀ ଅଞ୍ଚଳରେ ବୁଧବାର ଚଢ଼ାଉ କରାଯାଇ ୧୪୯ ଲିଟର ଦେଶୀମଦ ଓ ଗୋଟିଏ ବାଇକ୍ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ୩ଟି ମକଦ୍ଦମା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ହାଜତକୁ ପଠାଇ ଦିଆଯାଇଛି। ବାଣପୁର ଥାନା ବୀରକେଶପୁର ଗ୍ରାମର କାହ୍ନୁ ପ୍ରଧାନ ବାଇକ୍ ଯୋଗେ ବେଆଇନ ଭାବେ ମଦ ଚାଲାଣ କରୁଥିବାବେଳେ ଅବକାରୀ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ଅନ୍ୟପକ୍ଷେ ଅବକାରୀ ଟିମ୍ ନିକଟସ୍ଥ ଝିଣ୍ଟିକାପଲ୍ଲୀ ଏବଂ ନାରୁଣୀ ଥାନା ଲୋକିପୁରରେ ଚଢ଼ାଉ କରି ଦାମୋଦର ପରିଡ଼ା ଓ ରାମଚନ୍ଦ୍ର ବେହେରାଙ୍କୁ ଗିରଫ କରିଥିବା ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ସୂଚନା ଦେଇଛନ୍ତି। ଚଢ଼ାଉରେ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ସମେତ ସୁନିତା ମହାରଣା, ଆଶିଷ ପ୍ରଧାନ, ରଞ୍ଜିତ ପଟେଲ, ସଞ୍ଜୟ ସୁବୁଦ୍ଧି ଓ କାଲୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ଇନ୍ଦ୍ରଜିତ ବଧ



ଇନ୍ଦ୍ରଜିତ ବଧ ନାଟକର ଏକ ଦୃଶ୍ୟ।

**ଟାଙ୍ଗୀ ମୁଖାପିନ୍ଧା ରାମଲୀଳା**

ଟାଙ୍ଗୀ-ଖୋର୍ଦ୍ଧା,୧୪।୫(ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳର ପ୍ରସିଦ୍ଧ ମୁଖାପିନ୍ଧା ରାମଲୀଳା ବଡ଼ପାଇକ ସାହିସ୍ଥିତ ରାମଲୀଳା ପଡ଼ିଆଠାରେ ଶହ ଶହ ଦର୍ଶକଙ୍କ ଉପସ୍ଥିତିରେ ପରିବେଷଣ ହେଉଛି। ଏଠାରେ ସଦାଶିବ ଦାଶଙ୍କ ରଚିତ ନାଟକ ଦୀର୍ଘ ବର୍ଷଧରି ପରିବେଷଣ ହୋଇଆସୁଛି। ପ୍ରାରମ୍ଭରେ ରାମ, ଲକ୍ଷ୍ମଣ, ସୀତାଙ୍କୁ ଉତ୍ସାହର ସହ ଉପସ୍ଥିତ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ପରେ ନାଟକ ପରିବେଷଣ ହୋଇଥାଏ। ଲଙ୍କାଧୀଶ ରାବଣଙ୍କ ପୁଅ ଇନ୍ଦ୍ରଜିତ୍‌ର ବ୍ରହ୍ମଶରରେ ରାମ, ଲକ୍ଷ୍ମଣ ମୂର୍ଚ୍ଛା ଯିବା ଓ ଇନ୍ଦ୍ରଜିତ ବଧ ନାଟକ ପରିବେଷଣକୁ ଶହ ଶହ ସଂଖ୍ୟାର ଦର୍ଶକ ଉପସ୍ଥିତ ରହି ଉପଭୋଗ କରିଥିଲେ। ଇନ୍ଦ୍ରଜିତଙ୍କ ବ୍ରହ୍ମଶରରେ ପ୍ରଭୁ ରାମ, ଲକ୍ଷ୍ମଣଙ୍କ ମୂର୍ଚ୍ଛିତ ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାମଙ୍କ ଭୂମିକାରେ ଝରିଆ ନାୟକ, ଲକ୍ଷ୍ମଣଙ୍କ ଭୂମିକାରେ ମଣ୍ଟୁ ତରାଇ, ସୀତା ଭୂମିକାରେ ତୁଷାର ରାଉତ, ଇନ୍ଦ୍ରଜିତ ଭୂମିକାରେ ବୁନା ରାଉତ, ହନୁମାନ ଭୂମିକାରେ ସାନା ରାଉତ ପ୍ରମୁଖ ଅଭିନୟ କରିଥିଲେ। ଗାୟକ ଭାବେ ପ୍ରଫୁଲ୍ଲ ରାଉତ, ବାୟକ ଭାବେ କୈଳାସ ରାଉତ, ବିଦ୍ୟାଧର ପାତ୍ର ପ୍ରମୁଖ କାର୍ଯ୍ୟ ନିର୍ବାହ କରିଥିଲେ। ରାମଲୀଳା କମିଟି ସଭାପତି ଉମାକାନ୍ତ ରାଉତ, ବିଷ୍ଣୁପାଦ ରାଉତ, ଘନଶ୍ୟାମ ମହାନ୍ତି, ଜିତେନ୍ଦ୍ର ତରାଇ, ଦୀପକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ସ୍ମୃତିଚାରଣ ସଭା

ବାଘମାରୀ,୧୪।୫
(ମିହିର ରଞ୍ଜନ ମହପାତ୍ର)

ପୋଡ଼ାଡିହ ପଞ୍ଚାୟତର ବିଶିଷ୍ଟ ସାମାଜିକ କର୍ମୀ ତଥା ପ୍ରାକ୍ତନ ସରପଞ୍ଚ ସ୍ୱର୍ଗତ ନାରାୟଣ ପଣ୍ଡାଙ୍କ ଧର୍ମପତ୍ନୀ ବିଶାଖା ଦେବୀଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଠାରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବାଗ୍ମୀ ଡ. ଗଣେଶ୍ୱର ସ୍ୱାଇଁ, ପ୍ରବଚକ ଗୁରୁପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତାନ ପାଇଁ ମା'ର ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ବିଶାଖା ଦେବୀ ସମାଜକୁ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ଭଳି ପୁତ୍ର ଦାନ କରି ମହନୀୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସରପଞ୍ଚ ଲାବଣ୍ୟ ଜୟସିଂଙ୍କୁ ଜଣେ ଆଦର୍ଶ ମା' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ମହେଶ ସାହୁ, ମକରକେତନ ପଣ୍ଡା, ବିଦ୍ୟାଧର ମାଣିକ, ଧନେଶ୍ୱର ସାହୁ, କୁଳମଣି ମିଶ୍ର, ନୀଳମଣି ପ୍ରଧାନ, ଚୈତନ୍ୟ ଜୟସିଂ, ସୁବାସ ପାଣିଗ୍ରାହୀ, ମୁରଲୀଧର ପଣ୍ଡା, ବାଉରୀ ଶ୍ରୀଚନ୍ଦନ, ଶାନ୍ତିଲତା ମହାନ୍ତି, ଅଖିଳେଶ ମହାପାତ୍ର, ଶିଶିର ଆଚାର୍ଯ୍ୟ, ବଂଶୀଧର ଦଳାଇ, ପ୍ରସନ୍ନ ପାଣିଗ୍ରାହୀ, ଦୁର୍ଗା ଦାସ ପ୍ରମୁଖ ବିଶାଖା ଦେବୀଙ୍କ ଗୁଣଗାନ କରିଥିଲେ। ଶେଷରେ ତାଙ୍କ ପୁତ୍ର ପ୍ରବକ୍ତା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଖୋରଧା ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

ଖୋର୍ଦ୍ଧା,୧୪।୫(ପ୍ରଭାତ ପାଣିଗ୍ରାହୀ)

ଖୋରଧା ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ ବରିଷ୍ଠ ଅଧିବକ୍ତା ବିଧାନ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦୁଇବର୍ଷ ପାଇଁ ନୂତନ ସଭାପତି ଭାବେ ଡ. ନିରଞ୍ଜନ ମହାନ୍ତି ଏବଂ ସାଧାରଣ ସମ୍ପାଦକ ଭାବେ ଡ. ଧୀରେନ୍ଦ୍ର ନନ୍ଦଙ୍କୁ ମନୋନୀତ କରାଯାଇଛି। ଡ.ସସ୍ମିତା ପଟ୍ଟନାୟକ ଓ ଲକ୍ଷ୍ମୀଧର ବଡଜେନା ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଯୁଗ୍ମସମ୍ପାଦକ ଭାବେ ବଂଶୀଧର ଦାସ ଏବଂ କୋଷାଧ୍ୟକ୍ଷ ଭାବେ କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କୁ ଦାୟିତ୍ୱ ଦିଆଯାଇଛି। ବୈକୁଣ୍ଠନାଥ ରାଜଗୁରୁ ଉପଦେଷ୍ଟା ରହିଛନ୍ତି। ପ୍ରାକ୍ତନ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଏବଂ ଅନ୍ୟ ସଦସ୍ୟମାନେ ନୂତନ ସଭାପତି, ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଯୁବପିଢ଼ିଙ୍କୁ ସମସ୍ତ ପ୍ରକାର ସୃଜନଶୀଳ କାର୍ଯ୍ୟରେ ସଂପୃକ୍ତ କରିବାକୁ ବରିଷ୍ଠ କର୍ମକର୍ତ୍ତା ପରାମର୍ଶ ଦେଇଥିଲେ। ପ୍ରାକ୍ତନ ସମ୍ପାଦକ ବନୋଜ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ହୋଟେଲ ମାଲିକଙ୍କଠାରୁ ଜରିମାନା ଆଦାୟ

**ଖାଦ୍ୟ ନିରାପତ୍ତା ନେଇ ଯାଞ୍ଚ**

ବାଲିପାଟଣା,୧୪।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ଏକ ହୋଟେଲ ମାଲିକଙ୍କଠାରୁ ଅସ୍ୱାସ୍ଥ୍ୟକର ପରିବେଶ ଲାଗି ଖୋର୍ଦ୍ଧା ଖାଦ୍ୟ ସୁରକ୍ଷା ଅଧିକାରୀ ୮,୦୦୦ ଜରିମାନା ଆଦାୟ କରିଛନ୍ତି। ବାଲିପାଟଣା ଅଞ୍ଚଳରେ ଅନେକ ହୋଟେଲ ଖୋଲୁଥିବାବେଳେ ଲୋକଙ୍କୁ କିପରି ସୁଷମ ଖାଦ୍ୟ ପରିବେଷଣ କରାଯିବ ସେଥିପ୍ରତି ଧ୍ୟାନ ଦିଆଯାଉନାହିଁ। ବୁଧବାର ଅପରାହ୍ନରେ ଖୋର୍ଦ୍ଧା ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ନିବେଦିତା ଭଞ୍ଜ, ଟାଙ୍ଗୀ ଅଧିକାରୀ ଦେବାଶିଷ ଭୋଳ, ସୁଶାନ୍ତ ସାମନ୍ତରାୟ, ଅନିଲ ମାଝୀ ପ୍ରମୁଖ ବାଲିପାଟଣାସ୍ଥିତ ଉକ୍ତ ହୋଟେଲରେ ଅଚାନକ ଚଢ଼ାଉ କରିଥିଲେ। ଖାଦ୍ୟ ସାମଗ୍ରୀ ବ୍ୟବସ୍ଥା ଅତି ନିମ୍ନମାନର ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସମ୍ପର୍କରେ ଅଧିକାରୀମାନେ ସମ୍ପୃକ୍ତ ହୋଟେଲ ମାଲିକଙ୍କୁ ପଚରାଉଚରା କରୁଥିବାବେଳେ ସେ କୌଶଳ କ୍ରମେ ସେଠାରୁ ଚମ୍ପଟ ମାରିଥିଲେ। ଅଧିକାରୀ ଭଞ୍ଜ ସେହି ସମୟରେ ବାଲିପାଟଣା ପୋଲିସର ସହଯୋଗ ଲୋଡ଼ିଥିଲେ। ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କ ନିର୍ଦ୍ଦେଶରେ ପୋଲିସ ପହଞ୍ଚି ହୋଟେଲ ମାଲିକଙ୍କୁ ଡ଼ାକି ଅଧିକାରୀଙ୍କୁ ସହଯୋଗ କରିବାକୁ ତାଗିଦ କରିଥିଲେ। ଉକ୍ତ ମାଲିକଙ୍କଠାରୁ ଅଧିକାରୀ ୮ ହଜାର ଟଙ୍କା ଫାଇନ ଆଦାୟ କରିବା ସହ ଏପରି ଭୁଲ ଆଗକୁ ନ କରିବାକୁ ଚେତାବନୀ ଦେଇଥିଲେ।

## 'ଏସ୍. ଆୟାପ୍ପାନ୍‌ଙ୍କ ବିୟୋଗ କୃଷି, ମତ୍ସ୍ୟ ବିଜ୍ଞାନ କ୍ଷେତ୍ରରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି'

ବାଳକାଟୀ,୧୪।୫(ମନୋଜ ମଣ୍ଡଳ)

ସିଫାର ପୂର୍ବତନ ନିର୍ଦ୍ଦେଶକ ତଥା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ପ୍ରାକ୍ତନ ମହାନିର୍ଦ୍ଦେଶକ କୃଷି ଶିକ୍ଷା ଓ ଗବେଷଣା ବିଭାଗର ସଚିବ ଡ. ଏସ୍. ଆୟାପାନ(୬୯)ଙ୍କ ବିୟୋଗରେ କୌଶଲ୍ୟାଗଙ୍ଗସ୍ଥିତ ମଧୁର ଜଳ ଜୀବପାଳନ ସଂସ୍ଥାଠାରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖରେ ସେ ଇହଲୀଳା ତ୍ୟାଗ କରିଥିଲେ। ଡ. ଆୟାପାନ ସିଫାର ନିର୍ଦ୍ଦେଶକ ଭାବେ ୧୯୯୬ରୁ ୨୦୦୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସଭାରେ ସିଫାର କର୍ମଚାରୀ ବୃନ୍ଦ ୨ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ। ତାଙ୍କର ବିୟୋଗ ଭାରତୀୟ କୃଷି ଅନୁସନ୍ଧାନ ଓ ମତ୍ସ୍ୟ ବିଜ୍ଞାନ କ୍ଷେତ୍ରରେ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜଳସେବା

ଖୋର୍ଦ୍ଧା,୧୪।୫(ପ୍ରଭାତ ପାଣିଗ୍ରାହୀ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡରେ ବୁଧବାର ପଲ୍ଲାହାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜଳସେବା ଅନୁଷ୍ଠିତ ହୋଇଥିଲା। ବସଷ୍ଟାଣ୍ଡରେ ଗନ୍ତବ୍ୟ ସ୍ଥଳକୁ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀଙ୍କୁ ଗୁରୁମା, ଗୁରୁଜୀମାନେ ଦହି, ଲେମ୍ବୁ ସରବତ ବଣ୍ଟନ କରିଥିଲେ। ପ୍ରଧାନାଚାର୍ଯ୍ୟ ବିମଳ ଚନ୍ଦ୍ର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଖଗେଶ୍ୱର ପାଲାଟାସିଂହ, ସମ୍ପାଦକ ସଞ୍ଜୀବ କୁମାର ଦାଶ, ଯୁଗ୍ମ ସମ୍ପାଦକ ବଂଶୀଧର ଦାସଙ୍କ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ।




ଗୁରୁମା'ମାନେ ଜଣେ ବ୍ୟକ୍ତିଙ୍କୁ ଜଳ ପ୍ରଦାନ କରୁଛନ୍ତି।

# ପ୍ରିୟାଂଶୁ ୱାରିୟର କ୍ରିକେଟ କ୍ଲବ୍ ବିଜୟୀ

**ମା' ରାମଚଣ୍ଡୀ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

ବୋଲଗଡ଼,୧୪।୫(ଦେବବ୍ରତ ହୋତା)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମର ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବଡ଼ତୋଟା ଖେଳପଡ଼ିଆଠାରେ ମା' ରାମଚଣ୍ଡୀ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ୨ ଦିନିଆ ଟୁର୍ଣ୍ଣାମେଣ୍ଟରେ ପ୍ରିୟାଂଶୁ ୱାରିୟର, ପରିଡ଼ା ୱାରିୟର, ସାଇସୁପର କିଙ୍ଗ୍ ଓ ଟ୍ରଫି ଫାଇଟର ଆଦି ୪ଟି ଦଳ ଅଂଶଗ୍ରହଣ କରିଥିବାବେଳେ ପ୍ରଥମ ଦିବସରେ ପରିଡ଼ା ୱାରିୟର ଓ ପ୍ରିୟାଂଶୁ ୱାରିୟର ଆଦି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଟସ୍ ଜିତି ପରିଡ଼ା ୱାରିୟର ପ୍ରଥମେ ବ୍ୟାଟିଂ କରି ସମସ୍ତେ ଉଇକେଟ ହରାଇ ୩୬ ରନ୍ ସଂଗ୍ରହ କରିଥିଲା। ପ୍ରିୟାଂଶୁ ୱାରିୟର ୫ ଉଇକେଟ ହରାଇ ୩୭ ରନ୍ କରି ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚ୍‌କୁ ଅମ୍ପାୟର ଭାବେ ବାବୁଲ ମହାନ୍ତି ଓ ରତ୍ନାକର ଲେଙ୍କା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଭଏସ୍ ଅଫ୍ ମିଡିଆ ଖୋର୍ଦ୍ଧା ଜିଲା ସମ୍ପାଦକ ଖବରଦାତା ନିରଞ୍ଜନ ନାୟକ ଯୋଗଦେଇଥିଲେ। ମା' ରାମଚଣ୍ଡୀ କ୍ଲବ ସଦସ୍ୟ ପ୍ରଶାନ୍ତ, ଅଜୟ, ପ୍ରଭଞ୍ଜନ, ସନ୍ତୋଷ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

## ଜିଲା ଦିଶା ବୈଠକ

■ପୁରୀ ବିମାନବନ୍ଦରକୁ ମଞ୍ଜୁରୀ, ସାତପଡ଼ା ବ୍ରିଜ ପାଇଁ ଡିପିଆର୍ ପ୍ରସ୍ତୁତ ଏକ ବଡ଼ ଉପଲବ୍ଧି

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)



ବୈଠକରେ ଏମ୍‌ପି ଡା. ସମ୍ବିତ ପାତ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟମାନେ।

ପୁରୀ ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକ ବୁଧବାର ଅପରାହ୍ନରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଅଧ୍ୟକ୍ଷତା କରି କହିଥିଲେ, ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ତେଣୁ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରି ଲୋକଙ୍କୁ ତାହାର ସୁଫଳ ପ୍ରଦାନ କରିବା ଉଚିତ। ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦରକୁ ମଞ୍ଜୁରୀ ମିଳିବା ଓ ସାତପଡ଼ା ଜହ୍ନିକୁଦା ବ୍ରିଜ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ ହେବା ଏକ ବଡ଼ ଉପଲବ୍ଧି। ସାମୂହିକ ଉଦ୍ୟମ ଆମକୁ ସମସ୍ତ କ୍ଷେତ୍ରରେ ସଫଳତା ଆଣିଦେବ ବୋଲି ସେ କହିଥିଲେ। ଏହି ବୈଠକରେ ଜଗତସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ମଧ୍ୟାହ୍ନ ଭୋଜନ, ସମଗ୍ର ଶିକ୍ଷା ଅଭିଯାନ, ଗ୍ରାମୀଣ ଜ୍ୟୋତି ଯୋଜନା ଓ ଉଦୟ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଡିଜିଟାଲ ଇଣ୍ଡିଆ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ସୂର୍ଯ୍ୟଘର ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସାଂସଦ ପାତ୍ର ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ପରିଷଦ ସଦସ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ରଥଖଳାରୁ...

### ତିଆରି ଚାଲିଛି ପଦାରି, ତୁମ୍ବବଳା, ଅରକଣ୍ଟା



ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୧୯ ତାରିଖରେ ମହାପ୍ରଭୁଙ୍କ ଉଭାଁରୀ ଯାତ୍ରା। ଉକ୍ତ ଦିନ ତିନି ରଥର ଚକାଡେରା ନୀତି ସମ୍ପନ୍ନ ହେବ। ତେଣୁ ରଥଖଳାରେ ରଥ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ତିନିରଥର ନାହାକା ଚକ ପ୍ରସ୍ତୁତ ପାଇଁ ପଇ ବିନ୍ଧ ଅନୁକୂଳ ସହ ନାହାକା ତୁମ୍ବରେ ପଦାରି ବଳା ଲାଗି ଏବଂ ତୁମ୍ବରେ ପଇ ପିନ୍ଧା ଅନୁକୂଳ ହୋଇ ଦୁଇଟି ଲେଖାଏ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଚତୁର୍ଦ୍ଦଶ ଦିବସରେ ବୁଧବାର ତିନିରଥର ଦୁଇଟି ଲେଖାଏ ନାହାକା ଚକ ନିର୍ମାଣ ସରି ତୃତୀୟ ଓ ଚତୁର୍ଥ ଚକରେ ପଇ ସଂଯୋଗ ପରେ ପଇ କଳସା କାର୍ଯ୍ୟ (ପଇ, ପଇକୁ ବାନ୍ଧି ରଖିବା ପାଇଁ ପଇ ସଂଯୋଗ ସ୍ଥଳରେ କାପ ବା ଘାଟି ନିର୍ମାଣ) ଶେଷ ହୋଇ ତୁମ୍ବରେ ଅଖ ବିନ୍ଧ ଖୋଳା ବା ଠେକ ତୁଳିଆ କାର୍ଯ୍ୟ ଚାଲିଛି। ଏଥିସହ ତିନି ରଥର ପଞ୍ଚମ ଓ ଷଷ୍ଠ ଚକ ନିର୍ମାଣ ପାଇଁ ଯନ୍ତାଗାଡ଼ରେ ଭୋଇ ସେବକଙ୍କ ଦ୍ୱାରା ସିଙ୍ଗଡ଼ାବାଡ଼ିଆ ଶେଷ ପରେ (ତୁମ୍ବରେ ଅର ସଂଯୋଗ ହୋଇ କଣ୍ଟାବାଡ଼ିଆ କାର୍ଯ୍ୟ) ମହାରଣା ସେବକମାନେ ମାପ ପ୍ରକାରେ ବଳକା ପଇ କଟିଙ୍ଗ କରି ଅର ମୁଖର ସାଲ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ସେବକମାନେ କୋଣଗୁଜ ବା ସାଲଗୁଜରେ ସିଂହବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର ନାହାକା ଚକର ଆବଶ୍ୟକ ଅରକଣ୍ଟା ସହ ପଦାରି ଏବଂ ତୁମ୍ବ ବାହ୍ୟ ବଳା ରଥଖଳାକୁ ଯୋଗାଇ ବାକି ଚକଗୁଡ଼ିକ ପାଇଁ ପଦାରି, ତୁମ୍ବ ବଳା, ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ରାସ୍ତା, ନୟନଯୋରି ଜବରଦଖଲ: ମାପଚୁପ ପରେ ହେବ ଉଚ୍ଛେଦ

ଗୋପ,୧୪।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘଦିନ ଧରି ଗୋପ-କୋଣାର୍କ ରାସ୍ତାରେ ଜବରଦଖଲରେ ଥିବା ରାସ୍ତା ଓ ନୟନଯୋରିକୁ ଖୁବ୍‌ଶୀଘ୍ର ମାପଚୁପ କରାଯାଇ ଉଚ୍ଛେଦ କରାଯିବ ବୋଲି ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ମାପଚୁପ ଗୁରୁବାରଠାରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଦୈନନ୍ଦିନ ଦେଶ ବିଦେଶର ପର୍ଯ୍ୟଟକମାନେ କୋଣାର୍କ, ପୁରୀ ବୁଲିବାକୁ ଯାଉଥିବା ବେଳେ ଗୋପ-କୋଣାର୍କ ରାସ୍ତାର ଗୋପ ବଜାର ନିକଟରେ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି। ଏପରିକି ବିଭିନ୍ନ ସମୟରେ ଭିଭିଆଇପି ଓ ଭିଆଇପିମାନେ ମଧ୍ୟ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ଅଭିଯୋଗକୁ ନେଇ ବାରମ୍ବାର ଗୋପ ତହସିଲ କାର୍ଯ୍ୟାଳୟ ସହିତ ପୂର୍ତ୍ତ ବିଭାଗ, ସ୍ଥାନୀୟ ପୋଲିସ ପକ୍ଷରୁ ତାଗିଦା ସତ୍ତ୍ୱେ ଜବରଦଖଲରେ ଥିବା ବ୍ୟକ୍ତିବିଶେଷ ଓ ବ୍ୟବସାୟୀମାନେ ଏହାକୁ ମାନୁନାହାନ୍ତି। ବାରମ୍ବାର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ନେଇ ରାଜ୍ୟ ସରକାର ଗୋପ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାପରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ପ୍ଲଟ୍ ନଂ. ୨୪୫୦ରୁ ୩୧୩୫ ପର୍ଯ୍ୟନ୍ତ ପ୍ରାୟ ୨୪ ଗୋଟି ପ୍ଲଟ୍‌ରେ ଏହି ମାପଚୁପ କରାଯିବ ବୋଲି ସୂଚନା ମିଳିଛି। କିଛିଦିନ ହେବ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାକାର୍ଯ୍ୟ କରାଯାଉଥିବା ବେଳେ ଏହି ଜବରଦଖଲ ଯୋଗୁ ଅଧାରେ ଅଟକିଛି ରାସ୍ତାକାମ। ଗୋପ ବଜାରରୁ ନିମାପଡ଼ା ଓ କୋଣାର୍କରେ ଏହି ଜବରଦଖଲ ରାସ୍ତା ଓ ନୟନଯୋରି ଉଚ୍ଛେଦ କରାଯିବ ବୋଲି ଗୋପ ତହସିଲଦାର ମହାନ୍ତି କହିଛନ୍ତି।

# ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀଗାୟତ୍ରୀ ନୃତ୍ୟ କଳା ନିକେତନ ଆନ୍ଧ୍ରପ୍ରଦେଶ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୃତ୍ୟ ଗୁରୁ ଗାୟତ୍ରୀ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସଂଗଠକ ଘନଶ୍ୟାମ ମର୍ଦ୍ଦରାଜ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଆବାହକ ଅଶୋକ କୁମାର ମିଶ୍ର, ଲଳିତ ଚନ୍ଦ୍ର ସ୍ୱାଇଁ, ନୃତ୍ୟ ଗୁରୁ ଗାୟତ୍ରୀ ପଟ୍ଟନାୟକ, ଶିକ୍ଷାବିତ୍ ଶୁଭାଛେଳା ଦେବୀ ଯୋଗଦେଇଥିଲେ। ପ୍ରଥମ ଥର ପାଇଁ ଶ୍ରୀଜଗନ୍ନାଥଙ୍କ ମାଟିରେ ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ମିଳିଛି, ତେଣୁ ଏହା ମହାପ୍ରଭୁଙ୍କ ଅପାର କରୁଣା ବୋଲି ଅତିଥି ଓ କଳାକାର ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଆବାହକ ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ୨ ପରିବାର ମଧ୍ୟରେ ସଂଘର୍ଷ, ୩ ଆହତ

ନିମାପଡ଼ା,୧୪।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ବାମନାଳ ଗ୍ରାମରେ ପାଇଖାନା ପାଇଁ ଟାଙ୍କିଖୋଳାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଗଣ୍ଡଗୋଳକାରୀଙ୍କ ବିରୋଧରେ ୧୩୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମର ଅନ୍ନପୂର୍ଣ୍ଣା ନାୟକଙ୍କ ଜାଗାରେ ପଡ଼ୋଶୀ ଯଯାତିକେଶରୀ ନାୟକଙ୍କ ପରିବାର ଜବରଦସ୍ତ ଗତ ୧୦ ତାରିଖରେ ପାଇଖାନା ଟାଙ୍କି ଖୋଳୁଥିଲେ। ଏହାକୁ ଅନ୍ନପୂର୍ଣ୍ଣା ବିରୋଧ କରିଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଯଯାତି, ରମେଶ ନାୟକ, ରାଘବ ନାୟକ ସଂଘବଦ୍ଧ ଭାବେ ଅନ୍ନପୂର୍ଣ୍ଣା, ସ୍ୱାମୀ ଗୋକୁଳାନନ୍ଦ ନାୟକ ଓ ତାଙ୍କ ପୁଅଙ୍କୁ ଶାବଳ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ଅନ୍ନପୂର୍ଣ୍ଣା, ତାଙ୍କ ସ୍ୱାମୀ ଓ ପୁଅ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଅନ୍ନପୂର୍ଣ୍ଣା ୩ ଆକ୍ରମଣକାରୀଙ୍କ ବିରୋଧରେ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

# କାଶ୍ୟପଗୋତ୍ରୀ ତନ୍ତୀକୁଳ ନଅ ଶହ ଘର ସମିତି ପକ୍ଷରୁ ଯଜ୍ଞ

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

କାଶ୍ୟପଗୋତ୍ରୀ ତନ୍ତୀକୂଳ ନଅଶହଘର ସମିତି, କୁଣ୍ଡେଇବେଣ୍ଟ ସାହି ପୋଲିସ ଲାଇନ କଡ଼ାକିଆ ତନ୍ତୀମଠରେ ୩୧ତମ ନାମ ଯଜ୍ଞୋତ୍ସବ, ନୂତନ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ପ୍ରବେଶ ଉଦ୍ଦେଶ୍ୟରେ ପାଞ୍ଚଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଛି। ନାମ ସଂକୀର୍ତ୍ତନ, ପ୍ରବଚନ, ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଯଜ୍ଞ ପୂର୍ଣ୍ଣାହୁତିରେ ପୁରୀ ଶ୍ରୀଚୈତନ୍ୟ ଚନ୍ଦ୍ର ଆଶ୍ରମର ସ୍ୱାମୀ ଭକ୍ତି ବିଜ୍ଞାନ ଅକିଞ୍ଚନ ମହାରାଜ, ନେବଳ ଦାସ ମଠାଧୀଶ ଡ. ରାମଚରଣ ଦାସ ମହାରାଜ ଓ ସାଧୁସନ୍ଥଙ୍କ ସମେତ କୂଳ ପରିବାରର ସଭ୍ୟାସଭ୍ୟ, ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଯଜ୍ଞକର୍ତ୍ତା ଭାବେ ଅନୁଷ୍ଠାନର ସମ୍ପାଦକ ବାବୁଲି ଚରଣ ଦଣ୍ଡପାଟ ଓ କର୍ତ୍ତୀ ଭାବେ ସହଧର୍ମିଣୀ ପ୍ରମିଳା ଗିରି ଦାୟିତ୍ୱ ତୁଲାଇଥିଲେ। ଉପକର୍ତ୍ତା ଭାବେ ସମିତି ଉପଦେଷ୍ଟା ଖଗେଶ୍ୱର ବେହେରା ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବେହେରା ସହଯୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠାରେ କର୍ତ୍ତାଭାବେ ଗଗନ ବିହାରୀ ଦାସ ଓ କର୍ତ୍ତୀ ଭାବେ ରଞ୍ଜିତା ଦାସ ଯୋଗଦେଇଥିଲେ। ସମିତିର ସଭାପତି ବିଦ୍ୟାଧର ମଣ୍ଡଳ, କାର୍ଯ୍ୟକାରୀ ସଭାପତି ହୁରେନ୍ଦ୍ରନାଥ ଭୂୟାଁ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ସମିତି ଉପଦେଷ୍ଟା ଲକ୍ଷ୍ମଣ କୁମାର ମଣ୍ଡଳ, ପ୍ରଭାକର ମଣ୍ଡଳ, ସୁକାନ୍ତ କୁମାର ବେହେରା, ନାରାୟଣ ପ୍ରସାଦ ଦାସ, ଉପସଭାପତି ହୃଷିକେଶ ବେହେରା, ସହସମ୍ପାଦକ ଡମ୍ବରୁଧର ଘଡାଇ, କୋଷାଧ୍ୟକ୍ଷ ଅନନ୍ତ ପ୍ରସାଦ ଜେନା, ଗଦାଧର ବେହେରା, ବିଷ୍ଣୁପଦ ଘଡାଇ, ରବି ଜେନା, ଧ୍ରୁବ କାମଲା, କୃତ୍ତିବାସ କାମଲା, କରୁଣାକର ଜେନା, ଗଙ୍ଗାଧର ମଣ୍ଡଳ, ବେଣୁଧର ମଣ୍ଡଳ, ରୂପଶ୍ରୀ ବେହେରା ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ସାହି ବୁଲି ଲୋକଙ୍କ ସମସ୍ୟା ବୁଝିଲେ ଏସ୍‌ପି

## ଆସୁଛି ରଥଯାତ୍ରା

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)


ସାହିବାସିନ୍ଦାଙ୍କ ସହ ଏସ୍‌ପି ଆଲୋଚନା କରୁଛନ୍ତି।

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବେ ଭକ୍ତମାନେ କିପରି ଯାତ୍ରା କରିପାରିବେ ସେ ନେଇ ଏସ୍‌ପି ବିନିତ ଅଗ୍ରୱାଲ ବୁଧବାର ଶ୍ରୀମନ୍ଦିର ସଂଲଗ୍ନ ବିଭିନ୍ନ ସାହି ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ସମସ୍ୟା ନେଇ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ସେ ମନ୍ଦିର ପ୍ରଶାସନ, ପୋଲିସ ଓ ସେଠାକାର ଲୋକଙ୍କ ସହ ସମନ୍ୱୟ ରଖି ଭକ୍ତଙ୍କ ପାଇଁ ସୁରକ୍ଷିତ ଓ ଆଧ୍ୟାତ୍ମିକ ଅନୁଭବ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏସ୍‌ପି ସମସ୍ତ ଅଧିକାରୀଙ୍କୁ ସମ୍ବେଦନଶୀଳ ଓ ଭିଡ଼ ଅଞ୍ଚଳ ଚିହ୍ନଟ କରି ମାଇକ୍ରୋ ଯୋଜନା ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ପି ଅଗ୍ରୱାଲ ମଙ୍ଗଳାହାଟ ଛକ, ଧୋବାସାହି ଛକ, ମଙ୍ଗଳାହାଟ ଗାଁ, ମିଶ୍ରସାହି ରାସ୍ତା ଦେଇ ଗଡ଼ନ୍ତି ଛକ, ଓଡ଼ିଆ ମଠ ରାସ୍ତା ଆଦି ବୁଲି ଭକ୍ତ ଏବଂ ସାହି ଲୋକଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ମଧ୍ୟ ଗ୍ରହଣ କରିଛନ୍ତି। ଯାନବାହନ ଚଳାଚଳ ନିୟନ୍ତ୍ରଣ କରିବା, ଭକ୍ତମାନେ ନିର୍ଦ୍ଦିଷ୍ଟ ମାର୍ଗ ଜାଣି ନ ଥିବାରୁ ସମସ୍ୟା ଆଦି ସମ୍ପର୍କରେ ଏସ୍‌ପି ଆଲୋଚନା କରିଛନ୍ତି। ଅଭିଯୋଗର ତ୍ୱରିତ ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ସମୟରେ ଭକ୍ତଙ୍କ ପାଇଁ ଲେନ୍‌ଭିତ୍ତିକ ଆଗମନ କିପରି ବଡ଼ଦାଣ୍ଡକୁ ପ୍ରବେଶ କରାଯିବ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ ଓ ସଚିନ ପଟେଲ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟ୍ରାଫିକ ଡିସିପି ରାଜକୁମାର ପରିଡା, ଶ୍ରୀମନ୍ଦିର ଏସି ଘନଶ୍ୟାମ ହେମ୍ବ୍ରମ, ବିଜୟ ନନ୍ଦ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ୍ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ବାସେଳିସାହି ଥାନା ଆଇଆଇସି ବିକ୍ରମ କିଶୋର ଜେନା, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତାପଦ୍ମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱରାଜ୍ୟ ଦ୍ୱିତୀୟା ପାଇଁ ଆଦର୍ଶ ଗ୍ରାମ ଉତ୍ସବମୁଖର

ସାକ୍ଷୀଗୋପାଳ,୧୪।୫(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ତିଥିରେ ସ୍ଥାନୀୟ ଆଦର୍ଶ ଗ୍ରାମ ନୂଆଗାଁରେ ବୁଧବାର ସ୍ୱରାଜ୍ୟ ଦ୍ୱିତୀୟା ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଗାନ୍ଧିଜୀଙ୍କ ପଞ୍ଚଶୀଳ ନୀତି, ସ୍ୱଚ୍ଛ ପରିବେଶ, ନୈତିକ ଶିକ୍ଷା, ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ ତଥା ଭାଇଚାରା ବାର୍ତ୍ତାରେ ଉଦ୍‌ବୁଦ୍ଧ ଗ୍ରାମବାସୀ ଗ୍ରାମ ସ୍ୱରାଜ୍ୟର ସ୍ମାରକୀ ଭାବରେ ୭୭ ବର୍ଷ ହେଲା ଏହି ପର୍ବ ପାଳନ କରୁଛନ୍ତି। ସଂଗ୍ରାମୀ ସ୍ୱର୍ଗତ କୃପାସିନ୍ଧୁ ହୋତା, ନାରୀନେତ୍ରୀ ସଂଗ୍ରାମୀ ସ୍ୱର୍ଗତା ସୁନାମଣି ଦେବୀଙ୍କ ନେତୃତ୍ୱ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଆନ୍ଦୋଳନର ଡାକରାରେ ଆଖପାଖ ଗ୍ରାମଗୁଡ଼ିକରୁ ଲୋକେ ସ୍ୱରାଜ ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ୱରାଜ୍ୟ ଦ୍ୱିତୀୟା ପର୍ବରେ ଗ୍ରାମଦେବୀ ମା' ଜୟଦୁର୍ଗା, କନକଦୁର୍ଗା, ନୀଳକଣ୍ଠେଶ୍ୱର ଦେବ, ଶ୍ରୀରାଧାକୃଷ୍ଣ, ଗ୍ରାମ ଦେବୀଦେବ ଏକ ସୁସଜ୍ଜିତ ବିମାନରେ ରୋଶଣି ପଟୁଆରରେ ଗ୍ରାମରେ ଦୁଆରି ଭୋଗପୂଜା, ବନ୍ଦାପନା ସହ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ଶେଷଭାଗରେ ସ୍ୱରାଜ୍ୟ ମଣ୍ଡପରେ ଦେବୀଦେବମାନେ ବିଜେ କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ଚୁଡ଼ାଘଷା, ଡାଲମା, ଖିରି, କଦଳୀ ଚକଟା, ଖଇ, ଉଖୁଡ଼ା, ତାଳସଜ, ମୁଗ, ବୁଟ, ଫଳମୂଳ ଆଦି ଛପନ ଭୋଗର ପୂଜା ଉପଚାର, ଆଳତି ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଦର୍ଶନ ଓ ପ୍ରସାଦ ସେବନ ନିମନ୍ତେ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକମାନେ ସମବେତ ହୋଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକକଳା ଯାତ୍ରା ପରିବେଷଣ ହୋଇଥିଲା। ଗ୍ରାମ ସମ୍ପାଦକ ଜଗବନ୍ଧୁ ମିଶ୍ର ଓ କମିଟି ସଦସ୍ୟମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବକମାନେ ସହଯୋଗ କରିଥିଲେ।

# ଶହୀଦ ସ୍ମୃତି ସଂସଦ ପକ୍ଷରୁ ୧୮ରେ ତ୍ରିରଙ୍ଗା ପଦଯାତ୍ରା

ନିମାପଡ଼ା,୧୪।୫(ବିଚିତ୍ରାନନ୍ଦ ସାହୁ)



ଖବରଦାତା ସମ୍ମିଳନୀରେ ଶହୀଦ ସ୍ମୃତି ସଂସଦର କର୍ମକର୍ତ୍ତାବୃନ୍ଦ।

ଅପରେଶନ ସିନ୍ଦୁର ପରିପ୍ରେକ୍ଷୀରେ ଭାରତୀୟ ସୈନ୍ୟ ବାହିନୀର ଦୁଃସାହାସିକ ପରାକ୍ରମ ଓ କେନ୍ଦ୍ର ସରକାରଙ୍କ ବଳିଷ୍ଠ ପଦକ୍ଷେପକୁ ନିମାପଡ଼ା ଶହୀଦ ସ୍ମୃତି ସଂସଦ ପକ୍ଷରୁ ସାଧୁବାଦ ଜଣାଯାଇଛି। ସ୍ମୃତି ସଂସଦ ଭାରତୀୟ ସେନା ଓ ସରକାରଙ୍କ ସହ ରହିଛି। ପହଲଗାମରେ ପାକିସ୍ତାନର ବର୍ବୋରଚିତ, ଅମାନୁଷିକ କାର୍ଯ୍ୟକୁ ସ୍ମୃତି ସଂସଦ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଅପରେଶନ ସିନ୍ଦୁରରେ ପ୍ରାଣବଳୀ ଦେଇଥିବା ବୀର ଯବାନ ଓ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଂସଦ ପକ୍ଷରୁ ସଂସଦ କାର୍ଯ୍ୟାଳୟଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସଦ ପକ୍ଷରୁ ଶହୀଦ ଯବାନ ଓ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେଶ ମାତୃକାର ସମ୍ମାନ ଓ ସଂଗ୍ରାମୀ ସେନା ବାହିନୀର ପରାକ୍ରମକୁ କୃତଜ୍ଞତା ସହ ଶହୀଦଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ସ୍ମୃତି ସଂସଦ ପକ୍ଷରୁ ଆସନ୍ତା ୧୮ ତାରିଖରେ ଏକ ତ୍ରିରଙ୍ଗା ପଦଯାତ୍ରା ଓ ଶୋଭାଯାତ୍ରା ସହର ପରିକ୍ରମା କରିବ। ଏହି ପଦଯାତ୍ରାରେ ନିମାପଡ଼ାର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ସମସ୍ତ ବର୍ଗର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ସ୍ମୃତି ସଂସଦ ସଭାପତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସଦସ୍ୟ ଜୀବନାନନ୍ଦ ମହାପାତ୍ର, ରାମଚନ୍ଦ୍ର ସାହୁ, ଦୟାନିଧି ସାହୁ ପ୍ରମୁଖ ଆୟୋଜିତ ଖବରଦାତା ସମ୍ମିଳନୀରେ ନିବେଦନ କରିଛନ୍ତି।

# ହାଇବ୍ରିଡ୍ ଆଗରେ ବଳିପଡୁଛି ସରକାରୀ ବିହନ

କାକଟପୁର/ ଅସ୍ତରଙ୍ଗ,୧୪।୫
(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

## ଅସ୍ତରଙ୍ଗରେ ୨୮ ବିହନ ବିକ୍ରୟ କେନ୍ଦ୍ର

ଚଳିତବର୍ଷ ଚାଷୀ ନିଜ ମନପସନ୍ଦର ଧାନ ବିହନ ଖୋଜୁଛନ୍ତି। ଏଥିପାଇଁ ଅସ୍ତରଙ୍ଗ ବଜାର ଓ ବିଭିନ୍ନ ଗାଁ ଛକ ଦୋକାନୀଙ୍କୁ ଅର୍ଡର ଦେଇ ଆଣୁଛନ୍ତି ହାଇବ୍ରିଡ୍ ବିହନ, ଯାହାକୁ କହୁଛନ୍ତି ଫାଉଣ୍ଡେଶନ ବିହନ। କିନ୍ତୁ ସରକାରୀ ଭାବେ ଯେଉଁ ବିହନ ମିଳୁଛି ଓ ତାହାକୁ ବେସରକାରୀ ସଂସ୍ଥା ଏବଂ ସମବାୟ ସମିତିଗୁଡ଼ିକ ବିକିବାକୁ ଅନୁମତି ରହିଛି। ଏହି ସାର୍ଟିଫାଏଡ୍ ବିହନ ବସ୍ତା ଉପରେ ନୀଳ ରଙ୍ଗର କାର୍ଡ ଝୁଲୁଛି। ଏହି ବିହନ କିଣିଲେ କୃଷି ବିଭାଗ ଚାଷୀଙ୍କୁ ପ୍ରତି ୨୦ କେଜି ବସ୍ତା ପାଇଁ କିଛି ଟଙ୍କା ସବ୍‌ସିଡି ଦେଉଛନ୍ତି। ତଥାପି ଚାଷୀଙ୍କ ଏହି ସାର୍ଟିଫାଏଡ୍ ବିହନ ପ୍ରତି ଆଗ୍ରହ ନାହିଁ। କାରଣ ହାଇବ୍ରିଡ୍ ଯାହାକି ଫାଉଣ୍ଡେଶନ ବିହନରେ ଚାଷ କଲେ ଗୋଟିଏ ଏକର ଜମିରେ ୨୫ରୁ ୨୭ କୁଇଣ୍ଟାଲ ଧାନ ଅମଳ ହେଉଛି। ଅନ୍ୟପକ୍ଷେ ଅଖିମୁଠି ଅନୁକୂଳଠାରୁ ଚାଷୀ ବିହନ ଓ ତଳି ପକେଇବାକୁ କସରତ କରୁଛି। ଚାଷୀ ଏ ଗରମରେ ସକାଳୁ ଯାଇ ହୁଡ଼ା ଟେକିବା ବା ଖରାଟିଆ ହଳ କରି ମାଟିକୁ ସମାନ କରି ରଖିବାରେ ଲାଗିଛି।

ଆଗାମୀ ରଜ ଭିତରେ ବିହନ ବୁଣା ପାଇଁ ଚାଷୀଟିଏ ଅଣ୍ଟା ଭିଡୁଛି। ବିହନ ନିଗମରେ ମିଳୁଥିବା ବିହନ ଭେରାଇଟି ସେମିତି ଅଧିକ ନାହିଁ। ଯେଉଁଗୁଡ଼ିକ ବି ଅଛି, ସେଗୁଡ଼ିକ ସାର୍ଟିଫାଏଡ୍, ଯାହାକୁ ଚାଷୀ ନେବାକୁ ଅମଙ୍ଗ ହେଉଛନ୍ତି।

ଏପଟେ ସରକାରୀସ୍ତରରେ ବିହନ ଲାଇସେନ୍ସ ଧରି ସମବାୟ ସମିତି ଅଧିକାରୀମାନେ ବସିଛନ୍ତି। ହେଲେ ସେମାନେ ବିହନ ଆଣିବାକୁ ନାରାଜ। ୨୦-୨୫ କେଜି ବିହନ ଆଣି ସରକାରୀ ଦରରେ ଅନଲାଇନ ସେଲ କଲେ ସେମିତି ସବ୍‌ସିଡି ପାଇବେ। ମାତ୍ର ଏତେସବୁ ଗୋଳିଆ ଭିତରେ ସମବାୟ ସଂସ୍ଥା ପଶିବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ତେଣୁ ସରକାରୀସ୍ତରରେ ସ୍ୱର୍ଣ୍ଣ, କଳାଚମ୍ପା, ସ୍ୱର୍ଣ୍ଣ ସବ୍ (୧) ପୂଜା ଆଦି ୪ରୁ ୫ ଜାତିର ବିହନ ଦୋକାନୀ ୧୨ରୁ ୧୫ କିସମର ବିହନ ତାହା ପୁଣି ଫାଉଣ୍ଡେଶନ ବିହନ ଆଣି ଚାଷୀଙ୍କୁ ଯୋଗାଉଛନ୍ତି। ଆଉ କିଛି ଧାନ ବେପାରୀ ମଧ୍ୟ ୧୦-୨୦ କେଜି ବିହନ ବିଭିନ୍ନ ଭେରାଇଟିରେ ରଖି ଗାଁଗୁଡ଼ିକରେ ଚାଷୀଙ୍କୁ ଆଗୁଆ ସାହାଯ୍ୟ କରୁଥିବା ନଜର ରହିଛି। କୃଷି ବିଭାଗ ପକ୍ଷରୁ ଅସ୍ତରଙ୍ଗ ବ୍ଲକ୍‌ର ୧୫ ପଞ୍ଚାୟତରେ ୧୮ଟି ବିହନ କେନ୍ଦ୍ର ସରକାରୀ ଭାବେ ଖୋଲାଯାଇଛି। ଏହାସହ ସମବାୟ ପକ୍ଷରୁ ତାଳଦା, ନଈଗୁଆଁ, ଏଡ଼ବାଂଶ, ଚକରପଡ଼ା, ନଗର, ଅଠଡିରା, କେନ୍ଦ୍ରାପଟି, ଶିଶୁଅ, କନ୍ତପହଁରା ଓ ବନ୍ଦିଲୋ ସୋସାଇଟି ଧାନ ବିହନ ବିକିପାରିବେ ବୋଲି ଅନୁମତି ରହିଛି। ଏଥିସହ କେତେକ ସ୍ଥାନରେ ବିନା ଲାଇସେନ୍ସରେ ମଧ୍ୟ ବିକ୍ରି ହେଉଛି। କିନ୍ତୁ ଫାଉଣ୍ଡେଶନ ବିହନକୁ ଚାଷୀ ବେଶୀ ପସନ୍ଦ କରୁଛନ୍ତି ବୋଲି ଅସ୍ତରଙ୍ଗ ଅଞ୍ଚଳ ଚାଷୀ ବେଣୁଧର ମହାନ୍ତି କହିଛନ୍ତି। ଅଠଡିରା ସମବାୟ ସମିତି ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ସେ ଏ ସମ୍ପର୍କରେ କିଛି ମନ୍ତବ୍ୟ ଦେଲେ ନାହିଁ।

# ପାର୍କରେ ବିବାହ ବଜାର



ବେଜିଂ

ପୂର୍ବରୁ ଲୋକମାନେ ନିଜର ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ସହ କଥା ହୋଇ ଦୂର ଦୂରାନ୍ତରେ ବିଭିନ୍ନ ନେଟ୍‌ୱର୍କ ଲଗାଇ ପିଲାମାନଙ୍କ ପାଇଁ ଜୀବନସାଥୀ ଖୋଜୁଥିଲେ। ତେବେ ସମ୍ପ୍ରତି ଲୋକଙ୍କ ଜୀବନଶୈଳୀ ଧୀରେ ଧୀରେ ବ୍ୟସ୍ତ ବହୁଳ ହୋଇଥିବାରୁ ଚାକିରି ବ୍ୟତୀତ ସେମାନଙ୍କ ନିକଟରେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ସମୟ ରହୁନାହିଁ। ଫଳରେ ଜୀବନସାଥୀ ଖୋଜିବା ପାଇଁ ବିଭିନ୍ନ ଡେଟିଂ ଆପ୍ସ କିମ୍ବା ମାଟ୍ରିମୋନିଆଲ ସାଇଟ୍ସ ଏବେ ଉପଯୁକ୍ତ ମାଧ୍ୟମ ପାଲଟିଛି। ତେବେ ଚାଇନାର ଶାଘାଂଇରେ ଲୋକେ ଏକ ନିଆରା ଉପାୟରେ ନିଜ ପିଲାଙ୍କ ବିବାହ ପାଇଁ ଜୀବନସାଥୀ ଖୋଜିଥାନ୍ତି। ସହରର ଚେଙ୍ଗଡୁସ୍ଥିତ ରେନ୍‌ମିନ୍ ଗୋଗୋୟୁଆନ୍ ପାର୍କରେ ସପ୍ତାହକୁ ୨ ଦିନ ଏକ ନିଆରା ବିବାହ ବଜାର ବସିଥାଏ। ଶାଘାଂଇ ବିବାହ ବଜାର ଭାବେ ସ୍ଥାନୀୟ ଅଞ୍ଚଳରେ ଏହି ବଜାର ବେଶ୍ ପ୍ରସିଦ୍ଧି ପାଇଛି। ପ୍ରତି ଶନିବାର ଏବଂ

## ପିଲାଙ୍କ ପାଇଁ ଜୀବନସାଥୀ ଖୋଜନ୍ତି ଅଭିଭାବକ

ରବିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ଯାଏ ଏହି ବଜାର ବସିଥାଏ। ଲୋକମାନେ ନିଜ ପିଲାଙ୍କ ପାଇଁ ଉପଯୁକ୍ତ ଜୀବନସାଥୀ ଖୋଜିବାକୁ ଏହି ବଜାରକୁ ଆସିଥାନ୍ତି।

ଏହି ବିବାହ ବଜାରରେ ପ୍ରବେଶ ମାତ୍ରେ ସୁନ୍ଦର ଭାବେ ଧାଡ଼ି ହୋଇ ବିଭିନ୍ନ ରଙ୍ଗିନ ଛତା ରଖାଯାଇଥିବାର ଦେଖିବାକୁ ମିଳିଥାଏ। ଅଭିଭାବକମାନେ ବୋହୂ କିମ୍ବା ଜ୍ୱାଇଁ ପାଇବା ଆଶାରେ ସେମାନଙ୍କ ପିଲାଙ୍କ ହସ୍ତଲିଖିତ ବାୟୋଡେଟାକୁ ନିଜ ଛତା ଉପରେ ପ୍ରଦର୍ଶିତ କରିଥାନ୍ତି। ଫଳରେ ଏହି ବଜାରରେ ଏକସଙ୍ଗେ ବିବାହ ଯୋଗ୍ୟ ଅନେକ ଯୁବତୀ ଏବଂ ଯୁବକଙ୍କ ବାୟୋଡେଟା ଦେଖିବାକୁ ମିଳିଥାଏ। ବାୟୋଡେଟାରେ ବିବାହ ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ପ୍ରତ୍ୟେକ ବିବରଣୀ ଦିଆଯିବା ସହ ସେମାନଙ୍କ ଫଟୋ ମଧ୍ୟ ରହିଥାଏ। ଲୋକେ ଏଠାକୁ ଆସି ଆବଶ୍ୟକତା ଅନୁଯାୟୀ, ନିଜ ପିଲାଙ୍କ ପାଇଁ ଜୀବନସାଥୀ ବାଛିଥାନ୍ତି। ଯଦି କୌଣସି ବାୟୋଡେଟା ପସନ୍ଦ ଆସିଯାଏ, ତେବେ ସେଥିରେ ଲେଖାଥିବା ନମ୍ବର ଯୋଗେ ବିବାହ ପାଇଁ କଥା ଆଗକୁ ବଢ଼ିଥାଏ। ବର୍ତ୍ତମାନ ସୁଦ୍ଧା ଶାଘାଂଇ ବିବାହ ବଜାରରୁ ଅନେକେ ନିଜ ପିଲାଙ୍କ ପାଇଁ ଉପଯୁକ୍ତ ଜୀବନସାଥୀଙ୍କୁ ଖୋଜି ସେମାନଙ୍କର ବିବାହ କରାଇଛନ୍ତି। ଧୀରେ ଧୀରେ ଏହି ବିବାହ ବଜାରର କ୍ରେଜ୍ ବଢ଼ିବାରେ ଲାଗିଛି ଏବଂ ଏଠାରେ ଭିଡ଼ ମଧ୍ୟ ଆଗ ଅପେକ୍ଷା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ସମ୍ପ୍ରତି ଚାଇନାର ଯୁବପିଢ଼ି ନିଜ ଚାକିରି ଏବଂ କ୍ୟାରିୟରରେ ଅତ୍ୟଧିକ ବ୍ୟସ୍ତ ରହୁଥିବାରୁ ବିବାହ ପାଇଁ ଜୀବନସାଥୀ ଖୋଜିବାକୁ ସେମାନଙ୍କ ପାଖେ ସମୟ ନ ଥାଏ। ଫଳରେ ଅଭିଭାବକମାନେ ବିଭିନ୍ନ ଉପାୟରେ ସେମାନଙ୍କ ପାଇଁ ଜୀବନସାଥୀ ଖୋଜିଥାନ୍ତି।

# 'ନିରନ୍ତର ବିକାଶ ପାଇଁ ପରିବାରମୁଖୀ ନୀତି..'

## ଆଜି ଅନ୍ତର୍ଜାତୀୟ ପରିବାର ଦିବସ



ଅନ୍ତର୍ଜାତୀୟ ପରିବାର ଦିବସ ପ୍ରତିବର୍ଷ ୧୫ ମେ' ରେ ପାଳନ କରାଯାଇଥାଏ। ଜାତିସଂଘ ସାଧାରଣ ସଭାଦ୍ୱାରା ୨୦ ସେପ୍ଟେମ୍ବର ୧୯୯୩ରେ ଏନେଇ ଏକ ପ୍ରସ୍ତାବ ଆଗତ ହୋଇଥିଲା। ସେଥିରେ ଏହି ଦିବସ ପାଳନ ପାଇଁ ପରିବାରଗୁଡ଼ିକ ପ୍ରତି ଅନ୍ତର୍ଜାତୀୟ ସମ୍ପ୍ରଦାୟର ଗୁରୁତ୍ୱକୁ ପ୍ରତିଫଳିତ କରାଯାଇଥିଲା। ଯଦିଓ ପରିବାରଗୁଡ଼ିକ ଜଟିଳ ଏବଂ ବିବିଧ ହୋଇପାରନ୍ତି, ତଥାପି ସେଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମିଳିତ ଜାତିସଂଘ ଦ୍ୱାରା ୧୯୯୪ରେ ଅନ୍ତର୍ଜାତୀୟ ପରିବାର ଦିବସ ମେ'୧୫ରେ ଆନୁଷ୍ଠାନିକ ଭାବରେ ପାଳନ ହୋଇଥିଲା। ଅନ୍ତର୍ଜାତୀୟ ପରିବାର ଦିବସର ପ୍ରତୀକ ଏକ ସବୁଜ ବୃତ୍ତ। ଏଥିରେ ଏକ ଲାଲ ରଙ୍ଗର ହୃଦୟ ଏବଂ ଘରର ଚିତ୍ର ରହିଛି। ଏହି ପ୍ରତୀକ ଅର୍ଥ ପରିବାର ପ୍ରତ୍ୟେକ ସମାଜର ଏକ କେନ୍ଦ୍ରୀୟ ଉପାଦାନ ଏବଂ ସବୁ ବୟସଙ୍କ ପାଇଁ ଏକ ସ୍ଥାୟୀ ଓ ସ୍ଥିର ଗୃହ। ପ୍ରତିବର୍ଷ ଅନ୍ତର୍ଜାତୀୟ ପରିବାର ଦିବସ ପାଳନ ସହିତ ମିଳିତ ଜାତିସଂଘ ଏକ ଥିମ୍ ଘୋଷଣା କରେ। ଏହି ଥିମ୍ ସମଗ୍ର ବିଶ୍ୱରେ ପରିବାର ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ପରିସ୍ଥିତି ପାଇଁ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ଦିଷ୍ଟ। ତେବେ ଚଳିତ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା 'ନିରନ୍ତର ବିକାଶ ପାଇଁ ପରିବାରମୁଖୀ ନୀତି: ସାମାଜିକ ବିକାଶ ଲାଗି ଦ୍ୱିତୀୟ ବିଶ୍ୱ ସମ୍ମିଳନୀ ଅଭିମୁଖେ' ରହିଛି।

**-ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର**

# ଆମୀରଙ୍କ ଫିଲ୍ମକୁ ଟ୍ରୋଲ୍

## ହଲିଉଡ୍ ଫିଲ୍ମ 'ଚାମ୍ପିୟନ୍ସ'କୁ କପି କରି 'ସୀତାରେ ଜମିନ ପର୍' ନିର୍ମିତ ହୋଇଥିବା କହିଲେ ସୋସିଆଲ ମିଡିଆ ୟୁଜର୍ସ



ମୁମ୍ବାଇ

ବଲିଉଡ୍ ଅଭିନେତା ଆମୀର ଖାନ୍‌ଙ୍କ ଆଗାମୀ ସ୍ପୋର୍ଟସ୍ କମେଡି ଡ୍ରାମା ଫିଲ୍ମ 'ସୀତାରେ ଜମିନ ପର୍'ର ଟ୍ରେଲର ମଙ୍ଗଳବାର ରାତିରେ ରିଲିଜ୍ ହୋଇଛି। ଆର୍. ଏସ୍. ପ୍ରସନ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ମେ' ୨୦ରେ ରିଲିଜ୍ ହେବ। ଏହାସହ ପ୍ରାୟ ୩ ବର୍ଷର ଲମ୍ବା ଅପେକ୍ଷା ପରେ ଆମୀରଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିବ।

'ସୀତାରେ ଜମିନ ପର୍'ର ଟ୍ରେଲରରେ ଆମୀରଙ୍କୁ ଜଣେ ଚିଡ଼ଚିଡ଼ା ଏବଂ ଅହଙ୍କାରୀ ସ୍ୱଭାବର ବାସ୍କେଟବଲ୍ କୋଚ୍ ଭୂମିକାରେ ଦେଖିବାକୁ ମିଳିଛି। ଏକ ଦୁର୍ଘଟଣା ଘଟାଇଥିବା ପାଇଁ ତାଙ୍କୁ ଦଣ୍ଡ ସ୍ୱରୂପ କେତେଜଣ ମାନସିକ ଅନଗ୍ରସର ପିଲାଙ୍କୁ ବାସ୍କେଟବଲ୍ କୋଚିଂ ଦେବାପାଇଁ କୋର୍ଟ ନିର୍ଦ୍ଦେଶ ଦେଉଛନ୍ତି। କୋଚିଂ ଦେବା ସମୟରେ ଆମୀର ବିଭିନ୍ନ ସମସ୍ୟାରେ ପଡୁଛନ୍ତି, ଫଳରେ ସେ ପିଲାଙ୍କ ଉପରେ ବିରକ୍ତି ପ୍ରକାଶ କରୁଛନ୍ତି। ତେବେ ପିଲାଙ୍କ ନିରୀହତା ଧୀରେ ଧୀରେ ଆମୀରଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣୁଛି। ଫଳରେ ଏକ ବାସ୍କେଟବଲ ଟୁର୍ନାମେଣ୍ଟରେ ଉକ୍ତ ମାନସିକ ଅନଗ୍ରସର ପିଲାଙ୍କ ଟିମ୍‌କୁ ଜିତାଇବା ପାଇଁ ସେ ହୃଦୟରୁ ଲାଗି ପଡୁଛନ୍ତି। ଟ୍ରେଲରରେ ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖଙ୍କୁ ମୁଖ୍ୟ ଅଭିନେତ୍ରୀ ଭୂମିକାରେ ଦେଖିବାକୁ ମିଳିଛି। ତେବେ ଏହି ଟ୍ରେଲରର ପ୍ରତ୍ୟେକ ଦୃଶ୍ୟ ୨୦୨୩ରେ ରିଲିଜ୍ ହୋଇଥିବା ହଲିଉଡ୍‌ର ସ୍ପୋର୍ଟସ କମେଡି ଡ୍ରାମା ଫିଲ୍ମ 'ଚାମ୍ପିୟନ୍ସ'ରୁ ସମ୍ପୂର୍ଣ୍ଣ ଭାବେ କପି କରାଯାଇଥିବା ଦର୍ଶାଇ ଅନେକ ୟୁଜର୍ସ ବୁଧବାର ଆମୀର ଏବଂ 'ସୀତାରେ ଜମିନ ପର୍' ଫିଲ୍ମକୁ ଟ୍ରୋଲ୍ କରିଛନ୍ତି। 'ସୀତାରେ ଜମିନ ପର୍' ଫିଲ୍ମର ଟ୍ରେଲରରେ କୌଣସି ନୂତନତ୍ୱ ନ ଥିବା ସେମାନେ କହିଛନ୍ତି।

# ଏକସଙ୍ଗେ ୭୦ ହଜାର ଲଲିପପ୍ ଅର୍ଡର

## ୮ ବର୍ଷୀୟ ବାଳକର ଭୁଲ୍ ପାଇଁ ମା'ଙ୍କୁ ୩.୬ ଲକ୍ଷର ବିଲ୍



ଲିଆମ ଓ ତାଙ୍କ ମା'

ୱାଶିଂଟନ

ସାଧାରଣତଃ ପିଲାମାନେ ନିଜ ମା'ବାପାଙ୍କ ମୋବାଇଲ ଧରି ଖେଳିଥାନ୍ତି। ତେବେ ଅନେକ ସମୟରେ ସେମାନେ ଅଜାଣତବଶତଃ ନିଜ ମା'ବାପାଙ୍କ ମୋବାଇଲରେ ଏପରି କିଛି କରି ଦେଇଥାନ୍ତି, ଯାହା ପୂରା ପରିବାରକୁ ଅସୁବିଧାରେ ପକାଇଥାଏ। ଆମେରିକାର କେଣ୍ଟୁକିସ୍ଥିତ ଲେକ୍ସିଂଟନରେ ରହୁଥିବା ଏକ ପରିବାର ସହ ଠିକ୍ ଏହିପରି ଘଟିଛି। ଜଣେ ୮ ବର୍ଷୀୟ ବାଳକ ଲିଆମ ନିଜ ମା'ଙ୍କ ମୋବାଇଲରୁ ୭୦ ହଜାର ଲଲିପପ୍ ଅର୍ଡର କରିଦେଇଛନ୍ତି। ଏନେଇ ଲିଆମଙ୍କ ମା' ସୋସିଆଲ ମିଡିଆରେ ସୂଚନା ଦେଇ କହିଛନ୍ତି, ତାଙ୍କ ପୁଅକୁ ଡମ୍-ଡମ୍ ନାମକ ଏକ କମ୍ପାନୀର ଲଲିପପ୍ ଖୁବ୍ ପସନ୍ଦ। ତେଣୁ ସେ ତାଙ୍କ ଫୋନ୍ ବ୍ୟବହାର କରିବା ସମୟରେ ଅନଲାଇନରେ ଏକସଙ୍ଗେ ୭୦ ହଜାର ଲଲିପପ୍ ଅର୍ଡର କରିଥିଲା। ଏହାର ବିଲ୍ ଦେଖି ତାଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିବା ଲିଆମଙ୍କ ମା' କହିଛନ୍ତି। ସେ ଆହୁରି କହିଛନ୍ତି, ଲିଆମ ନିଜ ସାଙ୍ଗମାନଙ୍କୁ ପାର୍ଟି ଦେବାକୁ ଚାହୁଁଥିଲା, ଯେଉଁଥିରେ ସେ ଉପହାର ସ୍ୱରୂପ ନିଜ ସାଙ୍ଗଙ୍କୁ ଲଲିପପ୍ ଦେବାକୁ ଇଚ୍ଛା ପ୍ରକାଶ କରୁଥିଲା। ପ୍ରାୟତଃ ଲିଆମ ଅନେକ ସମୟରେ ତାଙ୍କ ଫୋନ୍‌କୁ ଧରି ଖେଳୁଥାଏ, ତେବେ ପ୍ରଥମ ଥର ପାଇଁ ସେ ଏପରି ଅଜବ କାର୍ଯ୍ୟ କରିଥିବା ତାଙ୍କ ମା' କହିଛନ୍ତି। ଇ-କମର୍ସ ପ୍ଲାଟ୍‌ଫର୍ମ ଆମାଜନରୁ ଲିଆମ ଏହି ଅର୍ଡର କରିଥିଲେ। ଏହାପରେ ଆମାଜନ ପକ୍ଷରୁ ଗୋଟିଏ ପରେ ଗୋଟିଏ କରି ଲଲିପପ୍ ଥିବା ଅନେକ ବାକ୍ସ ଆସି ତାଙ୍କ ଘରେ ପହଞ୍ଚିଥିଲା। ସମ୍ପୂର୍ଣ୍ଣ ଅର୍ଡର ପାଇଁ ତାଙ୍କ ପାଖକୁ ୪,୨୦୦ ଡଲାର ଅର୍ଥାତ୍ ପ୍ରାୟ ୩ ଲକ୍ଷ ୬୦ ହଜାର ଟଙ୍କାର ବିଲ୍ ଆସିଥିଲା। ପ୍ରଥମେ ଆମାଜନ ଏହି ଲଲିପପଗୁଡ଼ିକୁ ଫେରାଇ ନେବାକୁ ମନା କରିଥିଲା, ତେବେ ପରେ ବହୁଳ ଭାବେ ଏହି ଖବର ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଫଳରେ ଆମାଜନ ସମସ୍ତ ଲଲିପପ୍‌ଗୁଡ଼ିକୁ ଫେରାଇନେବା ସହ ଲିଆମଙ୍କ ମା'ଙ୍କୁ ତାଙ୍କ ସମସ୍ତ ଅର୍ଥ ଫେରସ୍ତ କରିଥିଲା।


**Government of Odisha** No.O-151
**Office of the Superintending Engineer**
**Rural Works Division, Dhenkanal**
E-Mail:eerwdivisiondhenkanal@yahoo.co.in
**e-Procurement Notice No.01/Building Works/2025-26**

1. Name of the Work : Building Works
2. Total No. of Works : 03 (Three) Nos.
3. Estimated Cost : Rs.5.84 to 40.15 Lakh (approx)
4. Class of Contractor : "D" & "C" & "B" Class
5. Period of Completion : 02 (Two) & 06 (Six) Months
6. EMD Required : As mentioned in the Annexure at Column-04
7. Online for Bidding : 21.5.2025 at 11.00 AM to 28.05.2025 upto 3.00 P.M.
8. Last Date & Time of seeking tender clarification : 26.05.2025 upto 4.00 PM
9. Date & Time of opening of tender (Technical & Financial Bid) : 28.05.2025 Technical Bid at 5.00 PM

Other Details can be seen from the website http://tendersorissa.gov.in
Sd./- Superintending Engineer
OIPR-25101/11/0020/2526 R.W.Division, Dhenkanal



**OFFICE OF THE CHIEF CONSTRUCTION ENGINEER**
**ANANDPUR BARRAGE PROJECT, SALAPADA,**
**DIST-KEONJHAR, ODISHA, PIN:758020**
No.A-155: E-Mail:cceabp@gmail.com
**E-Procurement Notice No.CCEABP-06 of 2025-26**
**(Bid Id No.ABP-Soro-01/06 of 2025-26)**
**DETAILED NOTICE INVITING TENDER ON EPC CONTRACT**

| Name of Work | Class/EMD/Tender Fee/ Period of Completion |
|---|---|
| Construction of Distribution system for 5765.34 Ha. of CCA including Command Area Development (CAD) of Salandi Left Main Canal from RD 71.505 km to 73.003 km through Under Ground Pipe Line Irrigation system (Gravity Flow) of Anandpur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. | (1) **Class of Contractor**- Super Class or Equivalent Grade Bidders (2) **EMD: Rs.181.00 Lakh** (3) **Tender Fee: Rs.10,000.00** (4) **Period of Completion**: 24 (Twenty Four) Calendar Months including rainy seasons. |

A. Period of Availability of Bid document in the Portal : From 10.00 AM of 17.05.2025 to 12.06.2025 upto 5.00 PM
B. Date & Time for Pre-Bid Conference : 30.05.2025 at 11.30 AM
C. Last Date and Time for Receipt of Bid : 12.06.2025 upto 5.00 P.M.
D. Place of Sale & Receipt of Bid : On-Line through e-Procurement
E. Time and Date of Opening of Technical Bid : 13.06.2025 at 11.30 AM
F. Place of Opening of Bid : O/o the Chief Construction Engineer, Anandpur Barrage Project, Salapada
G. Further details can be seen from E-Procurement Portal "https://www.tendersodisha.gov.in"

Sd./- Chief Construction Engineer
OIPR-32177/11/0029/2526 Anandpur Barrage Project, Salapada



**ODISHA CONSTRUCTION CORPORATION LIMITED,**
**BHUBANESWAR,ODISHA**
PIN:751012, Tel No.(0674) 2562020, e-Mail:theoccltd@odishaconstruction.com
GSTIN:21AAACO2571K2ZM
**"e"-Procurement Notice No.-08/OCCL/2025-26 (on-line)**
**No.CAD-407:On-line Item rate tenders are invited for the following work:**

| Sl. No. | Name of Work | Bid Identification No. | Approx. value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | TANK IMPROVEMENT/ RENOVATION/ MODERNISATION WORKS OF 08 (EIGHT) Nos. of Minor Irrigation Projects in Bhadrak & Jajpur District (**CLUSTER-V**) under OIIPCRA Scheme | OCCL_TSI_CL_V/ 2025-26 | Rs.9.00 Crore | Rs.9,00,000/- | **270 Days** | From 20.05.2025, 10.00 Hrs. to 18.06.2025, 15.00 Hrs. |

Procurement Officer: Managing Director, OCCL
Date of Opening of the Tender : **18.06.2025, 15.30 Hrs. onwards**
Further details can be seen from the e-Procurement Portal:https://www.tendersodisha.gov.in, https://octdms.in https://odishaconstruction.com
OIPR-34176/11/0034/2526 Sd./- Managing Director



**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**TENDER NOTICE**

**No.CAD-405 :** OMFED invites sealed tender from the interested transporters for engagement of different capacity Insulated vehicle for transportation & distribution of milk & milk product and other allied products of OMFED in **03 (Three) Marketing** route under Salapada Dairy operational area on hire basis for a contract period of **03 (Three) year**. Tender documents can be purchased from OMFED, Salapada Dairy, **Salapada, Anandpur, Dist. Keonjhar- 758020** on any working days between **10.30 Hrs – 13.30 Hrs from12th May2025 to 26th May2025 on payment of Rs. 560/- (Rupees Five Hundred Sixty only)** either in shape of Demand Draft drawn in favour of OMFED payable at Salapada. The tender document can also be downloaded from our website www.omfed.com and submitted on the due date along with the tender paper cost of **Rs.560/-** in shape of Demand Draft. The Management reserves the right to accept or reject any or all the bid document or part thereof without assigning any reason. Any addendums/corrigendum will be published only in our website.

OIPR-06063/11/0173/2526 Sd./- Managing Director



**OFFICE OF THE SUPERINTENDING ENGINEER** No.B-124
E-mail Id:eepwdcuttack2@gmail.com, Tel/Fax.No.(0671)-2973399
GOVERNMENT OF ODISHA "e" Procurement Notice
**e-Procurement Notice for Road Work**
**Bid Identification No.S.E. CTC (R&B)-II-03 of 2025-26**

1. Name of the Work : 02 No. of Road Work
2. Estimated Cost : Rs.64,19,718.00/- to Rs.71,43,420.00/-
3. Period of Completion : 4 (Four) Calendar Months
4. Date & Time of Sale & receipt of bid document : From 16.05.2025 to 5 PM of 28.05.2025
5. Last date/time of receipt of bids : 5 PM of 28.05.2025
6. Date & Time of Opening of Bids : 11 AM of 29.05.2025
7. Name and address of the Officer Inviting Bid : Superintending Engineer Cuttack (R&B) Division-II, Cuttack

Further details can be seen from the e-Procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.

Sd./-
Superintending Engineer
OIPR-34091/11/0077/2526 Cuttack (R&B) Division No.II



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
**Short Tender Call Notice for inviting Request for Proposal (RFP)**
**RFP identification No.01 of 2025-26**
**No. 2491 (Estg.) Bhubaneswar the 13th May-2025**

**No.B-126** : The Chief Construction Engineer, Central(R&B) Circle Bhubaneswar on behalf of the Governor of Odisha invites proposals in double cover(online) from eligible, reputed and qualified service providing organisations/Institutions for "Providing Infrastructure and facilitates for imparting Induction Training Programme to Newly recruited Junior Engineers(Civil), Works Department, Government of Odisha for the year 2025-26". This invitation is open to all Service Providing Agencies (SPAs) meeting the minimum eligibility criteria mentioned in the "RFP / Bid Documents". The interested organisations can download in the e-procurement website i.e.:https://tendersorissa.gov.in and submit their bid documents through online mode only. The details of bid documents will be available in the above website from **5.00 P.M. of 16.05.2025 to 4.00 P.M. of 26.05.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M. of 26.05.2025** in the Office of the Chief Construction Engineer, Central (R&B) Circle Bhubaneswar. A Pre bid meeting will be held on 19.05.2025 at 11.00 A.M. in the Office of the Engineer-in-Chief(Civil-cum-Roads) Nirman Soudha, Odisha, Bhubaneswar for any clarification. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.

Sd./- Er. M.K.Mahananda
Chief Construction Engineer
OIPR-34156/11/0030/2526 Central (R&B) Circle, Bhubaneswar



See Career Appointment on every Wednesday & Saturday



**GOVERNMENT OF ODISHA** No.B-120
**OFFICE OF THE SUPERINTENDING ENGINEER**
ଓଡ଼ିଶା ସରକାର **JHARSUGUDA (R&B) DIVISION, JHARSUGUDA**
E-mail ID: eepwdjsg2014@gmail.com
Telephone:06645-271242, Kalimandir Road, Jharsuguda, 768202
**"e" Procurement Notice**
**Bid Identification No.S.E. R&B-JSG-01 of 2025-26**

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Double & Single Cover** system on ONLINE mode from eligible contractors for Construction of **Building Works (Civil+El)/ Electrical Works/ AMC for fire fighting/AMC for Lift Works as detailed in DTCN.** | | |
| 2. | Nature of Work | :- | **Building Works (Civil+El)/ Electrical Works/ AMC for fire fighting/ AMC for Lift Works** |
| 3. | Estimated Cost | :- | Rs.9.56 Lakhs to Rs.79.00 Lakhs |
| 4. | No. of Work | :- | 06 (Six) Nos. |
| 5. | Tender Cost | :- | Rs.10000/- & Rs.4000.00 & Rs.6000.00 (as per DTCN) |
| 6. | Class of Contractor | :- | Sl.No.-1 - "B" Class, Sl.No.2- Authorized Manufacture/ Distributer/ MV/HT Sl.No.3- Specialized Agency with associated electrical contractor having valid license (MV/HT), Sl.No. 4 & 5- HT, Sl.No.-6-MV/HT |
| 7. | Availability of bid document in the website | :- | **10.00 A.M. of 17.05.2025 to 05.00 P.M. of 30.05.2025** |
| 8. | Date of Opening of Technical Bid (Cover-I) | :- | **11.00 AM on Dt.31.05.2025** |
| 9. | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in).** Any addendum/ Corrigendum/Cancellation of tender can also be seen in the said website. | | |

Sd./- Superintending Engineer
OIPR-34094/11/0023/2526 Jharsuguda (R&B) Division



**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd.**
**(OSCSC), Subarnapur**
No.CAD-406 Phone: 7092925898
**TENDER No-794, Dated 13.05.2025**
**Cost of Tender Document: Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date: **13.05.2025, At-5.00 PM** Downloadable from website: www.oscsc.in, www.foododisha.in & www.tendersodisha.gov.in. |
| 2 | Date, Time and Venue for pre-bid conference | On Dt.**14.05.2025, At-11.00 AM** Place-Conference Hall of Collectorate, Subarnapur |
| 3 | Last date and time for **online** submission of completed Tender documents with enclosures | Through e-Procurement Portal: www.tendersodisha.gov.in Upto **5.00 PM of dt.22.05.2025** |
| 4 | Date, Time and Venue for opening of Technical bid by the Tender Committee | **On dt.23.05.2025 at 11.30 A.M.** Place Conference Hall of Collectorate, Subarnapur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.**23.05.2025**, at **11.30 A.M.** Place- Conference Hall of Collectorate, Subarnapur |
| 6 | Date & Time of Financial Bid opening by the Tender Committee (only of Technically Qualified Bidders) | To be announced after technical bid evaluation |
| 7 | Venue of the Opening of Technical & Financial Bids | Conference Hall of Collectorate, Subarnapur |
| 8 | Validity Period | Tenders are to remain open for acceptance for 15 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by 14 (Fourteen) days and such extension shall be binding on the bidders |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | **(i) OSCSC Ltd.** District Manager: No.- 9437068432 Accounts Head No. 7092925898 **(ii) State Procurement Cell: 0674-2530998/ 18003456765** |

**By Order of Collector**
**Sd./- District Manager**
OIPR-07030/11/0011/2526 **OSCSC Ltd., Subarnapur**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମାମୁନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ପଛୁଆବର୍ଗଙ୍କୁ ତାଙ୍କ ହକ୍ ମିଳୁ: ଭକ୍ତ

## କଂଗ୍ରେସର ଜାତିଭିତ୍ତିକ ଜନଗଣନା ପାଇଁ ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର,୧୪।୫(ରବିନାରାୟଣ ଜେନା)

ଓଡ଼ିଶାରେ ପଛୁଆବର୍ଗ ଓ ସାମାଜିକ ଏବଂ ଅର୍ଥନୈତିକ ଭାବେ ପଛୁଆବର୍ଗ(ଏସ୍‌ଇବିସି)ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ ହୋଇଥିଲେ ବି ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନରେ ଅବହେଳା କରାଯାଉଛି, ଯାହାଫଳରେ ଏହି ବର୍ଗର ହଜାର ହଜାର ଛାତ୍ରୀଛାତ୍ର ସଂରକ୍ଷଣ ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ସରକାର ତାଙ୍କର ହକ୍ ପ୍ରଦାନ କରନ୍ତୁ, ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ଦିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ବୁଧବାର କଂଗ୍ରେସ ଭବନଠାରେ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ ପଛୁଆବର୍ଗ ଜାତିଭିତ୍ତିକ ଜନଗଣନା ଓ ଅନ୍ୟାନ୍ୟ ବିଷୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଥିଲେ ଯେ, ଓବିସି ଓ ଏସ୍‌ଇବିସି ଏବଂ ଏସ୍‌ସିଏସ୍‌ଟି ସଂପ୍ରଦାୟଙ୍କ ପ୍ରତି ବ୍ୟବସ୍ଥିତ ସଂରକ୍ଷଣ ଏବଂ ସାମାଜିକ ନ୍ୟାୟ ନୀତିଗୁଡ଼ିକର ତୁରନ୍ତ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ମୁଖ୍ୟତଃ ଓବିସି ଓ ଏସ୍‌ଇବିସି ସଂପ୍ରଦାୟଙ୍କୁ ତାଙ୍କର ନ୍ୟାଯ୍ୟ ସୁଯୋଗରୁ ବଞ୍ଚିତ କରାଯାଉଛି। ବୈଷୟିକ ଶିକ୍ଷାରେ ଏସ୍‌ସିଏସ୍‌ଟିମାନଙ୍କୁ ଆଇନପ୍ରଦତ୍ତ ସଂରକ୍ଷଣ ଉଲ୍ଲଂଘନ କରାଯାଉଛି। ଆର୍ଥିକ ସୁଯୋଗ ପ୍ରଦାନକାରୀ ଅନୁଷ୍ଠାନ ଗୁଡ଼ିକରେ ଏସ୍‌ସିଏସ୍‌ଟି, ଓବିସି ଏବଂ ମାଇନରିଟିମାନଙ୍କୁ ସୁଯୋଗ ଦେବାରେ ଚରମ ଅବହେଳା ପ୍ରଦର୍ଶନ କରାଯାଉଛି।

ଏହି ଅବସରରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲାଲ୍ଲୁ କହିଥିଲେ, ପଛୁଆବର୍ଗ, ଆଦିବାସୀ ଓ ଦଳିତମାନଙ୍କର ସ୍ୱାର୍ଥପ୍ରତି କଂଗ୍ରେସ ସବୁବେଳେ ସଚେତନ ଓ ସଂଗ୍ରାମ କରି ଆସୁଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ବର୍ଗର ଲୋକମାନଙ୍କ ପାଇଁ ଲଢ଼େଇ ଜାରି ରଖିଛନ୍ତି। ସେମାନଙ୍କୁ ନ୍ୟାଯ୍ୟ ଅଧିକାର ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ସଂଗ୍ରାମ ଜାରି ରଖିବ ବୋଲି ସେ କହିଥିଲେ। ଏହି ବୈଠକକୁ ବିଜୟାନନ୍ଦ ଚାଉଳିଆ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବରିଷ୍ଠ ନେତା ଶରତ ରାଉତ, ସୁରେଶ କୁମାର ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


## ଜନ୍ମଦିନ ଶୁଭେଚ୍ଛା



ତ୍ରୀଷ୍ଟା ତଲିନା (ମାମୁନ)
ସ୍ଥାନ: ସର୍ବୋଦୟନଗର, ପୁରୀ
ଆଜି ତୋର ୧୫ତମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନଯାପନ କର, ସର୍ବଦା ଖୁସି ରହ। ଭଗବାନ ତୋର ସବୁ ଇଚ୍ଛା ପୂରଣ କରନ୍ତୁ। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
ଶୁଭେଚ୍ଛା ସହ- ଜେଜେବାପା, ଜେଜେମା, ଅଙ୍କଲ, ଆଣ୍ଟି, ଅଜା, ଆଈ, ମାମୁ, ମାଇଁ, ଲିକି, ଲକି, ଲୁକୁନ, ଗୁଡୁ, ଚିଣ୍ଟୁ, ବାବା, ମାମା ଏବଂ ସମସ୍ତ ପରିବାରବର୍ଗ।
ଧ-୫୪୧




ଜାତିଭିତ୍ତିକ ସଂରକ୍ଷଣ ଏବଂ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ନେଇ ବୁଧବାର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତାମାନେ ଭେଟି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ଆଜିଠୁ ୨୩ ପର୍ଯ୍ୟନ୍ତ ଭାଜପାର ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର)

ଭାରତୀୟ ସେନାଙ୍କ ଅପରେଶନ ସିନ୍ଦୂରର ସଫଳତାକୁ ନେଇ ଭାଜପା ପକ୍ଷରୁ ଗୁରୁବାରଠାରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭହୋଇ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଭିନ୍ନ ଭିନ୍ନ ସ୍ଥାନରେ କରାଯିବ। ପ୍ରଥମେ ଏହା ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ଆରମ୍ଭ ହେବାକୁ ଯାଉଛି। ରାଜମହଲ ଛକଠାରୁ ଏହି ଯାତ୍ରା ବାହାରିବ। ଦଳର ସବୁ କାର୍ଯ୍ୟକର୍ତ୍ତାଙ୍କୁ ଏଥିରେ ଯୋଗଦେବା ଲାଗି କୁହାଯାଇଛି। ଏହାପରେ ପ୍ରତ୍ୟେକ ଜିଲା, ବ୍ଲକ୍, ମଣ୍ଡଳ ଏବଂ ପଞ୍ଚାୟତସ୍ତରରେ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ କିପରି ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ବିଜୟ ହାସଲକଲା ଏହାର ବାର୍ତ୍ତା ଦେବାକୁ ତ୍ରିରଙ୍ଗା ଯାତ୍ରା କରାଯିବ। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର କଳିଙ୍ଗ ଷ୍ଟାଡିୟମ ଠାରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭହୋଇ ରାଜଭବନ ପର୍ଯ୍ୟନ୍ତ କରାଯାଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ।

# ୧୮ ଯାଏ ବଜ୍ରପାତ ଭୟ

ଭୁବନେଶ୍ୱର, ୧୪।୫
(ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୬ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ମାତ୍ର ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ସହ ଝଟ୍‌କା ପବନ ଓ ବର୍ଷା ସମ୍ଭାବନା ରହିଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନୂଆପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାଗୁଡ଼ିକରେ ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ବିଜୁଳି ଘଡ଼ଘଡ଼ି ସହ ଝଟକାପବନର ବେଗ ୫୦-୬୦ କିଲୋମିଟର ରହିପାରେ। ଏହିସବୁ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ମଧ୍ୟାହ୍ନ ଓ ଅପରାହ୍ନରେ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ଓ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।

# ଜେଲ ଗଲେ ପୂର୍ବତନ ଜିଲା ପରିଷଦ ସଭ୍ୟ

ଚଣ୍ଡିଖୋଲ,୧୪।୫(ପ୍ରଦୀପ୍ତ କୁମାର ପୃଷ୍ଟି)

ଗଣ୍ଡଗୋଳ ମାମଲାରେ ଛନ୍ଦି ହୋଇଥିବା ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ ଓରଫ ଦିଲୁଙ୍କ ଜାମିନ ଆବେଦନକୁ ବୁଧବାର ଚଣ୍ଡିଖୋଲ କୋର୍ଟ ଖାରଜ କରିଛନ୍ତି। ଫଳରେ ତାଙ୍କୁ ରଗଡ଼ି ସବ୍‌ଜେଲକୁ ପଠାଇ ଦିଆଯାଇଛି। ସରକାରୀ ଓକିଲ ଦେବରାଜ ବେହେରାଙ୍କ ସୂଚନା ଅନୁଯାୟୀ, ବଡ଼ଚଣା ଥାନା ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ପୀଠରେ ଗତ ମାସ ୧୮ ତାରିଖରେ ଏକ ଭୋଜି ସମୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ନିରଞ୍ଜନ ଗୁଳିଫୁଟାଇ ଲୋକଙ୍କୁ ଭୟଭୀତ କରିଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ୨ଟି ଗଣ୍ଡଗୋଳରେ ମଧ୍ୟ ନିରଞ୍ଜନ ସମ୍ପୃକ୍ତ ଥିଲେ। ହାଇକୋର୍ଟଙ୍କ ଆଦେଶ ମୁତାବକ ବୁଧବାର ସେ ପୁରୁଣା ମାମଲାରେ ଚଣ୍ଡିଖୋଲ କୋର୍ଟରେ ହାଜର ହେବାର ଥିଲା। ତାଙ୍କୁ ଅନ୍ତରୀଣ ଜାମିନ ମିଳିବାର ଥିଲା। ପୂର୍ବ ୨ ମାମଲା ପରେ ଯଦି ସେ ଅନ୍ୟ ମାମଲାରେ ଛନ୍ଦି ହେବେ ତେବେ ତାଙ୍କୁ ପୂର୍ବ ଦୁଇ ମାମଲାରେ ଜାମିନ ମିଳିପାରିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ସର୍ତ୍ତ ରଖିଥିଲେ। ତେବେ ପୂର୍ବ ଦୁଇ ମାମଲାରେ ସେ କୋର୍ଟକୁ ଜାମିନ ପାଇଁ ଆସିଥିବାବେଳେ ଚଣ୍ଡିଖୋଲ କୋର୍ଟର ବିଚାରପତି ତାଙ୍କ ଜାମିନ ନାମଞ୍ଜୁର କରି ଦେଇଛନ୍ତି।

# ଡେଟୋନେଟର ଯୋଗୁ ହୋଇଥିଲା ବିସ୍ଫୋରଣ

ଚଣ୍ଡିଖୋଲ/ଛତିଆ,୧୪।୫(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆଠାରେ ଡେଟୋନେଟର ଯୋଗୁ ବିସ୍ଫୋରଣ ହୋଇଥିବା ବୁଧବାର ସ୍ପଷ୍ଟ ହୋଇଛି। ଥାନା ଅଧିକାରୀ ଅଂଶୁମାଳା ଦାସ କହିଛନ୍ତି, ଏହା ବୋମା ନ ଥିଲା, ଡେଟୋନେଟର ଥିଲା। ଏହା ମାଛ ମାରିବା ପାଇଁ ବ୍ୟବହାର ହୋଇଥାଏ। ସେମାନେ ଏହାକୁ ସାଥିରେ ନେଇ ଯିବା ସମୟରେ କୌଣସି କାରଣରୁ ବିସ୍ଫୋରଣ ହୋଇଥିଲା। ଏହାକୁ ନେଇ ପୋଲିସ ନଂ.୯୮/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟ ସବୁ ଦିଗରୁ ତଦନ୍ତ କରାଯାଉଛି। ତଦନ୍ତ ପରେ ଆଉ କିଛି ତଥ୍ୟ ମିଳିପାରେ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଛତିଆଠାରେ ବିସ୍ଫୋରଣ ହୋଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265




Positively health benefits spa expert female therapist homely atmosphere. 9114559860. D-542

Newly open Jyoti SPA positively health benefits (Expert therapist). 8458067955. D-76912

Relax, Refresh your body, mind at Saikrupa SPA with best therapies. 7848011468. D-363

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:— classifieddharitri@gmail.com

Newly open health benefits SPA by expert therapist. Contact- 8280961126. D-76913

## AFFIDAVIT

By virtue of an affidavit sworn before the Notary Public, Dharmasala, dated 13.05.2025, I, Charulata Bhuyan, Address: At/P.O./P.S.- Nihalprasad, Dist.- Dhenkanal, Odisha- 759016 declare that I have changed my name from Damayanti Bhuyan to Charulata Bhuyan. Henceforth, I shall be known as Charulata Bhuyan for all purposes. D-532

I, Santosh Sahoo, R/o-L-II- 88, Kalinga Bihar, Rourkela-15, P.S.- Chhend, Dist.- Sundargarh, Odisha declare that my daughter's name has been wrongly mentioned as Sibangini Sahoo instead of Shivangi Sahoo in her Aadhaar card. By this affidavit No. A/57 dated 13.05.25 sworn before the Executive Magistrate, Rourkela, I have changed her name to Shivangi Sahoo for all purposes. D-543

By virtue of an affidavit sworn before the Notary Public, Sambalpur, No. 2535 dt.13.5.2025, I, Soumya Sambedant Pati, At/P.O.- Jharuapara, Dist.- Sambalpur, (Odisha) have changed my name from SAMYA SAMBADANT PATI to SOUMYA SAMBEDANT PATI. Henceforth, I shall be known as SOUMYA SAMBEDANT PATI for all purpose. D-544

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Bulbul Makar, formerly called Padmalaya Makar, D/o- Niranjan Makar, currently residing at Kharmunda, P.O.- Badrama, P.S.- Jamankira, Dist.- Sambalpur, PIN- 768107 declare by this affidavit No. 720 dated 08.05.2025 sworn before the Notary Public, Jamankira, I have changed my name from Padmalaya Makar to Bulbul Makar. Henceforth, I shall be known as Bulbul Makar for all purposes. D-545

I, Sreenivas Mahapatro, S/o- Kesava Mahapatro, resident of Plot No.- 2669, Badagada Brit Colony, P.S.- Badagada, P.O.- Badagada Brit Colony, Bhubaneswar, Dist.- Khurda, Odisha, PIN- 751018, declare by this affidavit No.- 15514, dt- 13.05.2025, that now onwards I shall be known as Sreenivas Mohapatra, S/o- Kesava Mohapatra for all future purposes. D-76453

I, BISMITA SATAPATHY, mother of PRATIKSHYA DASH, W/o- Pranaya Kumar Dash, resident of plot 2F/516, Sector 11, Markat Nagar, Bidanasi, Cuttack Sadar-753014, Odisha declare by this affidavit No.-30, dtd. 08.05.2025 that now onwards I shall be known as BISMITA SATAPATHY for all future purposes. D-552

By virtue of an affidavit sworn before Executive Magistrate, Bhubaneswar, dated 14.05.2025, I, Rita Pradhan, Address: At- Kantapanhara, P.O.- Gholapur, P.S.- Banki, Dist.- Cuttack, PIN- 754029 declare that I have changed my name from Rita Behera to Rita Pradhan. Henceforth, I shall be known as Rita Pradhan for all purposes. Rita Pradhan D-547

By virtue of an affidavit sworn before the Executive Magistrate, Tangi- Choudwar, dated 19.04.2025, I, Dilu Barik, Address: At- Mania, P.O.-Uchapada, P.S.- Tangi, Dist.-Cuttack, Odisha- 754022 declare that I have changed my daughter's name from Anwsesha Priyadarsirni Barik to Anwesha Priyadarsini Barik. Henceforth, she shall be known as Anwesha Priyadarsini Barik for all purposes. D-551

ମୁଁ ଜଶ୍ମୀନ ମାଝୀ, ପିତା- ପ୍ରସନ୍ନ ମାଝୀ, ଗ୍ରାମ- ରାଜ ଜଙ୍କିଆ, ପୋଷ୍ଟ- କାମଗୁରୁ, ଜିଲ୍ଲା- ନୟାଗଡ଼, ସତ୍ୟପାଠକରି ୦୫।୧୧।୨୦୨୪ ତାରିଖରେ ମୋର ପୂର୍ବ ନାମ ପୂର୍ଣ୍ଣିମା ରାଣୀ ମାଝୀକୁ ବଦଳାଇ ଆଜିଠାରୁ ଜଶ୍ମୀନ ମାଝୀ ନାମରେ ପରିଚିତ ହେବି। ଜଶ୍ମୀନ ମାଝୀ ଓ ପୂର୍ଣ୍ଣିମା ରାଣୀ ମାଝୀ ଗୋଟିଏ ବ୍ୟକ୍ତି ଅଟନ୍ତି। ଏଣିକି ମୋର ପ୍ରତ୍ୟେକ କାମରେ ମୁଁ ଜଶ୍ମୀନ ମାଝୀ ନାମରେ ପରିଚିତ ହେବି। ଧ-୫୩୬

I, Prabhat Jut, S/o- Sudam Jut (Father), Hema Jut (Mother) & Rina Kumari Jut (Wife), Resident of Vill- Goudanuagam, P.O.- B.N.Pur, P.S.- Purushottampur, Dist.- Ganjam, Odisha, 761032 declare by this affidavit No.- 829, Dt-14.05.2025 that now onwards I shall be known as Prabhat Juti, S/o- Sudam juti (Father), HemaJuti (Mother) & Rina Kumari Juti (Wife) for all future purposes. D-550

By virtue of an affidavit sworn before Executive Magistrate, Basudevpur, dated- 10.02.2025, I, Harihar Biswal, S/o- Siba Prasad Biswal, At- Chhatra Pur, P.O.- Patanamishra Pur, P.S.- Nayakanidihi, Dist.- Bhadrak, declare that I have changed my daughter's name from Rojalin Biswal to Rojali Biswal. Henceforth, she shall be known as Rojali Biswal for all purposes. D-538

I, Jajneswar Behera, S/o- Nityananda Behera, At- Chanchhipada, Post.- Kuradhika, P.S.- Baisinga, Dist.- Mayurbhanj, PIN- 757052, declare vide affidavit No.- 25/5, dt- 14.05.25, that I have changed my name from Yaengyaswar Behera to new name Jajneswar Behera for Aadhaar card name correction and all purposes. D-537

By virtue of an affidavit sworn before Notary Public, Rayagada Vide affidavit No.8361 on dated 8th May 2025, I, Akasapu Deepa, Wife of Sri Akasapu Srinivas Rao, Resident of B.C.Road, P.O.- Jayakaypur, P.S.- Chandili, Dist.- Rayagada, Odisha have changed my name from A.Deepa to Akasapu Deepa. Henceforth, I shall be known as Akasapu Deepa in all purposes. Sd./- Akasapu Deepa D-549

By virtue of an affidavit sworn before the Executive Magistrate, Dharmasala, dated 13.05.2025, I, Sabita Jena, Address: At/P.O.-Kadampal, P.S.- Balichandrapur, Dist.- Jajpur, Odisha-755008 declare that I have changed my son's name from Sipu Jena to Sipun Jena. Henceforth, he shall be known as Sipun Jena for all purposes. D-548

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତଃ ଶ୍ରୀଯୁକ୍ତ ଜୟକୃଷ୍ଣ ମହାନ୍ତି
(ଆଦର୍ଶ ଶିକ୍ଷକ)
ଏରବଙ୍ଗ, ଗୋପ, ପୁରୀ
ଦୀର୍ଘ ବାଇଶି ବର୍ଷ ହେଲା ଆପଣ ସବୁ ହସ ନେଇ ଲୁହ ଦେଇ ଚାଲିଗଲେ। ଆପଣଙ୍କର ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହୋଇଯାଉ, ଏତିକି ପ୍ରାର୍ଥନା।
-:ଆପଣଙ୍କ ଶୋକାକୁଳ:-
ପରିବାର ଏବଂ ବନ୍ଧୁବର୍ଗ
ଧ-୭୬୦୫୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ମାର୍କଣ୍ଡ ସାହୁ
ଲେନ୍-୩, ଫେଜ୍-୧, ଏ/ଏଲ-୧୩୨, ଭିମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୨୩.୦୧.୧୯୪୦ - ତିରୋଧାନ: ୦୫.୦୫.୨୦୨୫
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁଅ- କୀର୍ତ୍ତି, ବୋହୂ- ବସନ୍ତ ମଞ୍ଜରୀ, ନାତି- ଅଭିନୀତ, ନାତୁଣୀ- ଅଭିଲିପ୍ସା ଓ ଶୋକାକୁଳ ସାହୁ ପରିବାରବର୍ଗ।
ଧ-୭୬୮୨୫

୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି

୰ଭୁବନ ବିହାରୀ କର
ଆବିର୍ଭାବ: ୦୩।୦୪।୧୯୫୯
ତିରୋଧାନ: ୧୬।୦୫।୨୦୧୪
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା।
ଇତି ଆପଣଙ୍କର- ମିତୁ, ରିତୁ ଓ ସିଙ୍କୁ
ଧ-୪୧୫

# ସମୟାନୁବର୍ତ୍ତୀ ଭୂମି


ଭୂମି

ଯାହା କୁହନ୍ତୁ ନା କାହିଁକି ଭୂମି ପେଦେନକରଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। ବର୍ତ୍ତମାନ ସେ ସ୍ପେନ୍‌ରେ ଡେରା ପକାଇଛନ୍ତି। ସେଠାକୁ ସେ ବୁଲିବାକୁ ଯାଇନାହାନ୍ତି। ବର୍ତ୍ତମାନ ସେ ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରୁଛନ୍ତି। ଆଉ ଶୁଟିଂ ପାଇଁ ସେ ସେଠାକୁ ଯାଇଛନ୍ତି। ନିକଟରେ ଏହାର ଏକ ଗୀତର ଶୁଟିଂ କରାଯାଉ ଥାଏ। ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ଭୂମି ଯାଇ ସେଠାରେ ହାଜର। ଯେତେବେଳେ ୟୁନିଟ୍ ସେଠାରେ ପହଞ୍ଚିଲା, ସମସ୍ତେ ଭୂମିଙ୍କୁ ଦେଖି ତାଜୁବ ହୋଇଗଲେ। ହେଲେ ତା'ପରେ ଏହାର କାରଣ ସେ ବଖାଣିଥିଲେ। ଏ ସମ୍ପର୍କରେ ସେ କହନ୍ତି, ''ଏହି ଗୀତର ଶୁଟିଂ ଆରମ୍ଭ ହେବାର ତିନି ଘଣ୍ଟା ପୂର୍ବରୁ ମୁଁ ଏଠାକୁ ଆସିଛି। ଯେହେତୁ ଏହା ଇନ୍‌ଡୋର ଶୁଟିଂ ତେଣୁ ଏଠାରେ ମୁଁ କିଛି ସମୟ ପ୍ରାକ୍ଟିସ କରୁଥିଲି। ଆଶା ରଖିଛି ଏହି ଗୀତଟି ଦର୍ଶକଙ୍କୁ ନିଶ୍ଚୟ ଏଣ୍ଟରଟେନ୍ କରିବ।'' ସେପଟେ ଭୂମି ଅଭିନୟ କରିଥିବା ଏକ ୱେବ୍ ସିରିଜ୍ ହିଟ୍ ପର୍ଯ୍ୟାୟଭୁକ୍ତ ହୋଇଛି। ଏହାର ଟାଇଟଲ ରହିଛି 'ଦ ରୟାଲ'। ଚଳିତ ମାସ ୯ ତାରିଖରୁ ଏହାର ଷ୍ଟ୍ରିମିଂ ଆରମ୍ଭ ହୋଇଛି। ଏଥିରେ ଭୂମିଙ୍କ ବ୍ୟତୀତ ଈଶାନ ଖଟ୍ଟର ମଧ୍ୟ ଅଭିନୟ କରିଛନ୍ତି। ଭୂମିଙ୍କ ଅଭିନୀତ ଶେଷ ଫିଲ୍ମ 'ମେରେ ହଜ୍‌ବ୍ୟାଣ୍ଡ କା ବିବି' ଚଳିତ ବର୍ଷ ଫେବୃଆରୀରେ ରିଲିଜ ହୋଇଥିଲା। ମୁଦାସର ଅଜିଜଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ଥିଲେ ଅର୍ଜୁନ କପୁର।

# ନିଃସର୍ତ୍ତ


ପ୍ରତୀକ୍ଷା-ବିକ୍ରମ

ପ୍ରେମ କେଉଁଠି କେମିତି ଆରମ୍ଭ ହୁଏ ତାହା ଆକଳନ କରିବା କଷ୍ଟକର। ତେବେ ବେଳେବେଳେ ପ୍ରଥମ ଦେଖାରେ ହିଁ ପ୍ରେମ ସୃଷ୍ଟି ହୋଇଥାଏ। ସେଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ରଚିତ ଗୀତଟିକୁ ଆଧାର କରି ପ୍ରସ୍ତୁତ ହୋଇଛି ମ୍ୟୁଜିକ ଭିଡିଓ 'ନିଃସର୍ତ୍ତ। ଆମର ମ୍ୟୁଜିକ ଦ୍ୱାରା ରିଲିଜ ହୋଇଥିବା ଏହି ଭିଡିଓ ପ୍ରାରମ୍ଭରୁ ସଫଳତା ସାଉଁଟିବାରେ ସଫଳ ହୋଇଛି। ଚଳଚ୍ଚିତ୍ର ତଥା ଧାରାବାହିକ ଅଭିନେତା ବିକ୍ରମ ଓ ପ୍ରତୀକ୍ଷାଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ଏହି ଭିଡିଓଟିରେ ଏକ ନିଚ୍ଛକ ଭଲପାଇବାର କାହାଣୀ ଦେଖିବାକୁ ମିଳିଛି। ଗୌରବ ଆନନ୍ଦ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା ଏବଂ ଗୌରବ। ଭିଡିଓଟିର ନିର୍ଦ୍ଦେଶନା ଦେଇଛନ୍ତି ବାବୁ ବାବୁ। ଭିଡିଓ ବିଷୟରେ ସେ କହନ୍ତି, ''ଏହାର ପିକ୍ଚରାଇଜେଶନ କରିବା ସମୟରେ ମୁଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଥିଲି। ତା'ସହ ବିକ୍ରମ ଏବଂ ପ୍ରତୀକ୍ଷାଙ୍କ ଗୀତଟିରେ ବେଶ୍ ସୁନ୍ଦର ଅଭିନୟ କରିଛନ୍ତି। ଏହି ଭିଡିଓଟି ଆହୁରି ଦର୍ଶକାଦୃତ ହେବ ବୋଲି ଆଶା ରଖିଛି।'' ବାବୁ ବାବୁ ଏହାପୂର୍ବରୁ ଏ ମେଘି ଏ ମେଘି , ଦିଲ୍ ଟା ନେଇଗଲା, ଦିଲ ସାରା ରା ରା , ଯାଦୁଗରୀ ମନ ମୋହିନୀ, ପ୍ରେମ ଖବର, ସାଜିବୁ ମୋ ସୁହାଗ ସିନ୍ଦୂର , ଦିଲ୍ ହେଲା କୁଟୁ କୁଟା ଆଦି ୧୦୦ ରୁ ଉର୍ଦ୍ଧ୍ୱ ମ୍ୟୁଜିକ ଭିଡିଓର ନିର୍ଦ୍ଦେଶନା ଦେଇସାରିଛନ୍ତି। ସବୁଠାରୁ ଖାସ୍ କଥା ହେଲା ଯେ ଖୁବ୍ ଶୀଘ୍ର ଏହି ନିର୍ଦ୍ଦେଶକ ବଡ ପରଦାରେ ପାଦ ଥାପିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି।

# ସମୟ ହୋଇନାହିଁ

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଆଲୋଚନାର ଶିରୋନାମା ପାଲଟିଛନ୍ତି। ଶୁଣିବାକୁ ମିଳୁଛି ଯେ ସେ କୁଆଡ଼େ ଚଳିତବର୍ଷ ହାତକୁ ଦି'ହାତ ହେବାକୁ ଯାଉଛନ୍ତି। ଏ କଥା ଯେତେବେଳେ ତାଙ୍କ କାନରେ ପଡ଼ିଥିଲା ସେ ବା କେମିତି ଚୁପ୍ ହୋଇ ବସି ରହନ୍ତେ କହୁନାହାନ୍ତି? ଆଉ ଏପରି କଥା ଶୁଣି ସେ ଯେତିକି ଅଭିମାନ କରିଥିଲେ ସେତିକି ଦୁଃଖ ମଧ୍ୟ ପ୍ରକାଶ କରିଥିଲେ। ଏଭଳି କଥାକୁ ନେଇ ସାରା କୁହନ୍ତି, 'କେହି ଜଣେ ମୋତେ ଅଯଥା ବଦନାମ୍ କରିବାକୁ ଏଭଳି ପ୍ରଚାର କରୁଛନ୍ତି। ମୋର ଏବେ ମ୍ୟାରେଜ୍ କରିବାର କୌଣସି ଯୋଜନା ନାହିଁ। କାରଣ ବର୍ତ୍ତମାନ ମୁଁ ମୋ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛି। ଯେତେବେଳେ ସେହି ଶୁଭ ସମୟ ଆସିବ ସେତେବେଳେ ସେକଥା ସମସ୍ତେ ଜାଣିବେ। କାରଣ ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ। ତେଣୁ ଏପରି କଥାକୁ କେହି ବିଶ୍ୱାସ ନ କରିବାକୁ ଅନୁରୋଧ କରୁଛି।'' ସାରା ଏବେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହୁଛନ୍ତି। ନିୟମିତ ଜିମ୍ ଯିବା ସହ ଡାଏଟିଂ ପ୍ରତି ନଜର ଦେଉଛନ୍ତି।


ସାରା

# ଶେଷରେ ମାନିଲେ ଶାହୀଦ

ଶାହୀଦ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ନିକଟରେ ସେ ତାଙ୍କର ପାରିଶ୍ରମିକ ଦୁଇ ଗୁଣା କରିଦେଇଛନ୍ତି। ଏକଥାକୁ ନେଇ ଯେତେବେଳେ ଆଲୋଚନା ଆରମ୍ଭ ହେଲା, ସେତେବେଳେ ସେ ଏ ନେଇ ନୀରବତା ଅବଲମ୍ବନ କରିଥିଲେ। ହେଲେ ଶେଷରେ ଏ ବିଷୟରେ ମୁହଁ ଖୋଲିବାକୁ ବାଧ୍ୟ ହୋଇଛନ୍ତି। ହଁ, ଏଭଳି ଘଟଣା ଘଟିଛି ସେ ଅଭିନୟ କରିଥିବା ୱେବ୍ ସିରିଜ୍ 'ଫର୍ଜି ୨'ରେ। ଏଭଳି ଘଟଣା ବିଷୟରେ ସଫେଇ ଦେଇ ଶାହୀଦ କହନ୍ତି, ''ବର୍ତ୍ତମାନ ଯାହା ଆଲୋଚନା ହେଉଛି ତାହା ସତ। ଏହି ସିରିଜ୍‌ରୁ ମୋର ଓଟିଟି ଡେବ୍ୟୁ ଆରମ୍ଭ ହୋଇଛି। ଯେତେବେଳେ ପ୍ରଯୋଜକ 'ଫର୍ଜି'ର ସିକ୍ୱେଲ ନିର୍ମାଣ କରିବାକୁ ଚାହିଁଲେ ସେତେବେଳେ ସେ ପ୍ରଥମେ ମୋ ସହ ଯୋଗାଯୋଗ କଲେ। ବେଶ୍ କିଛି ଦିନ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ମୁଁ ସେଥିରେ ଅଭିନୟ କରିବାକୁ ରାଜି ହୋଇଥିଲି। କିନ୍ତୁ ପ୍ରଯୋଜକ କହିଥିଲେ ଯେ 'ଆପଣଙ୍କ ପାଇଁ ଏକ ସରପ୍ରାଇଜ ଅଛି।' ତା'ପରେ ସେ ମୋତେ ୪୫ କୋଟି ଟଙ୍କାର ଏକ ଚେକ୍ ଦେଇଥିଲେ। ଆଉ ତାହାକୁ ଦେଖିବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ଯାହାହେଉ ସେ ମୋ ପରିଶ୍ରମର ମୂଲ୍ୟ ବୁଝିଛନ୍ତି। ହେଲେ ଏ ନେଇ ମୋ ପଟରୁ କୌଣସି ଅନୁରୋଧ କରାଯାଇ ନ ଥିଲା।'' ବର୍ତ୍ତମାନ ଶାହୀଦ ନିର୍ମାଣାଧୀନ ହିନ୍ଦୀ ସିନେମା 'କକ୍‌ଟେଲ ୨'ରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କ ବ୍ୟତୀତ ରଶ୍ମିକା ମନ୍ଦାନା ଏବଂ କୀର୍ତ୍ତି ସାନନଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ଶାହୀଦ

# ଯାହା ଖୋଜୁଥିଲେ ଦୀପକ...



ଦୀପକଙ୍କ ଖୁସି ଏବେ କହିଲେ ନସରେ। ଏହାବ୍ୟତୀତ ସେ ଏବେଠାରୁ ଦିନ ଗଣିବା ମଧ୍ୟ ଆରମ୍ଭ କରିଦେଲେଣି। ହେଲେ କ'ଣ ପାଇଁ ଜାଣିବେନି ? କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ଆଶୀକ ଦିୱାନା' ରିଲିଜ ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ତାଙ୍କୁ ଯେଉଁ ଭୂମିକାଟି ମିଳିଛି ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ସେ ଆଶା ରଖିଛନ୍ତି। ଏ ନେଇ ସେ କହନ୍ତି, ''ଏହି ଫିଲ୍ମଟିର କାହାଣୀ ଶୁଣିବା ସମୟରେ ମୁଁ ଜାଣିସାରିଥିଲି ଯେ ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ସେଥିରେ ଏଭଳି ମସଲା ରହିଛି, ଯାହା ଦର୍ଶକଙ୍କ ମନ ଜିଣିବାରେ ନିଶ୍ଚୟ ସହାୟକ ହେବ। ପ୍ରଯୋଜକ ଯେଉଁ ଭରସା ରଖି ମୋତେ ଏହି ରୋଲ୍‌ଟି ଦେଇଛନ୍ତି ତାହାକୁ ଶତ ପ୍ରତିଶତ ତୁଲାଇଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ମହାଦେବ ଫିଲ୍ମସ ବ୍ୟାନରରେ ଏହି ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ବରିଷ୍ଠ ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଏହାର ସହ-ପ୍ରଯୋଜକ ଅଛନ୍ତି ସଞ୍ଜୀବ ବିଶ୍ୱାଳ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏନ. ପଦ୍ମା। ଏହି ଫିଲ୍ମରେ ଦୀପକଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା।


କଙ୍ଗନା

# ଅବସୋସ

ଅତୀତର ଭୁଲ୍ ପାଇଁ ସ୍ୱପ୍ନା ମାତୃତ୍ୱ ଲାଭରୁ ବଞ୍ଚିତ ହୋଇ ଲାଞ୍ଛନାର ଶିକାର ହୁଏ। ବିବାହ ପୂର୍ବରୁ ରାକେଶ ସାଥିରେ ଲିଭ ଇନ ରିଲେଶନ୍‌ରେ ରହି ବାରମ୍ବାର ଗର୍ଭପାତ କରିଥାଏ ରଖିଥିବା ସ୍ୱପ୍ନାର ଆଶା କ'ଣ ପୂରଣ ହୁଏ ? ଏହାର ଉତ୍ତର ରହିଛି ନିକଟରେ ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପରେ ପରିବେଷିତ, ନୀଳକଇଁ ପ୍ରଯୋଜିତ ଏବଂ ଟିମ୍ ନିବେଦିତ ନାଟକ 'ଅବସୋସ'ରେ।


ନାଟକ 'ଅବସୋସ'ର ଏକ ଦୃଶ୍ୟ

ସେ । ତା'ପରେ ହୋଇପଡେ ମାନସିକ ଅବସାଦଗ୍ରସ୍ତ । ଅବଚେତନ ସ୍ତରରେ ଶିଶୁକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ କରେ । ସ୍ୱାମୀ ରାକେଶ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତି । ଆଉ ତା'ପରେ କ'ଣ ହୁଏ ? ମା' ହେବାର ଆଶା ନାଟ୍ୟକାର ଡ. ରଜନୀ ରଞ୍ଜନଙ୍କ ମନଛୁଆଁ ସଂଳାପ ଏବଂ ଶତ୍ରୁଘ୍ନ ସାମଲଙ୍କ ବଳିଷ୍ଠ ନିର୍ଦ୍ଦେଶନା ସହ ସୁଧାଂଶୁବାଳା (ସ୍ୱପ୍ନା), ଦିଲ୍ଲୀପ ବିଶ୍ୱାଳ (ରାକେଶ), ଶିଶୁ କଳାକାର ଫିଓନା, ମିଲି ମିଶ୍ର, ଶକ୍ତି ମହାପାତ୍ର, ଶ୍ରେୟା ଓ ଅସ୍ମି ପ୍ରମୁଖଙ୍କ ଅଭିନୟ ନାଟକଟିକୁ ସଫଳ କରିଥିଲା।

# ପ୍ରୀତିରାଜ ଯାହା ଭାବୁଥିଲେ...



ନୂଆ ଓଡ଼ିଆ ସିନେମାରେ ଅଭିନେତା ପ୍ରୀତିରାଜ ଶତପଥୀଙ୍କୁ ଟୁ-ଇନ୍-ୱାନ୍ ରୂପରେ ଦେଖିବାକୁ ମିଳିବ। ପ୍ରଥମ କଥା ହେଲା, ଏହି ଫିଲ୍ମରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତା'ସହ ଏହାର ସହ ଆସୋସିଏଟ୍ ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ଆଫା'। କାହାଣୀ ଅନୁସାରେ ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ ମାଡିଆସେ। କିନ୍ତୁ ଏଭଳି ଏକ ଘଡିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହନ୍ତ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ଖାସ୍ କଥା ହେଲା ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ। ପ୍ରୀତିରାଜ, ନୈନା ଦାଶ, କୁନା ତ୍ରିପାଠୀ, ହର ରଥ ଏବଂ ଶିଶୁ କଳାକାର ଅନମୋଲ ପତି ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି।

# କେବଳ ଅଭିନୟ ପାଇଁ...

ବଲିଉଡ୍‌ରେ କଙ୍ଗନା ରାଣାୱତ ଅନେକ ସିନେମାରେ ନିଜର ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ଅଭିନୟ ଦୁନିଆରେ ପାଦ ରଖିବା ପୂର୍ବରୁ ସେ ମଡେଲିଂ କରୁଥିଲେ। ଏପରି କି ନିଜ ଲକ୍ଷ୍ୟ ପୂରଣ ପାଇଁ ସେ ଘର ଛାଡିବାକୁ ବାଧ୍ୟ ହୋଇଥିଲେ। ହେଲେ ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କ'ଣ କରୁଥାଆନ୍ତେ ? ଏଭଳି ପ୍ରଶ୍ନର ଉତ୍ତରରେ କଙ୍ଗନା କହନ୍ତି, ''ପାଠ ପଢ଼ିବା ସମୟରେ ମୋର ଲକ୍ଷ୍ୟ ଅଲଗା ଥିଲା। ଜଣେ ଡାକ୍ତର ହୋଇ ଲୋକଙ୍କର ସେବା କରିବାକୁ ମନସ୍ଥ କରିଥିଲି। ସେଥିପାଇଁ ପାଠପଢ଼ା ପାଇଁ ଦିନରାତି ଏକ କରିଦେଇଥିଲି। ହେଲେ କ'ଣ ହେବ ? ମୋ ଭାଗ୍ୟରେ ଆଉ କିଛି ଲେଖା ଥିଲା। ଘର ଛାଡି ମୁମ୍ବାଇ ଆସିବା ପରେ ମୁଁ ମଡେଲିଂ ଆରମ୍ଭ କରିଥିଲି। କିନ୍ତୁ ମହେଶ ଭଟ୍ଟ ସତେଯେମିତି ମୋ ଭିତରେ ଥିବା ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ପାରିଥିଲେ। 'ଗ୍ୟାଙ୍ଗଷ୍ଟର' ଫିଲ୍ମରେ ଅଭିନୟ କରିବାକୁ ଯେତେବେଳେ ସେ ମୋତେ ସିଲେକ୍ଟ କଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ଏହାର ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଟିପ୍ସ ମୋତେ ଆକ୍ଟିଂରେ ଆଗକୁ ଆଗେଇବାରେ ଅନେକ ସାହାଯ୍ୟ କରିଥିଲା।''

# ହର୍ଷବର୍ଦ୍ଧନ ଶ୍ରେଷ୍ଠ ଲିଫ୍ଟର, ଜ୍ୟୋତ୍ସ୍ନା ରନରଅପ୍

**ଭୁବନେଶ୍ୱର, ୧୪।୫ (ତପନ ସ୍ୱାଇଁ)**

ଓଡ଼ିଶା ଭାରୋତ୍ତୋଳନ ପାଇଁ ଏକ ଭଲ ଖବର। ବିହାରର ରାଜଗିରଠାରେ ଅନୁଷ୍ଠିତ ୭ମ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ ପୁରୁଷ ବର୍ଗରେ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିବାବେଳେ ମହିଳା ବର୍ଗରେ ରନରଅପ୍ ହୋଇଛନ୍ତି ଜ୍ୟୋତ୍ସ୍ନା ଶବର। ସବୁ ବର୍ଗର ପ୍ରତିଯୋଗିତା ଶେଷରେ ହର୍ଷବର୍ଦ୍ଧନ ୭୫୪.୧୦୮ ପଏଣ୍ଟ ହାସଲକରି ପ୍ରଥମ ସ୍ଥାନ

**ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ**

ଅଧିକାର କରିଛନ୍ତି। ମହାରାଷ୍ଟ୍ରର ଯଶ୍ ଖଣ୍ଡାଗଲେ ୭୩୫.୭୮୨ ପଏଣ୍ଟ ହାସଲକରି ରନରଅପ୍ ଏବଂ ପୁଣେର ସୁନୀଲ ସିଂ ୬୧୧.୩୫୫ ପଏଣ୍ଟ ସହ ତୃତୀୟ ସ୍ଥାନ ପାଇଛନ୍ତି। ସେହିପରି ମହିଳା ବର୍ଗରେ ଜ୍ୟୋତ୍ସ୍ନା ୭୧୪.୩୬୮ ପଏଣ୍ଟ ହାସଲକରି ରନରଅପ୍ ହୋଇଛନ୍ତି। ଆସାମର ଐସିଙ୍ଗ୍ଫା ଗୋଗୋଇ ୭୬୯.୭୩୯ ପଏଣ୍ଟ ସହିତ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିବାବେଳେ ମହାରାଷ୍ଟ୍ରର ଅସ୍ମିତା ଧୋନେ ୬୯୧.୦୯୧ ପଏଣ୍ଟ ସହିତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଶା ଲିଫ୍ଟର ମୀନା ସାନ୍ତା ୬୮୯.୦୪୭ ପଏଣ୍ଟ ସହ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି।

ପ୍ରକାଶଯୋଗ୍ୟ, ହର୍ଷବର୍ଦ୍ଧନ ୨ଟି ଜାତୀୟ ଯୁଥ୍ ରେକର୍ଡ ସହ ୪୯ କିଗ୍ରା ବର୍ଗରେ ମୋଟ ୨୦୩ କେଜି ଭାର ଉତ୍ତୋଳନ କରି ଐତିହାସିକ ସଫଳତା ପାଇଥିଲେ। ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ସହ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ଯୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ। ସ୍ନାଚ୍‌ରେ ସେ ୮୮ କେଜି ଉଠାଇଥିଲେ। ଗତବର୍ଷ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ଯୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ଥିଲେ। ହର୍ଷବର୍ଦ୍ଧନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ନିକଟରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ଯୁଥ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ୧୮ ବର୍ଷୀୟ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ଯୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ସେହିପରି ୪୦ କେଜି ବର୍ଗରେ ସମୁଦାୟ ୧୨୨ କେଜି ଓଜନ ଉଠାଇ ଜ୍ୟୋତ୍ସ୍ନା ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେ ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୭ କେଜି ଉତ୍ତୋଳନ କରିଥିଲେ। ଜ୍ୟୋତ୍ସ୍ନା ଏବେ ଭୁବନେଶ୍ୱରରେ ଥିବା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରରେ ହଙ୍ଗେରୀ କୋଚ୍ ଜୋଲଟାନ ବାର୍ଟୋର୍ଫଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଗଜପତି ଜିଲା ପେକଟା ଗ୍ରାମର ଏକ କୃଷକ ପରିବାରରୁ ଆସିଥିବା ଜ୍ୟୋତ୍ସ୍ନା ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା କେ. ରବି କୁମାରଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରୁ ଆସିଥିଲେ। ଏବେ ମଧ୍ୟ ରବି କୁମାର ତାଙ୍କୁ ଟ୍ରେନିଂ ଦେଉଛନ୍ତି। ଜ୍ୟୋତ୍ସ୍ନା ନିଜ ସଫଳତାର ଶ୍ରେୟ ପରିବାର ଓ କୋଚ୍‌ଙ୍କୁ ଦେଇଛନ୍ତି।


ହର୍ଷବର୍ଦ୍ଧନ ସାହୁ ଓ ଜ୍ୟୋତ୍ସ୍ନା ଶବର।

# ଉଡେନ୍ ଜିତିଲେ ୪ର୍ଥ ଷ୍ଟେଜ୍

**ରୋମ୍, ୧୪।୫**

**ଗିରୋ ଡି ଇଟାଲିଆ-୨୦୨୫**

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୪ର୍ଥ ଷ୍ଟେଜ୍ ଜିତିଛନ୍ତି ନେଦରଲାଣ୍ଡ୍ସ ରାଇଡର କାସ୍ପର ଭାନ୍ ଉଡେନ। ଆଲବେରୋବେଲୋଠାରୁ ଲିସେ ପର୍ଯ୍ୟନ୍ତ ୧୮୯ କିଲୋମିଟର ବିଶିଷ୍ଟ ଫ୍ଲାଟ୍ ଷ୍ଟେଜ୍‌ରେ କାସ୍ପର ବିଜୟ ହାସଲ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଅନେକ ତାରକା ରାଇଡରଙ୍କ ଉପସ୍ଥିତି ସତ୍ତ୍ୱେ ପିକ୍‌ନିକ୍ ପୋଷ୍ଟଏନ୍‌ଏଲ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କାସ୍ପର ଚମକପ୍ରଦ ପ୍ରଦର୍ଶନ କରି ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ଏଥିସହିତ ସେ ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ (ୟୁସିଆଇ) ୱାର୍ଲ୍ଡ ର୍ୟାଙ୍କିଙ୍ଗ୍‌ରେ ପିକ୍‌ନିକ୍ ପୋଷ୍ଟଏନ୍‌ଏଲ୍ ଟିମ୍‌କୁ ରିଲିଗେଶନ ଜୋନ୍‌ରୁ ବାହାରକୁ ଆଣିଛନ୍ତି। ଭାନ୍ ଉଡେନଙ୍କର ଏହା ଥିଲା ପ୍ରଥମ ଗ୍ରାଣ୍ଡ ଟୁର୍ ଷ୍ଟେଜ୍ ବିଜୟ। ଅନ୍ତିମ କ୍ଷଣରେ ନେଦରଲାଣ୍ଡ୍ସର ଭୀଷ୍ମା-ଲିଆସେ ବାଇକ୍ ଟିମ୍ ରାଇଡର ଓଲାଭ କୋଇଜ୍‌ଙ୍କ ସହ ତାଙ୍କର କଡ଼ା ଟକ୍କର ହୋଇଥିଲା। ମାତ୍ର କୋଇଜ୍ ଦ୍ୱିତୀୟ ଓ ଟୁଡୋର ପ୍ରୋ ସାଇକ୍ଲିଂ ଟିମ୍‌ର ଅନ୍ୟତମ ନେଦରଲାଣ୍ଡ୍ସ ରାଇଡର ମାଇକେଲ ଜିଜ୍‌ଲାର୍ଡ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଲିଡଲ-ଟ୍ରେକ୍ ଟିମ୍‌ର ଡେନ୍‌ମାର୍କ ରାଇଡର ମ୍ୟାଡ୍ସ ପେଡେରଶନ ୪ର୍ଥ ସ୍ଥାନରେ ରହିଥିଲେ ହେଁ ଓଭରଅଲ୍ ଅଗ୍ରଣୀ ରହି ପିଙ୍କ୍ ଜର୍ସି ବଜାୟ ରଖିଛନ୍ତି।


ଚତୁର୍ଥ ଷ୍ଟେଜ୍ ରେସ୍ ଜିତିବାପରେ କାସ୍ପର ଭାନ୍ ଉଡେନ।

# ପୋପ୍ ଚତୁର୍ଦ୍ଦଶ ଲିଓଙ୍କୁ ଭେଟିଲେ ସିନର

**ଭାଟିକାନ ସିଟି, ୧୪।୫(ଏପି)**

ଟେନିସ ପ୍ରଶଂସକ ପୋପ୍ ଚତୁର୍ଦ୍ଦଶ ଲିଓଙ୍କୁ ବୁଧବାର ୱାର୍ଲ୍ଡ ନଂ-୧ ପୁରୁଷ ସିଙ୍ଗଲ୍ସ ଖେଳାଳି ଜାନିକ ସିନର ଭେଟିଥିଲେ। ସିନର ପୋପ୍‌ଙ୍କୁ ଏକ ଟେନିସ ର୍ୟାକେଟ ପ୍ରଦାନ କରିଥିବା ଭାଟିକାନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସିନରଙ୍କ ସହ ତାଙ୍କ ପରିବାର ସଦସ୍ୟ ଓ ଇଟାଲିଆନ ଟେନିସ ଫେଡେରେଶନ (ଆଇଟିଏଫ୍) ସଭାପତି ଆଞ୍ଜେଲୋ ବିନାଘି ଉପସ୍ଥିତ ଥିଲେ। ଡୋପ୍ ଜନିତ ୩ ମାସିଆ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରିଥିବା ସିନର ଚଳିତ ଇଟାଲିଆନ ଓପନ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ସିନର ମାଡ୍ରିଡ୍ ଓପନ ଚାମ୍ପିୟନ କାସ୍ପର ରୁଡଙ୍କୁ ଭେଟିବେ।


ପୋପ୍ ଚତୁର୍ଦ୍ଦଶ ଲିଓଙ୍କ ସହ ଜାନିକ ସିନର।

# ଓଡ଼ିଶା ଫୁଟ୍‌ବଲ ଦଳକୁ ରୌପ୍ୟ


ରୌପ୍ୟ ପଦକ ହାସଲକାରୀ ଓଡ଼ିଶା ଫୁଟବଲ ଦଳ।

**ଭୁବନେଶ୍ୱର, ୧୪।୫ (ତପନ ସ୍ୱାଇଁ)**

ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସରେ ଓଡ଼ିଶା ପୁରୁଷ ଫୁଟ୍‌ବଲ ଦଳ ଆକର୍ଷଣୀୟ ପ୍ରଦର୍ଶନ ଜାରି ରଖି ରୌପ୍ୟ ପଦକ ହାସଲ କରିଛି। ୧୮ ବର୍ଷରୁ କମ୍ ଓଡ଼ିଶା ଦଳ ବୁଧବାର ଅନୁଷ୍ଠିତ ଫାଇନାଲରେ ଝାଡ଼ଖଣ୍ଡକୁ କଡ଼ା ଟକ୍କର ଦେଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୨-୨ରେ ଡ୍ର ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟ ମଧ୍ୟ ରୋମାଞ୍ଚକ ଥିଲା। ମାତ୍ର ଓଡ଼ିଶା ଦଳ ୪-୫ ଗୋଲ ବ୍ୟବଧାନରେ ଝାଡ଼ଖଣ୍ଡଠାରୁ ହାରିଯାଇଥିଲା। ଲିଗ୍ ପର୍ଯ୍ୟାୟରେ ନିଜ ଗ୍ରୁପ୍‌ରେ ଟେବୁଲ ଟପ୍ପର ହୋଇ ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଥିଲା। ଗତ ୧୨ ତାରିଖରେ ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୫-୧ ଗୋଲରେ ମିଜୋରାମକୁ ହରାଇଥିଲା। ଓଡ଼ିଶା ପକ୍ଷରୁ ଭେଙ୍କଟେଶ୍ୱର ଓରାମ୍ ୨ଟି ଏବଂ ରୋନିକ ମାଝି, ଅବିନାଶ କିଷାନ ଓ ସାଙ୍କୋ ଶେଖର ହେମ୍ବ୍ରମ୍ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରନରଅପ୍ ହୋଇଥିବାରୁ ଓଡ଼ିଶା ଦଳକୁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଡିସି ଦଳରେ ମୁସ୍ତାଫିଜୁର ରହମାନ

**ନୂଆଦିଲ୍ଲୀ, ୧୪।୫(ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବୁଧବାର ବାଂଲାଦେଶର ବାମହାତୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଅଷ୍ଟ୍ରେଲିଆ ବ୍ୟାଟର ଜେକ୍-ଫ୍ରେଜର ମ୍ୟାକଗର୍କଙ୍କ ବଦଳ ଖେଳାଳି ଭାବେ ଦଳରେ ସାମିଲ କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବର୍ତ୍ତମାନ ଚାଲିଥିବା ଶତ୍ରୁତା ଯୋଗୁ ମ୍ୟାକ୍‌ଗର୍କ ବଳକା ଆଇପିଏଲ୍ ମ୍ୟାଚ୍ ଲାଗି ଭାରତ ଫେରିବାକୁ ମନା କରିଛନ୍ତି।

# କୋହଲି-ରୋହିତ ଗ୍ରେଡ୍ ଏ'ପ୍ଲସ୍‌ରେ ରହିବେ

**ମୁମ୍ବାଇ, ୧୪।୫:** ଅନ୍ତର୍ଜାତୀୟ ଟି୨୦ ଓ ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିବା ସତ୍ତ୍ୱେ ଭାରତୀୟ ଦଳର ଦୁଇ ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମା ଗ୍ରେଡ ଏ' ପ୍ଲସ କାଟେଗୋରୀରେ ରହିବେ। ଗତ ମାସରେ ବିସିସିଆଇ ୨୦୨୪-୨୫ ସିଜନ ଲାଗି ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ଘୋଷଣା କରିଥିଲା, ଯେଉଁଥିରେ କୋହଲି ଓ ରୋହିତଙ୍କୁ ଗ୍ରେଡ ଏ ପ୍ଲସ କାଟେଗୋରୀରେ ରଖାଯାଇଥିଲା। ସେମାନଙ୍କ ସହ ଯଶପ୍ରୀତ ବୁମରା ଓ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଏଥିରେ ସାମିଲ ଥିଲେ।

ଟି୨୦ ଓ ଟେଷ୍ଟରୁ ଅବସର ସତ୍ତ୍ୱେ କୋହଲି ଓ ରୋହିତ ଗ୍ରେଡ ଏ' ପ୍ଲସରେ ରହିବେ। ସେମାନେ ଏବେ ବି ଭାରତୀୟ କ୍ରିକେଟ ଦଳର ସଦସ୍ୟ। ସେମାନେ ଗ୍ରେଡ ଏ'ପ୍ଲସ କାଟେଗୋରୀର ସୁବିଧା ପାଇବେ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।

# କାଥରିନ, ମିରାଜ ପ୍ଲେୟର ଅଫ୍ ଦି ମନ୍ଥ

**ନୂଆଦିଲ୍ଲୀ, ୪।୫**

ସ୍କଟଲାଣ୍ଡ ମହିଳା କ୍ରିକେଟ ଅଧିନାୟିକା କାଥରିନ ବ୍ରେସ୍ ଓ ବାଂଲାଦେଶ ଅଲ୍‌ରାଉଣ୍ଡର ମେହିଦି ହାସନ ମିରାଜ ଏପ୍ରିଲ-୨୦୨୫ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ହାସଲ କରିଛନ୍ତି। ଏ କ୍ଷେତ୍ରରେ କାଥରିନ ୱେଷ୍ଟଇଣ୍ଡିଜର ହିଲି ମାଥ୍ୟୁସ ଓ ପାକିସ୍ତାନର ଫାତିମା ସାନାଙ୍କୁ ପଛରେ ପକାଇ ଦେଇଛନ୍ତି। ପାକିସ୍ତାନରେ ଅନୁଷ୍ଠିତ ୱାର୍ଲ୍ଡକପ୍ କ୍ୱାଲିଫାୟରରେ କାଥରିନ ଟପ୍ ସ୍କୋରର ହେବା ସହ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେହିପରି ମିରାଜ ପୁରସ୍କାର ଦୌଡ଼ରେ ଥିବା ଜିମ୍ବାୱେର ବ୍ଲେସିଂ ମୁଜାରବାନି ଓ ବେନ୍ ସିଅର୍ସଙ୍କୁ ପଛରେ ଛାଡ଼ିଥିଲେ। ଶାକିବ ଅଲ୍ ହାସନ ଓ ମୁସ୍ତାଫିଜୁର ରହମନଙ୍କ ପରେ ତୃତୀୟ ବାଂଲାଦେଶୀଭାବେ ମିରାଜ ଏହି ଆଇସିସି ପୁରସ୍କାର ପାଇଛନ୍ତି। ଜିମ୍ବାୱେ ଟୁର୍‌ରେ ସେ ୩୮.୬୬ ଆଭରେଜରେ ୧୧୬ ରନ ସହ ୧୫ଟି ଉଇକେଟ ହାସଲ କରିଥିଲେ।

# ନୀରଜଙ୍କୁ ଲ୍ୟୁଟ୍‌ନାଣ୍ଟ କଲୋନେଲ ପାହ୍ୟା

**ନୂଆଦିଲ୍ଲୀ, ୧୪।୫:** ଦୁଇଥରର ଅଲିମ୍ପିକ୍ ମେଡାଲିଷ୍ଟ ନୀରଜ ଚୋପ୍ରାଙ୍କୁ ଟେରିଟୋରିଆଲ ଆର୍ମି (ପ୍ରାଦେଶିକ ସେନା)ରେ ସମ୍ମାନଜନକ ଲ୍ୟୁଟ୍‌ନାଣ୍ଟ କଲୋନେଲ ପାହ୍ୟା ପ୍ରଦାନ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦି ଗେଜେଟ ଅଫ୍ ଇଣ୍ଡିଆ ଜରିଆରେ ବୁଧବାର ଏ ନେଇ ଘୋଷଣା କରାଯାଇଛି। ଟେରିଟୋରିଆଲ ଆର୍ମି ନିୟମ ଅଧୀନରେ ପୂର୍ବରୁ ସୁବେଦାର ମେଜର ର୍ୟାଙ୍କରେ ଥିବା ନୀରଜଙ୍କୁ ରାଷ୍ଟ୍ରପତି ର୍ୟାଙ୍କ ଅଫ୍ ଲ୍ୟୁଟ୍‌ନାଣ୍ଟ କଲୋନେଲ ପଦବୀ ପ୍ରଦାନ କରିଛନ୍ତି ବୋଲି ସାମରିକ ବ୍ୟାପାର ବିଭାଗର ଯୁଗ୍ମ ସମ୍ପାଦକ ମେଜର ଜେନେରାଲ ଜିଏସ୍ ଚୌଧରୀ କହିଛନ୍ତି। ନୀରଜ ପୂର୍ବରୁ ଭାରତୀୟ ସେନାରେ ସୁବେଦାର ମେଜର ର୍ୟାଙ୍କ୍‌ରେ ଥିଲେ, ଯାହାକି ତାଙ୍କୁ ୨୦୨୪ରେ ପ୍ରଦାନ କରାଯାଇଥିଲା।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୪ ପଦକ

**ଭୁବନେଶ୍ୱର, ୧୪।୫ (ତପନ ସ୍ୱାଇଁ)**

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଅନୁଷ୍ଠିତ ୧୩ଶ ସିନିୟର ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ ସହ ମୋଟ ୪ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ସାମିଲ। ଟିମ୍ କୋଚ୍ ରାହୁଲ ସା'ଙ୍କ ନେତୃତ୍ୱରେ ଓଡ଼ିଶାରୁ ମୋଟ ୩୦ ପ୍ରତିଭାସମ୍ପନ୍ନ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଦାୟିତ୍ୱର ସହ ମ୍ୟାଚ୍ ପରିଚାଳନା କରିଥିବା ଓଡ଼ିଶାର ପ୍ରେମ୍ ସିଂ ଥାପ୍ପାଙ୍କୁ ଭାରତୀୟ ଫେଡେରେଶନ ପକ୍ଷରୁ ସମ୍ମାନିତ କରାଯାଇଥିଲା।



ଲକ୍ଷ୍ନୌରେ ଅନୁଷ୍ଠିତ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ